# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୦/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 20/2024 Page 16 ₹ 7.00

୫୦ଶ ଭାଗ ୨୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 236 ମୂଲ୍ୟ ₹୭/-




## 'ଦେବା'ରେ ଶାହିଦ୍‌ଙ୍କ ଆକ୍ସନ ଅବତାର

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା 'ଦେବା' ଫିଲ୍ମରେ ଅଭିନେତା ଶାହିଦ୍ କପୁରଙ୍କ ପ୍ରଥମ ଲୁକ୍ ଶୁକ୍ରବାର ଜାରି ହୋଇଛି।

୦୨

୧୩

## ମନ୍ଧାନାଙ୍କ ପ୍ରଭାବୀ ବ୍ୟାଟିଂ

ପାକିସ୍ତାନ ବିପକ୍ଷ ମହିଳା ଟି୨୦ କ୍ରିକେଟ ଏସିଆ କପ୍‌ରେ ପ୍ରଭାବୀ ବ୍ୟାଟିଂ କରି ଭାରତକୁ ଜିତାଇଛନ୍ତି ସ୍ମୃତି ମନ୍ଧାନା ।



# ମାଇକ୍ରୋସଫ୍ଟରେ ଅଚଳାବସ୍ଥା: ବିଶ୍ୱ ପ୍ରଭାବିତ

- ସାରା ବିଶ୍ୱରେ ୧୪୦୦ ବିମାନ ବାତିଲ
- ବ୍ୟାଙ୍କିଙ୍ଗ୍, ପେମେଣ୍ଟ ସିଷ୍ଟମ୍, ଶେୟାର ମାର୍କେଟ୍ ଠପ୍
- ଟେଲିଯୋଗାଯୋଗ, ସ୍ୱାସ୍ଥ୍ୟ, ପ୍ରସାରଣ, ଜରୁରୀ ସେବାରେ ବ୍ୟାଘାତ

ୱାଶିଂଟନ୍/ଫ୍ରାଙ୍କଫର୍ଟ/ନୂଆଦିଲ୍ଲୀ/ମୁମ୍ବାଇ,୧୯।୭

କାରିଗରି କ୍ଷେତ୍ରରେ ଏକ ବୈଶ୍ୱିକ ଅବ୍ୟବସ୍ଥା ଯୋଗୁ ଶୁକ୍ରବାର ସାରା ବିଶ୍ୱରେ ବିମାନ ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଛି। ବ୍ୟାଙ୍କଗୁଡ଼ିକ ବନ୍ଦ ହୋଇଯାଇଛି, ହସ୍ପିଟାଲ ସିଷ୍ଟମ୍ ଅଫ୍‌ଲାଇନ୍ ହୋଇଯିବା ସହ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଉପରେ ମଧ୍ୟ ଏହାର ବହୁଳ ପ୍ରଭାବ ପଡ଼ିଛି। କେବଳ ଏତିକି ନୁହେଁ, ଷ୍ଟକ୍ ମାର୍କେଟ, ଅନ୍‌ଲାଇନ୍ ପେମେଣ୍ଟ ସିଷ୍ଟମ୍ ମଧ୍ୟ ଏଥିଯୋଗୁ ପ୍ରଭାବିତ ହୋଇଛି। ଆମେରିକା, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ହଂକଂ, ସିଙ୍ଗାପୁର ଏବଂ ୟୁରୋପ ସମେତ ଭାରତରେ ଟେକ୍ନୋଲୋଜି ଉପରେ ନିର୍ଭରଶୀଳ ଅନେକ ଅନ୍‌ଲାଇନ୍ ସେବା ବିପର୍ଯ୍ୟସ୍ତ ହୋଇଯାଇଛି। ଫଳରେ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ବିଶେଷକରି କର୍ପୋରେଟ୍ ଜଗତ ଦୋହଲିଯାଇଛି। ଏଥିପାଇଁ ସାଇବର ସିକ୍ୟୁରିଟି ପ୍ଲାଟ୍‌ଫର୍ମ କ୍ରାଉଡ୍‌ଷ୍ଟ୍ରାଇକ୍‌ର ବିଫଳତାକୁ ଦାୟୀ କରାଯାଉଛି। ☞ପୃଷ୍ଠା-୪

> ଆମେରିକାର ବହୁରାଷ୍ଟ୍ରୀୟ ଟେକ୍ନୋଲୋଜି କମ୍ପାନୀ ମାଇକ୍ରୋସଫ୍ଟକୁ ସାଇବରସିକ୍ୟୁରିଟି ଫାର୍ମ 'କ୍ରାଉଡ୍‌ଷ୍ଟ୍ରାଇକ୍' ସିକ୍ୟୁରିଟି ସଲ୍ୟୁଶନ୍ ପ୍ରଦାନ କରିଥାଏ। କ୍ରାଉଡ୍‌ଷ୍ଟ୍ରାଇକ୍ ପକ୍ଷରୁ ମାଇକ୍ରୋସଫ୍ଟକୁ କମ୍ପ୍ୟୁଟରରେ ୱିଣ୍ଡୋଜ୍ ପରିଚାଳନା ପାଇଁ ଦିଆଯାଇଥିବା ଏକ ତ୍ରୁଟିପୂର୍ଣ୍ଣ ସଫ୍ଟୱେର ଅପ୍‌ଡେଟ୍ ଯୋଗୁ ବିଶ୍ୱବ୍ୟାପୀ ସମସ୍ୟା ଉପୁଜିଥିଲା ବୋଲି ସେବା ପ୍ରଦାନକାରୀ କମ୍ପାନୀ ସ୍ୱୀକାର କରିଛି।




## ଭୁବନେଶ୍ୱରରେ ୬ ବିମାନ ବାତିଲ

ଭୁବନେଶ୍ୱର,୧୯।୭ (ଅନୁରାଧା ମହାରଣା)

ବିଶ୍ୱବ୍ୟାପୀ ମାଇକ୍ରୋସଫ୍ଟ ସର୍ଭର ଡାଉନ୍ ଫଳରେ ଶୁକ୍ରବାର ସାଇବର ସିକ୍ୟୁରିଟି ପ୍ଲାଟ୍‌ଫର୍ମ କ୍ରାଉଡ୍‌ଷ୍ଟ୍ରାଇକ୍‌ରେ ସମସ୍ୟା ଉପୁଜିଛି। ଫଳରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅର୍ନ୍ତଜାତୀୟ ବିମାନ ବନ୍ଦରରେ ମଧ୍ୟ ସେବା ପ୍ରଭାବିତ ହୋଇଛି। ସନ୍ଧ୍ୟା ୮ଟା ସୁଦ୍ଧା ଇଣ୍ଡିଗୋ ଏୟାରଲାଇନ୍ସର ୬ଟି ବିମାନ ବାତିଲ ହୋଇଥିଲା। ଆଉକିଛି ବିମାନ ଚଳାଚଳରେ ୨୦ ମିନିଟ୍‌ରୁ ୧ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା। ଏନେଇ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ଯାତ୍ରୀ ଯେପରି କୌଣସି ଅସୁବିଧାରେ ନ ପଡ଼ନ୍ତି ସେଦିଗରେ କାର୍ଯ୍ୟ କରାଯାଉଛି। ମାନୁଆଲ ଭାବେ ଯାତ୍ରୀଙ୍କ ଚେକ୍ ଇନ୍ କରାଯାଉଛି। ସେହିପରି ମାନୁଆଲି ବୋର୍ଡିଂ ☞ପୃଷ୍ଠା-୪

## ଡିଜିଯାତ୍ରା ଫେଲ୍

ନୂଆଦିଲ୍ଲୀ,୧୯।୭: ବିମାନ ଯାତ୍ରୀଙ୍କୁ ନିରବଚ୍ଛିନ୍ନ ସୁଖଦ ଅନୁଭୂତି ପ୍ରଦାନ ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଡିଜିଯାତ୍ରା ଆପ୍ ଲଞ୍ଚ କରାଯାଇଛି। ଏହି କାଗଜବିହୀନ ଅଭିଯାନ ଅନୁସାରେ ଯାତ୍ରୀମାନଙ୍କୁ ଚେକ୍‌ପଏଣ୍ଟରେ ଯାଞ୍ଚ ବେଳେ ସେମାନଙ୍କ ଟିକେଟ୍ କିମ୍ବା ବୋର୍ଡିଂ ପାସ୍ ଦେଖାଇବାକୁ ପଡ଼ି ନ ଥାଏ। ବର୍ତ୍ତମାନ ଦିଲ୍ଲୀ, ବେଙ୍ଗାଲୁରୁ, ବାରାଣସୀ, ପୁଣେ, ☞ପୃଷ୍ଠା-୪




## ପୀତାମ୍ବର ଆଚାର୍ଯ୍ୟ ଆଡ୍‌ଭୋକେଟ ଜେନେରାଲ ନିଯୁକ୍ତ

ଭୁବନେଶ୍ୱର,୧୯।୭(ଅନିଲ ଦାସ)

ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟଙ୍କୁ ରାଜ୍ୟ ସରକାର ଆଡ୍‌ଭୋକେଟ ଜେନେରାଲ (ଏଜି) ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ଆଇନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇନ୍ କ୍ଷେତ୍ରରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି। ସେ ଛାତ୍ର ରାଜନୀତିରେ ମଧ୍ୟ ବେଶ୍ ସକ୍ରିୟ ଥିଲେ। ସେ ବିଜେବି କଲେଜ ଛାତ୍ର ସଂସଦର ସାଧାରଣ ସମ୍ପାଦକ ଓ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ ବିଧାନସଭା ନିର୍ବାଚନରେ ସେ ହିଞ୍ଜିଳିରୁ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ



ବିରୋଧରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବାର ମାସେ ଅତିକ୍ରମ କରି ଯାଇଛି। ଏଜି ନିଯୁକ୍ତି ହୋଇ ନ ଥିବାରୁ ବିଭିନ୍ନ ମହଲରୁ ଉଦ୍‌ବେଗ ପ୍ରକାଶ ପାଉଥିଲା। ବିରୋଧୀ ବିଜେଡି ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

ନାଇଡୁଙ୍କ ନୂଆ ବ୍ୟବସ୍ଥା

**ଆଜିର ମନ୍ତବ୍ୟ**

" ଆସାମରେ ମୁସଲମାନଙ୍କ ଜନସଂଖ୍ୟା ପ୍ରତି ୧୦ ବର୍ଷରେ ୩୦% ବଢ଼ୁଛି। ୨୦୪୧ ସୁଦ୍ଧା ଆସାମ ମୁସଲମାନ ବହୁଳ ରାଜ୍ୟରେ ପରିଣତ ହେବ।

-ହିମନ୍ତ ବିଶ୍ୱ ଶର୍ମା, ଆସାମ ମୁଖ୍ୟମନ୍ତ୍ରୀ



ପୁରୀଠାରେ ଭାଜପାର ଦୁଇଦିନିଆ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ପ୍ରଭାତୀ ପରିଡ଼ା, ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ସରକାର ଗଠନର ଶ୍ରେୟ କାର୍ଯ୍ୟକର୍ତ୍ତାଙ୍କୁ ଯିବ: ନଡ୍ଡା

**ପୁରୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ**

ପୁରୀ,୧୯।୭(ଅଜିତ୍ କୁମାର ମହାନ୍ତି)

ଭାଜପାର ଦୁଇଦିନିଆ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ପୁରୀର ଏକ ଘରୋଇ ହୋଟେଲରେ ଆରମ୍ଭ ହୋଇଛି। ରାଜ୍ୟରେ ଭାଜପା କ୍ଷମତାକୁ ଆସିବା ପରେ ଏହା ହେଉଛି ପ୍ରଥମ କାର୍ଯ୍ୟକାରିଣୀ। ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଦଳକୁ ସୁସଙ୍ଗଠିତ କରିବା ପାଇଁ ଦଳୀୟ ନେତା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଆଗକୁ ଶାସକ ଦଳ ଭାବେ ଦଳୀୟ ନେତା ଓ କର୍ମୀଙ୍କ ଦାୟିତ୍ୱ କ'ଣ ହେବା ଦରକାର ସେନେଇ ମଧ୍ୟ ପରାମର୍ଶ ଦେଇଛନ୍ତି। ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ବୈଠକରେ ଆଲୋଚନା ହୋଇଛି। ରାଜ୍ୟରେ ଦଳକୁ ଯେଉଁ ବିଜୟ ମିଳିଛି ତା'ର ଶ୍ରେୟ କାର୍ଯ୍ୟକର୍ତ୍ତାମାନଙ୍କୁ ଯିବ ବୋଲି ନଡ୍ଡା କହିଛନ୍ତି।

ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସଭାପତିତ୍ୱରେ ପ୍ରଥମେ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହେବା ପରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଥିଲା। ନଡ୍ଡା ଦଳୀୟ ପତାକା ଉତ୍ତୋଳନ କରି ବୈଠକକୁ ଉଦ୍‌ଘାଟନ କରିଛନ୍ତି। ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଧାୟକ ଏବଂ ଅନ୍ୟ ନେତୃମଣ୍ଡଳୀ ଯୋଗଦେଇଛନ୍ତି। ଏହାସହ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ସହପ୍ରଭାରୀ ଲତା ଉସେଣ୍ଡି ଯୋଗଦେଇଛନ୍ତି। ବୈଠକରେ ବିଭିନ୍ନ ପ୍ରସଙ୍ଗ ନେଇ ☞ପୃଷ୍ଠା-୪

# ବଳକା ରାଜ୍ୟ ଓଡ଼ିଶାରେ ପିଆଜ କେଜି ୪୦

ଭୁବନେଶ୍ୱର,୧୯।୭(ଅନିଲ ଦାସ)

ଓଡ଼ିଶାରେ ଆବଶ୍ୟକତାଠାରୁ ଅଧିକ ପରିମାଣର ପିଆଜ ଉତ୍ପାଦନ ହେଉଛି। ବଳକା ରାଜ୍ୟ ହୋଇଥିଲେ ମଧ୍ୟ ଆବଶ୍ୟକ ଶୀତଳଭଣ୍ଡାର ନ ଥିବାରୁ ପିଆଜ ସାଇତି ରଖାଯାଇପାରୁନାହିଁ। ଏଥିସହ ବଜାର ସୁବିଧା ଅଭାବ ଯୋଗୁ ଚାଷୀଙ୍କ ଉତ୍ପାଦିତ ସାମଗ୍ରୀ ବାହାର ରାଜ୍ୟକୁ ଚାଲିଯାଉଛି। ଫଳରେ ଓଡ଼ିଶାର ଖାଉଟିମାନେ କେଜି ପିଛା



**ଶୀତଳଭଣ୍ଡାର, ବଜାର ସୁବିଧା ଅଭାବରୁ ଅନ୍ୟ ରାଜ୍ୟକୁ ଚାଲିଯାଉଛି ଚାଷୀଙ୍କ ଉତ୍ପାଦିତ ପିଆଜ**

୪୦ ଟଙ୍କା ଦେଇ ପିଆଜ କିଣିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟ ସରକାର ଦରଦାମ ନିୟନ୍ତ୍ରଣ ସହ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ଖାଉଟି ମହଲରେ ଦାବି ହେଉଛି। ☞ପୃଷ୍ଠା-୪




## ସଂକ୍ଷେପରେ

### ବିନୟ ମୋହନ କ୍ୱାତ୍ରା ଆମେରିକାରେ ଭାରତର ରାଷ୍ଟ୍ରଦୂତ

ନୂଆଦିଲ୍ଲୀ, ୧୯।୭

ପୂର୍ବତନ ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରାଙ୍କୁ ଆମେରିକାରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରାଯାଇଛି। ଏନେଇ ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେ ଭାରତର ୩୪ତମ ବହିର୍ବ୍ୟାପାର ସଚିବ ଭାବେ କାର୍ଯ୍ୟ କରିଥିଲେ। କ୍ୱାତ୍ରାଙ୍କ ଅବସର ପରେ ଗତ ଜୁଲାଇ ୧୫ରେ ବିକ୍ରମ ମିସ୍ରି ଭାରତର ନୂତନ ବହିର୍ବ୍ୟାପାର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆମେରିକା, ଚାଇନା ଓ ବିଭିନ୍ନ ୟୁରୋପୀୟ ଦେଶଗୁଡ଼ିକ ସହ କୂଟନୈତିକ ସମ୍ପର୍କ କ୍ଷେତ୍ରରେ ଜଣେ ବିଶେଷଜ୍ଞ ଭାବେ କ୍ୱାତ୍ରାଙ୍କର ପରିଚୟ ରହିଛି। ପୂର୍ବରୁ ସେ ଫ୍ରାନ୍ସ ଓ ନେପାଳରେ ମଧ୍ୟ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଛନ୍ତି।

### ଲାଡେନ୍‌ଙ୍କ ସହଯୋଗୀ ଗିରଫ



ଅମିନ ଉଲ୍ ହକ୍

ଲାହୋର, ୧୯।୭

ପାକିସ୍ତାନର ପଞ୍ଜାବରୁ ଆତଙ୍କବାଦ ନିରୋଧୀ ବିଭାଗ(ସିଟିଡି) ଶୁକ୍ରବାର ଅଲ-କାଏଦାର ବରିଷ୍ଠ ନେତା ତଥା ଆମେରିକାରେ ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ଓସାମା ବିନ୍ ଲାଡେନ୍‌ଙ୍କ ଘନିଷ୍ଠ ସହଯୋଗୀ ଅମିନ ଉଲ୍ ହକ୍‌ଙ୍କୁ ଗିରଫ କରିଛି। ପାକିସ୍ତାନର ପଞ୍ଜାବ ଅଞ୍ଚଳର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରି ଆତଙ୍କବାଦୀ ଆକ୍ରମଣର ଯୋଜନା ପ୍ରସ୍ତୁତ କରୁଥିବା ନେଇ ଅମିନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ୧୯୯୬ ପର୍ଯ୍ୟନ୍ତ ସେ ଲାଡେନଙ୍କ ଘନିଷ୍ଠ ସହଯୋଗୀ ଭାବେ କାର୍ଯ୍ୟ କରି ଅନେକ ଆତଙ୍କବାଦୀ ଘଟଣାରେ ସାମିଲ ଥିଲେ ବୋଲି ପାକିସ୍ତାନ ସିଟିଡି କହିଛି। ମିଳିତ ଜାତିସଂଘ(ୟୁଏନ୍) ପକ୍ଷରୁ ଅମିନ୍‌ଙ୍କୁ ଗ୍ଲୋବାଲ ଟେରୋରିଷ୍ଟ ଭାବେ ଘୋଷଣା କରାଯାଇଥିଲା।



ଢାକାର ସରକାରୀ ଅଫିସ୍‌ଗୁଡ଼ିକରେ ବିକ୍ଷୋଭକାରୀମାନେ ନିଆଁ ଲଗାଇ ଦେଉଛନ୍ତି।

# ବାଂଲାଦେଶ ହିଂସାରେ ୧୦୫ ମୃତ

ଢାକା, ୧୯।୭

ବାଂଲାଦେଶରେ ସରକାରୀ ଚାକିରିରେ ସ୍ୱାଧୀନତା ସଂଗ୍ରାମୀଙ୍କ ପିଲାଙ୍କୁ ୩୦% ସଂରକ୍ଷଣକୁ ବିରୋଧକରି ସପ୍ତାହେ ଧରି ଚାଲିଥିବା ଆନ୍ଦୋଳନ ବେଳେ ଅନ୍ୟୂନ ୧୦୫ ଜଣଙ୍କ ମୃତ୍ୟୁ ଘଟିଲାଣି। ଏହି ଆନ୍ଦୋଳନ ୧୫ ବର୍ଷ ଧରି କ୍ଷମତାରେ ରହିଆସିଥିବା ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ

**ଢାକାରେ ବିକ୍ଷୋଭ ମନା**

ସରକାର ପାଇଁ ବିପଦ ସୃଷ୍ଟି କରିଛି। ରାଜଧାନୀ ଢାକାରେ ବିକ୍ଷୋଭକାରୀମାନେ ସରକାରୀ କୋଠାଗୁଡ଼ିକରେ ନିଆଁ ଲଗାଇ ସର୍ବସାଧାରଣ ସମ୍ପତ୍ତିକୁ ନଷ୍ଟ କରୁଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଦେଶବ୍ୟାପୀ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ଏଥିସହ ଢାକାରେ ବିକ୍ଷୋଭ ଉପରେ ସରକାର ନିଷେଧାଦେଶ ଜାରି କରିଛନ୍ତି।
ମୁସଲମାନ ବହୁଳ ରାଷ୍ଟ୍ର ବାଂଲାଦେଶରେ ଶୁକ୍ରବାର ନମାଜ ପାଠ ପୂର୍ବରୁ ବିକ୍ଷୋଭକାରୀ ଓ ସରକାର ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଲୋକଙ୍କୁ ଘଉଡାଇବା ପାଇଁ ପୋଲିସ ଅନେକ ସ୍ଥାନରେ କଠୋର ପଦକ୍ଷେପ ନେଇଛି। ନିରାପତ୍ତା ଦୃଷ୍ଟିରୁ ଢାକାରେ ସବୁ ପ୍ରକାର ରାଲି, ଶୋଭାଯାତ୍ରା ଓ ସମ୍ମିଳନୀ ଉପରେ କଟକଣା ଲଗାଯାଇଥିବା ପୋଲିସ ମୁଖ୍ୟ ହବିବୁର ରହମାନ ସୂଚନା ଦେଇଛନ୍ତି। ଗୁରୁବାର ବିକ୍ଷୋଭବେଳେ ଉତ୍ତ୍ୟକ୍ତ ଛାତ୍ରୀଛାତ୍ର ପ୍ରାୟ ୫୦ ପୋଲିସ ବୁଥ୍‌କୁ ଜାଳିଦେଇଥିଲେ। ଏଥିରେ ଶତାଧିକ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଇତିମଧ୍ୟରେ ପଶ୍ଚିମବଙ୍ଗର ଅନେକ ବାମପନ୍ଥୀ ସଙ୍ଗଠନ ଓ ଛାତ୍ର ସଂସଦ ପଡ଼ୋଶୀ ଦେଶରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ସମର୍ଥନରେ କୋଲକାତାସ୍ଥିତ ବାଂଲାଦେଶ ଉପଉଚ୍ଚାୟୁକ୍ତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଇତିମଧ୍ୟରେ ବାଲାଂଦେଶରେ ବସବାସ କରୁଥିବା ୧୫ହଜାର ଭାରତୀୟଙ୍କ ମଧ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ଜଣ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡ଼ିଛି।

# ଭାରତରେ ୫୬ ବିମାନ ରଦ୍ଦ

## ୧୬୦ ଫ୍ଲାଇଟ୍ ଚଳାଚଳ ପ୍ରଭାବିତ

ନୂଆଦିଲ୍ଲୀ, ୧୯।୭





ମାଇକ୍ରୋସଫ୍ଟ/କ୍ରାଉଡ୍‌ଷ୍ଟ୍ରାଇକ୍ ସମସ୍ୟାର ପ୍ରଭାବ ଭାରତର ଅନେକ ବିମାନବନ୍ଦର ଉପରେ ପଡ଼ିଛି। ଗ୍ଲୋବାଲ କମ୍ପ୍ୟୁଟର ଆଉଟ୍‌ରେଜ୍ ପରେ ଭାରତୀୟ ଏୟାରଲାଇନ୍ସଗୁଡ଼ିକ ବୈଷୟିକ ଓ ପରିଚାଳନାଗତ ଅସୁବିଧା ଦେଇ ଗତି କରୁଛି। ହାତଲେଖା ମାନୁଆଲ ବୋର୍ଡିଂ ପାସ୍ ଜାରି କରାଯାଉଥିବାରୁ ବୁକିଂ, ପାସେଞ୍ଜର ଚେକ୍-ଇନ୍ସ ଓ ବୋର୍ଡିଂ ପ୍ରକ୍ରିୟା ବିଳମ୍ବିତ ହୋଇଛି। ଇଣ୍ଡିଗୋ, ସ୍ପାଇସ୍ ଜେଟ୍ ଓ ଆକାଶ ଏୟାର ବିମାନ ଚଳାଚଳ ପ୍ରଭାବିତ ହୋଇଛି। ଫଳରେ ବିମାନବନ୍ଦରଗୁଡ଼ିକରେ ଯାତ୍ରୀଙ୍କୁ ଲମ୍ବାଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଆଭିଏଶନ୍ ଆନାଲିଟିକ୍ସ ଫାର୍ମ ସିରିୟମ୍‌ର ତଥ୍ୟ ଅନୁସାରେ ଭାରତର ବିଭିନ୍ନ ବିମାନବନ୍ଦରରୁ ଶୁକ୍ରବାର ଚାଲିବାକୁ ଥିବା ୩,୬୫୨ ବିମାନ ମଧ୍ୟରୁ ୫୬ଟି ଫ୍ଲାଇଟ୍‌କୁ ରଦ୍ଦ କରିବାକୁ ପଡ଼ିଛି। ତେବେ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ମାନୁଆଲ ପଦ୍ଧତି ଆପଣାଇ ବ୍ୟାଘାତ ଦୂର କରିବା ଲାଗି ତତ୍ପରତାର ସହ କାର୍ଯ୍ୟ କରୁଥିବା ମନ୍ତ୍ରୀ ରାମମୋହନ ନାଇଡୁ ଯାତ୍ରୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି।
ଆମେରିକାନ୍ ଟେକ୍ ଜାଏଣ୍ଟ ମାଇକ୍ରୋସଫ୍ଟରେ ଅବ୍ୟବସ୍ଥା ଯୋଗୁ ଭାରତରେ ଅନେକ ସେବା ବାଧାପ୍ରାପ୍ତ ହୋଇଛି। ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ୟୁଜର୍ସ ନିଜ ସିଷ୍ଟମ୍‌ରେ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନିଟରରେ ବ୍ଲୁ ସ୍କ୍ରିନ୍ ଅଫ୍ ଡେଥ୍ (ବିଏସ୍‌ଓଡି) ଏରର୍ ଦେଖାଯାଉଛି। ଫଳରେ କମ୍ପ୍ୟୁଟର ଓ ଲାପ୍‌ଟପ୍‌ଗୁଡ଼ିକୁ ରିଷ୍ଟାର୍ଟ କରିବାକୁ ପଡୁଛି। ରିପୋର୍ଟ ଅନୁଯାୟୀ ଦେଶର ବିଭିନ୍ନ ଭାଗରେ ପ୍ରାୟ ୧୬୦ ବିମାନ ଚଳାଚଳ ପ୍ରଭାବିତ ହୋଇଛି। ସେହିପରି ଏସ୍‌ବିଆଇ, ଆଇସିଆଇସିଆଇ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଏଚ୍‌ଡିଏଫ୍‌ସି ଭଳି ବ୍ୟାଙ୍କଗୁଡ଼ିକର ଅନ୍‌ଲାଇନ୍ ସେବା ବାଧାପ୍ରାପ୍ତ ହୋଇଛି। ମାଇକ୍ରୋସଫ୍ଟ ୩୬୫, ମାଇକ୍ରୋସଫ୍ଟ ଟିମ୍ ଏବଂ ମାଇକ୍ରୋସଫ୍ଟ ଆଜ୍ୟୁର୍ ଭଳି କମ୍ପାନୀର ଅନେକ ଆପ୍ଲିକେଶନ୍ ପ୍ରଭାବିତ ହୋଇଛି। ଏପରି କି ଇନ୍‌ଷ୍ଟାଗ୍ରାମ୍, ଆମାଜନ୍ ଓ ଜିମେଲ୍ ବ୍ୟବହାର ବେଳେ ମଧ୍ୟ ଅନେକ ୟୁଜର୍ସ ଅସୁବିଧା ଭୋଗିଥିବା କହିଛନ୍ତି। ଇତିମଧ୍ୟରେ ମାଇକ୍ରୋସଫ୍ଟ ସିଷ୍ଟମ୍ ଆଉଟ୍‌ରେଜ୍ ଯୋଗୁ ଭାରତୀୟ ପୁଞ୍ଜି ବଜାରର କାର୍ଯ୍ୟକାରିତାରେ କୌଣସି ପ୍ରଭାବ ପଡ଼ି ନ ଥିବା ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଲଣ୍ଡନ୍ ଷ୍ଟକ୍ ଏକ୍ସଚେଞ୍ଜ ଏବଂ ବ୍ରିଟେନ୍‌ର ନ୍ୟାଶନାଲ ହେଲ୍‌ଥ ସର୍ଭିସ୍ ସମେତ ଅନେକ ଅଫିସ୍ ବହୁଳ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଅଷ୍ଟ୍ରେଲିଆରେ ଏହି ଆଉଟ୍‌ରେଜ୍‌ର ସର୍ବାଧିକ ପ୍ରଭାବ ପଡ଼ିଛି।

> “ ଏହା କୌଣସି ସାଇବର ଆକ୍ରମଣ ନୁହେଁ। ୱିଣ୍ଡୋଜ୍ ହୋଷ୍ଟସ୍‌ର ଏକ ସିଙ୍ଗଲ କଣ୍ଟେଣ୍ଟ ଅପ୍‌ଡେଟ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏହାକୁ ଦୂର କରିବା ପାଇଁ କମ୍ପାନୀ ତତ୍ପରତା ସହ କାର୍ଯ୍ୟ କରୁଛି। ଏହି ସମସ୍ୟା ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିବା ସମସ୍ତଙ୍କ ନିକଟରେ ଆମେ ଦୁଃଖ ପ୍ରକାଶ କରୁଛୁ।
> **-ଜର୍ଜ କୁର୍ଟଜ, କ୍ରାଉଡ୍‌ଷ୍ଟ୍ରାଇକ୍ ସିଇଓ**
>
> “ ଏକ ଥାର୍ଡ-ପାର୍ଟି ସଫ୍ଟୱେର ପ୍ଲାଟ୍‌ଫର୍ମରୁ ଏକ ଅପ୍‌ଡେଟ୍ ଯୋଗୁ ୱିଣ୍ଡୋଜ୍ ଡିଭାଇସ୍‌ଗୁଡ଼ିକ ପ୍ରଭାବିତ ହେବାରୁ ସୃଷ୍ଟି ହୋଇଥିବା ସମସ୍ୟା ସମ୍ପର୍କରେ ଆମେ ସଚେତନ ଅଛୁ। ଏହାର ଶୀଘ୍ର ସମାଧାନ ପାଇଁ ଆଶାବାଦୀ।
> **-ମାଇକ୍ରୋସଫ୍ଟ**
>
> “ ଭାରତ ସରକାର ଆମେରିକୀୟ ଟେକ୍ ଜାଏଣ୍ଟ ମାଇକ୍ରୋସଫ୍ଟ ସହ ଯୋଗାଯୋଗରେ ଅଛନ୍ତି। ମାଇକ୍ରୋସଫ୍ଟ ଆଉଟ୍‌ରେଜ୍‌ର କାରଣ ଜଣାପଡ଼ିଲାଣି। ଏହାର ସମାଧାନ ପାଇଁ ଉଦ୍ୟମ ଚାଲିଛି। ତେବେ ଏଥିଯୋଗୁ ନ୍ୟାଶନାଲ ଇନ୍‌ଫର୍ମେଟିକ୍ ସେଣ୍ଟର (ଏନ୍‌ଆଇସି) ପ୍ରଭାବିତ ହୋଇନାହିଁ।
> **-ଅଶ୍ୱିନୀ ବୈଷ୍ଣବ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ**

### ରୁଷିଆରେ ଏୟାର ଇଣ୍ଡିଆ ବିମାନର ଏମର୍ଜେନ୍ସି ଲ୍ୟାଣ୍ଡିଂ



ମସ୍କୋ, ୧୯।୭

ଦିଲ୍ଲୀରୁ ସାନ୍‌ଫ୍ରାନ୍ସିସ୍କୋ ଯାଉଥିବା ‘ଏୟାର ଇଣ୍ଡିଆ’ର ଏଆଇ-୧୮୩ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ଯୋଗୁ ଶୁକ୍ରବାର ଏହା ରୁଷିଆର କ୍ରାସ୍‌ନୋୟାର୍ସକ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି। ଏନେଇ ଏୟାରଲାଇନ୍ସ ପକ୍ଷରୁ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ’ରେ ସୂଚନା ଦିଆଯାଇଛି। ବିମାନରେ ଥିବା ସମସ୍ତ ୨୨୫ ଜଣ ଯାତ୍ରୀ ଏବଂ ୧୯ ଜଣ କ୍ରିଉ ସଦସ୍ୟ ସୁରକ୍ଷିତ ଥିବା ଏୟାର ଇଣ୍ଡିଆ କହିଛି। କ୍ରାସ୍‌ନୋୟାର୍ସକ ବିମାନବନ୍ଦର ଅଧିକାରୀଙ୍କ ପକ୍ଷରୁ ସମସ୍ତ ଯାତ୍ରୀଙ୍କର ଯତ୍ନ ନିଆଯାଉଛି। ଖୁବ୍‌ଶୀଘ୍ର ଅନ୍ୟ ଏକ ବିମାନ ଯୋଗେ ଉକ୍ତ ଯାତ୍ରୀମାନଙ୍କୁ ସାନ୍‌ଫ୍ରାନ୍ସିସ୍କୋ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଏୟାର ଇଣ୍ଡିଆ କହିଛି।

# ବିଲକିସ୍ ମାମଲା: ୨ ଦୋଷୀଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ, ୧୯।୭



ବହୁଚର୍ଚ୍ଚିତ ବିଲକିସ୍ ବାନୋ ମାମଲାରେ ୧୧ ଦୋଷୀଙ୍କ ମଧ୍ୟରୁ ୨ ଦୋଷୀଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ ଉପରେ ବିଚାର କରିବାକୁ ନେଇ ହୋଇଥିବା ଆବେଦନକୁ ଶୁକ୍ରବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ରାଧାଶ୍ୟାମ ଭଗବାନ ଦାସ ଓ ରାଜୁଭାଇ ବାବୁଲାଲ ସୋନି ଅନ୍ତରୀଣ ଜାମିନ ପାଇଁ ସର୍ବୋଚ୍ଚ କୋର୍ଟଙ୍କ ନିକଟରେ ଆବେଦନ ଦାଖଲ କରିଥିଲେ। ଜଷ୍ଟିସ ସଞ୍ଜୟ କୁମାର ଓ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କରିବାକୁ ଅଗ୍ରାହ୍ୟ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଅନ୍ୟ ଏକ ଖଣ୍ଡପୀଠ ଦ୍ୱାରା ଦିଆଯାଇଥିବା ଆଦେଶ ବିରୋଧରେ କିପରି ଅପିଲ କରାଯାଇଛି ବୋଲି ଜଷ୍ଟିସ ସଞ୍ଜୟ କୁମାର ଓ ଜଷ୍ଟିସ ସଞ୍ଜୀବ ଖାନ୍ନା ପ୍ରଶ୍ନ କରିଛନ୍ତି। ଏହି ମାମଲାରେ ଜେଲରେ ଥିବା ୧୧ ଦୋଷୀଙ୍କୁ ଖଲାସ କରିବାକୁ ଗୁଜରାଟ ସରକାର ୨୦୨୨ରେ ନିର୍ଦ୍ଦେଶ ଦେଇଥିଲେ। ତେବେ ଗତ ଜାନୁୟାରୀରେ ଗୁଜରାଟ ସରକାରଙ୍କ ଏହି ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ରଦ୍ଦ କରିଥିଲେ। ସୂଚନାଯୋଗ୍ୟ, ୩ ମାର୍ଚ୍ଚ ୨୦୦୨ରେ ଗୁଜରାଟର ଗୋଧ୍ରା ଦଙ୍ଗାରେ ବିଲକିସ୍ ବାନୋଙ୍କୁ ଗଣବଳାତ୍କାର କରାଯାଇ ତାଙ୍କ ପରିବାରର ୭ ସଦସ୍ୟଙ୍କୁ ହତ୍ୟା କରାଯାଇଥିଲା।

# ପୂଜା ଖେଡ୍‌କରଙ୍କ ବିରୋଧରେ ୟୁପିଏସ୍‌ସିର ଏଫ୍‌ଆଇଆର୍

ନୂଆଦିଲ୍ଲୀ, ୧୯।୭



ଭାରତୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ଶୁକ୍ରବାର ବିବାଦୀୟ ପ୍ରୋବେଶନାରି ଆଇଏଏସ୍ ଅଧିକାରୀ ପୂଜା ଖେଡ୍‌କରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି। ବିଭିନ୍ନ ନକଲି ପ୍ରମାଣପତ୍ର ବ୍ୟବହାର କରି ୟୁପିଏସ୍‌ସି ପକ୍ଷରୁ ଆୟୋଜିତ ସିଭିଲ ସର୍ଭିସ ପରୀକ୍ଷା-୨୦୨୨ ଦେଇଥିବାରୁ ତାଙ୍କ ବିରୋଧରେ ଏହି ଏଫ୍‌ଆଇଆର ରୁଜୁ କରାଯାଇଥିବା ନେଇ ୟୁପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସିଭିଲ ସର୍ଭିସ ପରୀକ୍ଷା-୨୦୨୨ ପାଇଁ ପୂଜାଙ୍କ ପ୍ରାର୍ଥିତ୍ୱକୁ କାହିଁକି ବାତିଲ କରା ନ ଯିବ ଏବଂ ଭବିଷ୍ୟତରେ ଆୟୋଗ ଦ୍ୱାରା ପରିଚାଳିତ କୌଣସି ପରୀକ୍ଷାରେ ତାଙ୍କୁ କାହିଁକି ବାରଣ କରା ନ ଯିବ ବୋଲି ପୂଜାଙ୍କୁ ୟୁପିଏସ୍‌ସି କାରଣ ଦର୍ଶାଅ ନୋଟିସ ଜାରି କରିଛି। ୟୁପିଏସ୍‌ସି ପକ୍ଷରୁ ଏକ ବୟାନ ଜାରି କରାଯାଇ କୁହାଯାଇଛି, ପୂଜାଙ୍କ ବିରୋଧରେ ଆସିଥିବା ବିଭିନ୍ନ ଅଭିଯୋଗ ସମ୍ପର୍କରେ ଆୟୋଗ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଛନ୍ତି। ପୂଜା ନିଜର ନାମ, ମାତାପିତାଙ୍କ ନାମ, ନିଜ ଫଟୋ, ସ୍ୱାକ୍ଷର, ଇମେଲ ଆଇଡି, ମୋବାଇଲ ନମ୍ବର ଏବଂ ଠିକଣା ଆଦି ବଦଳାଇ ନକଲି ପରିଚୟପତ୍ର ପ୍ରସ୍ତୁତ କରି ସିଭିଲ ସର୍ଭିସ ପରୀକ୍ଷା ଦେଇଥିବା ୟୁପିଏସ୍‌ସି ଏହି ଏଫ୍‌ଆଇଆର୍‌ରେ ଦର୍ଶାଇଛି। ସେପଟେ ଏକ ଜମି ବିବାଦକୁ ନେଇ ବନ୍ଧୁକ ଦେଖାଇ କେତେଜଣ ଲୋକଙ୍କୁ ଧମକ ଦେଉଥିବା ଅଭିଯୋଗରେ ଗିରଫଦାରୀ ପୂର୍ବରୁ ଶୁକ୍ରବାର ପୂଜାଙ୍କ ବାପା ଦିଲ୍ଲୀପ ଖେଡ୍‌କରଙ୍କୁ ଆସନ୍ତା ୨୫ ଯାଏ ପୁଣେର ଏକ ସ୍ୱତନ୍ତ୍ର କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ସମାନ ମାମଲାରେ ପୂଜାଙ୍କ ମା’ ମନୋରମା ଖେଡ୍‌କରଙ୍କୁ ଗୁରୁବାର ପୁଣେ ପୋଲିସ ଗିରଫ କରିଥିଲା। ତାଙ୍କୁ କୋର୍ଟ ଶନିବାର ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇ ଦେଇଛନ୍ତି।

# ‘ଦେବା’ରେ ଶାହିଦ୍‌ଙ୍କ ଆକ୍ସନ ଅବତାର

ମୁମ୍ବାଇ





‘ତେରୀ ବାତୋ ମେଁ ଐସା ଉଲ୍‌ଝା ଜିଆ’ ପରେ ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କୁ ଫିଲ୍ମ ‘ଦେବା’ରେ ଦେଖିବାକୁ ମିଳିବ। ‘ଜି ଷ୍ଟୁଡିଓଜ୍’ ଓ ‘ରଏ କପୁର ଫିଲ୍ମସ୍’ ପକ୍ଷରୁ ନିର୍ମିତ ହୋଇଥିବା ଏହି ଫିଲ୍ମରେ ରୋଶନ୍ ଆଣ୍ଡ୍ର୍ୟୁଜ୍ ନିର୍ଦ୍ଦେଶନା ଦେଉଥିବା ବେଳେ ସିଦ୍ଧାର୍ଥ ରଏ କପୁର ଏହି ଫିଲ୍ମର ପ୍ରଯୋଜକ ରହିଛନ୍ତି। ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଶୁକ୍ରବାର ‘ଦେବା’ର ରିଲିଜ୍ ତାରିଖ ସହ ଫିଲ୍ମରେ ଶାହିଦ କପୁରଙ୍କ ଲୁକ୍ ଉପରୁ ପରଦା ଉଠାଯାଇଛି।
ଶୁକ୍ରବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ‘ଜି ଷ୍ଟୁଡିଓଜ୍’ ଓ ‘ରଏ କପୁର ଫିଲ୍ମସ୍’ ପକ୍ଷରୁ ‘ଦେବା’ରେ ଶାହିଦ୍‌ଙ୍କ ପ୍ରଥମ ଲୁକ୍‌କୁ ଶେୟାର କରାଯାଇଛି। ସେହିପରି ଆସନ୍ତା ବର୍ଷ ଫେବୃୟାରୀ ୧୪ରେ ଏହି ଫିଲ୍ମ ରିଲିଜ୍ ହେବାକୁ ଯାଉଥିବା ନେଇ ଉକ୍ତ ପୋଷ୍ଟରେ ସୂଚନା ଦିଆଯାଇଛି। ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କରାଯାଇଥିବା ଏହି ପୋଷ୍ଟକୁ ଶାହିଦ୍ ରି-ପୋଷ୍ଟ କରିଛନ୍ତି। ଏହି ଫଟୋରେ ଶାହିଦ୍ ବନ୍ଧୁକ ଧରି ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ପିନ୍ଧିଥିବା ନଜର ଆସିଛନ୍ତି। ଫିଲ୍ମରେ ଜଣେ ପୋଲିସ ଅଧିକାରୀଙ୍କ ଭୂମିକାରେ ଶାହିଦ ଅଭିନୟ କରୁଥିବା ନେଇ ଏହି ଲୁକ୍‌ରୁ ସ୍ପଷ୍ଟ ଜଣାପଡୁଛି। ଶାହିଦଙ୍କ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ କମେଣ୍ଟ ମାଧ୍ୟମରେ ବେଶ୍ ପ୍ରଶଂସା କରିଛନ୍ତି।
‘ଦେବା’ ଏକ ଥ୍ରୀଲର, ଡ୍ରାମା ଏବଂ ଆକ୍ସନ୍ ଭିତ୍ତିକ ଚଳଚ୍ଚିତ୍ର ହୋଇଥିବାବେଳେ ଏଥିରେ ଶାହିଦ୍‌ଙ୍କ ବିପକ୍ଷରେ ଅଭିନେତ୍ରୀ ପୂଜା ହେଗ୍‌ଡେ ନଜର ଆସିବେ। ଫିଲ୍ମରେ ପୂଜା ଜଣେ ସାମ୍ବାଦିକାଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି।

## ଫୁର୍‌ସତ୍

### ଚପଲର ଦାମ୍ ୧ ଲକ୍ଷ

କୁଏଟ୍ ସିଟି

କୁଏଟ୍‌ର ଏକ ଷ୍ଟୋରରେ ଗୋଟିଏ ହଳ ଚପଲର ଦାମ୍ ୪୫୦୦ ରିୟାଲ (ପ୍ରାୟ ୧ ଲକ୍ଷ ଟଙ୍କା) ଥିବା ନେଇ ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ଏକ୍ସ’ରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଉକ୍ତ ଷ୍ଟୋର୍‌ରେ ‘ଜାନୋବା’ ବ୍ରାଣ୍ଡର ବିଭିନ୍ନ ରଙ୍ଗର ଚପଲ ଥିବା ବେଳେ ସମସ୍ତ ଚପଲ ହଳର ଦାମ୍ ୪୫୦୦ ରିୟାଲ ହୋଇଥିବା ନେଇ ଷ୍ଟିକର ଲାଗିଥିବା ଦେଖିବାକୁ ମିଳୁଛି। ଭିଡିଓର କ୍ୟାପ୍‌ଶନରେ ଲେଖାହୋଇଛି, ‘୪୫୦୦ ରିୟାଲ ମୂଲ୍ୟରେ ସବିଶେଷ ଫ୍ୟାଶନ ବିଶିଷ୍ଟ ଜାନୋବା’ ବ୍ରାଣ୍ଡର ଚପଲ।’ ଏହି ପୋଷ୍ଟରେ ଚପଲର ମୂଲ୍ୟ ଦେଖି ଅନେକ ସୋସିଆଲ ମିଡିଆ ୟୁଜର୍ସ ଚକିତ ହୋଇଯାଇଛନ୍ତି। ଭିଡିଓରେ ଦେଖିବାକୁ ମିଳୁଥିବା ଚପଲ ସାଧାରଣତଃ ବାଥ୍‌ରୁମରେ ପିନ୍ଧା ଯାଉଥିବା ଚପଲ ଭଳି ଦେଖାଯାଉଥିବାବେଳେ, ଏହାର ମୂଲ୍ୟ ଏତେ ଅଧିକ କାହିଁକି ବୋଲି ଅନେକ ୟୁଜର୍ସ ପ୍ରଶ୍ନ କରିଛନ୍ତି।

# ବୁଦ୍ଧିମାନ ଲୋକଙ୍କ ଖେଳ

## ଆଜି ଅନ୍ତର୍ଜାତୀୟ ଚେସ୍ ଦିବସ



ପ୍ରତି ବର୍ଷର ଜୁଲାଇ ୨୦ ତାରିଖକୁ ଅନ୍ତର୍ଜାତୀୟ ଚେସ୍ ଦିବସ ଭାବରେ ପାଳନ କରାଯାଏ। ବୁଦ୍ଧିମାନ ଲୋକଙ୍କ ଖେଳ ଭାବରେ ପରିଚିତ ଏହି ଖେଳ ଦୁଇ ଜଣ ଖେଳାଳିଙ୍କ ମଧ୍ୟରେ ଖେଳାଯାଏ। ଚେସ୍ ଖେଳର ଇତିହାସ ୧୫୦୦ ବର୍ଷରୁ ଅଧିକ ପୁରୁଣା ହୋଇଥିଲେ ମଧ୍ୟ ଜୁଲାଇ ୨୦, ୧୯୨୪ରେ ପ୍ରଥମେ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ୍(ଫିଡେ) ସ୍ଥାପନ କରାଯାଇଥିଲା। ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ପ୍ରତ୍ୟେକ ବର୍ଷ ବିଶ୍ୱ ଚେସ୍ ଦିବସ ପାଳନ କରାଯାଉଛି। ସମଗ୍ର ବିଶ୍ୱରେ ଚେସ୍‌କୁ ନେଇ ସଚେତନତା ସୃଷ୍ଟି କରିବା ଓ ଏହାର ଫାଇଦା ଜଣାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ।
ଏହାର ଇତିହାସ ଅନେକ ପୁରୁଣା। ଏହାକୁ ନେଇ ଭିନ୍ନ ଭିନ୍ନ କାହାଣୀ ମଧ୍ୟ ରହିଛି। ଖ୍ରୀଷ୍ଟାବ୍ଦ ୩୧୯-୫୪୩ ମଧ୍ୟରେ ଉତ୍ତର ଭାରତରେ ଗୁପ୍ତ ସାମ୍ରାଜ୍ୟ ଦ୍ୱାରା ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ଏହାର ନାମ ଚତୁରଙ୍ଗ ରହିଥିଲା। ସିଲ୍କ ରୋଡ ମାଧ୍ୟମରେ ଏହା ପର୍ସିଆରେ ପହଞ୍ଚିବା ପରେ ଏହାର ନାମକରଣ ଚେସ୍ ହୋଇଥିଲା। ଇତିହାସକାରଙ୍କ ଅନୁସାରେ ଜନୈକ ଭାରତୀୟ ରାଷ୍ଟ୍ରଦୂତ ପର୍ସିଆ ଗସ୍ତ ସମୟରେ ରାଜା ଖର୍ସୋ(୫୩୧-୫୭୯ ଖ୍ରୀଷ୍ଟାବ୍ଦ)ଙ୍କୁ ଏକ ଚତୁରଙ୍ଗ ବୋର୍ଡ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଏହା ପର୍ସିଆରେ ଲୋକପ୍ରିୟତା ହାସଲ କରିବା ସହ ୟୁରୋପରେ ପହଞ୍ଚିଥିଲା। ଅଲ ସୁଲି ଓ ଅଲ ଲାଜଲାଜ ନାମକ ଦୁଇ ଜଣ ବ୍ୟକ୍ତି ଏହି ଖେଳର ନିୟମ ନିର୍ଦ୍ଧାରଣ କରିଥିବା ବେଳେ ୯୦୦-୧୦୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହା ୟୁରୋପରେ ପହଞ୍ଚିଥିଲା। ୟୁରୋପ ମଧ୍ୟ ଦେଇ ଏହି ଖେଳ ରୁଷିଆରେ ପହଞ୍ଚିଥିଲା। ୧୯୨୪ ପର୍ଯ୍ୟନ୍ତ ଏହି ଖେଳଟି ଅଣ ସଂଗଠିତ ରହିଥିବା ବେଳେ ଜୁଲାଇ ୨୦ ତାରିଖରେ ପ୍ୟାରିସ୍‌ରେ ଫିଡେ ସ୍ଥାପନ କରାଯାଇଥିଲା। ୧୨ ଡିସେମ୍ବର ୨୦୧୮ରେ ଫିଡେ ସାଧାରଣ ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।



ନୀଳାଦ୍ରିବିଜେ ଅବସରରେ ଶୁକ୍ରବାର ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରି ଶ୍ରୀମନ୍ଦିର ରତ୍ନସିଂହାସନକୁ ନିଆଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ନୀଳକନ୍ଦରକୁ ବାହୁଡ଼ିଲେ ନୀଳାଦ୍ରିନାଥ

## ରସଗୋଲା ଦେଇ ମା' ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନକଲେ ମହାପ୍ରଭୁ

**ପୁରୀ,୧୯।୭(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହିତ ନବଦିନାତ୍ମକ ଯାତ୍ରା ସାରି ପବିତ୍ର ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥି ନୀଳାଦ୍ରିବିଜେ ଅବସରରେ ଶୁକ୍ରବାର ଶ୍ରୀମନ୍ଦିର ରତ୍ନସିଂହାସନକୁ ବାହୁଡ଼ା ବିଜେ କରିଛନ୍ତି। ଏଥିସହ ଚଳିତ ବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଶନିବାରଠାରୁ ଭକ୍ତଙ୍କୁ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଦେବେ। ସେହିପରି ଭକ୍ତମାନେ ନୀଳାଚଳ ଅବଢ଼ା ପାଇବେ।

ଶୁକ୍ରବାର ଭକ୍ତଙ୍କ ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ନୀଳାଦ୍ରିବିଜେ ପହଣ୍ଡି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନର ନୀତିନିର୍ଘଣ୍ଟଠାରୁ ବିଳମ୍ବରେ ପହଣ୍ଡି ଆରମ୍ଭ ହୋଇଥିଲା। ରଥ ଉପରେ ନୀତିକାନ୍ତି ସରି ଚାରମାଳ ବନ୍ଧାହେବା ପରେ ଗୋଟିପହଣ୍ଡିରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସକାଳ ୬ଟା ୫୫ରୁ ୭ଟା ୨୫ ମଙ୍ଗଳ ଆଳତି, ମଇଲମ ୭ଟା ୩୦, ତଡ଼ପଲାଗି ୭ଟା ୩୫ରୁ ୭ଟା୫୦, ତିନିରଥରେ ଶ୍ରୀବିଗ୍ରହଙ୍କ ଅବକାଶ ୭ଟା ୪୫ରୁ ୮ଟା ୧୫, ବେଶ ଶେଷ ୮ଟା ୪୫, ଗୋପାଳବଲ୍ଲଭ ୧୦ଟା ୧୫ ଓ ସକାଳଧୂପ ୧୧ଟା ୪୦ରେ ଶେଷ ହୋଇଥିଲା। ମଇଲମ ୧୨ଟା ୩୫, ରଥରେ ମହାସ୍ନାନ ଶେଷ ୧ଟା ୫, ତିନିରଥ ସର୍ବାଙ୍ଗ ୧ଟା୨୦, ମଧ୍ୟାହ୍ନ ଧୂପ ୨ଟା ୫୦, ମଇଲମ ଓ ବେଶ ୩ଟା ୧୦, ସନ୍ଧ୍ୟା ଆଳତି ୩ଟା ୧୫, ସନ୍ଧ୍ୟାଧୂପ ୪ଟା ୨୫ରେ ସରି ତିନିରଥର ଘୋଡ଼ାଫିଟା ଓ ଚାରମାଳ ବନ୍ଧା ୪ଟା ୫୦ରେ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ୩୦ରେ ଶେଷ ହୋଇଥିଲା। ୭ଟା ୫୦ରେ ମୁଦିରସ୍ତଙ୍କ ଦ୍ୱାରା ତିନିରଥରେ ପୁଷ୍ପାଞ୍ଜଳି ପ୍ରଦାନ ପରେ ୮ଟା ୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ବିଜେ କାହାଳୀ ବାଜିଥିଲା। ପରମ୍ପରା ଅନୁଯାୟୀ, ଦାରୁବିଗ୍ରହମାନେ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ଠାକୁରମାନଙ୍କର ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଓ ବଡ଼ିଆ ମଣୋହି କରିବା ସହ ଆଳତି ବନ୍ଦାପନା କରିଥିଲେ। ପ୍ରଥମେ ରଥରୁ ମଦନମୋହନ, ରାମକୃଷ୍ଣ ଓ ଚକ୍ରରାଜ ଶ୍ରୀସୁଦର୍ଶନ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ପରେ ବଡ଼ଠାକୁର ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀଜଗନ୍ନାଥ ରଥର ହଂସପଟା ନିକଟକୁ ଆସିବା ପରେ ଲକ୍ଷ୍ମୀଠାକୁରାଣୀଙ୍କୁ ମହାଜନ ସେବକମାନେ ହାତରେ ବିଜେ କରାଇଆଣି ଭେଟ ମଣ୍ଡପ ଖଟଶେଯ ମେକାପ ପକାଇଥିବା ଡମ୍ଫରୁ ଉପରେ ବିଜେ କରାଇଥିଲେ। ପରେ ପତିମହାପାତ୍ର ରଥରେ ମହାପ୍ରଭୁଙ୍କ ବନ୍ଦାପନା କରିଥିବା ବେଳେ ଭେଟ ମଣ୍ଡପଠାରେ ମା' ମହାଲକ୍ଷ୍ମୀଙ୍କ ବନ୍ଦାପନା ଭିତରଚ୍ଛ ମହାପାତ୍ର କରିଥିଲେ। ତା'ପରେ ଦେବୀ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଶ୍ରୀଜଗନ୍ନାଥ ସିଂହଦ୍ୱାରକୁ ଆସିବା ପୂର୍ବରୁ ସିଂହଦ୍ୱାର ବନ୍ଦ କରାଯାଇଥିଲା। ମହାପ୍ରଭୁ ସିଂହଦ୍ୱାରକୁ ଆସିବା ମାତ୍ରେ ତାହା ଫିଟାଇ ଦିଆଯାଇଥିଲା। ପରେ ମହାପ୍ରଭୁ ପହଣ୍ଡି ହୋଇ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ନିକଟକୁ ଯାଇଥିଲେ। ଜୟବିଜୟ ଦ୍ୱାର ବନ୍ଦ ରହିଥିଲା। ସେଠାରେ ବଚନିକା ହୋଇଥିଲା। ମହାପ୍ରଭୁଙ୍କ ପକ୍ଷରୁ ଦଇତାପତି ଏବଂ ମହାଲକ୍ଷ୍ମୀଙ୍କ ପଟୁ ଭିତରଚ୍ଛ ମହାପାତ୍ର ବଚନିକା ନୀତି ସମ୍ପାଦନ କରିଥିଲେ। ବଚନିକା ନୀତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ଖୋଲାଯାଇଥିଲା। ପରେ ଭଣ୍ଡାରଘର ନିକଟରେ ମହାଲକ୍ଷ୍ମୀଙ୍କ ପାଖରେ ମହାପ୍ରଭୁ ବିଜେ ହୋଇଥିଲେ। ସେଠାରେ ଭିତରଛଙ୍କ ପକ୍ଷରୁ ଠାକୁର ଠାକୁରାଣୀଙ୍କ ଗଇଁଠାଳ ଫିଟାଯାଇଥିଲା। ପରେ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ ଉଦ୍ଦେଶ୍ୟରେ ରସଗୋଲା ଭୋଗ କରାଯାଇଥିଲା। ମହାଲକ୍ଷ୍ମୀଙ୍କ ମାନ ଭଞ୍ଜନ ପରେ ମହାପ୍ରଭୁ ଘଷାବିଡ଼ିଆ ମଣୋହି ହୋଇ ରତ୍ନସିଂହାସନକୁ ବିଜେ କରିଥିଲେ। ମହାପ୍ରଭୁ ରତ୍ନ ସିଂହାସନରେ ବିଜେ କରିବା ପରେ ଅନ୍ୟାନ୍ୟ ନୀତି ସମ୍ପାଦନ କରାଯାଇଥିଲା।

# ୪ ଜିଲ୍ଲାକୁ ରେଡ୍, ୭ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ

**ଅବପାତରେ ପରିଣତ ହେଲା ଲଘୁଚାପ**

**ଭୁବନେଶ୍ୱର,୧୯।୭(ଅନିଲ ଦାସ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶୁକ୍ରବାର ଅବପାତରେ ପରିଣତ ହୋଇଛି। ଏହା ପୁରୀଠାରୁ ଦକ୍ଷିଣ-ଦକ୍ଷିଣ ପଶ୍ଚିମ ଦିଗରେ ୫୦ କିମି ଏବଂ ଗୋପାଳପୁର ଓ ପାରାଦୀପଠାରୁ ୯୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହା ଘଣ୍ଟା ପ୍ରତି ୭ କି.ମି. ବେଗରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରୁଛି। ଶନିବାର ଅବପାତ ପୁରୀ ଜିଲ୍ଲାର ଚିଲିକା ଉପକୂଳ ଦେଇ ଓଡ଼ିଶା ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି । ଏହା ପ୍ରଭାବରେ ପୁରୀ ସମେତ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ଓ ଏହା ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ। ଏହି ସମୟରେ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

ବର୍ଷା ଯୋଗୁ ବିଭିନ୍ନ ନଦୀ, ନାଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏଥିସହିତ ପାହାଡ଼ିଆ ଅଞ୍ଚଳରେ ମାଟି ଅତଡ଼ା ଧସିବାର ସମ୍ଭାବନା ରହିଛି। ଯେକୌଣସି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଦୁର୍ବଳ ନଦୀ ଓ କେନାଲ ବନ୍ଧଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଜଳ ସମ୍ପଦ ବିଭାଗ ଇଞ୍ଜିନିୟରମାନଙ୍କୁ କୁହାଯାଇଛି। ଏଥିସହିତ ସହରାଞ୍ଚଳରେ ଯେଉଁ ସ୍ଥାନଗୁଡ଼ିକ ଜଳମଗ୍ନ ହେବାର ଆଶଙ୍କା ରହିଛି ସେ ସବୁ ସ୍ଥାନକୁ ଜଳମୁକ୍ତ କରିବା ପାଇଁ ଆଗୁଆ ପ୍ରସ୍ତୁତି କରିବାକୁ ମଧ୍ୟ ଏସ୍ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଲଘୁଚାପ ପ୍ରଭାବରେ ଶୁକ୍ରବାରଠାରୁ ରାଜ୍ୟରେ ୪ ଦିନ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। କେତେକ ଜିଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ଦକ୍ଷିଣ ଓ ଉପକୂଳବର୍ତ୍ତୀ ଜିଲାରେ ଅତି ପ୍ରବଳ ବର୍ଷା ହେବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାପାଇଁ ପାଣିପାଗ ବିଭାଗ ପକ୍ଷରୁ ରେଡଓ୍ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାପାଇଁ ଅରେଞ୍ଜଓ୍ୱାର୍ନିଂ ଜାରି କରାଯାଇଛି।

ଏହାଛଡ଼ା ବରଗଡ଼, ସୋନପୁର, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟି ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ଏହି ଜିଲାଗୁଡ଼ିକ ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ରବିବାର ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟି ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ସେଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସୋମବାର ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟି ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ସେଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ମଙ୍ଗଳବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ସେଥିପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଆସନ୍ତା ୨୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିବ।

## ବଜ୍ରପାତରେ ୧୧ ମହିଳା ଶ୍ରମିକ ଆହତ, ୨ ଗୁରୁତର

**ଉମରକୋଟ,୧୯।୭ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ନନ୍ଦପୁରା ଗ୍ରାମର ଏକ ବିଲରେ କାମ କରିବାବେଳେ ବଜ୍ରପାତ ହେବାରୁ ୧୩ ଜଣ ମହିଳା ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତର ଅଛନ୍ତି। ଆହତ ଶ୍ରମିକମାନେ ହେଲେ ନନ୍ଦପୁରା ଗାଁର ମଞ୍ଜାବତୀ କନ୍ଧପାନ, ଧନମତି କନ୍ଧପାନ, ସତ୍ୟାବତୀ କନ୍ଧପାନ, ରୁକ୍ମଣୀ କନ୍ଧପାନ, ରତ୍ନାବତୀ କନ୍ଧପାନ, ଗୋମତୀ କନ୍ଧପାନ, ମଙ୍ଗରି ଗାଣ୍ଡା, ମନ୍ଦନା ଗାଣ୍ଡା, ଲକ୍ଷ୍ମୀ ମୁଣ୍ଡା, ମିନା ମୁଣ୍ଡା, ନିକିତା କନ୍ଧପାନ, ପାର୍ବତୀ ଭତ୍ରା ଓ ମାଝିଆ ଗ୍ରାମର ରେଖା କନ୍ଧପାନ। ସୂଚନାନୁଯାୟୀ, ନନ୍ଦପୁରା ଗ୍ରାମର ପ୍ରାୟ ୧୫ ଜଣ ମହିଳା ଶ୍ରମିକ ଏକ ଜମିରେ ଧାନ ରୁଆ କାମ କରୁଥିଲେ। ଏହି ସମୟରେ ଘଡ଼ଘଡ଼ି ବିଜୁଳୀ ସହ ବର୍ଷା ହୋଇଥିଲା। ସନ୍ଧ୍ୟା ପ୍ରାୟ ୫ଟାବେଳେ ଅଚାନକ ବଜ୍ରପାତ ହେବାରୁ ୧୩ଜଣ ମହିଳା ଶ୍ରମିକ ବେହୋସ ହୋଇ ବିଲରେ ହିଁ ପଡ଼ି ଯାଇଥିଲେ। ପାଖରେ ଥିବା ଅନ୍ୟ ୨ ଜଣ ମହିଳା ଶ୍ରମିକ ଗାଁକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଆହତମାନଙ୍କୁ ଉମରକୋଟ ହସ୍ପିଟାଲ୍‌କୁ ଆଣିଥିଲେ। ନିକିତା ଓ ପାର୍ବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଅନ୍ୟ ୧୧ ଶ୍ରମିକ ବିପଦମୁକ୍ତ ଥିବା ଡାକ୍ତର ସୂଚନା ଦେଇଛନ୍ତି।

# ୨୨ରୁ ବିଧାନସଭା, ୨୧ରେ ସର୍ବଦଳୀୟ ବୈଠକ

- ୨୪ରେ ଉପବାଚସ୍ପତି ପଦ ପାଇଁ ନିର୍ବାଚନ
- ୨୫ରେ ଗୃହରେ ଉପସ୍ଥାପନା ହେବ ବଜେଟ

**ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)**

ରାଜ୍ୟରେ ପ୍ରଥମଥର ପାଇଁ ଭାଜପା ସରକାର ଗଢ଼ିଛି। ଆସନ୍ତା ୨୨ରୁ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ସମୟରେ ଉପବାଚସ୍ପତି ପଦ ଲାଗି ନିର୍ବାଚନ ହେବ ବୋଲି ଜଣାପଡ଼ିଛି। ୨୩ ତାରିଖରେ ଉପବାଚସ୍ପତି ନିର୍ବାଚନ ଲାଗି ବିଧାନସଭାରେ ବାଚସ୍ପତି ଘୋଷଣା କରିବେ। ବାଚସ୍ପତି ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଏନେଇ ଘୋଷଣା କରିବାକୁ ଥିବାବେଳେ ୧୨ଟାରେ ନାମାଙ୍କନପତ୍ର ଦାଖଲର ସମୟ ରଖାଯାଇଥିବା ବିଧାନସଭାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏଥିପାଇଁ ପ୍ରସ୍ତୁତି ପୂର୍ବରୁ ଶେଷ ହୋଇସାରିଥିବା ବେଳେ ଅଧିବେଶନ ଚାଲିଥିବା ଯୋଗୁ ଗୃହରେ ବାଚସ୍ପତି ୨୩ ତାରିଖରେ ନିର୍ବାଚନ ଘୋଷଣା କରିବେ। ସେହି କ୍ରମରେ ୨୪ ତାରିଖରେ ଉପବାଚସ୍ପତି ପଦବୀ ଲାଗି ଭୋଟିଂ ହେବା ସହ ସେହିଦିନ ହିଁ ଫଳାଫଳ ଘୋଷଣା କରିଦିଆଯିବ। ତେବେ ଉପବାଚସ୍ପତି ପଦବୀ ଲାଗି ଶାସକ ଦଳ ବିରୋଧରେ ବିରୋଧୀ ପ୍ରାର୍ଥୀ ଦେବେ ନା ନାହିଁ ସେନେଇ କିଛି ସ୍ପଷ୍ଟ ଜଣାପଡ଼ି ନାହିଁ। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ଶାସକ ଦଳ ପାଖରେ ୭୮ ଜଣ ସଦସ୍ୟ ଥିବାବେଳେ ବିରୋଧୀ ଦଳ ବିଜେଡି ପାଖରେ ୫୧ ଜଣ, କଂଗ୍ରେସର ୧୪ ଜଣ, ସିପିଆଇ(ଏମ୍)ର ଜଣେ, ସ୍ୱାଧୀନ ୩ ଜଣ ସଦସ୍ୟ ଗୃହରେ ଅଛନ୍ତି। ସ୍ୱାଧୀନ ୩ ଜଣ ବିଧାୟକଙ୍କ ସମର୍ଥନ ଭାଜପା ସପକ୍ଷରେ ରହିବ ବୋଲି ଏକ ପ୍ରକାର ନିଶ୍ଚିତ। ତେଣୁ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ବାଚସ୍ପତି ନିର୍ବାଚନ ଭଳି ଉପବାଚସ୍ପତି ନିର୍ବାଚନରେ ବିରୋଧୀମାନେ ପ୍ରାର୍ଥୀ ନ ଦେବା ସମ୍ଭାବନା ଅଧିକ। ଆସନ୍ତା ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନା କରିବେ। ଭାଜପା ସରକାରକୁ ଆସିବା ପରେ ଏହା ଶାସକ ଦଳ ଲାଗି ପ୍ରଥମ ବଜେଟ ଅଧିବେଶନ। ତେଣୁ ଗୃହକୁ ଚଳାଇବା ସକାଶେ ଅଧିବେଶନ ପୂର୍ବରୁ ଆସନ୍ତା ୨୧ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବାକୁ ଥିବାବେଳେ ଗୃହକୁ ସୁରୁଖୁରୁରେ ଚଳାଇବା ସକାଶେ ସେ ସମସ୍ତଙ୍କୁ ଅନୁରୋଧ କରିବେ ବୋଲି ଜଣାପଡ଼ିଛି।

# ଅକ୍ଟୋବରରୁ ମୃତ ଏନ୍ଏଫ୍ଏସ୍ଏ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

**ବାଧ୍ୟତାମୂଳକ ହେବ ଇ-କେଓ୍ୱାଇସି**

**ଭୁବନେଶ୍ୱର,୧୯।୭(ଅନିଲ ଦାସ)**

ଆସନ୍ତା ଅକ୍ଟୋବରରୁ ରାଜ୍ୟରେ ମୃତ ଓ ନିଖୋଜ ରାଶନକାର୍ଡ ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବାସ୍ତବରେ କେତେ ହିତାଧିକାରୀ ରାଶନ ନେଉଛନ୍ତି ତାହା ଜଣାପଡ଼ିବ। ଅନେକ ହିତାଧିକାରୀ ମୃତ ହୋଇଥିଲେ ସୁଦ୍ଧା ସେମାନଙ୍କ ନାମରେ ଖାଦ୍ୟ ସାମଗ୍ରୀ ଉଠାଯାଉଛି। ଏହାକୁ ରୋକିବା ପାଇଁ ଡିଲରପଏଣ୍ଟରେ ଯାଞ୍ଚ କରାଯିବ। ଏ ପର୍ଯ୍ୟନ୍ତ ରାଜ୍ୟରେ ୧୪.୫ ଲକ୍ଷ ମୃତ ଓ ନିଖୋଜ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ତେବେ ଏଭଳି ଆହୁରି ଅନେକ ହିତାଧିକାରୀ ଥିଲେ ମଧ୍ୟ ତାହା ଜଣାପଡୁନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୃଣମୂଳ ସ୍ତରରେ ରାଶନକାର୍ଡ ଯାଞ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମାର୍କେଟ ଇଣ୍ଟେଲିଜେନ୍ସ (ଏମ୍.ଆଇ.) ଅଧିକାରୀମାନେ ଡିଲରମାନଙ୍କ ସହ ଯୋଗାଯୋଗ କରି ଡାଟା ପ୍ରସ୍ତୁତ କରିବେ। ରାଜ୍ୟରେ ୧୨ ହଜାର ସରକାରୀ ଖୁଚୁରା ଦୋକାନୀ ଅଛନ୍ତି । ସେମାନଙ୍କଠାରୁ ହିତାଧିକାରୀମାନଙ୍କର ସମସ୍ତ ତଥ୍ୟ ସଂଗ୍ରହ କରାଯିବ। ଏହାଛଡ଼ା ବାସ୍ତବ ରହି ପାରିବ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେ କହିଛନ୍ତି, ରାଶନ ନେଉଥିବା ବ୍ୟକ୍ତି ପ୍ରକୃତ ହିତାଧିକାରୀ କି ନୁହେଁ ଡିଲରଙ୍କ ନିକଟରେ ଥିବା ପଏଣ୍ଟ ଅଫ୍ ସେଲ (ପିଓଏସ୍)ରେ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ବର୍ଷକୁ ଥରେ ହିତାଧିକାରୀଙ୍କ ଇ-କେଓ୍ୱାଇସି (ନୋ ୟୋର କଷ୍ଟମର) ଯୋଗାଣ ବିଭାଗ ପୋର୍ଟାଲରେ ଅପଲୋଡ୍ କରାଯିବ। ଏହାଦ୍ୱାରା ହିତାଧିକାରୀମାନଙ୍କ ବିଷୟରେ ସମସ୍ତ ତଥ୍ୟ ଜଣାଡ଼ିବ। ଏହାଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଙ୍ଗୁଠି ଛାପ(ଫିଙ୍ଗର ପ୍ରିଣ୍ଟସ୍) ନିଆଯିବ। ଯେଉଁ ହିତାଧିକାରୀ ଆଙ୍ଗୁଠି ଛାପ ଦେବେ ନାହିଁ ସେମାନଙ୍କର ରାଶନକାର୍ଡ ତାଲିକାରୁ ନାଁ କଟିଯିବ। ଖାଦ୍ୟ ସୁରକ୍ଷା ଯୋଜନାରେ ପାରଦର୍ଶିତ ଆଣିବା ପାଇଁ ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗାଇଡ୍‌ଲାଇନ ଜାରି କରାଯାଇଛି ବୋଲି ସେ କହିଛନ୍ତି।




# ଅଭିଯୁକ୍ତଙ୍କୁ ଗିରଫ କରାଯାଉ

**ଏଏସ୍‌ଓଙ୍କୁ ମାଡ଼ ମାମଲା**

**ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ଘୁମୁସର ସଂଗ୍ରାମ ସମିତି**

**ଭଞ୍ଜନଗର,୧୯।୭(ବାବୁଲା ପ୍ରଧାନ)**




ଦାବିପତ୍ର ପ୍ରଦାନ କରାଯାଉଛି।

ରାଜଭବନରେ କାର୍ଯ୍ୟରତ ଥିବାବେଳେ ଏଏସ୍‌ଓ ବୈକୁଣ୍ଠନାଥ ପ୍ରଧାନଙ୍କୁ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ଲଳିତ କୁମାର ଆକ୍ରମଣ କରିବା ମାମଲାରେ ଗଞ୍ଜାମ ଜିଲା ଘୁମୁସର ସଂଗ୍ରାମ ସମିତି ପକ୍ଷରୁ ଶୁକ୍ରବାର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଏନେଇ ସମିତିର ସଭାପତି ତଥା ପୂର୍ବତନ ପିସିସି ସଭ୍ୟ ଦେବୀ ବିଷୋଇଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି ଯେ ବୈକୁଣ୍ଠଙ୍କୁ ଆକ୍ରମଣ ମାମଲାରେ ରାଜ୍ୟପାଳଙ୍କ ପୁତ୍ର ଲଳିତ ଜଡ଼ିତ। ତେଣୁ ତାଙ୍କୁ ଓ ତାଙ୍କ ସହଯୋଗୀମାନଙ୍କୁ ତୁରନ୍ତ ଗିରଫ କରାଯାଉ। ରାଜ୍ୟପାଳଙ୍କୁ ଅନ୍ୟତ୍ର ବଦଳି କରାଯାଉ। ଓଡ଼ିଆ ଅସ୍ମିତା କହି ଭାଜପା କ୍ଷମତାକୁ ଆସିଲା। ଭଞ୍ଜନଗର ଭାଜପା ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମ୍ପର୍କୀୟ ଭଣଜା ହେଉଛନ୍ତି ବୈକୁଣ୍ଠ। ରାଜ୍ୟରେ ଭାଜପା ଶାସନ ଚାଲିଛି। ଭାଜପା ସରକାର ନିଜ ବିଧାୟକଙ୍କ ଭଣଜାଙ୍କୁ ସୁରକ୍ଷା ଦେଇ ପାରୁନାହାନ୍ତି, ରାଜ୍ୟବାସୀଙ୍କୁ କ'ଣ ସୁରକ୍ଷା ଦେବେ ବୋଲି ଦାବିପତ୍ରରେ ପ୍ରଶ୍ନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦେବୀଙ୍କ ସମେତ ଜଗନ୍ନାଥପ୍ରସାଦ ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ବିଦ୍ୟାଧର ପ୍ରଧାନ, ଭଞ୍ଜନଗର ବ୍ଲକ କଂଗ୍ରେସ ସଭାପତି ବିଜୟ ବେହେରା, ବିକ୍ରମ ବିଷୋୟୀ, ଅଶ୍ୱିନୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲାକ୍‌ରୋଜ୍ ବୁଡ଼ି ଘଟଣାର ସିବିଆଇ ତଦନ୍ତ ଦାବି

**ଭୁବନେଶ୍ୱର,୧୯।୭(ଅନିଲ ଦାସ)**

ବ୍ଲାକ୍‌ରୋଜ୍ ବୁଡ଼ି ଘଟଣାର ସିବିଆଇ ତଦନ୍ତ ଅନୁମତି ଦେବାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ ଦାବି କରିଛନ୍ତି। ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ୨୦୦୯ ସେପ୍ଟେମ୍ବର ୯ରେ ପାରାଦୀପ ବନ୍ଦରଠାରୁ ୫ କି.ମି. ଦୂରରେ ବ୍ଲାକ୍‌ରୋଜ୍ ଜାହାଜ ବୁଡ଼ି ଯାଇଥିଲା। ଏହି ଜାହାଜରେ ଓଡ଼ିଶାରୁ ବେଆଇନ କାଗଜପତ୍ରରେ ୨୩,୮୪୩ ଟନ୍ ଚୋରା ଲୁହାପଥର ଚାଇନା ରପ୍ତାନି କରାଯାଉଥିଲା। ପୂର୍ବରୁ ହାଇକୋର୍ଟରେ ସିବିଆଇ ତଦନ୍ତ ପାଇଁ ଦୁଇଟି ଆବେଦନର ଶୁଣାଣି ଚାଲିଥିବାବେଳେ ରାଜ୍ୟ ସରକାର ସହଯୋଗ ନ କରିବାରୁ ତଦନ୍ତ ଆଗେଇ ପାରିଲା ନାହିଁ ବୋଲି ସିବିଆଇ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟରେ ଦର୍ଶାଇଥିଲା। ପ୍ରଦୀପ ୨୦୨୩ ଅଗଷ୍ଟ ୩୦ରେ ହାଇକୋର୍ଟରେ ମାମଲା କଲା ପରେ ୨୦୨୪ ଏପ୍ରିଲ ୧୫ ଶୁଣାଣିରେ ଜାହାଜ ଚଳାଚଳ ମନ୍ତ୍ରଣାଳୟ, ପାରାଦୀପ ପୋର୍ଟ ଟ୍ରଷ୍ଟ ଓ ସିବିଆଇ ଏହାର ତଦନ୍ତ ପାଇଁ ସମ୍ମତି ଜଣାଇଛନ୍ତି। ସେତେବେଳେ ରାଜ୍ୟରେ ବିଜେଡି ସରକାର ଥିବାରୁ ରାଜ୍ୟ ସରକାର ସିବିଆଇ ତଦନ୍ତ ପାଇଁ ଅନୁମତି ଦେଇ ନ ଥିବା ଅଭିଯୋଗ ହୋଇଛି। ଏବେ ଭାଜପା ସରକାର ତୁରନ୍ତ ସିବିଆଇ ତଦନ୍ତ ପାଇଁ ଅନୁମତି ଦିଅନ୍ତୁ ବୋଲି ପ୍ରଦୀପ ଦାବି କରିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀ ବସ୍ ସେବାରେ ୩,୧୭୮ କୋଟି ଖର୍ଚ୍ଚ ହୋଇଥିଲେ ମଧ୍ୟ ସେ ସମ୍ପର୍କରେ ସୂଚନା ଅଧିକାର ଆଇନରେ ସବିଶେଷ ତଥ୍ୟ ଦିଆଯାଉ ନାହିଁ। ସୂଚନା ଅଧିକାର ଆଇନରେ ତଥ୍ୟ ନ ଦେଲେ ଆସନ୍ତା ୨୪ ତାରିଖରେ ଖାରବେଳ ଭବନ ଆଗରେ ଧାରଣା ଦିଆଯିବ ବୋଲି ପ୍ରଦୀପ କହିଛନ୍ତି।




# ମାଛ ଧରୁଥିବାବେଳେ ସ୍ତ୍ରୀ ସମ୍ମୁଖରେ ବୁଡ଼ିଗଲେ ସ୍ୱାମୀ

ମହାକାଳପଡ଼ା,୧୯।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଶୁକ୍ରବାର ମହାନଦୀର ବନ୍ତନାଶିଠାରେ ମାଛ ଧରୁଥିବା ବେଳେ ଜଣେ ଯୁବକ ବୁଡିଯାଇଛନ୍ତି। ସ୍ତ୍ରୀ ଓ ଶାଳକଙ୍କ ଆଖି ସମ୍ମୁଖରେ ଏହି ଘଟଣା ଶୁକ୍ରବାର ମଧ୍ୟାହ୍ନରେ ଘଟିଛି। ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ହେଲେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଯୁବକଙ୍କୁ ଉଦ୍ଧାର କରାଯାଇପାରିନାହିଁ। ନିଖୋଜ ଯୁବକଙ୍କ ନାମ ପିଣ୍ଟୁ ଦାସ। ସେ ଜଣେ ମତ୍ସ୍ୟଜୀବି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହାକୁ ନେଇ ମହାକାଳପଡ଼ା ବ୍ଲକ୍ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସାମୁଦ୍ରିକ ଜୁଆର ପ୍ରଭାବ ଥିବାରୁ ମହାନଦୀରେ ଭଲ ମାଛ ପଡୁଥିବା ଶୁଣି ପିଣ୍ଟୁ ଦାସ ସ୍ତ୍ରୀ ଓ ଶାଳକଙ୍କ ସହ ମିଶି ଶୁକ୍ରବାର ମଧ୍ୟାହ୍ନରେ ମହାନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। ମହାନଦୀରେ ଭଉଁରୀ ଜାଲ ପକାଇ ମାଛ ଧରୁଥିବା ବେଳେ ସେ ଗଭୀର ଜଳକୁ ଚାଲିଯାଇଥିଲେ। ପ୍ରଖର ସ୍ରୋତ ଥିବାରୁ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ଗଭୀର ଜଳରେ ବୁଡି ନିଖୋଜ ହୋଇଯାଇ ଥିଲେ। ସ୍ତ୍ରୀ ଓ ଶାଳକଙ୍କ ଆଖି ଆଗରେ ଏହି ଘଟଣା ଘଟିଥିଲେ ମଧ୍ୟ ସେମାନେ ପିଣ୍ଟୁଙ୍କୁ ରକ୍ଷା କରି ପାରି ନ ଥିଲେ। ଖବର ପାଇ ପୋଲିସ ଓ ମହାକାଳପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ବୋଟ୍ ସାହାର୍ଯ୍ୟରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ସନ୍ଧ୍ୟାସୁଦ୍ଧା ପିଣ୍ଟୁଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତଦାରଖ କରିଥିଲେ। ଆବଶ୍ୟକ ପଡିଲେ ଯାଜପୁର ଜିଲା ଡୁବୁରୀସ୍ଥିତ ଓଡ୍ରାଏଫ୍ ଟିମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ତହସିଲଦାର କହିଛନ୍ତି। ସୂଚନା ଅନୁଯାୟୀ, ନିଖୋଜ ପିଣ୍ଟୁ ଦାସଙ୍କ ପୈତୃକ ଘର ଭଦ୍ରକ ଜିଲା ବଡ଼ହାଟ ତ୍ରିଲୋଚନପୁରରେ। ସେ ମହାକାଳପଡ଼ା ନିକଟ ବାହାକୁଦ ଗ୍ରାମର ମୁସଲିମ ଝିଅ ହସିନା ଖାତୁନଙ୍କୁ ବିବାହ କରି ରହୁଥିଲେ। ପ୍ରଖର ସ୍ରୋତ ଯୋଗୁ ମହାନଦୀରେ ଉଦ୍ଧାର କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି ବୋଲି ପ୍ରାକ୍ତନ ସରପଞ୍ଚ ବିକାଶ ଚନ୍ଦ୍ର ଦେବନାଥ କହିଛନ୍ତି।

### ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି


ନିଖୋଜ ପିଣ୍ଟୁ ଦାସଙ୍କ ଫାଇଲ ଫଟୋ।


ମହାନଦୀ କୂଳରେ ସ୍ୱାମୀଙ୍କୁ ଚାହିଁ ବସିଛନ୍ତି ସ୍ତ୍ରୀ ହାସିନା ଖାତୁନ।

# ଓଡ଼ିଶା-ଆନ୍ଧ୍ର ସହ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ

ମାଲକାନଗିରି/କାଲିମେଲା/ ଏମ୍‌ଭି-୭୯,୧୯।୭ (ଦୁର୍ଯ୍ୟୋଧନ ପାତ୍ର/ ଜୀବନକୃଷ୍ଣ ଦାସ/ ଭି.କି ବାରିକ)

## ଏମ୍‌ଭି-୯୬ ପୋଲ ଉପରେ ୩ ଫୁଟ ବର୍ଷାଜଳ



ମାଲକାନଗିରି ଜିଲାରେ ଶୁକ୍ରବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲଘୁଚାପଜନିତ ବର୍ଷା ଲାଗିରହିଛି। ଜିଲାରେ ମୋଟ ୮୩.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ମାଲକାନଗିରି ବ୍ଲକ୍‌ରେ ୬.୨ମି.ମି., ମାଥିଲି ବ୍ଲକ୍ ୩.୦ ମି.ମି., ଖଇରପୁଟରେ ୫.୦ ମି.ମି., ଚିତ୍ରକୋଣ୍ଡା ୬.୬ମି.ମି., କୋରୁକୋଣ୍ଡା ୯.୦ ମି.ମି., କାଲିମେଲା ୪୦.୦ ମି.ମି. ଓ ପଡ଼ିଆ ବ୍ଲକ୍‌ରେ ୧୪.୦ ମି.ମି. ବର୍ଷା ହୋଇଛି। ଏହି ବର୍ଷା ଯୋଗୁ ଜିଲାର ପୋଟେରୁ, ଏମ୍‌ଭି-୯୦,ଏମ୍‌ଭି-୯୬, କାଙ୍ଗୁରୁକୋଣ୍ଡା, କନ୍ୟାଶ୍ରମ, ପାଙ୍ଗାମ, ତାର୍ଲାକୋଟା ପ୍ରଭୃତି ଅଞ୍ଚଳର ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କାଙ୍ଗୁରୁକୋଣ୍ଡା ପୋଲରେ ଅତ୍ୟଧିକ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଓଡ଼ିଶା- ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଓଡ଼ିଶା- ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଗତ ସପ୍ତାହେ ତଳେ ଏମ୍‌ଭି-୯୬ ନଦୀରେ ୩ଫୁଟ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହୋଇଥିବା ବେଳେ ଶୁକ୍ରବାର ଏହି ନଦୀରେ ସମପରିମାଣର ବର୍ଷାଜଳ ପ୍ରବାହିତ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ପୋଟେରୁ ନଦୀ ଉପରେ ମଧ୍ୟ ୩ ଫୁଟ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଛି। ଯଦି ବର୍ଷା ରାତିତମାମ ଲାଗି ରହେ ତେବେ ଶନିବାର ସକାଳ ସୁଦ୍ଧା ଏହି ନଦୀଗୁଡିକରେ ଜଳସ୍ତର ବୃଦ୍ଧି ପାଇ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି। ନଦୀକୂଳିଆ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଲାଗି ପ୍ରଶାସନ ବ୍ୟବସ୍ଥା କରିଛି। ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍, ଅନ୍ୟ ସମସ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ସଜାଗ ରହିଛନ୍ତି। ସୂଚନାଯୋଗ୍ୟ, ମାଲକାନଗିରି ଜିଲାର ଏହି ନଦୀଗୁଡ଼ିକରେ ପ୍ରତିବର୍ଷ ପ୍ରବଳ ବର୍ଷା ଯୋଗୁ ନଦୀର ଜଳସ୍ତର ବୃଦ୍ଧି ପାଇ ନଦୀ ପୋଲ ଉପରେ ପ୍ରାୟ ୫ ଫୁଟରୁ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେଉଥିବା ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ନଦୀ ଉପରେ ଥିବା ପୋଲଗୁଡିକର ଉଚ୍ଚତା ବୃଦ୍ଧି ପାଇଁ ନୂତନ ପୋଲ ନିର୍ମାଣ ଲାଗି ଟେଣ୍ଡର କରିଥିଲେ ସୁଦ୍ଧା ୩ ବର୍ଷ ବିତିଲାଣି ପୋଲଗୁଡିକ ଅଧାପନ୍ତରିଆ ଭାବେ ପଡ଼ିରହିଛି। ତୁରନ୍ତ ଏହି ନିର୍ମାଣାଧୀନ ପୋଲ କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ହେଉଛି।

ଲଗାଣବର୍ଷା ଯୋଗୁ କାଲିମେଲା ବ୍ଲକ୍‌ରେ ସର୍ବାଧିକ ୪୦ମି.ମି. ବର୍ଷା ରେକର୍ଡ କରାଯାଇଛି।

### ଲଘୁଚାପଜନିତ ଲଗାଣବର୍ଷା

ଅତ୍ୟଧିକ ବର୍ଷା ଯୋଗୁ ମାଲକାନଗିରିରୁ ମୋଟୁକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ୪ଫୁଟ ବର୍ଷାପାଣି ପ୍ରବାହିତ ହେଉଛି। ପାଣିରେ ପୋଲ ବୁଡ଼ିଯାଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପୋଲର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଛି। ପୋଲ ପାରି ନ ହେବାକୁ କାଲିମେଲା ପୋଲିସ ଲୋକଙ୍କୁ ପରାମର୍ଶ ଦେଇଛି। ପ୍ରଶାସନ ପକ୍ଷରୁ ପୋଲର ଉଭୟ ପାର୍ଶ୍ୱରେ ଲାଲରଙ୍ଗର ଫିତା ଟଣାଯାଇ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଫଳରେ ଓଡ଼ିଶା- ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାଯାଇଛି। ସେହିପରି ଏମ୍‌ଭି- ୯୬ ପୋଲ ଉପରେ ମଧ ୨ରୁ ୩ ଫୁଟ ବର୍ଷାଜଳ ପ୍ରଭାବିତ ହେଉଥିବାରୁ ଲୋକମାନେ ଅଟକି ରହିଥିବା ଦେଖିବାକୁ ମିଳିଛି। କାଲିମେଲାରୁ ପଡିଆକୁ ସଂଯୋଗ କରୁଥିବା କନ୍ୟାଶ୍ରମ ପୋଲ ତଳେ ପାଣି ଚାଲିଛି। ବର୍ଷାକୁ ନଜରରେ ରଖି ପ୍ରଶାସନିକ ଅଧିକାରୀମାନେ ସଜାଗ ରହିଛନ୍ତି। ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ କାଙ୍ଗୁରୁକୋଣ୍ଡା ଗସ୍ତକରି ସ୍ଥିତି ଉପରେ ନଜର ରଖିଛନ୍ତି। ବିଡିଓ ପ୍ରଦୀପ କର ବୁଡ଼ିଯାଇଥିବା ପୋଲ ଅଞ୍ଚଳ ବୁଲି ଦେଖିଛନ୍ତି।

# ଆତ୍ମସମର୍ପଣ କରି ଜାମିନରେ ଯିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୯।୭(କାର୍ତ୍ତିକ ସାହୁ)

ଜଣେ କାର୍ଯ୍ୟରତ ମହିଳା ଖବରଦାତାଙ୍କ ଉପରକୁ କୁକୁର ଛାଡ଼ିବା ଘଟଣାରେ ଗିରଫଦାରି ଏଡାଇବାକୁ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ହାଇକୋର୍ଟରେ କରିଥିବା ଆଗୁଆ ଜାମିନର ଶୁଣାଣି ଶୁକ୍ରବାର ହୋଇଛି। ଆଗୁଆ ଜାମିନ ପ୍ରଦାନ କରିବାକୁ ହାଇକୋର୍ଟ ମନା କରିବା ସହ ତାଙ୍କୁ ପ୍ରଥମେ ଆତ୍ମ ସମର୍ପଣ କରିବାକୁ ଆଦେଶ ଦେଇଛନ୍ତି। ଆତ୍ମସମର୍ପଣ କରିବା ପରେ ସେ ନିମ୍ନ କୋର୍ଟରୁ ଜାମିନରେ ଯାଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଅପରପକ୍ଷରେ ନିମ୍ନ ଅଦାଲତ ଚାହିଁଲେ ଜାମିନ ପାଇଁ ସର୍ତ୍ତ ରଖିପାରିବେ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ମହିଳା ଖବରଦାତା ଜଣକ ଖବର ସଂଗ୍ରହ କରୁଥିବାବେଳେ ରଘୁନନ୍ଦନ ତାଙ୍କ ଉପରକୁ କୁକୁର ଛାଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ମହିଳା ଖବରଦାତା ଜଣକ ଏନେଇ କ୍ୟାପିଟାଲ୍ ଥାନାରେ ବିଜେଡି ନେତା ରଘୁନନ୍ଦନଙ୍କ ବିରୋଧରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ତେବେ ରଘୁନନ୍ଦନ ଏହି ମାମଲାରେ ଗିରଫଦାରି ଏଡାଇବାକୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ବିଜେଡି ନେତା ବବି ଦାସଙ୍କ ଆଲିସାନ୍ ଏମ୍‌ଏଲ୍‌ଏ କ୍ୱାର୍ଟର୍ସ ଭାଙ୍ଗିବା ଘଟଣାକୁ ନେଇ ମହିଳା ଖବରଦାତା ଜଣକ ଗତ ଜୁନ୍ ୨୫ରେ ଖବର ସଂଗ୍ରହ କରିବାକୁ ଯାଇଥିଲେ। ସେ ରଘୁନନ୍ଦନଙ୍କ ବାସଭବନ ପାର୍ଶ୍ୱରୁ ଖବର ସଂଗ୍ରହ କରୁଥିବାବେଳେ ରଘୁନନ୍ଦନ ତାଙ୍କ କୁକୁର ମହିଳା ଖବରଦାତାଙ୍କ ଉପରକୁ ଛାଡ଼ି ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଥାନାରେ ଏତଲା ରୁଜୁ ପରେ ବହୁ ସାମ୍ବାଦିକ ସଙ୍ଗଠନ ପକ୍ଷରୁ ଏହି ଘଟଣାର ନିନ୍ଦା କରାଯାଇଥିଲା। ରଘୁନନ୍ଦନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଦାବି କରାଯାଇଥିଲା।

### ମହିଳା ଖବରଦାତାଙ୍କ ଉପରକୁ ରଘୁନନ୍ଦନ କୁକୁର ଛାଡ଼ିବା ଘଟଣା

## ୨୨ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହେବ ନାହିଁ

ଭୁବନେଶ୍ୱର,୧୮।୭(ଅନିଲଦାସ)

ଆସନ୍ତା ୨୨ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହେବ ନାହିଁ। ସେହିଦିନ ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଛି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WE ARE HIRING!
Open Positions : (1 Year of Expertise)
▸ASP VB.Net ▸js node and mongodb
▸ASP C#.Net ▸Network Engineer
▸Web API ▸Desktop support Engineer
▸MVC Architecture ▸Server Engineer
▸php ci3.4
SEND YOUR CV TO
Email : ebusiness@netscore.co.in / stechnotools@gmail.com
CALL US : SANJAY SAHA
91-7908158491 / 91-8895011111

Engineer ଆବଶ୍ୟକ
କଟକ, ଭୁବନେଶ୍ୱର, ପୁରୀ ଓ ଜଗତସିଂହପୁରରେ (Well and Pile) ବ୍ରିଜ୍ କାର୍ଯ୍ୟ ପାଇଁ Experience/Fresher Civil Engineer, Supervisor, Estimation କାର୍ଯ୍ୟ ଜାଣିଥିବା Engineer ଓ Other Staff ଆବଶ୍ୟକ ।
ରହିବା, ଖାଇବା ସୁବିଧା ଉପଲବ୍ଧ
Whatsapp:8917676698

WANTED
Caretaker / Security Incharge needed for our Pattamundai and BBSR Building.
Contact: 9778855101/7003751404
BESCO DEVELOPERS PVT. LTD.

REQUIREMENT
Graduate & well behaved candidate required for a construction firm with good communication skill
Mob. : 8338905555
sitekhorda@gmail.com

IN THE COURT OF THE CIVIL JUDGE (SENIOR DIVISION) COMMERCIAL, COURT: CUTTACK
C.S. (III) No. - 128/2022
Union Bank of India, O.S.B.C. Branch, Cuttack ...Plaintiff
... Vers ...
M/s. Manoj Trading & Others ...Defendants
Notice U/o-5 Rule-20 (1-A) of CPC
1) M/s. Manoj Trading represented by it's proprietor Manoj Kumar Choudhury, Jhola Sahi, P.O.: Buxibazar, Dist.: Cuttack - 753001
2) Manoj Kumar Choudhury, aged about 43 years, S/o.: Shyam Sunder Choudhury, Jhola Sahi, P.O.: Buxibazar, Dist.: Cuttack - 753001
...Defendants
Whereas the plaintiff has instituted CS (III) No-128/2022 in the aforesaid Court for Rs.6,69,315/- only together with current and future interest, costs and for other reliefs against all of you. But you did not appear in the court despite summons issued from this Hon'ble Court.
Please take notice that the case is posted to 30.07.2024 at 10.30 A.M.
For your appearance and filling of ws, if you do not appear on the above date fixed, the case will be heard and disposed of ex-parte against you.
Given under hand and seal of this Court on this the 20th day of the month of May 2024.
Sd/-
Sr. Civil Judge
Commercial Court, Cuttack

# ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ ପ୍ରକାଶ

ଭୁବନେଶ୍ୱର,୧୯।୭(ଅସମାପିକା ସାହୁ)

ଯୁକ୍ତ ୨ ଇନଷ୍ଟାଣ୍ଟ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ପାସ ହାର ୬୩.୪୮% ରହିଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ୧,୪୦୫ ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୮୯୨ ଜଣ ପାସ୍ କରିଛନ୍ତି। କଳାରେ ପାସ୍ ହାର ସର୍ବାଧିକ ୮୮.୫୭% ଥିବାବେଳେ ବିଜ୍ଞାନରେ ସବୁଠାରୁ କମ୍ ୫୫.୨୯% ରହିଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ପରୀକ୍ଷା ଫଳ www.orissaresults.nic.in ୱେବସାଇଟରେ ଦେଖିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। କଳାରେ ପରୀକ୍ଷା ଦେଇଥିବା ୨୪୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୭ ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୦.୫୯% ଓ ଛାତ୍ରଙ୍କ ପାସ୍ ହାର ୮୬.୭୧% ରହିଛି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୨ଜଣ ପାସ୍ କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୬୬ ଓ ତୃତୀୟ ଶ୍ରେଣୀରେ ୧୨୯ଜଣ ପାସ୍ କରିଛନ୍ତି। ସେହିପରି ବିଜ୍ଞାନରେ ୧,୦୧୧ ଜଣ ପରୀକ୍ଷା ଦେଇଥିବା ବେଳେ ୫୫୯ ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ ହାର ୫୯.୫୩% ଓ ଛାତ୍ରଙ୍କ ପାସ ହାର ୫୦.୯୦% ରହିଛି। ପ୍ରଥମ ଶ୍ରେଣୀରେ ୭୯ଜଣ ପାସ୍ କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୩୨୨, ତୃତୀୟ ଶ୍ରେଣୀରେ ୧୫୭ ଏବଂ କମ୍ପାର୍ଟମେଣ୍ଟାଲରେ ଜଣେ ପାସ୍ କରିଛନ୍ତି। ଅନୁରୂପ ଭାବେ ବାଣିଜ୍ୟରେ ୧୩୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୮ ଜଣ ପାସ କରିଛନ୍ତି। ଛାତ୍ରୀଙ୍କ ପାସହାର ୭୮.୪୩% ଥିବାବେଳେ ଛାତ୍ରଙ୍କ ପାସ ହାର ୭୭.୨୭% ରହିଛି। ପ୍ରଥମ ଶ୍ରେଣୀରେ ୮ଜଣ ପାସ କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୨୭ ଓ ତୃତୀୟ ଶ୍ରେଣୀରେ ୭୩ ଜଣ ପାସ୍ କରିଛନ୍ତି। ସେହିପରି ଧନ୍ଦାମୂଳକ ପରୀକ୍ଷାରେ ୧୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ପାସ କରିଛନ୍ତି।

# ଆଜି ପ୍ରକାଶ ପାଇବ ଯୁକ୍ତ୨ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର,୧୯।୭(ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀରେ ନାମଲେଖା ପାଇଁ ଶନିବାର ପ୍ରଥମ ପର୍ଯ୍ୟାୟର ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ମନୋନୀତ ହୋଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମଲେଖା ସମ୍ପର୍କିତ ତଥ୍ୟ ହ୍ୱାଟ୍‌ସଆପ୍ କିମ୍ବା ଏସ୍‌ଏମ୍‌ଏସ୍ ମାଧ୍ୟମରେ ପାଇପାରିବେ। ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ମନୋନୀତ ଛାତ୍ରୀଛାତ୍ର ଆସନ୍ତା ୨୨ ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇବେ। ଅଗଷ୍ଟ ୫ରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ ଓ ମନୋନୀତ ଛାତ୍ରୀଛାତ୍ର ୭ ରୁ ୧୦ତାରିଖ ମଧ୍ୟରେ ନାମ ଲେଖାଇବେ। ଅଗଷ୍ଟ ୨୦ରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୨ ରୁ ୨୮ ମଧ୍ୟରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ତେବେ ଅଗଷ୍ଟ ୧ରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ୨,୩୪୩ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୫,୪୮,୩୧୩ ସିଟ ରହିଛି। ଚଳିତବର୍ଷ ଯୁକ୍ତ୨ ପ୍ରଥମବର୍ଷ ନାମଲେଖା ପାଇଁ ୪,୭୬,୦୭୪ ଜଣ ଛାତ୍ରୀଛାତ୍ର ଆବେଦନ କରିଛନ୍ତି।

## ଭୁବନରେ ହାତୀ ଆତଙ୍କ



ଭୁବନ,୧୯।୭(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ସହରର ଅରାସାହିରେ ଗୁରୁବାର ରାତିରେ ଏକ ହାତୀ ଆତଙ୍କ ଖେଳାଇଛି। ହାତୀଟି ଭୁବନ ଏନ୍‌ଏସି ଚିନ୍ତା ପୋଖରୀ ରାସ୍ତା ଦେଇ ଗ୍ରାମର ବିଭିନ୍ନ ସାହିରେ ବୁଲିବା ସହ ୬ ନମ୍ବର ୱାର୍ଡରେ ପଶି କିଛି ସ୍ଥାନରେ କାନ୍ଥ ଭାଙ୍ଗି ଦେଇଛି। ଏ ନେଇ ସ୍ଥାନୀୟ ଲୋକେ ବନବିଭାଗକୁ ସୂଚନା ଦେବା ସହ ହୋହାଲ୍ଲା କରିବାରୁ ସକାଳେ ହାତୀଟି ବାଜି ରାଉତ ସ୍ମୃତି କଲେଜରେ ଥିବା ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଳୁ ପତର କି ସାରୁ ପତର**
**ସେ କି ହୋଇବ ପାନ**
**ପଛରେ ଯାହାକୁ ଭାରିଯା କରିବ**
**ସେ କି ଜାଣିବ ମନ ?**

ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ଉଚିତ। ପଛ ସ୍ତ୍ରୀର ଆଭିମୁଖ୍ୟ ସେତେଟା ଗ୍ରହଣୀୟ ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖୁର ମଝି ଖଣ୍ଡି**
**ମାଛର ମଝି ଗଣ୍ଡି ।**

ଆଖୁର ମଝି ଅଂଶ ଖାଇବାକୁ ଭଲ ଲାଗିଥାଏ। ସେହିପରି ପେଟିମାଛରେ ଅଳ୍ପ କଣ୍ଟା ଥିବା ହେତୁ ଖାଇବାରେ ବିଶେଷ ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
ଏମ୍ ୧୪, ହାଉସିଂବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର - ୭୫୧୦୦୩
ଡିମାଣ୍ଡ ନୋଟିସ୍

ଆମର ଢେଙ୍କାନାଳ ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ମୁଖ୍ୟ ଶାଖାର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଢେଙ୍କାନାଳ ମୁଖ୍ୟ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ପ୍ରକାର/ ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ମନ୍ଦାକିନୀ ସାହୁ, ସ୍ୱାମୀ: ଭଗବତ ପରିଡ଼ା, ୨) ଶ୍ରୀ ଭଗବତ ପରିଡ଼ା, ପିତା: ଗଙ୍ଗାଧର ପରିଡ଼ା, ଉଭୟଙ୍କ ଠିକଣା ସା: ଆନନ୍ଦ ନଗର, କାଠଗଡ଼ ମେଡ଼ିକାଲ ଲେନ୍, ଢେଙ୍କାନାଳ, ପିନ୍ - ୭୫୯୦୦୧/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମମତା କୁମାରୀ ସାହୁ, ସ୍ୱାମୀ: ରମେଶ ଚନ୍ଦ୍ର ବେହେରା, ସା: ଅନନ୍ତ ବିହାର, ତାଳଚେର, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୦୦ | ୟୁନିୟନ୍ ଗୃହ / ଟ.୨୯,୯୦,୦୦୦/- | ୧୦.୦୬.୨୦୨୪/ ୨୯.୦୫.୨୦୨୪ ସୁଦ୍ଧା ଟ.୩୧,୨୮,୬୨୦.୬୬ +ସେବାବଦ ପରବର୍ତ୍ତୀ ସୁଧ | ଶ୍ରୀମତୀ ମନ୍ଦାକିନୀ ସାହୁ, ସ୍ୱାମୀ: ଭଗବତ ପରିଡ଼ାଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୮/୫୩୩, ଖାତା ନଂ.: ୧୦୪/୯୫୮, ମୌଜା: କାଠଗଡ଼, ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ସମୁଦାୟ କ୍ଷେତ୍ର: ଏକର୦.୧୦ ଡିସିମିଲି |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣମାନେ ଆପଣମାନଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣମାନେ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ମାସିକ ଚୁକ୍ତି ସୁଧ ହାରରେ ଲାଗୁ ହୋଇନଥିବା ସୁଧ / ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣମାନଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ୧) ଆପଣମାନେ ଯଦି ସମସ୍ତ ଦେୟ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରି କରିବା ଦ୍ୱାରା ଯଦି ଦେୟ ପରିଶୋଧ ହୋଇନପାରେ ତେବେ ଅବଶିଷ୍ଟ ରାଶି ଆଦାୟ ପାଇଁ ଆମେ ଆପଣମାନଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବାଠାରୁ ଆପଣମାନଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ୍ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ପ୍ରକାର ବ୍ୟତିକ୍ରମ କଲେ ଏହାର ପରିଣାମ ଭୟାବହ ହେବ। ୩) ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ତାରିଖ: ୧୯.୦୭.୨୦୨୪
ସ୍ଥାନ: ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

> ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି। -ଶ୍ରୀଅରବିନ୍ଦ

# ନାଇଡୁଙ୍କ ନୂଆ ବ୍ୟବସ୍ଥା



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ପଦବୀରେ ଦୃଢ଼ ରହିଛନ୍ତି। ପ୍ରଶାସନରୁ ଆରମ୍ଭକରି ସବୁ କ୍ଷେତ୍ରରେ ପରିବର୍ତ୍ତନ ହେବାକୁ ଯାଉଛି ବୋଲି ରାଜ୍ୟ ସରକାର ଏକ ବାର୍ତ୍ତା ଦେଉଛନ୍ତି। ଏହି ପରିବର୍ତ୍ତନ ଧାରାର ସଦ୍ୟତମ ପଦକ୍ଷେପ କ୍ରମେ ଆଇପିଏସ୍ ଅଧିକାରୀ ଏଲ୍. ସୁବାରାୟୁଡୁଙ୍କୁ ତେଲଙ୍ଗନାରୁ ଆନ୍ଧ୍ରପ୍ରଦେଶକୁ ୩ ବର୍ଷ ପାଇଁ ଡେପୁଟେଶନରେ ଅଣାଯାଇଛି। ତାଙ୍କୁ ତୁରନ୍ତ ତେଲଙ୍ଗାନାରୁ ରିଲିଭ୍ କରିବା ଲାଗି ଅନୁରୋଧ କରାଯାଇଛି । କିନ୍ତୁ ଏହା ଆରମ୍ଭ ମାତ୍ର। ଏକ ଗୁରୁତ୍ୱପୂର୍ଣ୍ଣ ଅଦଳବଦଳରେ ୧୯ ଜଣ ଆଇଏଏସ୍ ଅଧିକାରୀଙ୍କୁ ଆନ୍ଧ୍ରପ୍ରଦେଶ ମଧ୍ୟରେ ବଦଳି କରାଯାଇଛି। ମୁଖ୍ୟ ଶାସନ ସଚିବ ନୀରବ ପ୍ରସାଦ ଜାରି କରିଥିବା ଏ ସମ୍ପର୍କିତ ନିର୍ଦ୍ଦେଶଗୁଡ଼ିକ ପ୍ରଶାସନିକ ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନକୁ ସୂଚିତ କରୁଛି। ଉଲ୍ଲେଖନୀୟ ପରିବର୍ତ୍ତନ ଗୁଡ଼ିକ ମଧ୍ୟରେ ରହିଛି ଭିଜିଲାନ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟର ମହାନିର୍ଦ୍ଦେଶକ ଭାବେ ହରିଶ ଗୁପ୍ତାଙ୍କ ନିଯୁକ୍ତି। ଏହା ବ୍ୟତୀତ ଗୃହ ବିଭାଗର ପ୍ରମୁଖ ସଚିବ ଭାବେ କୁମାର ବିଶ୍ୱଜିତଙ୍କୁ ନିଯୁକ୍ତ କରାଯାଇଛି। ଏତିକିରେ ଅଦଳବଦଳ ଅଟକି ଯାଇନାହିଁ। ସ୍ୱତନ୍ତ୍ର ମୁଖ୍ୟ ସଚିବ( ବିସି ୱେଲ୍‌ଫେୟାର) ଜି. ଅନନ୍ତ ରାମୁଙ୍କୁ ପରିବେଶ, ଜଙ୍ଗଲ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗକୁ ସ୍ଥାନାନ୍ତର କରାଯାଇଛି, ଯାହା ଫଳରେ ମୁଖ୍ୟ ଶାସନ ସଚିବ ଅତିରିକ୍ତ ଦାୟିତ୍ୱରୁ ମୁକ୍ତି ପାଇଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶ ହ୍ୟୁମାନ ରିସୋର୍ସେସ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟର ମହା ନିର୍ଦ୍ଦେଶକ ରାମ ପ୍ରକାଶ ସିସୋଡିଆଙ୍କୁ ରାଜସ୍ୱ ବିଭାଗର ସ୍ୱତନ୍ତ୍ର ମୁଖ୍ୟ ସଚିବ(ଲାଣ୍ଡସ୍ ଆଣ୍ଡ ଡିଏମ୍, ରେଜିଷ୍ଟ୍ରେଶନ ଆଣ୍ଡ ଷ୍ଟାମ୍ପସ୍) ଦାୟିତ୍ୱ ଦିଆଯିବା ଦ୍ୱାରା ଅଜୟ ଜୈନ ତାଙ୍କ ଅତିରିକ୍ତ ଦାୟିତ୍ୱରୁ ମଧ୍ୟ ମୁକ୍ତ ହୋଇଛନ୍ତି। ଏହି ବାର୍ତ୍ତାରୁ ସ୍ପଷ୍ଟ ଯେ, ଏକ ପରିବର୍ତ୍ତନଶୀଳ ଅବଧି ତଥା ଶାସନର ନୂତନ ଆଭିମୁଖ୍ୟ ପାଇଁ ଦକ୍ଷତା ଓ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେଇ ନାଇଡୁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି।

### ଖେଡ୍‌କର ଅଧ୍ୟାୟ

୨୦୨୩ ବ୍ୟାଚ୍ ଆଇଏଏସ୍ ପ୍ରୋବେସନାରି ଅଫିସର ପୂଜା ଖେଡ୍‌କର ଜଟିଳ ସ୍ଥିତରେ ପଡ଼ିଛନ୍ତି। ୟୁପିଏସ୍‌ସି ପରୀକ୍ଷା ମାଧ୍ୟମରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରେ ନିଜ ସ୍ଥାନ ସୁରକ୍ଷିତ ରଖିବା ପାଇଁ ଏକ ନକଲି ଦୃଷ୍ଟିବାଧିତ ପ୍ରମାଣପତ୍ର ବ୍ୟବହାର କରିଥିବା ଅଭିଯୋଗକୁ ନେଇ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏହା ତାଙ୍କ ନିଯୁକ୍ତିର ବୈଧତା ଉପରେ ବଡ଼ ସନ୍ଦେହ ସୃଷ୍ଟିକରିଛି ଏବଂ ତାଙ୍କ ଆଇଏଏସ୍ ପଦବୀ ପ୍ରତ୍ୟାହାର ହେବାର ଅଧିକ ସମ୍ଭାବନା ରହିଛି । ୟୁପିଏସ୍‌ସି ଏବଂ ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ(ସିଏଟି)ର ବିରୋଧ ସତ୍ତ୍ୱେ ସେ କିପରି ଆଇଏଏସ୍ ପାଇବାରେ ସଫଳ ହେଲେ ସେ ନେଇ ପ୍ରଶ୍ନ ଉଠିଛି। କେହି ରାଜନୈତିକ ନେତା ତାଙ୍କ ନିଯୁକ୍ତିକୁ ପ୍ରଭାବିତ କରିଥିବା ବିଷୟରେ ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଉଛି। ସୂତ୍ରରୁ ଜଣାପଡ଼ିଛି ଯେ ପୂର୍ବ କେନ୍ଦ୍ର ସରକାରଙ୍କ ଜଣେ ମନ୍ତ୍ରୀ ଖେଡ୍‌କର ପରିବାରର ନିକଟତର ଏବଂ ପୂଜାଙ୍କ ମହାରାଷ୍ଟ୍ର କ୍ୟାଡର ଆଇଏଏସ୍ ପୋଷ୍ଟିଂରେ ତାଙ୍କର ହାତ ଥାଇପାରେ। ପ୍ରକୃତ ଘଟଣା ଜାଣିବା ପାଇଁ ଆମକୁ ଏକକ ସଦସ୍ୟବିଶିଷ୍ଟ କମିଟିର ତଦନ୍ତ ରିପୋର୍ଟକୁ ଅପେକ୍ଷା କରିବାକୁ ହେବ। ଏହି ଅଧ୍ୟାୟ ସୂଚିତକରେ ଯେ ୟୁପିଏସ୍‌ସି ପରୀକ୍ଷାରେ ମଧ୍ୟ ଅସାଧୁ ଉପାୟ ଅବଲମ୍ବନ କରାଯାଇପାରେ । ନିଟ୍ ପରୀକ୍ଷା ବିବାଦ ପରେ ଏହି ଘଟଣା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଖେଡ୍‌କରଙ୍କ ମାମଲା ସରକାରଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପରୀକ୍ଷା, ବିଶେଷକରି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଏହାର ତଦନ୍ତ ପ୍ରକ୍ରିୟାକୁ ପୁନଃ ଯାଞ୍ଚ କରିବା ଆବଶ୍ୟକ । ବର୍ତ୍ତମାନ ସରକାର ଏହା ପଛର ସତ୍ୟକୁ ସାମ୍ନାକୁ ଆଣି ୟୁପିଏସ୍‌ସିର ବିଶ୍ୱସନୀୟତା ଫେରାଇ ଆଣିବା ଦରକାର।

### ଜେଡି(ୟୁ) ପାଇଁ ନୂଆ ଆଶା

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପରାମର୍ଶଦାତା ମନୀଷ ବର୍ମା ନିକଟରେ ଔପଚାରିକ ଭାବେ ଜନତା ଦଳ(ୟୁ)ରେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ବର୍ମା ହେଉଛନ୍ତି ୨୦୦୦ ବ୍ୟାଚ୍‌ର। ସେ ନୀତୀଶ କୁମାରଙ୍କ ପରାମର୍ଶ କ୍ରମେ ୨୦୧୮ରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବା ପରଠାରୁ ତାଙ୍କ ବିଶ୍ୱସ୍ତ ଭାବେ କାମ କରୁଛନ୍ତି। ଜେଡି(ୟୁ)ରେ ବର୍ମା ଯୋଗଦେବାକୁ ନେଇ ଗୁଞ୍ଜରଣ ସୃଷ୍ଟି ହୋଇଛି ଏବଂ ଅନେକେ ଆକଳନ କରୁଛନ୍ତି ଯେ ତାଙ୍କୁ ଦଳର ଭବିଷ୍ୟତ ନେତା ପାଇଁ ପ୍ରସ୍ତୁତ କରାଯାଉଛି। ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାର୍ଟିର ସାଙ୍ଗଠନିକ କାର୍ଯ୍ୟକ୍ରମଗୁଡ଼ିକରେ ସେ ସକ୍ରିୟ ଭାବେ ଜଡ଼ିତ ରହିଆସିଛନ୍ତି। ବର୍ମା ଜେଡି(ୟୁ)ର କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ କୁମାର ଝା ଏବଂ ରାଜ୍ୟ ଜଳ ସଂସାଧନ ମନ୍ତ୍ରୀ ବିଜୟ କୁମାର ଚୌଧୁରୀଙ୍କ ଉପସ୍ଥିତିରେ ଔପଚାରିକ ଭାବେ ପାର୍ଟିରେ ଯୋଗଦେଇଥିଲେ। ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ଜେଡି(ୟୁ)ର ପ୍ରଚାର କାର୍ଯ୍ୟକ୍ରମରେ ବର୍ମା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଦଳ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୧୬ଟି ଲୋକ ସଭା ନିର୍ବାଚନମଣ୍ଡଳୀକୁ ସେ ଗସ୍ତ କରିଥିଲେ ଏବଂ ପ୍ରାର୍ଥୀମାନଙ୍କ ପାଇଁ ଉଲ୍ଲେଖନୀୟ ସଫଳତା ଆଣିପାରିଥିଲେ । ଫଳରେ ୧୨ଟି ଆସନରେ ଜେଡି(ୟୁ) ଜିତି ନରେନ୍ଦ୍ର ମୋଦିଙ୍କ ନେତୃତ୍ୱଧୀନ ଏନ୍‌ଡିଏ ସରକାରର ବଡ଼ ସହଯୋଗୀ ଭାବେ ନିଜର ସ୍ଥିତି ଦୃଢ଼ କରିଛି। ବର୍ମା ଅମଲାତନ୍ତ୍ରରୁ ଜଣେ ରାଜନେତା ହେବା ବିହାର ରାଜନୀତିରେ ଏକ ଆକର୍ଷଣୀୟ ଅଧ୍ୟାୟକୁ ସୂଚିତକରେ। ତେବେ ତାଙ୍କ ପ୍ରଭାବ ଜେଡି(ୟୁ)ର ଭବିଷ୍ୟତକୁ କିପରି ପ୍ରଭାବିତ କରିବ ତାହା ହିଁ ସବୁଠୁ ବଡ଼ ପ୍ରଶ୍ନ।

Email: dilipcherian@gmail.com

# ବିକାଶର ସମ୍ଭାବ୍ୟ ପଦକ୍ଷେପ



**ଡ. ପ୍ରମୋଦ କୁମାର ପଣ୍ଡା**

ଓଡ଼ିଶା ୧୫.୫ ନିୟୁତ ହେକ୍ଟର କ୍ଷେତ୍ରଫଳ ସହ ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ। ଭାରତରେ ବାର୍ଷିକ ହାରାହାରି ୧୨୦୦ ମି.ମି. ବୃଷ୍ଟିପାତ ହେଉଥିବା ବେଳେ ଓଡ଼ିଶାରେ ଏହା ୧୫୦୦ ମି.ମି.। ସମଗ୍ର ଦେଶରେ ୧୫ କୃଷି ଜଳବାୟୁ ମଣ୍ଡଳ ଥିବାବେଳେ ଆମ ପାଖରେ ମଧ୍ୟ ୧୦ ମଣ୍ଡଳ ଅଛି। ସମଗ୍ର ଦେଶରେ ୮ ପ୍ରକାର ମୃତ୍ତିକା ଥିବା ସ୍ଥଳେ ଓଡ଼ିଶାରେ ମଧ୍ୟ ୮ ପ୍ରକାର ମୃତ୍ତିକା ଅଛି। ଓଡ଼ିଶାର ଜଳବାୟୁ ଓ ଭୂମିରୂପ ବିବିଧତା ଆମକୁ ବର୍ଷ ସାରା ବିଭିନ୍ନ ପ୍ରକାର ଫସଲ ଉତ୍ପାଦନ ପାଇଁ ସୁଯୋଗ ଦେଇଛି। ଖଣିଜ ପଦାର୍ଥରେ ସମୃଦ୍ଧ ଓଡ଼ିଶାରେ ସମଗ୍ର ଦେଶର ଲୁହାପଥରର ଶତକଡ଼ା ୨୮ଭାଗ, କୋଇଲାର ଶତକଡ଼ା ୨୪ ଭାଗ, ବକ୍ସାଇଟ (ଆଲୁମିନିୟମ)ର ଶତକଡ଼ା ୫୯ଭାଗ ଓ କ୍ରୋମାଇଟର ୯୮ ଭାଗ ମହଜୁଦ ଅଛି। ତା' ଛଡ଼ା ଅନ୍ୟାନ୍ୟ ଖଣିଜ ପଦାର୍ଥ ମଧ୍ୟ ଅଳ୍ପ ବହୁତେ ଅଛି। ଆମ ପାଖରେ ୪୮୫ କି.ମି. ଲମ୍ବ ସୁଦୀର୍ଘ ସମୁଦ୍ର କୂଳ ମଧ୍ୟ ଉପଲବ୍ଧ। ବିଭିନ୍ନ ପ୍ରକାର କାର୍ଯ୍ୟ କରିବା ପାଇଁ ୬୨ ପ୍ରକାର ସଚ୍ଚୋଟ ଓ ପରିଶ୍ରମୀ ଆଦିବାସୀ ସମ୍ପ୍ରଦାୟ ମଧ୍ୟ ଅଛନ୍ତି। ଇତିହାସ କହେ, ବିଶ୍ୱ ବିଖ୍ୟାତ ହିଟ୍‌ଲର ଓଡ଼ିଶାର ସମ୍ପଦରେ ଅଭିଭୂତ ହୋଇଯାଇଥିଲେ ଓ ଅଧିକାର କରିପାରିଲେ ସମଗ୍ର ବିଶ୍ୱକୁ ସେ ଜୟ କରିପାରିବେ ବୋଲି ସ୍ୱପ୍ନ ମଧ୍ୟ ଦେଖିଥିଲେ। ସେଥିପାଇଁ ବୋଧହୁଏ ବିଖ୍ୟାତ କବି ମାୟାଧର ମାନସିଂହଙ୍କ କଲମ ଲେଖି ଉଠିଥିଲା- ହାୟରେ ଉତ୍କଳ ଭୂମି ପ୍ରକୃତି ସୁନ୍ଦର , ମନ୍ଦାକିନୀ ସମ ନଦୀ, ଶିବ ସମ ଗିରି, କାନନେ କେଦାର ଭରା ଶୋଭାର ବହର , ଥାଉ ତୋର କହ କିମ୍ପା ଏତେ ହତଶିରି। ଚିନ୍ତାକଲେ ବଡ଼ ଦୁଃଖ ଲାଗେ। ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ ମୁଣ୍ଡ ପିଛା ବାର୍ଷିକ ରୋଜଗାରରେ ୨୨ତମ ସ୍ଥାନରେ। ଏହାର ପ୍ରଥମ ଓ ପ୍ରଧାନ କାରଣ ହେଲା ଆମେ ଭଲ ଯୋଜନା ପ୍ରସ୍ତୁତକରି ତାକୁ ଠିକ୍ ଭାବେ କ୍ରିୟାନ୍ୱୟନ କରିପାରି ନାହାନ୍ତି। ଆସନ୍ତୁ, ବିଚାରକରିବା ବିକଶିତ ଓଡ଼ିଶା ପାଇଁ କେଉଁ କେଉଁ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ।

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଓ ରାଜ୍ୟର ପାଖାପାଖି ୭୦ ଭାଗ ଲୋକ କୃଷିରେ ଜୀବିକା ନିର୍ବାହ କରନ୍ତି। ମାତ୍ର ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶାର କୃଷିଜମିକୁ ଜଳସେଚନର ହାର ମାତ୍ର ଶତକଡ଼ା ୩୦ ଭାଗ। ଆମକୁ ଏଥିରେ ପୁଞ୍ଜିନିବେଶ କରିବାକୁ ପଡ଼ିବ ଓ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଜଳସେଚନ ପ୍ରକଳ୍ପ ସାରି ଅତିକମ୍‌ରେ ଶତକଡ଼ା ୫୦ ଭାଗ ଜମିକୁ ଜଳସେଚନ ସୁବିଧା ଯୋଗାଇଦେବାକୁ ହେବ। ଯୁଦ୍ଧକାଳୀନ ଭିତ୍ତିରେ ପ୍ରଥମ ପର୍ଯ୍ୟାୟରେ ସବୁ ଜିଲାରେ ଚଳମାନ ଶୀତଳ ଭଣ୍ଡାର ନିର୍ମାଣ ସହ ପରବର୍ତ୍ତୀ ସମୟରେ ଏହାକୁ ସବୁ ବ୍ଲକ୍‌କୁ ସମ୍ପ୍ରସାରଣ କରିବାକୁ ହେବ। ପଡ଼ୋଶୀ ରାଜ୍ୟ ସମସ୍ତେ ସଫଳତାର ସହ ଶୀତଳ ଭଣ୍ଡାର ପରିଚାଳନା କରୁଛନ୍ତି। ଏହା ଆଦୌ ଅସମ୍ଭବ ବ୍ୟାପାର ନୁହେଁ। ଚାଷୀମାନଙ୍କୁ ପ୍ରୋତ୍ସାହିତକରି ବିଭିନ୍ନ ପ୍ରକାର କୃଷିଜାତ ପଦାର୍ଥକୁ କିପରି ଓଡ଼ିଶା ବାହାରକୁ ରପ୍ତାନି କରାଯାଇପାରିବ ସେ ବିଷୟରେ ମଧ୍ୟ କାର୍ଯ୍ୟ କରିବାକୁ ହେବ।



ପ୍ରତି ସ୍କୁଲରେ ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତି କରିବା ଓ ଶିକ୍ଷକମାନଙ୍କୁ ପାଠ ପଢ଼ା ପାଇଁ ଉତ୍ତରଦାୟୀ କରିବା ଆମର ପ୍ରାଥମିକତା ହେବା ଆବଶ୍ୟକ। ସ୍କୁଲର ପାଠପଢ଼ା ଗୁଣବତ୍ତା ନିୟମିତ ପରୀକ୍ଷା ପାଇଁ ପୂର୍ବରୁ ପ୍ରଚଳିତ ଥିବା ସ୍କୁଲ ଇନ୍ସପେକ୍ଟର ଭଳି ବ୍ୟବସ୍ଥା ହେବା ବାଞ୍ଛନୀୟ। କଲେଜ ଓ ବିଶ୍ୱବିଦ୍ୟାଳୟରେ ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତିକରି ଶିକ୍ଷାଦାନ ଗୁଣବତ୍ତା ବୃଦ୍ଧି କରିବାକୁ ହେବ। ଶିକ୍ଷାର ଗୁଣାତ୍ମକ ହ୍ରାସ ଯୋଗୁ ପ୍ରତିବର୍ଷ ଆମ ରାଜ୍ୟର ଛାତ୍ରୀଛାତ୍ର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷାରେ ଅଧିକ ସଂଖ୍ୟାରେ କୃତକାର୍ଯ୍ୟ ହୋଇପାରୁନାହାନ୍ତି। ଶିକ୍ଷକ ସମାଜକୁ ଏ ଗୁରୁଦାୟିତ୍ୱକୁ କାନ୍ଧରେ ଉଠାଇବାକୁ ହେବ।

ପ୍ରତିବର୍ଷ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରି ବିଭିନ୍ନ ଭିତ୍ତିଭୂମି ନିର୍ମାଣ କରୁଛନ୍ତି। ମାତ୍ର ଇଂରେଜମାନଙ୍କ ଦ୍ୱାରା ନିର୍ମିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୋଠା ଶତାୟୁରେ ଅତୁଟ ରହିଥିବା ବେଳେ ଆମର ନିର୍ମାଣ ୨୦-୨୫ ବର୍ଷ ବି ଚାଲିବା କିମ୍ବା ରାସ୍ତାଟି ଗୋଟିଏ ଋତୁରେ ନଷ୍ଟ ହୋଇଯିବା ଏକ ଗମ୍ଭୀର ବିଷୟ। ପିସି ଅଂଶକୁ ନିର୍ମୂଳକରି କିପରି ଭିତ୍ତିଭୂମିର ସ୍ଥାୟିତ୍ୱ ଗ୍ୟାରେଣ୍ଟି ନିର୍ମାତାଙ୍କଠୁ ନିଆଯିବ, ସେ ବିଷୟରେ କାର୍ଯ୍ୟ କରିବାକୁ ହେବ। ନ ହେଲେ ପ୍ରତିବର୍ଷ ରାଜକୋଷରୁ କୋଟି କୋଟି ଟଙ୍କା ଅପଚୟ ହେବା ସ୍ୱାଭାବିକ।

ଓଡ଼ିଆ ଭାଷାର ବିପୁଳ ପ୍ରଚାରପ୍ରସାର ପାଇଁ ନୂତନ ପିଢ଼ି ହେଉଛନ୍ତି ଉପଯୁକ୍ତ ସୈନିକ। ଅତୀତରେ ଏହି ଓଡ଼ିଆ ମାଟି ଚାଳ ବିଦ୍ୟାଳୟ ସମଗ୍ର ଦେଶରେ ଉତ୍କର୍ଷ ଲାଭ କରିଥିବା ବ୍ୟକ୍ତିଙ୍କୁ ସୃଷ୍ଟି କରିଛି। ଏବେ ମଧ୍ୟ କରିପାରିବ। ଓଡ଼ିଆ ସ୍କୁଲ, ଫେଲ୍ କଲା ବୋଲି ଆଦର୍ଶ ସ୍କୁଲ ଆଣିବା ଓ ସେ ଫେଲ୍ କଲେ ପୁନଶ୍ଚ ଏକ ନୂଆ ସର୍ବଦା ଆଦର୍ଶ ସ୍କୁଲ ବସାଇବାର କିଛି ଅର୍ଥ ନ ଥାଏ। ପ୍ରଥମ ପର୍ଯ୍ୟାୟରେ ସବୁ ଜିଲା ସ୍କୁଲ ଓ ତା' ପରେ ସବୁ ବ୍ଲକ୍ ହାଇସ୍କୁଲକୁ ଆବଶ୍ୟକ ଶିକ୍ଷକ ଦିଆଯିବା ଉଚିତ। ତା' ସହ ଆର୍ଟ, ସଙ୍ଗୀତ, ନୃତ୍ୟ, ଇଂରାଜୀ, ହିନ୍ଦୀ, ବ୍ୟାୟାମ, ଖେଳ ଶିକ୍ଷକ ଯୋଗାଇଦେବା ଆବଶ୍ୟକ। ପାଠପଢ଼ା ସହ ଏକ୍ସଟ୍ରା କରିକୁଲାର କାର୍ଯ୍ୟକ୍ରମ ନିୟମିତକରି ପିଲାଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଚେଷ୍ଟା ହେବା ଉଚିତ।

ଓଡ଼ିଶାରେ ନକଲି ଔଷଧ ଯେପରି ନ ପଶିବ, କଠୋର ପଦକ୍ଷେପ ନେବାକୁ ହେବ। ସବୁ ଜିଲା ମୁଖ୍ୟାଳୟ ଡାକ୍ତରଖାନା ଓ ବ୍ଲକ୍ ଡାକ୍ତରଖାନାରେ ଅଧିକ ପୁଞ୍ଜି ନିବେଶକରି ଭିତ୍ତିଭୂମିର ବିକାଶ ଓ ଡାକ୍ତର ନିଯୁକ୍ତିକୁ ପ୍ରାଧାନ୍ୟ ଦେବାକୁ ହେବ। ଏହାଦ୍ୱାରା ଗାଁଗଣ୍ଡାର ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବେ ନାହିଁ। ଓଡ଼ିଶାର ଦୀର୍ଘ ୪୮୫ କି.ମି. ସମୁଦ୍ରକୂଳରେ ମାତ୍ର ୪ ଟି ସମୁଦ୍ରକୂଳ ପର୍ଯ୍ୟଟନ ସ୍ଥଳୀ (ପୁରୀ, କୋଣାର୍କ, ଗୋପାଳପୁର, ଚାନ୍ଦିପୁର) ଆଦୌ ଗ୍ରହଣୀୟ ନୁହେଁ। ଆମେ ଆହୁରି ୧୫-୨୦ଟି ଆକର୍ଷଣୀୟ ବେଳାଭୂମି ବିକାଶ କରିପାରିବା। ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ବହୁତ ଜରୁରୀ। ଆମର ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଅଧିକ ପୁଞ୍ଜିନିବେଶକରି ସବୁଦିନିଆ ପର୍ଯ୍ୟଟନରେ ପରିଣତ କରିପାରିଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେବ ଓ ରୋଜଗାର ବଢ଼ିବ।

ଓଡ଼ିଶାରେ ଖଣିଜ ଧାତୁ ଆଧାରିତ ଶିଳ୍ପ ବସାଇବାକୁ ପଡ଼ିବ। ଏହାଦ୍ୱାରା ଯୁବାଙ୍କୁ ନିଯୁକ୍ତି ଦେବାରେ ଆମେ ସକ୍ଷମ ହେବା। ଆମେ କିଛି କାରଖାନା ବସାଇଛନ୍ତି, ଆହୁରି ବସାଇବାକୁ ହେବ। ଆମ ପାଖରେ ବସ୍ତ୍ର, କାଠ କାମ, ପଥର କାମ, ଶିଙ୍ଗ କାମ, ତାଳପତ୍ର କାମ, କଂସାବାସନ କାମ, ସବାଇ ଘାସ କାମ, ରୁପା ସୁନା ତାରକସି କାମ, କାଇଁଚ ତାଲା ପ୍ରଭୃତି ଅନେକ ହସ୍ତକାର୍ଯ୍ୟ ଅଛି। ମାତ୍ର ଆମେ ସେ ସବୁ ରପ୍ତାନିକରି ଅଧିକ ଲାଭ ଓ ରୋଜଗାର ସୃଷ୍ଟି କରିନାହୁଁ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ଖର୍ଚ୍ଚ କମ୍ ଓ ରୋଜଗାର ଅଧିକ ମିଳିଥାଏ। ତେଣୁ ଆମକୁ ଏହି କ୍ଷେତ୍ର ପାଇଁ ଅଧିକ ପୁଞ୍ଜି ବିନିଯୋଗ କରିବାକୁ ପଡ଼ିବ। ଆସନ୍ତୁ, ସମସ୍ତେ ଓଡ଼ିଆ ଅସ୍ମିତାକୁ କେବଳ ଭାଷାରେ ସୀମିତ ନ ରଖି ବିକଶିତ ଓଡ଼ିଶାରେ ଓଡ଼ିଆ ଅସ୍ମିତାକୁ ଦେଖିବା ଓ ଅନ୍ୟକୁ ଦେଖାଇବା ପାଇଁ ଚେଷ୍ଟା କରିବା।

**ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର**
**ମୋ: ୮୯୧୭୪୨୬୪୪୦**

# ଆମ ସଂସ୍କାର, ଆମ ହାତରେ



**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ଦୈନନ୍ଦିନ ଜୀବନରେ ଆମେ କରୁଥିବା କିଛି କାର୍ଯ୍ୟ ପଛରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଓ ମହତ୍ତ୍ୱ ରହିଥାଏ, ଯଦି ଓ ଆମେ ସେ ବିଷୟରେ ଅଜ୍ଞ ବା କହିପାରିବା ଆମେ ସେହି ଦୃଷ୍ଟିରେ କାର୍ଯ୍ୟଗୁଡ଼ିକୁ ଦେଖିନାହୁଁ, ସେଥିପାଇଁ ଆମର ସେ ବିଷୟରେ ଧାରଣା ନାହିଁ। ଠାକୁରଙ୍କ ପୂଜାପାଠ ବିଧି ପଛରେ ମଧ୍ୟ ଏଭଳି କିଛି ମହତ୍ ଉଦ୍ଦେଶ୍ୟ ରହିଛି, ଯାହା ବିଷୟରେ ଅବତାରଣା ଆଜିର ପ୍ରସଙ୍ଗ। ମାତ୍ର ଆଲୋଚନା କରିବାର ଅଭିପ୍ରାୟ ଏହା ଯେ, ଆମେ ସେହି ସଂସ୍କାରଗୁଡ଼ିକୁ ଠିକ୍‌ରେ ପାଳନ କରୁଛେ କି ? ଯାହାକୁ କାଳ କାଳ ଧରି ଆମ ପୂର୍ବପୁରୁଷଙ୍କଠାରୁ ଆମେ ଶିକ୍ଷାକରି ଆସିଛେ, ତାହା କ୍ରମେ ବିକୃତ ହେବାରେ ଲାଗିଛି।

ଠାକୁର ପୂଜା ପାଇଁ ଫୁଲ କଥା ଧରି ନିଆଯାଉ, ପୂର୍ବେ ସମସ୍ତେ ନିଜ ଘର ଅଗଣା ବା ବାଡ଼ିରେ ଫୁଲଗଛ ଲଗାଉଥିଲେ, ତା'ର ଯତ୍ନ ନେଇ ସେଇଠୁ ବାହାରୁଥିବା ଫୁଲରେ ପୂଜା କରୁଥିଲେ। ଏହା ପଛର ଗୂଢ଼ତତ୍ତ୍ୱ ହେଲା ପ୍ରତ୍ୟେକେ ପ୍ରକୃତିର ଉପାସକ ହେବେ, ବୃକ୍ଷରୋପଣ କରି ପରିବେଶ ସୁରକ୍ଷାରେ ସହାୟକ ହେବେ। ମାତ୍ର ଏବେ ଲୋକମାନେ ଫୁଲ କିଣି କିମ୍ବା ଅନ୍ୟ ବାଡିରୁ ଚୋରି କରି ସେହି ଫୁଲକୁ ବଡ଼ ବାହାଦୁରି ସହ ନେଇ ଠାକୁରଙ୍କୁ ଅର୍ପଣ କରୁଛନ୍ତି। ନିଜ ଘରେ ଗଛଟିଏ ଲଗେଇବା ତ ଦୂର, ବଡ଼ି ସକାଳୁ ଉଠି ଘର ଘର ବୁଲି କିମ୍ବା ପ୍ରାତଃଭ୍ରମଣ ସମୟରେ ପାର୍କ ବା ରାସ୍ତାର ଉଭୟ ପାର୍ଶ୍ୱରେ ଲାଗିଥିବା ଗଛରୁ ଫୁଲ ତୋଳିବା ଭଳି ସୁବିଧାଜନକ କାମ କରୁଛନ୍ତି। ଚୋରିଫୁଲ ଦେଇ କେତେ ଯେ ଆଶୀର୍ବାଦ ମିଳୁଥିବ, ତାହା ଭଗବାନ୍‌ଙ୍କୁ ହିଁ ଜଣା !

ଭାରତୀୟ ସଂସ୍କୃତିରେ ଭଗବାନ୍‌ଙ୍କୁ, ବୟୋଜ୍ୟେଷ୍ଠଙ୍କୁ ଏବଂ ଅତିଥି ଅଭ୍ୟାଗତ ଆସିଲେ ଦୁଇହାତ ଯୋଡ଼ି ପ୍ରଣାମ କରିବା କିମ୍ବା ଆଣ୍ଠୁମାଡ଼ି ମୁଣ୍ଡିଆ ମାରିବାର ପ୍ରଥା ପ୍ରଚଳିତ। ଦୁଇ ହାତକୁ ଯୋଡିବା ଦ୍ୱାରା ଦୁଇ ପାପୁଲି ଓ ଆଙ୍ଗୁଠିର ସ୍ପର୍ଶ କାନ୍ଧର ମଧ୍ୟଭାଗକୁ ଖୋଲିବାରେ ସାହାଯ୍ୟ କରେ। ଆଙ୍ଗୁଠିର ଶିରାଗୁଡ଼ିକ ସକ୍ରିୟ ହେଲେ ହାତ, କାନ୍ଧ, ଆଣ୍ଠୁର ମାଂସପେଶୀକୁ ଶକ୍ତ କରେ ଏବଂ ଶରୀରରୁ ଚାପ ଦୂର କରେ। ସେହିପରି ମୁଣ୍ଡିଆ ବା ସାଷ୍ଟାଙ୍ଗ ପ୍ରଣାମ କରିବା ଦ୍ୱାରା ଶରୀରର ସବୁ ଗଣ୍ଠି ସମ୍ପ୍ରସାରଣ ହୋଇ ପୀଡ଼ା ଦୂର ହୁଏ। ଉଭୟ ମୁଦ୍ରା ବ୍ୟକ୍ତିକୁ ଶାନ୍ତି, ଶକ୍ତି, ବୁଦ୍ଧି, ଜ୍ଞାନ ଓ ପ୍ରସିଦ୍ଧି ବୃଦ୍ଧି କରିବାରେ ସହାୟକ ହୁଏ। ଏହା ବ୍ୟତୀତ ନମସ୍କାର ବା ପ୍ରଣାମ କରିଥିବା ବ୍ୟକ୍ତିଙ୍କୁ ଗୁରୁଜନଙ୍କଠାରୁ ଆୟୁଷ୍ମାନ ଓ ସୌଭାଗ୍ୟବାନ ହେବାର ଆଶୀର୍ବାଦ ମଧ୍ୟ ଲାଭ ହୁଏ। ତେଣୁ ଏସବୁ ପ୍ରତ୍ୟହ କରୁଥିବା ବ୍ୟକ୍ତିର ଲାଭ ହେବା ନିଶ୍ଚିତ! ମାତ୍ର ଏବେ ନମସ୍କାର କରିବା, ମୁଣ୍ଡିଆ ମାରିବା ପାଇଁ ଲୋକଙ୍କୁ ଲାଜ ଲାଗୁଛି। ପାଟିରେ 'ହାଏ','ହାଲୋ' 'ସୁପ୍ରଭାତ', 'ଶୁଭରାତ୍ରି' ଭଳି ସୌଜନ୍ୟମୂଳକ ଅଭିବାଦନରେ ପରସ୍ପର ପ୍ରତି ଆନ୍ତରିକତା ଓ ସମ୍ମାନ ତ ବଢୁନାହିଁ ବରଂ କମି କମି ଯାଉଛି।

ବାହାରୁ ଫେରିଲେ ଗୋଡ଼ହାତ ଧୋଇ ଘରକୁ ପ୍ରବେଶ କରିବା କଥାଟି ସମସ୍ତେ ଜାଣିଥିବେ,ଏହା ବାହ୍ୟ ସଂକ୍ରମଣ ଓ ରୋଗରୁ ସୁରକ୍ଷା ପାଇଁ କରାଯାଏ। ସେହିପରି ପିଲାମାନଙ୍କୁ ସନ୍ଧ୍ୟା ଧୂପ ଦେବା ପୂର୍ବରୁ ହାତ, ଗୋଡ଼, ମୁହଁ ଭଲଭାବରେ ଧୋଇ ପ୍ରାର୍ଥନା କରିବା ଶିକ୍ଷା ଦେବା ଦ୍ୱାରା ସେମାନଙ୍କ ମଧ୍ୟରେ ଏକାଗ୍ରତା ଏବଂ ଶୃଙ୍ଖଳା ବଢ଼ିଥାଏ, ଯାହା ସେମାନଙ୍କୁ ସ୍ଥିର ହୋଇ ଧ୍ୟାନର ସହ ଅଧ୍ୟୟନ କରିବାରେ ସହାୟକ ହୁଏ। ଯେ କୌଣସି ପୂଜା କରିବା ପୂର୍ବରୁ ଶୁଦ୍ଧ ବସ୍ତ୍ର ପରିଧାନ କରିବା ପଛର ଉଦ୍ଦେଶ୍ୟ ହେଉଛି ନିଜେ ସଫାସୁତରା ରହିଲେ ମନ ଓ ଶରୀର ଶାନ୍ତ ଏବଂ ସୁସ୍ଥ ରହିବ। ଯାହା ଦ୍ୱାରା ଏକ ସକାରାତ୍ମକ ଉର୍ଜା ବ୍ୟକ୍ତି ନିଜ ଭିତରେ ଅନୁଭବ କରେ ଏବଂ ପରବର୍ତ୍ତୀ ସମୟରେ ତାହା ଶାନ୍ତି ଓ ସନ୍ତୋଷ ପ୍ରଦାନ କରେ। ହେଲେ ଏହାକୁ ଅନ୍ଧବିଶ୍ୱାସ ଓ ଅନଗ୍ରସରତା କହି ଅନେକେ ଅଣଦେଖା କରନ୍ତି। ସୁସ୍ଥ ମନ ସହ ଶରୀରର ସୁସ୍ଥତାର ନିବିଡ଼ ସମ୍ପର୍କ ରହିଛି ଏହା ଯେତେ ଶୀଘ୍ର ମାନିନେଲେ, ସେତେ ଭଲ ! ଗରିବ ଓ ଭିକାରିମାନଙ୍କୁ ଦାନ ଦେଇ ପୁଣ୍ୟ ଅର୍ଜନ କରିବା ପଛର ମହତ୍ ଉଦ୍ଦେଶ୍ୟ ହେଉଛି ମାନବ ଭିତରେ ଅସୁବିଧାରେ ଥିବା ଲୋକଙ୍କ ପାଇଁ ଦୟା, ସହାନୁଭୂତିର ଭାବ ଜାଗ୍ରତ କରେଇବା। ଅନ୍ୟର ଦୁଃଖରେ ଦୁଃଖୀ ହେବା, ନିଜେ ପାଇଥିବା ସୁଖ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦେବା।



ଏବେ ପୂଜା ସମୟରେ ବ୍ୟବହାର କରାଯାଉଥିବା ପଞ୍ଚାମୃତକୁ ବିଚାରକୁ ନିଆଯାଉ। ପଞ୍ଚାମୃତ ଗୁଡ଼/ ଚିନି, ମହୁ, ଘିଅ, କ୍ଷୀର ଓ ଦହିକୁ ନେଇ ପ୍ରସ୍ତୁତ କରାଯାଏ ଏବଂ ଭଗବାନଙ୍କ ପାଖରେ ଭୋଗ ଲାଗିବା ପରେ ଭକ୍ତଗଣ ଏହାକୁ ସେବନ କରନ୍ତି। ଏଥିରେ ବ୍ୟବହୃତ ପାଞ୍ଚୋଟି ସାମଗ୍ରୀରେ କ୍ୟାଲସିୟମର ମାତ୍ରା ଭରପୂର ରହିଥାଏ, ତେଣୁ ଏହାକୁ ପ୍ରତ୍ୟହ ସେବନ କରୁଥିବା ଲୋକଙ୍କର କ୍ୟାଲସିୟମରେ ଅଭାବ ରହେ ନାହିଁ। ପାଞ୍ଚୋଟି ସାମଗ୍ରୀର ସମାହାର ହୋଇଥିବାରୁ ଏହାକୁ ସେବନ କରିବା ମାତ୍ରେ ଅଳ୍ପ ସମୟ ଭିତରେ ଅଧିକ ଶକ୍ତି ମିଳେ। ଏଥିରେ ତୁଳସୀ ପତ୍ର ପକାଇ ସେବନ କଲେ କୌଣସି ପ୍ରକାରର ରୋଗ ହୁଏ ନାହିଁ। ନିତି ପଞ୍ଚାମୃତର ସେବନ ସଂକ୍ରାମକ ରୋଗରୁ ଦୂର କରି ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ହେଲେ ଆଜିକାଲି ପଞ୍ଚାମୃତକୁ ଈଶ୍ୱରଙ୍କ ଆଶୀର୍ବାଦ ଓ ଶରୀର ପକ୍ଷେ ହିତକାରୀ ବୋଲି କେତେଜଣ ଭାବନ୍ତି ?

ମନ୍ଦିରରେ କିମ୍ବା ଘରେ ପ୍ରଦୀପ ପ୍ରଜ୍ୱଳନ, ଶଙ୍ଖ ଫୁଙ୍କିବା, ଘଣ୍ଟଘଣ୍ଟି ବଜେଇବା, ଠାକୁରଙ୍କ ସେବା କରିବା, ଗରିବ ଓ ଭିକାରିମାନଙ୍କୁ ଦାନ ଦେବା, ପବିତ୍ର ବୃକ୍ଷ ଏବଂ ଗଛ ଉପରେ ପାଣି ଢାଳିବା ଆଦି ପ୍ରତି କାର୍ଯ୍ୟ ପଛରେ ମାନବର ହିତ ସାଧନକାରୀ ଉଦ୍ଦେଶ୍ୟ ରହିଛି, ଆବଶ୍ୟକତା ଅଛି ବିଶ୍ୱାସର ସହ ଏସବୁକୁ ପାଳନ କରିବାରେ ; ଏବଂ ଏହାର ଶିକ୍ଷା ବଡ଼ମାନେ ସାନମାନଙ୍କୁ ଦିଅନ୍ତି। ଆମ ଭାରତୀୟ ଓ ଉତ୍କଳୀୟ ସଂସ୍କୃତିର ଭିନ୍ନ ଭିନ୍ନ ସଂସ୍କାର ପିଲାଙ୍କ ଭିତରେ ରୋପଣ କରିବାର ସବୁଠାରୁ ସହଜ ଉପାୟ ହେଉଛି ଗୃହ ଭିତରେ ଦୈନନ୍ଦିନ ଜୀବନରେ ସେଗୁଡ଼ିକୁ ପାଳନ କରିବା, ଯାହା ସେମାନେ ବାଲ୍ୟକାଳରୁ ଦେଖିବେ ଏବଂ ତାକୁ ଅନୁସରଣ କରିବେ। ସମକାଳରେ ଯଦି କିଏ ଏହାର ବିରୋଧ କରନ୍ତି ବା ଯୁକ୍ତିହୀନ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି, ଶାସ୍ତ୍ର, ପୁରାଣରୁ ଉଦାହରଣ ନେଇ ଆଲୋଚନା ଓ ତର୍କ ମାଧ୍ୟମରେ ତାଙ୍କୁ ବୁଝାଇ ଦେବାର ଦାୟିତ୍ୱ ମଧ୍ୟ ବହନ କରିବାକୁ ହେବ। ଆମ ସଂସ୍କାର, ଆମ ହାତରେ ; ଯାହାକୁ ବଞ୍ଚେଇ ରଖିବା ପାଇଁ ଆମକୁ ଉଦ୍ୟମ କରିବାକୁ ହେବ।

**ଭୁବନେଶ୍ୱର**
**ମୋ: ୬୩୭୦୫୧୬୪୭୮**

## ଏଇ ଭାରତରେ

କୋର୍ଟରେ ଅନେକ ମାମଲା ପଡ଼ିରହୁଛି ଓ ସମାଧାନ ବିଳମ୍ବ ହେଉଛି। ଏଭଳି ସ୍ଥିତିରେ ବେଙ୍ଗାଲୁରର ଏକ ଲିଗାଲ ଷ୍ଟାର୍ଟଅପ 'ସମ' ନୂତନ ଅଭିମୁଖ୍ୟ ଆପଣାଇ ମାମଲାଗୁଡ଼ିକର ସମାଧାନ କରିପାରୁଛି। ପ୍ରାଞ୍ଜଳ ସିହ୍ନା, ଅକ୍ଷତ ଅଶୋକ ଏବଂ ବିକ୍ରମ କୁମାର 'ସମ' ଷ୍ଟାର୍ଟଅପ ପ୍ରତିଷ୍ଠା କରି କୋର୍ଟ ବାହାରେ ଅନ୍‌ଲାଇନରେ ମଧ୍ୟସ୍ଥଙ୍କ ଦ୍ୱାରା ୩୫ ଲକ୍ଷ କେସ୍ ସମାଧାନ କରିସାରିଲେଣି। ଏମାନେ ବ୍ୟାଙ୍କିଙ୍ଗ, ଫାଇନାନ୍‌ସିଆଲ ଓ ଇନ୍‌ସ୍ୟୁରାନ୍ସ ସେକ୍ଟର, ବ୍ରୋକର ଏବଂ ସୁକ୍ୟୁରିଟି ମାର୍କେଟର ବିବାଦ ସମାଧାନ କରୁଛନ୍ତି। ଏମାନେ ଲୋକ ଅଦାଲତ ସହ କାମ କରି ଚାଲାଣ, ଇଲେକ୍ଟ୍ରିକ୍ ବିଲ, ଚେକ ବାଉନ୍ସ ଓ ଦୁର୍ଘଟଣାଜନିତ ଇନ୍‌ସ୍ୟୁରାନ୍ସ ମାମଲାର ସମାଧାନ କରିପାରୁଛନ୍ତି। ବିକ୍ରମ କମ୍ପ୍ୟୁଟର ସାଇନ୍ସରେ ଉଚ୍ଚଶିକ୍ଷା ଲାଭ କରିଥିବା ବେଳେ ଅକ୍ଷତ ଓ ପ୍ରାଞ୍ଜଳ ଆଇନରେ ଡିଗ୍ରୀ କରିଛନ୍ତି। ୨୦୧୫ରେ ଏମାନେ ମିଳିତ ଭାବେ 'ସମ' ଆରମ୍ଭ କରିଥିଲେ। ଚାଣକ୍ୟଙ୍କ ନୀତିରେ ଚାରି ନିୟମ ମଧ୍ୟରେ ଥିବା ସମକୁ ଅଧାର କରି ଏହାର ନାମକରଣ କରାଯାଇଛି। ସମ ଷ୍ଟାର୍ଟଅପରେ ଦେଶର ୪୪୩ ଜିଲାରେ ଆଇନ କ୍ଷେତ୍ରରେ ୧୦ ବର୍ଷର ଅଭିଜ୍ଞତା ଥିବା ୩୦୦୦ ବ୍ୟକ୍ତିଙ୍କୁ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ନିଯୁକ୍ତ କରାଯାଇଛି ଓ ଆଇନ କ୍ଷେତ୍ରରେ ୫ ବର୍ଷର ଅଭିଜ୍ଞଙ୍କୁ ମଧ୍ୟସ୍ଥ ଭାବେ ନିଆଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୦ ଜୁଲାଇ ୧୯୭୫**

- ପ୍ରାୟ ଶହେ ଲୋକଙ୍କୁ ଘେନି ଯାଉଥିବା ଏକ ନୌକା ବନ୍ୟାପ୍ରମତ୍ତା ଗଙ୍ଗା ନଦୀରେ ବୁଡ଼ିଯିବାରୁ ସମସ୍ତ ଯାତ୍ରୀଙ୍କ ପ୍ରାଣହାନି।
- ବିହାରରେ ଥିବା ୯ଟି ଘରୋଇ ବିଦ୍ୟୁତ୍ କମ୍ପାନୀକୁ ରାଜ୍ୟ ବିଦ୍ୟୁତ୍ ବୋର୍ଡ ନିଜ ହାତକୁ ନେଇଯାଇଛନ୍ତି।
- ମହାକାଶରେ ରୁଷିଆର ସୋୟୁଜ ଓ ଆମେରିକାର ଆପୋଲୋ ଯାନ ମଧ୍ୟରେ ଐତିହାସିକ ମିଳନରେ ମାନବ ଇତିହାସର ଏକ ନବଯୁଗ ଉନ୍ମୋଚିତ।

## ଚିରନ୍ତନୀ

ଜମିଅଛି ଯେତେ ବ୍ୟର୍ଥ ସାଧନା
ଅଭିଶାପ ସମ ଅସୀମ ଭାବନା
ତୁମରି ପରଶେ ନବ ରୂପ ଧରି
ଜୀଇଁଉଠୁ ତାହା ମରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 1 |
| | 6 | 9 | | | | 5 | 7 | |
| | | 3 | | | | | 6 | |
| 5 | | | | 1 | | | 2 | |
| 4 | | | 9 | | 3 | | | 8 |
| | | | | | 4 | | | |
| | 9 | 7 | | | 5 | | | |
| | | 8 | 3 | | | | 1 | |
| | | | 2 | 7 | | 3 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 4 | 7 | 1 | 2 | 9 | 5 | 3 |
| 9 | 7 | 2 | 5 | 3 | 4 | 6 | 1 | 8 |
| 1 | 5 | 3 | 9 | 8 | 6 | 4 | 2 | 7 |
| 8 | 4 | 6 | 1 | 2 | 7 | 3 | 9 | 5 |
| 3 | 2 | 5 | 6 | 4 | 9 | 8 | 7 | 1 |
| 7 | 9 | 1 | 3 | 5 | 8 | 2 | 6 | 4 |
| 2 | 3 | 7 | 8 | 6 | 5 | 1 | 4 | 9 |
| 5 | 6 | 8 | 4 | 9 | 1 | 7 | 3 | 2 |
| 4 | 1 | 9 | 2 | 7 | 3 | 5 | 8 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବାବାଙ୍କୁ ଦଣ୍ଡ ମିଳୁ

ମହାଶୟ,

ଉତ୍ତର ପ୍ରଦେଶର ହାଥ୍‌ରସ୍ ଜିଲାର ଫୁଲେର ଗାଁରେ ଆୟୋଜିତ ସତ୍‌ସଙ୍ଗରେ ଦଳାଚକଟା କାରଣରୁ ୧୨୨ ଜଣ ଲୋକ ଅକାଳ ମୃତ୍ୟୁବରଣ କରିଥିବା ବେଳେ ୧୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିଶ୍ୱହରି ବାବା ଓରଫ ଭୋଲେ ବାବାଙ୍କ ପ୍ରବଚନ ଶୁଣିବାକୁ ଉପସ୍ଥିତ ଲୋକଙ୍କ ମଧ୍ୟରେ ଦଳାଚକଟାରୁ ଏପରି ଦୁର୍ଘଟଣା ଘଟିଲା। ୧୭ ବର୍ଷ ତଳେ ପୋଲିସ ଚାକିରି ଛାଡ଼ି ପ୍ରବଚନ ଦେଇଆସୁଥିବା ଓ ଦୁଃଖ ନିବାରଣାର୍ଥେ ମନ୍ତ୍ରପାଣି ବାଣ୍ଟୁଥିବା ଏହି ବାବାକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବାର ବ୍ୟବସ୍ଥା କରାଯିବା ଉଚିତ। ଆୟୋଜକ କମିଟିର ସଦସ୍ୟମାନଙ୍କ ବିରୋଧରେ ଫୌଜଦାରି ମକଦ୍ଦମା କରାଯିବା ଉଚିତ। ପୁରୀ ରଥଯାତ୍ରା ସମୟରେ ୧୫/୨୦ ଲକ୍ଷ ଭକ୍ତଙ୍କ ସମାଗମ ହେଉଛି । ଏପରି ଅଘଟଣ ଘଟୁଛି କି ? ସୁତରାଂ, ଧର୍ମଶାସ୍ତ୍ର ପଢ଼ି ଏପରି ପ୍ରବଚନ ଦେଉଥିବା ଭଣ୍ଡବାବାଙ୍କ ସତ୍‌ସଙ୍ଗ ଆୟୋଜନ ଉପରେ ସରକାର ପ୍ରତିବନ୍ଧକ ଲଗାଇବା ଉଚିତ। ଏପରି ଅଘଟଣ ଆଗକୁ ଯେପରି ନ ଘଟିବ, ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନଗତ ପ୍ରତିବନ୍ଧକ ଲଗାଇବା ଉଚିତ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନୀଳାଦ୍ରି ବିଜେ




ଶୁକ୍ରବାର ନୀଳାଦ୍ରିବିଜେ ଅବ୍ୟବହିତ ପୂର୍ବରୁ ପୂର୍ବାହ୍ନରେ ଶ୍ରୀମନ୍ଦିର ସମ୍ମୁଖରେ ରଥାରୂଢ଼ ତିନି ଠାକୁରଙ୍କୁ ଭକ୍ତମାନେ ଦର୍ଶନ କରୁଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**


ପହଣ୍ଡି ବିଜେ: ପ୍ରଭୁ ବଳଭଦ୍ର


ଦେବୀ ସୁଭଦ୍ରା


ଶ୍ରୀ ସୁଦର୍ଶନ

ଫାଇଲେରିଆ ନିରାକରଣ କର୍ମଶାଳା

## ଅଗଷ୍ଟ ୧୦ରୁ ଏମ୍‌ଡିଏ ଅଭିଯାନ

ଭୁବନେଶ୍ୱର,୧୯।୭(ବନ୍ଦନା ସେଠୀ)

ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ସାମୂହିକ ଔଷଧ ସେବନ (ଏମ୍‌ଡିଏ) ଅଭିଯାନର ସଫଳତା ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ଅନ୍ୟାନ୍ୟ ବିଭାଗଗୁଡିକ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରୁଛନ୍ତି। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଚାଲୁଥିବାବେଳେ ଅଗଷ୍ଟ ୧୦ରୁ ରାଜ୍ୟର ୧୧ଟି ଜିଲାରେ ଏମ୍‌ଡିଏ ଅଭିଯାନ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଓଡ଼ିଶାର ୧୧ଟି ଜିଲାରୁ ୩୪ଜଣ ପ୍ରୋଗ୍ରାମ ଅଫିସର ଓ ୫ଜଣ ପ୍ରୋଗ୍ରାମ କୋଅର୍ଡିନେଟରଙ୍କ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ପ୍ରୋଜେକ୍ଟ କନସର୍ନ ଇଣ୍ଟରନ୍ୟାଶନାଲ ଦ୍ୱାରା ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ସହଯୋଗିତାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା।




ଏଥିରେ ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଯୋଗଦେଇ କହିଲେ, ଭାରତ ସରକାରଙ୍କ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ମୁଖ୍ୟତଃ ଦୁଇଟି କୌଶଳ ଉପରେ ଆଧାରିତ। ସାମୂହିକ ଔଷଧ ସେବନ (ଏମ୍‌ଡିଏ) ଏବଂ ମୃତ୍ୟୁ ପରିଚାଳନା ଓ ଅକ୍ଷମତା ରୋକିବା (ଏମ୍‌ଏମ୍‌ଡିପି)। ଏମ୍‌ଡିଏରେ ଦୁଇଟି ଔଷଧ (ଡିଇସି ଏବଂ ଆଲବେଣ୍ଡାଜୋଲ୍) ଅଥବା ତିନିଟି ଔଷଧ (ଡିଇସି, ଆଲ୍‌ବେଣ୍ଡାଜୋଲ ଏବଂ ଆଇଭରମେକଟିନ୍) ତାଲିମପ୍ରାପ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଉପସ୍ଥିତିରେ ସେବନ କରିବାକୁ ଦିଆଯାଇଥାଏ। ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ଲୋକଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତେ ଔଷଧ ସେବନ କରିପାରିବେ। ଏମ୍‌ଏମ୍‌ଡିପିରେ ଲିମ୍ଫେଡେମା ଥିବା ବ୍ୟକ୍ତିବିଶେଷଙ୍କ ଯତ୍ନ ଏବଂ ହାଇଡ୍ରୋସିଲ ରୋଗୀଙ୍କର ଉପଯୁକ୍ତ ଯତ୍ନ ଅନ୍ତର୍ଭୁକ୍ତ। ଫାଇଲେରିଆ ସୃଷ୍ଟିକାରୀ ପାରାସାଇଟ ବ୍ୟାପିବାକୁ ରୋକିବା ଦ୍ୱାରା ଏହି ରୋଗର ନିରାକରଣ ସୁନିଶ୍ଚିତ କରାଯାଇପାରିବ ବୋଲି ସେ ମତ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର ରିଜିଓନାଲ ଡାଇରେକ୍ଟର ସରିତା ପଟେଲ ଯୋଗଦେଇ କହିଲେ, ସେବା ହେଉଛି ଆମର ମନ୍ତ୍ର, ସେବା ଆମର ପ୍ରତିବଦ୍ଧତା ଏବଂ ଏକ ଫାଇଲେରିଆ ମୁକ୍ତ ଭାରତ ହେଉଛି ଆମର ଲକ୍ଷ୍ୟ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସିନିୟର ରିଜିଓନାଲ ଡାଇରେକ୍ଟର ଡା.ସୁଚିତ୍ରା ସାସମଲ ଯୋଗଦେଇ ଅଗଷ୍ଟ ୧୦ରୁ ରାଜ୍ୟ ସରକାର ଓଡ଼ିଶାର ୧୧ଟି ଜିଲାରେ ଏମ୍‌ଡିଏ ଅଭିଯାନ ହାତକୁ ନେବାକୁ ଯାଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେକ୍ଟର ବର୍ନ ଡିଜିଜ୍‌ର ଜଏଣ୍ଟ ଡାଇରେକ୍ଟର ଡା. ଶୁଭାଶିଷ ମହାନ୍ତି, ଗ୍ଲୋବାଲ୍ ହେଲ୍‌ଥ ଷ୍ଟ୍ରାଟେଜିସ୍‌ର ପ୍ରତିନିଧି ଅନୁଜ ଘୋଷ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

## ଜଗନ୍ନାଥ ଧର୍ମ ସର୍ବଧର୍ମ ସମନ୍ୱୟର ପ୍ରତୀକ

### ଜାତୀୟ ଅଭିଲେଖାଗାରର ଚତୁର୍ଥ ମାସିକ ଆଲୋଚନାଚକ୍ର

ଭୁବନେଶ୍ୱର,୧୯।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟ ଜାତୀୟ ଅଭିଲେଖାଗାର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱର ପକ୍ଷରୁ ଚତୁର୍ଥ ମାସିକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗବେଷକ, ସାହିତ୍ୟିକ ତଥା ଜଗନ୍ନାଥ ସଂସ୍କୃତି ବିଶାରଦ ଅଲେଖ ଚନ୍ଦ୍ର ପଢିଆରୀ ଯୋଗଦେଇ 'ଜଗନ୍ନାଥ ସଂସ୍କୃତିର ଅଜ୍ଞାତ ଦିଗ' ଉପରେ ଆଲୋଚନା କରିଥିଲେ। ଜଗନ୍ନାଥ ଧର୍ମ କିପରି ବିଶ୍ୱ ଭ୍ରାତୃତ୍ୱ ସୃଷ୍ଟିରେ ସହଯୋଗ କରିଛି ତାହାକୁ ସେ ବିଶେଷ ଭାବରେ ବର୍ଣ୍ଣନା କରିଥିଲେ। ଅଭିଲେଖାଗାରରେ ତଥ୍ୟ ଭିତ୍ତିକ ଉତ୍ସକୁ ଅବଲୋକନ କରି ଜଗନ୍ନାଥ ଧର୍ମର ପ୍ରାଚୀନତାକୁ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ଜଗନ୍ନାଥ ଧର୍ମ ବୌଦ୍ଧ, ହିନ୍ଦୁ, ଖ୍ରୀଷ୍ଟିୟାନ, ଇସ୍‌ଲାମ ଧର୍ମକୁ ସ୍ୱାତନ୍ତ୍ର୍ୟ ଓ ତଥ୍ୟଭିତ୍ତିକ ଭାବରେ ବାନ୍ଧି ରଖିଛି, ଯାହା ସର୍ବଧର୍ମ ସମନ୍ୱୟର ପ୍ରତୀକ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରି କହିଲେ, ତଥ୍ୟ ଓ ତାହାର ନିଶ୍ଚିତତା ଅନୁସନ୍ଧାନକୁ ଅଧିକ କ୍ରିୟାଶୀଳ କରିଥାଏ, ଯାହାର ଆବଶ୍ୟକତା ଅଭିଲେଖାଗାର ଦ୍ୱାରା ସମ୍ଭବ ହୋଇଥାଏ। ଜଗନ୍ନାଥ ସଂସ୍କୃତିରେ ଅନାଲୋଚିତ ବା ଅଜ୍ଞାତ ଦିଗଗୁଡିକ କିପରି ସମସ୍ତଙ୍କ ନିକଟରେ ଉପଲବ୍ଧ ହୋଇପାରିବ ତାହା ଉପରେ ସେ ଗବେଷକମାନଙ୍କର ସହଯୋଗ କାମନା କରିଥିଲେ। ଉତ୍ସବରେ ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।


ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ଜଗନ୍ନାଥ ମନ୍ଦିରରେ ନୀଳାଦ୍ରିବିଜେ ଅବସରରେ ମହାପ୍ରଭୁଙ୍କୁ ରଥରୁ ପହଣ୍ଡି କରି ନିଆଯାଉଛି।

## ବାଲିଅନ୍ତାରେ ରସଗୋଲା ଦିବସ


ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିରରେ ଠାକୁରଙ୍କୁ ରସଗୋଲା ଅର୍ପଣ କରାଯାଉଛି।

ବାଲିଅନ୍ତା,୧୯।୭(ନୀଳମାଧବ ସାହୁ)

ବାଲିଅନ୍ତାସ୍ଥିତ ନିକୁଞ୍ଜ ବିହାରୀ ମନ୍ଦିର ପରିସର ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଅବସରରେ ଶୁକ୍ରବାର ରସଗୋଲା ଦିବସ ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀନିକୁଞ୍ଜ ମନ୍ଦିରରେ ପୂଜା ପାଉଥିବା ଶ୍ରୀକୃଷ୍ଣଙ୍କ ବିଗ୍ରହଙ୍କ ପାଖରେ ପୂଜାର୍ଚ୍ଚନା ସହ ରସଗୋଲା ଭୋଗ ଲାଗି ହୋଇଥିଲା। ପୂଜକ ପଣ୍ଡିତ ଶ୍ରୀଧର ଦାସ ଠାକୁରଙ୍କ ପାଖରେ ମନ୍ତ୍ରପାଠ ସହ ପ୍ରଥମେ ରସଗୋଲା ଅର୍ପଣ କରିଥିଲେ। ପରେ ଶ୍ରଦ୍ଧାଳୁଙ୍କୁ ରସଗୋଲା ବଣ୍ଟନ କରାଯାଇଥିଲା। ସାମାଜିକ ଅନୁଷ୍ଠାନ ସମ୍ପର୍କ ପକ୍ଷରୁ ଏହା ଆୟୋଜନ ହୋଇଥିଲା। ଶିକ୍ଷାବିତ୍ ସୁରେନ୍ଦ୍ର ଖୁଣ୍ଟିଆ, ବାବୁଲା ନାୟକ, ଦିଲୀପ ନାୟକ, ରାଜେନ୍ଦ୍ର ସାହୁ, ସିନିଆ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ମିଠା ବ୍ୟବସାୟୀ ସୁମନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ପୂଜକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୧୯।୭ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା କଟକ-ଚାନ୍ଦବାଲି ରାସ୍ତାର କଟିକଟା ବଜାର ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ପୂଜକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଥାନା ଅନ୍ତର୍ଗତ ନତକାଇ ପଞ୍ଚାୟତ ଏକରୁଖି ଗାଁର ଅମିୟ କୁମାର ମିଶ୍ର(୫୧) ଦୈନନ୍ଦିନ ନିଶ୍ଚିନ୍ତକୋଇଲି, ସୁକରପଡା, କଟିକଟା, ଚାନ୍ଦୋଳ ପ୍ରଭୃତି ବଜାରରେ ଥିବା ଦୋକାନରେ ପୂଜାର୍ଚ୍ଚନା କରି ପରିବାର ପ୍ରତିପୋଷଣ କରିଥାନ୍ତି। ରାତିରେ ମିଶ୍ର କଟିକଟା ବଜାରରୁ ପୂଜାର୍ଚ୍ଚନା ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କୁ କଟିକଟା ବଜାରଠାରେ ଏକ ଅଜଣା ଗାଡି ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମିଶ୍ରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତାଙ୍କ ମୃତଦେହକୁ ଜବତ କରି ଶୁକ୍ରବାର ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ଏ ସମ୍ପର୍କରେ ତାଙ୍କ ଜ୍ୟେଷ୍ଠପୁତ୍ର ପ୍ରଭାଶିଷ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ନଂ.୧୭୧/୨୪ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଗାଁ ଶ୍ମଶାନରେ ତାଙ୍କ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁତ୍ର ପ୍ରଭାଶିଷ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅମୀୟ କୁମାର ବିଶ୍ୱାଳ, ସଞ୍ଜୟ କୁମାର ବେହେରା, ପ୍ରଶାନ୍ତ କୁମାର ନାୟକ, ସରପଞ୍ଚ ଜୟଦେବ ରାଉତ, ପୂର୍ବତନ ସରପଞ୍ଚ ଦିଲୀପ କୁମାର ରାଉତ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ଏହି ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରଶାସନ ନିକଟରେ ଦୃଢ ଦାବି କରିଛନ୍ତି।

### ବର୍ଣ୍ଣାଳୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କଟକ, ୧୯।୭ (କାର୍ତ୍ତିକ ସାହୁ)

ଜିଲାସ୍ତରୀୟ ସାଧନ କର୍ମୀମାନଙ୍କ ପାଇଁ ୩ ଦିନିଆ ବର୍ଣ୍ଣାଳୀ ତାଲିମ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ସମଗ୍ର ଶିକ୍ଷା ସଦ୍‌ଭାବନା ଗୃହରେ ଚାଲିଥିବା ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଉଦ୍‌ଘାଟନ କରି ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ୬୦ ଜଣ ଜିଲା ସାଧନକର୍ମୀଙ୍କୁ ସାମାଜିକ ଓ ଲିଙ୍ଗଭିତ୍ତିକ ସମତା ପ୍ରଦାନ ନିମନ୍ତେ ପ୍ରଶିକ୍ଷଣ ପ୍ରଦର୍ଶିକା-ବର୍ଣ୍ଣାଳୀ ତାଲିମ ପ୍ରଦାନ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାର ସମସ୍ତ ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ବିଜ୍ଞାନ ପଢ଼ାଉଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଏହି ତାଲିମ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଜିଲା ବାଳିକା ସଂଯୋଜିକା ମାନସୀ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆକାଉଣ୍ଟରୁ ୨ ଲକ୍ଷ ହଡ଼ପ, ଜମାକାରୀଙ୍କ ଧାରଣା

### ବିବାଦ ଘେରରେ ରେଢୁଆ ସମବାୟ ସମିତି ଲୋକଙ୍କ ଆସ୍ଥା ତୁଟୁଛି

ରଘୁନାଥପୁର, ୧୯।୭ (ରାଜେନ୍ଦ୍ର ନାରାୟଣ ସିଂହ)



ରେଢୁଆ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଜମାକାରୀମାନେ ଧାରଣାରେ ବସିଛନ୍ତି।

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆସ୍ଥିତ କୃଷି ସମବାୟ ସମିତିରେ ଏକବର୍ଷ ଧରି ବିବାଦ ମଧ୍ୟରେ ଫସି ରହିଛି। କେତେବେଳେ ଲୋକେ ଆକାଉଣ୍ଟରେ ରଖିଥିବା ଟଙ୍କା ଉଠାଇପାରୁନାହାନ୍ତି ତ କେତେବେଳେ ଜମାକାରୀଙ୍କ ବିନା ଦସ୍ତଖତରେ ନିଜର ଗଚ୍ଛିତ ଟଙ୍କା ଜମାଖାତାରୁ ଗାଏବ ହୋଇଯାଉଛି। ଏପରି ଏକ ଘଟଣା ଅଞ୍ଚଳବାସୀଙ୍କ ମନରେ ଭୟ ଜାତ କରିଛି। ସ୍ଥାନୀୟ ଅଞ୍ଚଳର ବିପିନ ରାଉତଙ୍କ ସମିତିର ମିନିବ୍ୟାଙ୍କ ଆକାଉଣ୍ଟରୁ ୨ ଲକ୍ଷ ଟଙ୍କା ହଡପ କରାଯାଇଛି। ଏ ସମ୍ପର୍କରେ ବିପିନ ଜାଣିବା ପରେ ପ୍ରଥମେ ସେ ସମିତି ସମ୍ପାଦକ ଓ ସଭାପତିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ଏଆରସିଏସ୍ ଓ ଜିଲାପାଳଙ୍କୁ ଲେଖି ମଧ୍ୟ ଅବଗତ କରାଇଥିଲେ। କୌଣସି ସୁଫଳ ନ ମିଳିବା ଏବଂ ଝିଅ ବାହାଘର ପାଇଁ ଟଙ୍କାର ଆବଶ୍ୟକ ଥିବାରୁ ବାଧ୍ୟ ହୋଇ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି ବୋଲି ବିପିନ କହିଛନ୍ତି। ଟଙ୍କା ନ ମିଳିବା ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ବିପିନ ଗଣମାଧ୍ୟମକୁ କହିଛନ୍ତି।

ସୂଚନାଯୋଗ୍ୟ ଦେଢ଼ବର୍ଷ ତଳୁ ଏହି ସମିତିର ସମ୍ପାଦକ ଥିବା ସୁରେନ୍ଦ୍ରନାଥ ଦାଶ ନିଲମ୍ବିତ ହୋଇଛନ୍ତି। ରାଢଙ୍ଗ ଓ ଜିରା ସମିତି ଦାୟିତ୍ୱରେ ଥିବା ଭଗବାନ ସ୍ୱାଇଁଙ୍କୁ ରେଢୁଆ ସମିତିର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ନିଲମ୍ବିତ ସମ୍ପାଦକ ଦାଶ ଅଦ୍ୟାବଧି କେତେକ ରେକର୍ଡ ନୂତନ ସମ୍ପାଦକଙ୍କୁ ହସ୍ତାନ୍ତର କରିନାହାନ୍ତି। ୨ଟି ସମିତି ଦାୟିତ୍ୱରେ ରହିଥିବା ସମ୍ପାଦକଙ୍କୁ ରେଢୁଆ ସମିତି ଦାୟିତ୍ୱ ଦିଆଯାଇଛି। ଫଳରେ ସେ ଅନେକ ସମୟରେ ଅନୁପସ୍ଥିତ ରହୁଥିବାରୁ ସମିତିରେ ଅଚଳାବସ୍ଥା ଲାଗି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ଅଧିବାସୀ ଲୁଭେନ୍ଦ୍ର ମିଶ୍ର, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରଦୀପ ସେଠୀ, ବିଜୟ କୁମାର ସ୍ୱାଇଁ, ପ୍ରିୟରଞ୍ଜନ ମହାପାତ୍ର, ଭାସ୍କର ସେଠୀ, ମଥୁରାମ ବେହେରା, ଦିବାକର ଭଞ୍ଜ, ସୌରଭ ମହାପାତ୍ର ପ୍ରମୁଖ ବିପିନଙ୍କୁ ସମର୍ଥନ କରି ତୁରନ୍ତ ତାଙ୍କ ଟଙ୍କା ଫେରାଇ ଦେବା ପାଇଁ ଦାବି କରିଛନ୍ତି। ବିପିନଙ୍କ ଆକାଉଣ୍ଟରୁ ଟଙ୍କା ହଡପ ନେଇ ସମିତିର ସଭାପତି ପ୍ରଦୀପ୍ତ କିଶୋର ମହାନ୍ତି ରଘୁନାଥପୁର ଥାନାରେ ଏତଲା ଦେଇଥିବା କହିଛନ୍ତି। ଅନ୍ୟପକ୍ଷେ ବିପିନଙ୍କ ଅଭିଯୋଗକୁ ନେଇ ତଦନ୍ତ କରୁଥିବା ଅଧିକାରୀ ଏ.ଆର. ପ୍ରଭାତ କୁମାର ମହାପାତ୍ର ଏଆର୍‌ସିଏସ୍‌ଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବେ ବୋଲି ପ୍ରକାଶ କରିଛନ୍ତି। ତେବେ ପ୍ରାଥମିକ ତଦନ୍ତରୁ ଏଥିରେ ଚଞ୍ଚକତା ହୋଇଥିବା ଏବଂ ଅଭିଯୋଗକାରୀ ଟଙ୍କା ଫେରି ପାଇବାର ଆଶା ଅଛି ବୋଲି ଏଆର ମହାପାତ୍ର ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ସମିତି ସମସ୍ୟାରେ ବୁଡି ରହିଥିବା ଏବଂ ଏ ସମ୍ପର୍କରେ ବାରମ୍ବାର ସରକାରଙ୍କ ଦୃଷ୍ଟିକୁ ଅଣାଯାଇଛି। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଧୀରେ ଧୀରେ ସମିତି ଉପରୁ ଲୋକଙ୍କ ଆସ୍ଥା ତୁଟୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ ବିଭାଗକୁ ଖାଉଟି ଅଦାଲତରେ ୩୦ହଜାର ଜରିମାନା

ବାଙ୍କୀ, ୧୯।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଏନ୍‌ଏସି ଅନ୍ତର୍ଗତ ରଣପୁର ଗ୍ରାମର ମୁରଲୀଧର ମହାରଣାଙ୍କ ନୂତନ ଗୃହକୁ ବିଦ୍ୟୁତ୍ ସଂଯୋଗୀକରଣ ନିମନ୍ତେ ମହାରଣାଙ୍କ ସ୍ତ୍ରୀ ଶତପଦ୍ମା ୩୦।୪।୨୦୨୨ରେ ବାଙ୍କୀ ବିଦ୍ୟୁତ୍ ସବଡିଭିଜନ୍ ସେକ୍ସନ-୧ରେ ଆବେଦନ କରିଥିଲେ। ଏଥିସହ ୨୦୨୨ ଡିସେମ୍ବର ମାସରେ ନୂତନ ବିଦ୍ୟୁତ୍ ସଂଯୋଗୀକରଣ ନିମନ୍ତେ କାର୍ଯ୍ୟାଳୟରେ ୪,୬୪୧ଟଙ୍କା ଜମା କରିଥିଲେ। ବିଦ୍ୟୁତ୍ ସଂଯୋଗ ନିମନ୍ତେ ବାଙ୍କୀ ବିଦ୍ୟୁତ୍ କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ନିରାଶ ହେବା ପରେ ଖୋର୍ଦ୍ଧା ଟିପିସିଓଡିଏଲ୍ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଏ ସମ୍ପର୍କରେ ବାଙ୍କୀ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନିକଟକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ପରେ ବାଙ୍କୀ ବିଦ୍ୟୁତ୍ ବିଭାଗ ପକ୍ଷରୁ ୩।୩।୨୩ରେ ହୁକ ପକାଇ ଚୋରାରେ ବିଦ୍ୟୁତ୍ ସଂଯୋଗ କରିଥିବା ଅଭିଯୋଗରେ ଶତପଦ୍ମା ମହାରଣାଙ୍କ ନାମରେ ୫୨, ୬୮୩ଟଙ୍କା ଜରିମାନା କରାଯାଇଥିଲା। ଯାହାକୁ ନେଇ ମହାରଣାଙ୍କ ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସମ୍ପର୍କରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ସହ ଜିଲା ଖାଉଟି ଅଦାଲତରେ ମହାରଣା ଅଭିଯୋଗ କରିଥିଲେ। ବିଦ୍ୟୁତ୍ ସଂଯୋଗ ନ ଥାଇ ବିନା କାରଣରେ ବେଆଇନ ଭାବେ ଜଣେ ଉପଭୋକ୍ତାଙ୍କ ଉପରେ ଜରିମନା କରାଯାଇଥିବାରୁ ଖାଉଟି ଅଦାଲତରେ ମେ ୩ତାରିଖରେ ଏହି ମାମଲାର ବିଚାର କରି ବାଙ୍କୀ ବିଦ୍ୟୁତ୍ ବିଭାଗ ଉପରେ ୩୦ ହଜାର ଟଙ୍କା ଜରିମନା କରାଯାଇଥିବା ଜଣାପଡିଛି। ଏତଦ୍‌ବ୍ୟତିତ ମହାରଣାଙ୍କ ଘରକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଯଥାଶୀଘ୍ର ବିଦ୍ୟୁତ୍ ସଂଯୋଗ କରା ନ ଗଲେ ବାଙ୍କୀ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନାମରେ କଟକ ଜିଲାପାଳଙ୍କୁ ଅବଗତ କରାଯିବା ସହ ହାଇକୋର୍ଟଙ୍କ ଦ୍ୱାରସ୍ତ ହେବେ ବୋଲି ମହାରଣା କହିଛନ୍ତ। ବାଙ୍କୀ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସେଠାରୁ ନିର୍ଦ୍ଦେଶ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଶୁକ୍ରବାର ଆଠଗଡ଼ ଗଡଜାତର ପ୍ରତୀକ ଶ୍ରୀଅଟ୍ଟାଳୀ ଜଗନ୍ନାଥ ଦେବଙ୍କର ନୀଳାଦ୍ରି ବିଜେ ସମ୍ପନ୍ନ ପରେ ରତ୍ନବେଦୀରେ ଶ୍ରୀଜୀଉ।

# ରାସ୍ତା, ପାନୀୟଜଳ ଉପରେ ଗୁରୁତ୍ୱ



ଡମପଡ଼ା ପଞ୍ଚାୟତ ସମିତି ବୈଠକରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ।

ବାଙ୍କୀ, ୧୯।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

### ଡମପଡ଼ା ପଞ୍ଚାୟତ ସମିତି ୪ର୍ଥ ସାଧାରଣ ବୈଠକ

ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ବୈଠକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍), କୃଷି ଓ କୃଷକ ସଶକ୍ତୀକରଣ, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା, ଜଙ୍ଗଲ ଓ ପରିବେଶ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ ଏବଂ ବ୍ଲକ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗର ବିଲିପଡାଠାରୁ ସିଂହନାଥପୁର ଭୟା ଗହ୍ମାପଡିଆ ଦେଇ ଯାଇଥିବା ରାସ୍ତାଟି ଗାର୍ଡ ୱାଲ୍ ନ ଥିବାରୁ ଧୋଇ ହୋଇଯାଉଛି। ଫଳରେ ଜନସାଧାରଣ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ବିଧାୟକ ତ୍ରିପାଠୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତିରେ ଚାଷୀମାନେ ଫସଲ ବୀମା କରିଥିବା ବେଳେ ବୀମା ରାଶି ପାଇବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କ୍ଷୟକ୍ଷତି ଆକଳନ ସମୟରେ ପଞ୍ଚାୟତିରାଜ ବିଭାଗର ଜନପ୍ରତିନିଧିମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଧାୟକ ତ୍ରିପାଠୀ ଗୁରୁତ୍ୱ ଦେଇଥିଲେ। ବୈଠକରେ ଡମପଡ଼ା ବିଡିଓ ଅଂଶୁମାନ ଦାଶ, କେନ୍ଦ୍ରୀୟ ଜୋନ୍ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ୩୮ନଂ. ଜିଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ସହକାରୀ ଯନ୍ତ୍ରୀ ସ୍ମୃତିମୟୀ ଜେନା, ଉପାଧ୍ୟକ୍ଷ ଗୀତାଞ୍ଜଳି ବେଉରା, ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ବନବାସୀ ବେହେରା, ବ୍ଲକ ପ୍ରକଳ୍ପ ଅଧିକାରୀ ଅକ୍ଷୟ କୁମାର ଭଞ୍ଜ, ଜିପିଓ ଲୋପାମୁଦ୍ରା ନାୟକ ଯୋଗଦେଇ ସେମାନଙ୍କର ମତାମତ ରଖିଥିଲେ। ଡମପଡ଼ା ବ୍ଲକ ଯୁବ ବିଜେଡି ସଭାପତି ତଥା ସମିତି ସଭ୍ୟ ଭାଗୀରଥି ପାଣି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ୧୭ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗଦେବା ସହ ସମସ୍ତ ସରକାରୀ କର୍ମଚାରୀମାନେ ଯୋଗଦେଇଥିଲେ। ବିଧାୟକ ତ୍ରିପାଠୀ ବୃହତ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପ୍ରତି ଘରକୁ ପାଇପ୍ ପଡି ପାଣି ଯୋଗାଇବାର ବନ୍ଦୋବସ୍ତ କରାଯାଉଥିବା ବେଳେ ଅନେକ ପଞ୍ଚାୟତରେ ରାସ୍ତା ଖୋଳି ପାଇପ୍ ପକାଯାଇଛି। ଠିକାଦାର ସେଗୁଡିକ ନ ପୋତିବା ଫଳରେ ରାସ୍ତାରେ ଯାତାୟାତ କରିବା ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଧାୟକ ତ୍ରିପାଠୀ ତୁରନ୍ତ ରାସ୍ତାଖୋଳି ପାଇପ୍ ପଡିଥିବା ଜାଗାଗୁଡିକୁ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ବିଡିଓ ଦାଶ ଧନ୍ୟବାଦ ଦେଇଥିଲେ।

### ବାଙ୍କୀ-କଟକ ରାସ୍ତାରେ ଦୁର୍ଘଟଣା, ୨ ଗୁରୁତର

ବାଙ୍କୀ, ୧୯।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା ଅନ୍ତର୍ଗତ ବାଙ୍କୀ-କଟକ ରାସ୍ତାର କୁଶୁପଙ୍ଗିଠାରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣ ଗୁରୁତର ହୋଇଥିଲେ। ୨ ଗୁରୁତରଙ୍କୁ ବାଙ୍କୀ ଦମକଳ ବାହିନୀ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ବାଙ୍କୀ ପୂର୍ତ୍ତ ବିଭାଗର କନିଷ୍ଠ କିରାଣି ଅଜୟ କୁମାର ପ୍ରଧାନ (୫୮) କାମ ସାରି ବାଙ୍କୀରୁ କଟକ ଯାଉଥିଲେ। କଟକରୁ ବାଙ୍କୀ ପଟକୁ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ପୋଡାଡିହ ଗାଁର ନାରାୟଣ ପଣ୍ଡା (୫୦) ଫେରୁଥିବାବେଳେ କୁଶୁପଙ୍ଗିଠାରେ ଉଭୟଙ୍କର ସମ୍ମାସାମ୍ନି ବାଇକ୍ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ଅବସ୍ଥାରେ ପଡିଥିଲେ। ଖବରପାଇ ବାଙ୍କୀ ଦମକଳବାହିନୀ ଓ ଆମ୍ବୁଲାନ୍ସ ସେଠାରେ ପହଞ୍ଚି ସେମାନଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଅବସ୍ଥା ଗୁରୁତର ହେବାରୁ କଟକ ବଡମେଡିକାଲକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଇଛି।

### ଗୌରଚନ୍ଦ୍ରପୁରରେ ଜଙ୍ଗଲୀ ହାତୀ

ଟାଙ୍ଗୀ-ଖୋର୍ଦ୍ଧା, ୧୯।୭ (ରଘୁନାଥ ସାହୁ)

କେରେଣ୍ଡା ଟାଙ୍ଗୀ ପଞ୍ଚାୟତ ଅଧୀନ ଗୌରଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱ ବିଦ୍ୟୁତ୍ ଗ୍ରୀଡ ଷ୍ଟେଶନ ନିକଟରେ ଶୁକ୍ରବାର ଏକ ଜଙ୍ଗଲୀ ହାତୀ ଜନବସତି ମଧ୍ୟରେ ପଶି ପଣସ ଖାଉଥିବା ଦେଖାଯାଇଥିଲା। ଖବରପାଇ ଟାଙ୍ଗୀ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇବା ଉଦ୍ୟମ ଜାରି ରଖିଛନ୍ତି।

### କେନାଲରେ ପାଣି ନ ଆସିବାରୁ ଚାଷକାର୍ଯ୍ୟ ବିଳମ୍ବ

ସାଲେପୁର, ୧୯।୭ (ଅରବିନ୍ଦ ଭୂୟାଁ)

ଜୁଲାଇ ଶେଷହେବାକୁ ଯାଉଥିବାବେଳେ ପାଣି ଅଭାବରୁ ଚାଷକାର୍ଯ୍ୟରେ ବିଳମ୍ବ ଘଟିଛି। କେନାଲରେ ପାଣି ଆସିବା ପୂର୍ବରୁ ନାଳ ସଫେଇ ଓ ମରାମତି କାର୍ଯ୍ୟରେ ବିଳମ୍ବ ଘଟୁଥିବାରୁ କେନାଲରେ ପାଣି ଅଦ୍ୟାବଧି ଛଡ଼ାଯାଇପାରିନାହିଁ। ଜୁଲାଇ ୧୦ରୁ ୧୫ ତାରିଖ ମଧ୍ୟରେ କେନ୍ଦ୍ରାପଡ଼ା ଓ ଏହାର ଶାଖା କେନାଲରେ ଚାଷ କାର୍ଯ୍ୟ ନିମନ୍ତେ ପାଣି ଛଡାଯିବା ପାଇଁ ବିଭାଗୀୟ ଅଧିକାରୀ ପୂର୍ବରୁ ପ୍ରକାଶ କରିଥିଲେ। ଇତିମଧ୍ୟରେ ୧୯ ତାରିଖ ହୋଇଥିବାବେଳେ ଏସବୁ କେନାଲରେ ପାଣି ଛଡାଯାଇନାହିଁ। ଅପରପକ୍ଷରେ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା କେନାଲର ଶାଖା କେନାଲଗୁଡିକରେ ଖାଲି ଘାସ ସଫା କରାଯାଇ ଚାଲିଯାଇଥିବାବେଳେ ଶାଖା କେନାଲରୁ ବାହାରିଥିବା କାଡ଼ା କେନାଲ ସଫେଇ କରାଯାଇନାହିଁ। କେନାଲରେ ପାଣି ଆସିଲେ ଚାଷଜମିରେ ଜଳସେଚନ ହେବା ନେଇ ଏକପ୍ରକାର ଅନିଶ୍ଚିତତା ଦେଖାଦେଇଛି। ଅପରପକ୍ଷରେ କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ଅଧିକାଂଶ ଶାଖା କେନାଲ ଖୋଳି କାମ ଚାଲିଥିବାବେଳେ ଅଦ୍ୟାବଧି ଶେଷ ହୋଇନାହିଁ। ୬ନଂ. କେନାଲରୁ ବାହାରିଥିବା ଶାଖା କେନାଲ ବୋଦାମୁଣ୍ଡାଇ ବଜାର ପାଖରେ କେନାଲ ଉପରେ ଢ଼ଳେଇ କାର୍ଯ୍ୟ ସରିନାହିଁ। ଅପରପକ୍ଷରେ ନିୟମିତ ବର୍ଷା ନ ହେବାରୁ ଚାଷକାର୍ଯ୍ୟ ପାଇଁ ଆବଶ୍ୟକ ପାଣି ନ ରହିବାରୁ ବିଳମ୍ବ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ କେନ୍ଦୁପାଟଣା ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲ୍ଲିକଙ୍କୁ ପଚାରିବାରୁ ମୁଖ୍ୟ କେନାଲରେ ପାଣି ରହିଥିବାବେଳେ ଅଧିକାଂଶ ଶାଖା କେନାଲରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଏହି ପାଣି ଛଡାଯାଇପାରିନାହିଁ। ୨ରୁ ୩ ଦିନ ମଧ୍ୟରେ ଶାଖା କେନାଲକୁ ପାଣି ଛଡାଯିବ ବୋଲି ସେ କହିଛନ୍ତି।



ଜୁଲାଇରେ କେନାଲକୁ ଜେସିବି ସାହାଯ୍ୟରେ ସଫେଇ କରାଯାଉଛି।

# ଆଠଗଡ଼ ପଞ୍ଚାୟତ ସମିତିର ୭ମ ବୈଠକ

ଆଠଗଡ଼, ୧୯।୭ (ସତ୍ୟପ୍ରସାଦ ରଥ)




ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅନ୍ୟମାନେ।

ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ସଭାଗୃହରେ ୭ମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ବୈଠକ ଆରମ୍ଭରେ ନିର୍ବାଚନରେ ୮ମ ଥର ବିଜୟ ଲାଭ କରିଥିବା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ବିଡିଓ ପ୍ରଦୀପ କୁମାର ସାହୁ, କାର୍ଯ୍ୟାଳୟର କର୍ମଚାରୀ, ବ୍ଲକ ଅଧ୍ୟକ୍ଷା, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ବିକାଶ ଯୋଜନା, ଆମ ଓଡ଼ିଶା ନବୀନ ଓଡ଼ିଶା, ବିଭିନ୍ନ ସରକାରୀ ଯୋଜନା, ଜିଲା ଜଳ ଯୋଗାଣ ଓ ପରିମଳ ମିଶନ ଆଦି ଯୋଜନାର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଉପରୋକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକଳ୍ପକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଖାଡେଙ୍ଗା ଉପସ୍ଥାପିତ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ସର୍ବସମ୍ମତିକ୍ରମେ ଅନୁମୋଦନ ହୋଇଥିଲା। ଏଥିରେ ଜିଲା ଜଳଯୋଗାଣ ଓ ପରିମଳ ମିଶନ ଦ୍ୱାରା ୨୦୨୩-୨୪ ଅନୁଦାନ ଓ ୨୦୨୪-୨୫ର ଅନୁଦାନ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ଏହାସହ ପଞ୍ଚାୟତ ସମିତିର ବିଭିନ୍ନ ବିଦ୍ୟୁତ ଦେୟ ଓ ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ଅହେତୁକ ବିଳମ୍ବ ଆଦିରେ ଆଲୋଚନା କରାଯାଇଥିଲା। ବ୍ଲକ ଓ ପଞ୍ଚାୟତ ଉନ୍ନୟନ ଅଧିକାରୀ ରଶ୍ମିରେଖା ନାଏକଙ୍କ ସଂଯୋଜନାରେ ଉକ୍ତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସଭ୍ୟା ଶାନ୍ତିଲତା ବେହେରା, ମିନତି ଗାଗରାଇ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭାଗୀୟ ପଦାଧିକାରୀ ଯୋଗଦାନ କରିଥିଲେ। ବରିଷ୍ଠ ନିର୍ବାହୀ ଅଧିକାରୀ ମନୋଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବାଙ୍କୀ କେନ୍ଦୁପଲ୍ଲୀ ପଟ୍ଟଚିତ୍ରର ଅନ୍ତୁଡ଼ିଶାଳ

### ପ୍ରଚାର ପ୍ରସାର ପାଇଁ ସଚେତନତା କାର୍ଯ୍ୟକ୍ରମ

ବାଙ୍କୀ, ୧୯।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)



କେନ୍ଦୁପଲ୍ଲୀ ଗ୍ରାମର ଯୁବତୀ ଯୁବକମାନେ ପଟ୍ଟଚିତ୍ର ଅଙ୍କନ କରୁଛନ୍ତି।

ବାଙ୍କୀ ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ଏକ ପଟ୍ଟଚିତ୍ର ଶିଳ୍ପର ଐତିହ୍ୟପୂର୍ଣ୍ଣ ଅନ୍ତୁଡ଼ିଶାଳ ଗ୍ରାମ ଭାବେ ପରିଚିତ। ଏହି ଗ୍ରାମରେ ଆଜକୁ ୪ଦଶନ୍ଧି ତଳେ ନୀଳକଣ୍ଠ ସାହୁ ପଟ୍ଟଚିତ୍ର ତିଆରି କରିବା ସହ ଗ୍ରାମର ବହୁ ଯୁବତୀଯୁବକମାନଙ୍କୁ ପଟ୍ଟଚିତ୍ର ଶିକ୍ଷା ଦେଇ ସେମାନଙ୍କ ସ୍ୱରୋଜଗାରର ପନ୍ଥା ଆପଣାଇଥିଲେ। ସାହୁଙ୍କ ପଟ୍ଟଶିଷ୍ୟ ସ୍ନେହଲତା ସାହୁ ଓ ତରୁଲତା ସାହୁ ସମ୍ପ୍ରତି ଗ୍ରାମରେ ପଟ୍ଟଚିତ୍ର ତାଲିମ କେନ୍ଦ୍ର ଖୋଲି ଗ୍ରାମର ବେକାର ଯୁବତୀଯୁବକମାନଙ୍କୁ ପ୍ରଶିକ୍ଷଣ ଦେବା ସହ ସେମାନଙ୍କର ହାତ ତିଆରି ପଟ୍ଟଚିତ୍ରକୁ ରାଜ୍ୟ ଓ ରାଜ୍ୟ ବାହାରକୁ ବିକ୍ରି ନିମନ୍ତେ ପଠାଉଛନ୍ତି। ତରୁଲତାଙ୍କ ଦ୍ୱାରା ପରିଚାଳିତ ଜୟ ମା'ମଙ୍ଗଳା ପଟ୍ଟଚିତ୍ର ତାଲିମ କେନ୍ଦ୍ରରେ ବର୍ତ୍ତମାନ ୩୦ଜଣରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ତାଲିମ୍ ନେଉଛନ୍ତି। ପଟ୍ଟଚିତ୍ରର ପ୍ରସାର ପ୍ରଚାର ଓ ସଚେତନତା ପାଇଁ ଏକ ଆଲୋଚନାଚକ୍ର ସ୍ଥାନୀୟ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ତଥା ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ପଟ୍ଟଚିତ୍ର ଶିଳ୍ପକୁ ଆନ୍ତର୍ଜାତିକ ସ୍ତରରେ କିପରି ପ୍ରସାର ପ୍ରଚାର ହୋଇ ଜନପ୍ରିୟ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଏଠାରୁ ତିଆରି ହୋଇଥିବା ବିଭିନ୍ନ କଳାକୃତି ରାଜ୍ୟ ଓ ରାଜ୍ୟ ବାହାରେ ବିକ୍ରି ହୋଇପାରିବ, ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା କିପରି ତାଲିମ୍ ଦିଆଯାଇ ପାରିବ ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ପ୍ରସନ୍ନ କୁମାର ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ଧନଞ୍ଜୟ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟଚିତ୍ର କେନ୍ଦ୍ରର ନିର୍ଦ୍ଦେଶିକା ତରୁଲତା ଧନ୍ୟବାଦ ଦେବା ସହ ପଟ୍ଟଚିତ୍ର ଶିଳ୍ପକୁ ସୁଦୃଢ଼ କିପରି କରାଯିବ ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପଟ୍ଟଚିତ୍ର କେନ୍ଦ୍ରର କର୍ମକର୍ତ୍ତା ଓ ଶିଳ୍ପୀମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ପୂର୍ଣ୍ଣବିଗ୍ରହଙ୍କ ନୀଳାଦ୍ରିବିଜେ

ଖୋର୍ଦ୍ଧା,୧୯।୭(ପ୍ରଭାତ ପାଣିଗ୍ରାହୀ)

ରତ୍ନବେଦିକୁ ଫେରିଲେ ପୂର୍ଣ୍ଣବିଗ୍ରହ। ନବ ଦିନାତ୍ମକ ଯାତ୍ରା ସାରି ବାହୁଡ଼ାରେ ଫେରି ସିଂହଦ୍ୱାର ସମ୍ମୁଖରେ ରଥରେ ରହିଥିଲେ। ହରିଶୟନ ଏକାଦଶୀରେ ରଥରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗୁରୁବାର ରଥରେ ମହାପ୍ରଭୁଙ୍କ ଅଧରପଣା ନୀତି ସମ୍ପନ୍ନ ହୋଇଥିଲା। ଶୁକ୍ରବାର ମନ୍ଦିରକୁ ପୂର୍ଣ୍ଣବିଗ୍ରହ ଫେରିଛନ୍ତି। ଏଥିସହ ଚଳିତବର୍ଷର ରଥଯାତ୍ରା ସମାପନ ହୋଇଛି। ଆସନ୍ତାକାଲି ଠାରୁ ମନ୍ଦିରରେ ରୀତିନୀତି ଅନୁଯାୟୀ ସମସ୍ତ ନୀତିକାନ୍ତି ଚାଲିବ।

ଶୁକ୍ରବାର ଭୋର ସମୟରେ ରଥରେ ମଙ୍ଗଳ ଆଳତି ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ପରେ ବେଶ ସମାପନ ହୋଇ ଗୋପାଳବଲ୍ଲଭ ଭୋଗ ହୋଇଥିଲା। ସନ୍ଧ୍ୟାରେ ଆଳତି ପରେ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ନୀତି ଆରମ୍ଭ ହୋଇଥିଲା। ଗୋଟି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ପରେ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ପହଣ୍ଡି ହୋଇଥିଲା। ବଡଭାଇ, ଦେବୀ ସୁଭଦ୍ରା ପହଣ୍ଡି ହୋଇ ରତ୍ନବେଦିରେ ବିଜେ କରିଥିଲେ। ମହାପ୍ରଭୁଙ୍କ ପହଣ୍ଡି ହୋଇ ମନ୍ଦିର ନିକଟରେ ପହଞ୍ଚିବା ବେଳେ ଭିତରୁ ମହାଲକ୍ଷ୍ମୀ ଦ୍ୱାର ବନ୍ଦ କରିଦେଇଥିଲେ। ବଡ଼ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ଧରି ଗୁଣ୍ଡିଚା ଯାତ୍ରା କରିଥିବାରୁ ମହାଲକ୍ଷ୍ମୀ ରୋଷ କରିଥିଲେ। ମହାଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ କରିଥିଲେ ଶ୍ରୀ ଅନନ୍ତ ପୁରୁଷୋତ୍ତମ। ଏହାପରେ ସେ ନୀଳାଦ୍ରି ବିଜେ କରିଥିଲେ। ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶ୍ରୀଙ୍ଗାର ପରେ ଅନ୍ୟାନ ନୀତି ବଢ଼ି ବଡ଼ସିଂହାର ବେଶ, ଭୋଗ ଶେଷ ହୋଇ ରାତ୍ରପହୁଡ଼ ହୋଇଥିଲା ବୋଲି ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ ସୂଚନା ଦେଇଛନ୍ତି। ସେହିଭଳି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାସ୍ଥିତ ଚତୁର୍ଦ୍ଧାମୂର୍ତ୍ତି, କାଙ୍କଣ ଶିଖରୀ ଏବଂ ଦାରୁକ୍ଷେତ୍ର ଦଧିମାଛଗାଡ଼ିଆରେ ଶ୍ରୀପତିତପାବନଙ୍କ ନୀଳାଦ୍ରିବିଜେ ନୀତି ସମ୍ପନ୍ନ ହୋଇଛି। ଗଡ଼ଖୋର୍ଦ୍ଧାରେ ନବଦିନାତ୍ମକ ଯାତ୍ରା ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଥିଲା। ରଥରେ ମହାପ୍ରଭୁଙ୍କ ସୁନାବେଶ, ଅଧରପଣା ନୀତି ସମ୍ପନ୍ନ ହୋଇଥିବାବେଳେ ଶୁକ୍ରବାର ଚତୁର୍ଦ୍ଧାମୂର୍ତ୍ତି ନୀଳାଦ୍ରିବିଜେ କରିଛନ୍ତି। ସଂସ୍କୃତି ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ଅଜିତ ପଟ୍ଟନାୟକ, ଗୋପାଳକୃଷ୍ଣ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରସଗୋଲା ଦେଇ ମହାଲକ୍ଷ୍ମୀ ମାନଭଞ୍ଜନ କଲେ



## ସଂକ୍ଷେପରେ

### ଗ୍ରାମରେ ମାଙ୍କଡ଼ ଆତଙ୍କ, ୨ ଆହତ



ବେଗୁନିଆ,୧୯।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅଧୀନ ଗୋଡ଼ା ଗ୍ରାମରେ ମାଙ୍କଡ଼ ଆତଙ୍କ ଦେଖିବାକୁ ମିଳିଛି। ଏଥିରେ ଗ୍ରାମର ପ୍ରମୋଦ ମହାପାତ୍ର ଓ ଛାତ୍ର ବାସୁଦେବ ଖୁଣ୍ଟିଆ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବାବେଳେ ଅନ୍ୟମାନେ ମଧ୍ୟ ମାଙ୍କଡ଼ ଆକ୍ରମଣରେ ଆହତ ହୋଇଛନ୍ତି। ବାସୁଦେବ ମହାପାତ୍ର ନିଜ ବାଡ଼ିରେ କାର୍ଯ୍ୟ କରୁଥିବାବେଳେ ଅତର୍କିତ ଭାବେ ମାଙ୍କଡ଼ଟି ତାଙ୍କୁ ଆକ୍ରମଣ କରି ତାଙ୍କର ବାମ ଗୋଡ଼ର ତଳକୁ କାମୁଡି ମାଂସ ଛିଣ୍ଡାଇ ନେଇ ପଳାଇ ଯାଇଥିଲା। ଏଥିରେ ପରିବାର ଲୋକେ ତାଙ୍କୁ ପ୍ରାଥମିକ ଚିକିତ୍ସା ନିମିନ୍ତେ ଡାଲତୋଳା ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ନେଇ ଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ବନ ବିଭାଗ ପକ୍ଷରୁ ପଦକ୍ଷେପ ନେବା ପାଇଁ ଆହତମାନେ ଦାବି କରିଛନ୍ତି।

### ବିନା ସୂଚନାଫଳକରେ ବର୍ଷାରେ ପୁରୁଣା କାନ୍ଥରେ ନୂଆ ଛାତ ପଡ଼ିଲା

ନିରାକାରପୁର,୧୯।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ପ୍ରବଳ ବର୍ଷାରେ ନୂଆ ଛାତ ପଡ଼ିଛି। ତେବେ ଏହାର ସ୍ଥାୟିତ୍ୱକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ, ଉକ୍ତ ଘରଟିରେ ଆଗରୁ ଆଜବେଷ୍ଟସ ପଡ଼ିଥିବାବେଳେ ବାରମ୍ବାର ଅଭିଯୋଗ ପରେ ଏହାର ଆଜବେଷ୍ଟସକୁ କଢ଼ାଯାଇ ଶୁକ୍ରବାର ସେହି ପୁରୁଣା କାନ୍ଥରେ ବିନା ସୂଚନାଫଳକରେ ପ୍ରବଳ ବର୍ଷାରେ ଛାତ ପକାଯାଇଛି। ଏହି କାର୍ଯ୍ୟ ଚାଲୁଥିବାବେଳେ ବିଭାଗୀୟ ଯନ୍ତ୍ରୀ ସେଠାରେ ଉପସ୍ଥିତ ନ ଥିଲେ। ବିଭାଗୀୟ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଉପସ୍ଥିତିରେ ବର୍ଷାରେ ଛାତ ପଡ଼ିଥିଲା। ଏହାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯିବା ସହିତ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ଏନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏହାର ତଦାରଖ କରୁଥିବା ବିଭାଗୀୟ କର୍ମଚାରୀ ରଙ୍କନିଧି ପ୍ରଧାନଙ୍କୁ ପଚାରିବାରେ, ଆମର ପୁରୁଣା କାନ୍ଥରେ ନୂଆ ଛାତ ପଡ଼ିବ। ଏହା ପାଇଁ ସୂଚନାଫଳକ ଦରକାର ନାହିଁ। ତେବେ ପ୍ରବଳ ବର୍ଷା ହେଉଥିବାବେଳେ ସେ ବର୍ଷା ହେଉ ନ ଥିବା କହିଛନ୍ତି।

## ନିରାକାରପୁରରେ ନୀଳାଦ୍ରିବିଜେ ଉତ୍ସବ



ନିରାକାରପୁର,୧୯।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତଠାରେ ଥିବା ଶ୍ରୀଜଗନ୍ନାଥଙ୍କ ପୀଠରେ ଶ୍ରୀଜଗନ୍ନାଥ ଟ୍ରଷ୍ଟବୋର୍ଡ ପକ୍ଷରୁ ରୀତିନୀତି ଅନୁଯାୟୀ ପ୍ରଭୁଙ୍କ ନୀଳାଦ୍ରିବିଜେ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ କାଳିଆ ସାଆନ୍ତଙ୍କ ସହ ବଡ଼ଠାକୁର ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଶ୍ରଦ୍ଧାଳୁ ମନଭରି ଦର୍ଶନ କରିଥିଲେ। ଏକ ସ୍ୱତନ୍ତ୍ର ହୋମଯଜ୍ଞର ଆୟୋଜନ କରାଯାଇ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା। ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନ ସହ ଜୟ ଜଗନ୍ନାଥ ଧ୍ୱନିରେ ମନ୍ଦିର ପରିବେଶ ଉତ୍ସବମୁଖର ହୋଇପଡ଼ିବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଶ୍ରୀଜଗନ୍ନାଥ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବିପୁଳ ପୋଚ ନଷ୍ଟ, ମଦ ଜବତ, ୨ ଗିରଫ

ବେଗୁନିଆ,୧୯।୭(ସନ୍ଧ୍ୟାରାଣୀ ମିଶ୍ର)



ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ସଦର ରେଞ୍ଜ, ଭ୍ରାମ୍ୟମାଣ ୟୁନିଟ୍ ଓ ବେଗୁନିଆ ଅବକାରୀ ଥାନା ପକ୍ଷରୁ ମିଳିତ ଚଢାଉରେ ବିପୁଳ ପରିମାଣର ପୋଚ ନଷ୍ଟ ସହ ଦେଶୀ ମଦ ଓ ଆବଶ୍ୟକ ଉପକରଣ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ସଦର ରେଞ୍ଜ ଅବକାରୀ ନିରୀକ୍ଷକ ତପସ୍ୱିନୀ ବରାଳ, ଭ୍ରାମ୍ୟମାଣ ଅବକାରୀ ୟୁନିଟ୍ ନିରୀକ୍ଷକ ଥାର୍ପା ମାରାଣ୍ଡି ଓ ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ୍ ଜାଗିନ ରାଓଙ୍କ ସମେତ କର୍ମଚାରୀ ବରପଦା କାଜୁ ଜଙ୍ଗଲରେ ଚଢାଉ କରି ୧୩ ହଜାର ୪ ଶହ ଲିଟର ପୋଚ ନଷ୍ଟ କରିବା ସହ ୧୧ ଶହ ଲିଟର ଦେଶୀ ମଦ ଏବଂ ଆବଶ୍ୟକ ଉପକରଣ ଜବତ କରିଛନ୍ତି। ସେହିପରି ବେଗୁନିଆ ଅବକାରୀ ଥାନା ପୋଲିସ ଶୁକ୍ରବାର ପୂର୍ବାହ୍ନରେ ବିଭିନ୍ନ ସ୍ଥାନରେ ଚଢାଉ କରି ମୋଟ ୩୩ ଲିଟର ଦେଶୀ ମଦ ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ରାଓଙ୍କ ସୂଚନା ଅନୁଯାୟୀ, ହୀରାପୁର ଗ୍ରାମର କୃପାସିନ୍ଧୁ ରଥ ଓ ସିକୋ ଗ୍ରାମସ୍ଥିତ ପାଟିଲାଆମ୍ବ ଗ୍ରାମର ଦିଲୀପ ସେଠୀଙ୍କଠାରୁ ମୋଟ ୩୩ ଲିଟର ଦେଶୀ ମଦ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ‘ସଫଳତା ପାଇଁ ପରିଶ୍ରମ, ଏକାଗ୍ରତା ଆବଶ୍ୟକ’



ପି.ଏନ୍. କଲେଜର ୬୫ତମ ବିଦ୍ୟାରମ୍ଭ ଉତ୍ସବରେ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

ଖୋର୍ଦ୍ଧା,୧୯।୭(ପ୍ରଭାତ ପାଣିଗ୍ରାହୀ)

- ପି.ଏନ୍. କଲେଜର ୬୫ତମ ବିଦ୍ୟାରମ୍ଭ ଉତ୍ସବ
- ଫ୍ରେଶଫ୍ରଣ୍ଟ୍, କ୍ୟାଲେଣ୍ଡର ଉନ୍ମୋଚିତ

ପ୍ରାଣନାଥ (ପି.ଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଶୁକ୍ରବାର ବିଦ୍ୟାରମ୍ଭର ୬୫ତମ ସାମ୍ବତ୍ସରିକ ଉତ୍ସବ ଓ ବନ ମହୋତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଜ୍ୟୋତିରୀନ୍ଦ୍ରନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ପରିଶ୍ରମ, ନିଷ୍ଠା, ଏକାଗ୍ରତା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, କଲେଜ ଅଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର, ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଲଡୁକେଶ ପ୍ରସାଦ ମିଶ୍ର, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ୧୯୫୯ ଜୁଲାଇ ୧୯ରେ ଖୋର୍ଦ୍ଧା ସହରରେ ଏହି କଲେଜ ପ୍ରତିଷ୍ଠା ହୋଇ ବିଦ୍ୟାରମ୍ଭ ହୋଇଥିଲା। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଶିକ୍ଷାର ଲକ୍ଷ୍ୟ ନେଇ ଏହି କଲେଜ ପ୍ରତିଷ୍ଠା କରିଥିଲେ। ଉକ୍ତ କଲେଜ ତାଙ୍କ ନାମ ଅନୁସାରେ ନାମକରଣ କରାଯାଇଛି।

ସେହି ସମୟରେ ରାଜ୍ୟ ମିଳିତ ମନ୍ତ୍ରୀମଣ୍ଡଳରେ ଡ. ହରେକୃଷ୍ଣ ମହତାବ, ରାଜେନ୍ଦ୍ର ନାରାୟଣ ସିଂଦେଓ ଏବଂ ରାଧାନାଥ ରଥଙ୍କ କରକମଳରେ ପ୍ରାଣନାଥ ବିଦ୍ୟାରମ୍ଭ କରିଥିଲେ। ପ୍ରାଣନାଥ ମହାବିଦ୍ୟାଳୟ ପାଇଁ ଆଜିର ଦିନ ସ୍ମରଣୀୟ ଦିବସ। ଏହି ଦିବସର ସ୍ମୃତି ଉଦ୍ଦେଶ୍ୟରେ ସେବେଠାରୁ ବନ ମହୋତ୍ସବ ପାଳିତ ହୋଇଆସୁଛି। କଲେଜ ବିଦ୍ୟାରମ୍ଭ ସହ ବନ ମହୋତ୍ସବ ପାଳିତ ହୋଇଥାଏ ବୋଲି କଲେଜ ଅଧ୍ୟକ୍ଷା ମିଶ୍ର ସୂଚନା ଦେଇଛନ୍ତି।

ଏହି ଅବସରରେ ଜିଲାପାଳ ଏବଂ ଅନ୍ୟ ଅତିଥିମାନେ କଲେଜରୁ ପ୍ରକାଶିତ ଫ୍ରେଶଫଣ୍ଟ୍ ମ୍ୟାଗାଜିନ୍ ଓ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୌମେନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ପ୍ରଣବ ପ୍ରକାଶ ମହାନ୍ତି, ଲଡୁ କିଶୋର ମିଶ୍ର, ଲକ୍ଷ୍ମୀ ପ୍ରସନ୍ନ ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ପ୍ରିୟବ୍ରତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବୈଶାଖ, ଅନିଲ ରାୟ, ତୃପ୍ତିରେଖା ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କଲେଜ ଏନ୍‌ସିସି, ରୋଭର୍ସ ରେଞ୍ଜର, ଭାରତ ସ୍କାଉଟ୍ସ ଗାଇଡ୍ସ, ଜୁନିୟର ରେଡକ୍ରସ, ଇକୋ କ୍ଲବ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅତିଥିମାନେ ମିଳିମିଶି କ୍ୟାମ୍ପସ ପରିସରରେ ଔଷଧୀୟ ଚାରା ରୋପଣ କରିଥିଲେ।

## ଗୌରଚନ୍ଦ୍ର ପୁରରେ ଜଙ୍ଗଲୀ ହାତୀ

ଟାଙ୍ଗୀ–ଖୋର୍ଦ୍ଧା, ୧୯।୭ (ରଘୁନାଥ ସାହୁ)

କେରେଣ୍ଡା ଟାଙ୍ଗୀ ଗ୍ରାମପଞ୍ଚାୟତ ଅଧୀନ ଗୌରଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱ ବିଦ୍ୟୁତ୍ ଗ୍ରୀଡ ଷ୍ଟେସନ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଜଙ୍ଗଲୀ ହାତୀ ଜନବସତି ମଧ୍ୟରେ ପଶି ପଣସ ଖାଉଥିବା ଦେଖାଯାଇଥିଲା। ଖବରପାଇ ଟାଙ୍ଗୀ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକରେ ପହଞ୍ଚି ହାତୀକୁ ଘଉଡ଼ାଇବା ଉଦ୍ୟମ ଜାରି ରଖିଛନ୍ତି।

## ଗ୍ରାମ ପରିକ୍ରମା କରି ଚାରାରୋପଣ ପାଇଁ ସଚେତନ କଲେ



ଛାତ୍ରୀଛାତ୍ରମାନେ ଗ୍ରାମ ଗ୍ରାମ ବୁଲି ଚାରାରୋପଣ ପାଇଁ ସଚେତନ କରାଉଛନ୍ତି।

ବୋଲଗଡ,୧୯।୭(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅଧୀନ ସାନପଦର ପଞ୍ଚାୟତ ରାସୋଳ ଗ୍ରାମରେ ବନମହୋତ୍ସବ ପାଳିତ ହୋଇଯାଇଛି। ମା’ କୁଣ୍ଡାଖାଇ ସେବା ସଂଘ ସଭାପତି ପ୍ରକାଶ ନାୟକ ଓ ସମ୍ପାଦକ ସତ୍ୟ ନାରାୟଣ ବାରିକଙ୍କ ତତ୍ତ୍ୱାବଧାନରେ ରାସୋଳ ଗ୍ରାମଠାରୁ ସାନପଦର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ୪୦୦ ଚାରାରୋପଣ କରାଯାଇଥିଲା। ତତ୍‌ସହିତ ରାସୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟର, ମା’ କୁଣ୍ଡାଖାଇ ମଧ୍ୟ ଇଂଲିଶ ବିଦ୍ୟାଳୟ ଓ ମା’ କୁଣ୍ଡାଖାଇ ସେବା ସଂଘ ମିଳିତ ଆନୁକୂଲ୍ୟରେ ଉଭୟ ବିଦ୍ୟାଳୟ ପରିସରରେ ଚାରାରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟବକ୍ତା ଭାବେ ବରଣ୍ୟ ସାଧୁ ତଥା ଗୋ ସେବକ ବୃକ୍ଷବାବା ଶ୍ରୀହରିଶ ଚରଣ ମହାରାଜ ଜୀ, ବିଶିଷ୍ଟ ଅତିଥି ଭାବେ ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତି ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ରାଜସୁନାଖଳା ବଜାର କମିଟି ଉପସଭାପତି ପ୍ରତାପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମା’ କୁଣ୍ଡାଖାଇ ମଧ୍ୟ ଇଂଲିଶ ବିଦ୍ୟାଳୟ ବିଦାୟୀ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ରଥଙ୍କୁ ସେବା ସଂଘ ପକ୍ଷରୁ ଉତ୍ତରୀୟ ମାନପତ୍ର ଦେଇ ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ସବୁଜ ବାହିନୀ ସେନାପତି ସାନନ୍ଦ କୁମାର ସାହୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ କରିଥିଲେ। ସେବା ସଂଘ ପକ୍ଷରୁ ଗ୍ରାମର ସାମାଜିକ କର୍ମୀ ଆକୁଳ ପରିଡ଼ା, କିଶୋର ଦାସ, ସୌମ୍ୟରଞ୍ଜନ ମହଲା, ମନୋଜ ନିଶଙ୍କ, ପ୍ରକାଶ ନାୟକ, ସତ୍ୟନାରାୟଣ ବାରିକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ଆବଶ୍ୟକଠାରୁ ଅଧିକ ମୋରମ ଖନନକୁ ନେଇ ଅଭିଯୋଗ

ବେଗୁନିଆ,୧୯।୭(ସନ୍ଧ୍ୟାରାଣୀ ମିଶ୍ର)

### ତହସିଲ କାର୍ଯ୍ୟାଳୟ ପକ୍ଷରୁ ଡିମାଣ୍ଡ ନୋଟିସ ଜାରି

ବେଗୁନିଆ ତହସିଲ ଅଧୀନ ଗୋଲାପାଟଣା ମୌଜାର ୨୩୬ ଓ ୧୫୬ ନମ୍ବର ପ୍ଲଟରୁ ମୋରମ ଉଠାଇବାକୁ ଏକ ପ୍ରାଇଭେଟ କମ୍ପାନୀକୁ ରାଜସ୍ୱ କାର୍ଯ୍ୟାଳୟ ପକ୍ଷରୁ ଅନୁମତି ମିଳିଥିଲା। ଏହି କମ୍ପାନୀ ନିୟମ ଅନୁସାରେ ଯେତିକି ମୋରମ ଉଠାଇବା କଥା ତା’ଠାରୁ ଅଧିକ ମୋରମ ଖନନ କରି ଉଠାଉଛି। ଫଳରେ ରାଜସ୍ୱ ହାନି ହେବା ସହ ପରିବେଶ ସୁରକ୍ଷା ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ଥିବାରୁ ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନକୁ ଜଣାଇଥିଲେ। ହେଲେ ଏନେଇ କେହି କର୍ଣ୍ଣପାତ ନ କରିବାରୁ ଗତ ବୁଧବାର ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବାରୁ ଶୁକ୍ରବାର ପୂର୍ବାହ୍ନରେ ତହସିଲଦାର ତାପସ ବିଶିଙ୍କ ନିର୍ଦ୍ଦେଶରେ ୨ ଜଣ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏଥିସହ ମୋରମ ଖନନକୁ ବନ୍ଦ କରିବା ସହ ଆସନ୍ତା ୨ ଦିନ ମଧ୍ୟରେ ଡିମାଣ୍ଡ ନୋଟିସ ଜାରି କରାଯିବ ବୋଲି ତହସିଲଦାର କହିଛନ୍ତି।

## ବଡ଼ଭଉଣୀ ବନାନୀଙ୍କ ସାକ୍ଷ୍ୟଗ୍ରହଣ

କଟକ,୧୯।୭ (କାର୍ତ୍ତିକ ସାହୁ)

### ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ମାମଲା

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ମାମଲାର ଶୁଣାଣି କଟକ ଜେଏମ୍‌ଏଫ୍‌ସି ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟରେ ଶୁକ୍ରବାର ହୋଇଛି। ମାମଲାର ସାକ୍ଷ୍ୟ ଗ୍ରହଣ ପ୍ରଥମ କରି ଆରମ୍ଭ ହୋଇଛି। ପ୍ରଥମ ସାକ୍ଷୀ ଭାବେ ବର୍ଷାଙ୍କ ବଡ଼ଭଉଣୀ ବନାନୀ ଦଳାଇଙ୍କ ବୟାନ ରେକର୍ଡ କରାଯାଇଛି। ମାତ୍ର ସମୟ ଅଭାବରୁ ତାଙ୍କୁ ଜେରା କରାଯାଇପାରି ନାହିଁ। ତେବେ ପରବର୍ତ୍ତୀ ଶୁଣାଣିରେ ବନାନୀଙ୍କୁ ଜେରା କରାଯିବ। ଆସନ୍ତା ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପୁରୀଘାଟ ଥାନାରେ ୨୦୨୦ରେ ନିର୍ଯାତନା ମାମଲା ରୁଜୁ କରିଥିଲେ। ଅନୁଭବ ତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେଉଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁ ମଧ୍ୟ ବର୍ଷାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଇଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ କରିଥିବା ଆବେଦନକୁ ଗତ ମେ’ ୮ରେ ଖାରଜ କରିଦେଇଥିଲେ। ଏଥିସହ ମେ’ ୧୦ରେ ଚାର୍ଜଫ୍ରେମ୍ ତଥା ସେଦିନ ଅନୁଭବଙ୍କୁ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅନୁଭବ କୋର୍ଟରେ ହାଜର ନ ହୋଇ ସମୟ ଗଡ଼ାଇବାରୁ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେବା ସହ ଅନୁଭବଙ୍କୁ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହେବା ପାଇଁ ଆଦେଶ ଦେଇଥିଲେ। ଏନ୍‌ବିଡବ୍ଲ୍ୟୁ ମାମଲାରେ ଅନୁଭବ ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ପରେ ଅନୁଭବ ଓ ତାଙ୍କ ଦୁଇ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ୍ ହୋଇଥିଲା।

## ‘ଅଳିଆ ବାହାରେ ନ ପକାଇ ଗାଡ଼ିରେ ଦିଅନ୍ତୁ’

ଖୋର୍ଦ୍ଧା,୧୯।୭(ପ୍ରଭାତ ପାଣିଗ୍ରାହୀ)

### ଘର ଘର ବୁଲି ଚାଲିଛି ଡେଙ୍ଗୁ ସଚେତନତା



ଖୋର୍ଦ୍ଧା ଜିଲାରେ ଡେଙ୍ଗୁ ବଢିଚାଲିଛି। ରାଜଧାନୀ ଭୁବନେଶ୍ୱର ସ୍ଥିତି ଉଦ୍‌ବେଗଜନକ ରହିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ବିଏମ୍‌ସି ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗ ଚୁପ୍ ବସିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ବର୍ଷାଦିନ ପୂର୍ବରୁ ଡ୍ରେନ ସଫା କରାଗଲାନାହିଁ। ଲଘୁଚାପ ବର୍ଷାରେ ଖୋର୍ଦ୍ଧା ସହର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାକୁ ଚାଲିଆସିଥିବାବେଳେ ବର୍ଷାଜଳରେ ଅଳିଆ ଆବର୍ଜନା ଭାସୁଥିବା ଦେଖିବାକୁ ମିଳିଛି। ଏପଟେ ମଶାମାଛିଙ୍କ ପ୍ରାଦୁର୍ଭାବ ବଢିଚାଲିଛି। ଫଳରେ ଖୋର୍ଦ୍ଧା ସହରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ଆଶଙ୍କା କରାଯାଇଛି। ଏନେଇ ଧରିତ୍ରୀରେ କ୍ରମାଗତ ଖବର ପରିବେଷଣ ପରେ ପୌର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ଏ ନେଇ ପୌର ନିର୍ବାହୀ ଅଧିକାରୀ ରିଜୱାନା ହ୍ୱାକବ କୁହନ୍ତି, ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ପରିମଳ ଓ ଡ୍ରେନ ସଫା ଉପରେ ଗୁରୁତ୍ୱ ଦିଆଯାଉଛି। ଡ୍ରେନ ସଫା ଚାଲିଛି। ବିଭିନ୍ନ ସ୍ଥାନରେ ଗଢି ଉଠିଥିବା ଅନାବନା ଗଛଲତା ସଫା କରାଯାଉଛି। ସକାଳୁ ଘରକୁ ଘର ବୁଲି ଅଳିଆ ଉଠାଉଥିବା ଗାଡ଼ିରେ ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସଚେତନ କରାଯାଉଛି। ନିଜ ପରିବେଶରେ ଏଣେତେଣେ ଅଳିଆ ପକାଇବେ ନାହିଁ, ସନ୍ତସନ୍ତିଆ ସ୍ଥାନକୁ ପୋତିବା ସହ ପରିମଳ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଉଛି। ୱାର୍ଡ ସାଥିମାନଙ୍କୁ ପରିମଳ, ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ସପ୍ତାହକୁ ଥରେ ଡ୍ରାଇ ଡେ ଘୋଷଣା କରାଯାଇଛି। ଏହି ଦିନ ସମସ୍ତ ଅଞ୍ଚଳରୁ ଅଳିଆ ଆବର୍ଜନା ସଫା କରାଯିବ। ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ସ୍ୱଚ୍ଛତା ଦାୟିତ୍ୱରେ ଥିବା ସ୍ୱଚ୍ଛ ଓ ୱାର୍ଡ ସାଥିମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଆଗାମୀ ଦିନରେ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ନିଜ ଘରବାରି, ଅଗଣାରେ ଅଳିଆ ଜମା କରନ୍ତୁ ନାହିଁ। ଡ୍ରେନରେ ଅଳିଆ ନ ପକାଇ କେବଳ ଅଳିଆଗାଡ଼ିରେ ଦେବାକୁ ସହରବାସୀଙ୍କୁ ପରାମର୍ଶ ଦିଆଯାଇଛି। ଜନଗହଳି ସ୍ଥାନ, ପାର୍କରେ ହୋର୍ଡିଂ, ଏଲଇଡି ମାଧ୍ୟମରେ ସଚେତନ କରାଯିବ।

ଏ ନେଇ ଏଡିଏମ୍(ଜନସ୍ୱାସ୍ଥ୍ୟ) ଡା. ଜୀବନ୍ତ ଆଚାର୍ଯ୍ୟ କହିଲେ ଯେ, ଜିଲାରେ ଡେଙ୍ଗୁ ନିୟନ୍ତ୍ରଣ ସ୍ଥିତିରେ ରହିଛି। ଭୁବନେଶ୍ୱରରେ ସଂଖ୍ୟା ଅଧିକ ରହିଥିବା ବେଳେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ବିଗତ ବର୍ଷ ତୁଳନାରେ କମ୍ ରହିଛି। ଡେଙ୍ଗୁ ନିରାକରଣ, ସଚେତନତା ଲାଗି ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ଲାଗି ଜିଲାରେ କ୍ୟାପିଟାଲ ହସ୍ପିଟାଲରେ ୧୨ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଟି ଶଯ୍ୟା ବ୍ୟବସ୍ଥା କରାଯାଇଛି। ଡେଙ୍ଗୁ ନିୟନ୍ତ୍ରଣ ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ବିଏମ୍‌ସିରେ ରାପିଡ୍ ରେସପନ୍ସ ଟିମ ଟିମ ଗଠନ ହୋଇଛି। ଏହି ଟିମ୍ ହଟସ୍ପଟ ଅଞ୍ଚଳ ଯାଞ୍ଚ କରିବ। ଗ୍ରାମାଞ୍ଚଳ (ବିଏମ୍‌ସି ବ୍ୟତୀତ ୧୦ଟି ବ୍ଲକ, ଖୋର୍ଦ୍ଧା ଓ ଜଟଣୀ ପୌର ପରିଷଦ, ବାଲୁଗାଁ ଓ ବାଣପୁର ଏନ୍‌ଏସି)ରେ ଡେଙ୍ଗୁ ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି), ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି), ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଓ ଉପକେନ୍ଦ୍ର ପ୍ରଭୃତି ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗ୍ରାମାଞ୍ଚଳରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀ ଘର ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଡେଙ୍ଗୁ ନିୟନ୍ତ୍ରଣ ଲାଗି ଜିଲା ସ୍ତରରେ ଗୋଟିଏ ଏବଂ ପ୍ରତି ବ୍ଲକ ସ୍ତରରେ ଟିମ୍ ଗଠନ କରାଯାଇଛି। ଅଗଷ୍ଟରେ ସମସ୍ତ ଗାଁ କଲ୍ୟାଣ ସମିତି (ଜିକେଏସ୍) ଜରିଆରେ ସମୂହ ଗାଁ ସଫେଇ ଅଭିଯାନ କରାଯିବା ଯୋଜନା ରହିଛି। ଗ୍ରାମାଞ୍ଚଳରେ ନିୟନ୍ତ୍ରଣ ଲାଗି ରାପିଡ ରେସପନ୍ସ ଟିମ(ଆର୍‌ଆର୍‌ଟି) ଏବଂ ଆକ୍ସନ ଟିମ୍ ସଜାଗ ରହିଛନ୍ତି। ଔଷଧ ଦ୍ୱାରା ଡେଙ୍ଗୁ ୯୫ ପ୍ରତିଶତ ଭଲ ହୋଇଥାଏ। ୫ ପ୍ରତିଶତ ରୋଗୀଙ୍କୁ ଗୁରୁତର ହେଲେ ଚିକିତ୍ସାଳୟରେ ଭର୍ତ୍ତି କରାଯାଏ। ଡେଙ୍ଗୁ ୱାର୍ଡରେ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବ୍ୟକ୍ତି ସଚେତନ ହେଲେ ଏହାକୁ ରୋକାଯାଇପାରିବ। ସାଧାରଣତଃ ଜୁନରୁ ଅକ୍ଟୋବର ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଥାଏ। ସମସ୍ତଙ୍କ ସହଯୋଗ ଦ୍ୱାରା ଡେଙ୍ଗୁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିବ ବୋଲି ଡା. ଆଚାର୍ଯ୍ୟ କହିଛନ୍ତି।




୧୯।୦୭।୨୦୨୪

| | |
|---|---|
| ୫,୮୬, ୩୩୦ ଟଙ୍କା | |
| ସୁନା | ୧.୧୫୦ ଗ୍ରାମ୍ |
| ରୁପା | ୭୧.୮୫୦ ଗ୍ରାମ୍ |

# କର୍ମଚାରୀ ଅଭାବ, କାର୍ଯ୍ୟ ବାଧାପ୍ରାପ୍ତ

**ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ**

ଅସ୍ତରଙ୍ଗ,୧୯।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଯୋଗୁ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ହେଲା ଜଣେ ଅତିରିକ୍ତ ଶିକ୍ଷାଧିକାରିଣୀ ସୁଧାଂଶୁବାଳା ଶତପଥୀ ଓ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରାଙ୍କୁ ନେଇ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚାଲିଛି। ୨ଜଣ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ ମାର୍ଚ୍ଚ ୩୦ ଏବଂ ରାଜଲକ୍ଷ୍ମୀ ପାତ୍ର ଓ ମେ ୩୦ରେ ଅବସର ନେବା ପରେ ସେହି ପଦବୀ ଖାଲିପଡ଼ିଛି। ଜଣେ ମାତ୍ର ଅତିରିକ୍ତ ଶିକ୍ଷାଧିକାରିଣୀଙ୍କ ଉପରେ ମଧ୍ୟାହ୍ନଭୋଜନ, ବିଦ୍ୟାଳୟର ଅନ୍ୟ କାର୍ଯ୍ୟ ତଦାରଖ କରିବା ସହିତ ବ୍ଲକର ସମସ୍ତ ବିଦ୍ୟାଳୟ ପରିଚାଳନା ଭଳି ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଅସ୍ତରଙ୍ଗ ବ୍ଲକରେ ୨୨ଟି ଉଚ୍ଚ ବିଦ୍ୟାଳୟ ସହ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପରଖିବା ତାଙ୍କ ପକ୍ଷରେ କଷ୍ଟକର ବୋଲି କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ମତବ୍ୟକ୍ତ କରିଛନ୍ତି। ସେହିପରି ପ୍ରତ୍ୟେକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୩ଜଣ ହିସାବ ରକ୍ଷକ (ଆକାଉଣ୍ଟାଣ୍ଟ) ରହିବା ସ୍ଥଳେ ଏଠାରେ ଜଣେ ଅଛନ୍ତି। ମୁଖ୍ୟ କିରାଣି ପଦବୀ ଦୀର୍ଘଦିନ ହେଲା ଖାଲିପଡ଼ିଛି। ତେଣୁ ଶିକ୍ଷକଙ୍କ ସର୍ଭିସ ବୁକ୍, ପେନ୍‌ସନ, ଅବସର କାଳୀନ ସୁବିଧା ସୁଯୋଗ ମିଳିବାରେ ସମସ୍ୟା ଉପୁଜୁଛି। ପୂର୍ବରୁ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିବାବେଳେ ଏବେ ମାତ୍ର ଜଣଙ୍କୁ ନେଇ କାମ ଚାଲିଛି। ଜିଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମିଶ୍ର କହିଛନ୍ତି, ଖାଲିପଡ଼ିଥିବା ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରିଣୀ ପଦବୀ ଖୁବଶୀଘ୍ର ପୂରଣ କରାଯିବ।

# କୃଷକ ତାଲିମ ଶିବିର



ତାଲିମ ଶିବିରରେ ବିଶେଷଜ୍ଞମାନେ କୃଷକଙ୍କୁ ପରାମର୍ଶ ଦେଉଛନ୍ତି।

ନିମାପଡ଼ା,୧୯।୭(ରଞ୍ଜନ ପଟ୍ଟନାୟକ)

ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ ଚାଷୀ କିପରି ଅଧିକ ଫସଲ ଅମଳ କରିପାରିବ, ସେ ନେଇ ଏକ କୃଷକ ତାଲିମ ଶିବିର ଗୁରୁବାର ନିମାପଡ଼ା ବ୍ଲକ ଚଁଉରପଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। 'ଇଫକୋ' ଏବଂ ସେବାକାରୀ ସଂସ୍ଥା 'ଓଏଫ୍ଏସ୍ ଆଇଏଫ୍ଏସ୍'ର ମିଳିତ ସହଯୋଗରେ ଏହି ତାଲିମ ଶିବିର ଆୟୋଜିତ ହୋଇଥିଲା। ଆଜିକାଲି ଚାଷୀମାନେ ଅଧିକ ଅମଳ ଆଶାରେ ମାତ୍ରାଧିକ ସାର ଏବଂ ଦାନାଦାର ଓ ଅନ୍ୟ ମାରାତ୍ମକ କୀଟନାଶକ କୃଷିକ୍ଷେତ୍ରରେ ପ୍ରୟୋଗ କରୁଛନ୍ତି। ଏହାଦ୍ୱାରା ମାଟିର ଉର୍ବରତା ରୁଗ୍ଣ ହେବା ସହିତ ଟାଣ ହୋଇଯାଉଛି। ମାଟିରୁ ଉପକାରୀ ଜୀବ ଓ ଅଣୁଜୀବ ଲୋପ ପାଇଯାଉଛନ୍ତି। ଫଳରେ ମାଟିର ଉର୍ବରତା ହ୍ରାସ ପାଇବା ସହିତ ଅମ୍ଳଯୁକ୍ତ ହୋଇଯାଉଛି। ମାଟିରେ ସାର ପ୍ରୟୋଗ ବଦଳରେ ନାନୋ ୟୁରିଆ, ନାନୋ ଡିଏପି, ନାନୋ ପଟାସ, ସାଗରିକା ଆଦି ପତ୍ରରେ ସିଞ୍ଚନ କଲେ ଅଧିକ ଫସଲ ଅମଳ ହେବ ବୋଲି ବିଶେଷଜ୍ଞ 'ଇଫକୋ'ର ସହକାରୀ କ୍ଷେତ୍ର ଅଧିକାରୀ ରାସ ରଞ୍ଜନ ଦଳେଇ ପରାମର୍ଶ ଦେଇଥିଲେ। ଇଫକୋ ପକ୍ଷରୁ ବିଭିନ୍ନ ପ୍ରକାର ନାନୋ ସାର ପ୍ରଦର୍ଶନ କରାଯିବା ସହିତ ଏହାକୁ ଚାଷରେ କେଉଁ ମାତ୍ରାରେ ବ୍ୟବହାର କରିବା ପାଇଁ କୃଷକଙ୍କୁ ପରାମର୍ଶ ଦିଆଯାଇଥିଲା। ଧାନ ଚାଷରୁ ଅଧିକ ଅମଳ ନିମନ୍ତେ ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱାରୋପ କରିବା ସହିତ ଚିତ୍ର ମାଧ୍ୟମରେ ଚାଷୀଙ୍କୁ ବୁଝାଇଥିଲେ ପ୍ରାକ୍ତନ ଉପକୃଷି ନିର୍ଦ୍ଦେଶକ ଡ. ବିଜୟାନନ୍ଦ ମହାନ୍ତି। ତାଲିମ ଶିବିରରେ ପଞ୍ଚାୟତର ଶତାଧିକ କୃଷକ ଯୋଗଦେଇଥିଲେ। ସରପଞ୍ଚ ତପନ ମଲ୍ଲିକ ଶିବିର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଶ୍ରୀଅନନ୍ତ ବାସୁଦେବଙ୍କ ନୀଳାଦ୍ରି ବିଜେ ନୀତି

ନୟାହାଟ,୧୯।୭(ମହମ୍ମଦ ସମସୁଲ ଆରଫିନ): ନୟାହାଟ ସିଂପଜପୁରିଆ ଗ୍ରାମର ଆରାଧ୍ୟ ଦେବତା ଶ୍ରୀଅନନ୍ତ ବାସୁଦେବଙ୍କ ନୀଳାଦ୍ରି ବିଜେ ନୀତି ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ସମ୍ମୁଖ ରଥ ଉପରେ ଉପବେଶନ କରିଥିବା ଠାକୁରଙ୍କ ନିକଟରେ ସନ୍ଧ୍ୟାରେ ବାଲ ଭୋଗ ଲାଗି ହେବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ବିଜେ କାହାଳୀ ବାଜିବା ପରେ ସେବକମାନେ ଠାକୁରଙ୍କୁ ଗୋଟି ପହଣ୍ଡିରେ ରଥ ଉପରୁ ତଳକୁ ଓହ୍ଲାଇ ହରିବୋଲ ହୁଳହୁଳି ଶବ୍ଦ, ବାଜାବାଣର ରୋଶଣିରେ ମନ୍ଦିର ଗର୍ଭ ଗୃହକୁ ନେଇ ରତ୍ନ ସିଂହାସନ ଉପରେ ଉପବେଶନ କରାଇଥିଲେ। ରତ୍ନ ସିଂହାସନ ଉପରେ ବସିବା ପରେ ଠାକୁରଙ୍କ ନିକଟରେ ଚୁଡ଼ା ଘଷା ଓ ପଣା ଭୋଗ ଲାଗି ହୋଇଥିଲା। ଶେଷରେ ଗୀତଗୋବିନ୍ଦ ଗାନ କରାଯାଇ ମନ୍ଦିର ପହୁଡ଼ ପଡ଼ିଥିଲା। ଠାକୁରଙ୍କ ନୀଳାଦ୍ରି ବିଜେ ଦେଖିବାକୁ ମନ୍ଦିର ସମ୍ମୁଖରେ ପ୍ରବଳ ଭିଡ଼ ଲାଗି ରହିଥିଲା।

### ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସେବା ଶିବିର

ପୁରୀ,୧୯।୭(ଅଜିତ୍ ମହାନ୍ତି): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନା ଦ୍ୱାରା ସ୍ୱେଚ୍ଛାସେବୀ ସେବା ଶିବିର ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ବାହୁଡ଼ାଯାତ୍ରା ଉପଲକ୍ଷେ ଏହି ଶିବିର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲାର ୧୦ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୧୧୦ ଜଣ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବା ଓ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ସମ୍ପାଦକ ତଥା ସଂସ୍କୃତି ଗବେଷକ ଅରବିନ୍ଦ କୁମାର ଶତପଥୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ହରପ୍ରିୟା ଦାଶ ଯୋଗଦେଇଥିଲେ। ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଜାତୀୟ ସେବା ଯୋଜନାର ସଂଯୋଜକ ଡ. ବିଶ୍ୱମୋହନ ଜେନା, ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ କେନ୍ଦ୍ରର ସହସଂଯୋଜକ ନୀରଦ ବରଣ ଖୁଣ୍ଟିଆ ଉପସ୍ଥିତ ଥିବାବେଳେ ପ୍ରାଧାପକ ଡ. ରବିଶଙ୍କର ମିଶ୍ର ଶିବିର ପରିଚାଳନା କରିଥିଲେ। ଶୁଦ୍ଧ ଜଳ, ଓଆର୍‌ଏସ୍ ବିତରଣ, ମାନବ ଶୃଙ୍ଖଳ, ସମୁଦ୍ର ଓ ପବିତ୍ର ପୁଷ୍କରିଣୀ ସଫେଇ, ରନ୍ଧନ ଖାଦ୍ୟ ବିତରଣ, ରଥଖଳା-ବଡ଼ଦାଣ୍ଡ ସଫେଇ, ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ପରାମର୍ଶ ପ୍ରଦାନ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ସ୍ୱେଚ୍ଛାସେବୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ଲୁକ୍କାୟିତ ସଂସ୍କୃତି, ଐତିହ୍ୟ ଗବେଷଣା ଉପରେ ଗୁରୁତ୍ୱ



ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ**

ନିମାପଡ଼ା,୧୯।୭ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ ଏକ ୨ ଦିନିଆ ଜାତୀୟ ଆଲୋଚନାଚକ୍ର କଲେଜଠାରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଭୂତତ୍ତ୍ୱ ବିଜ୍ଞାନ ଓ ଇତିହାସ ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ମନ୍ଦିର ଓ ସ୍ଥାପତ୍ୟ ବିଶେଷଜ୍ଞ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ଭାରତୀୟ ସଂଗ୍ରହାଳୟ କଲିକତାର ପ୍ରାକ୍ତନ ନିର୍ଦ୍ଦେଶକ ଡ. ରାଜେଶ ପୁରୋହିତ, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ ପ୍ରଧାନ, ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଓଡ଼ିଶାର ପୂର୍ବତନ ସଭ୍ୟ ପ୍ରଫେସର ସୁସ୍ମିତା ପ୍ରସାଦ ପାଣି, ଭାରତୀୟ ସର୍ବେକ୍ଷଣ ନୂଆଦିଲ୍ଲୀର ଅତିରିକ୍ତ ମହାନିର୍ଦ୍ଦେଶକ ସୀମାଦ୍ରି ଓତା, ପ୍ରଫେସର ଦେବାନନ୍ଦ ବେଉରା, ନିମାପଡ଼ା କଲେଜ ଅଧ୍ୟକ୍ଷା ପ୍ରଫେସର ପୁଷ୍ପିତା ରାଜଗୁରୁ, ବରିଷ୍ଠ ଭୂତତ୍ତ୍ୱବିତ୍ ସ୍ନାତକୋତ୍ତର ବିଭାଗର ସହ ସଂଯୋଜନ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। 'ଏକବିଂଶ ଶତାବ୍ଦୀରେ ଭୂ-ପ୍ରତ୍ନତତ୍ତ୍ୱ ଗବେଷଣାର ନୂଆ ଦିଗନ୍ତ' ଶୀର୍ଷକ ଜାତୀୟ ଆଲୋଚନା ଚକ୍ରର ଲକ୍ଷ୍ୟ, ଉଦ୍ଦେଶ୍ୟ ସଂକ୍ରାନ୍ତରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଭୂଗର୍ଭରେ ଲୀନ ହୋଇଯାଇଥିବା ଓ ଲୁକ୍କାୟିତ ଭାବେ ଥିବା ସଂସ୍କୃତି, ସଭ୍ୟତା, ଐତିହ୍ୟକୁ ଗବେଷଣା ମାଧ୍ୟମରେ ଲୋକଲୋଚନକୁ ଆଣିବା ଓ ଏହାକୁ ଭାରତର ଇତିହାସରେ ଯୋଡିବା ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। କଲେଜ ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାତ୍ରୀ, ଅଧ୍ୟାପକ ପ୍ରଦୀପ ଦାଶ, ଭୂତତ୍ତ୍ୱ ବିଭାଗର ମୁଖ୍ୟ ଅଧ୍ୟାପିକା ମମତାରାଣୀ ସ୍ୱାଇଁ, ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରବୀର କୁମାର ବେହେରା ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ଅବସରରେ ଜାତୀୟ ଆଲୋଚନାଚକ୍ରର ଏକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କଲେଜ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ବହୁ ପୂର୍ବତନ ଅଧ୍ୟକ୍ଷ, ଶିକ୍ଷାବିତ୍ ବିଭିନ୍ନ କଲେଜ ଅଧ୍ୟାପକ, ନିମାପଡ଼ା କଲେଜର ବହୁ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍‌ମାନେ ଯୋଗଦେଇଥିଲେ।

### ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେବେ ୧୪୪ ପରୀକ୍ଷାର୍ଥୀ

ଅସ୍ତରଙ୍ଗ,୧୯।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଆସନ୍ତା ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା ଅନୁଷ୍ଠିତ ହେବ। ଗୋଟିଏ ସିଟିଂରେ ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷା ଦେବେ। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହେବ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶ୍ରୀଶାନେଶ୍ୱର ବିଦ୍ୟାପୀଠ ଅଠତିରାରେ ୧୪୪ ପରୀକ୍ଷାର୍ଥୀ ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେବେ। ଏନେଇ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ସୂଚନା ଦେଇଛନ୍ତି।

### ରଥାରୂଢ଼ ଶ୍ରୀବିଗ୍ରହଙ୍କ ଦର୍ଶନ କଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

ପୁରୀ,୧୯।୭(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ପୁରୀର ସାମାଜିକ ଅନୁଷ୍ଠାନ 'ଉର୍ଜାବାନ ଓଡ଼ିଶା' ପରିବାର ପକ୍ଷରୁ ଏକ ପୁଣ୍ୟ କାର୍ଯ୍ୟ କରାଯାଇପାରିଛି। ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଅବସରରେ ବିଚିତ୍ରାନନ୍ଦ ଦୃଷ୍ଟିହୀନ, ମୂକ, ବଧିର ଓ ମାନସିକ ବିକାରଗ୍ରସ୍ତ ବିଦ୍ୟାଳୟର ପିଲାଙ୍କୁ ଶୃଙ୍ଖଳାର ସହିତ ରଥାରୂଢ଼ ଦାରୁଦିଅଁଙ୍କ ଦୁର୍ଲଭ ଦର୍ଶନ କରାଇବାରେ ସହଯୋଗ କରାଯାଇଥିଲା। ବିପୁଳ ଜନସମାଗମ ଭିତରେ କୁନି କୁନି ଛାତ୍ରୀଛାତ୍ରଙ୍କୁ ଏଭଳି ଭାବେ ଠାକୁରଙ୍କ ଦର୍ଶନ କରାଇବା କଷ୍ଟକର ହେଲେ ମଧ ଅନୁଷ୍ଠାନର ସଭାପତି ସନ୍ତୋଷ ସେନାପତିଙ୍କ ତତ୍ତ୍ୱାବଧାନରେ ଉପଦେଷ୍ଟା ପୁଷ୍ପଜିତ ମହାପାତ୍ର, ସନ୍ତୋଷୀ ଭୋଇ, କଳ୍ପନା ଦାସ, ଝିଲ୍ଲିରାଣୀ ମିଶ୍ର, ତିଳମ ଧଳ, ରାଜକୁମାରୀ ସାହା, ନିରଞ୍ଜନ ଜେନା, ଗଜେନ୍ଦ୍ର ସେନାପତି, ରଶ୍ମିରଞ୍ଜନ ନାୟକ, ଦିଲୀପ ଚିନେରା, ଆଶିଷ ସାହୁ, ସପନ ଜାନା ପ୍ରମୁଖ ୩୭ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ବଡ଼ଦାଣ୍ଡରେ ବିଗ୍ରହ ଓ ପରିକ୍ରମା ପ୍ରକଳ୍ପ ଦର୍ଶନ ସହ ପ୍ରସାଦ ସେବନ କରାଇଥିଲେ। ପୋଲିସ ପ୍ରଶାସନ ଏଥିରେ ସହାୟତା କରିଥିଲା। ଅନୁଷ୍ଠାନର ସମ୍ପାଦିକା ନିହାରିକା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରଥଯାତ୍ରା ଅବସରରେ ପୁରୀ ଚାରୁକଳା କେନ୍ଦ୍ରର ଛାତ୍ରୀଛାତ୍ରମାନେ ପ୍ରସ୍ତୁତ କରିଥିବା ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି।

# ବଡ଼ଭଉଣୀ ବନାନୀଙ୍କ ସାକ୍ଷ୍ୟଗ୍ରହଣ

**ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ମାମଲା**

କଟକ,୧୯।୭ (କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀଙ୍କୁ ନିର୍ଯାତନା ଦେବା ମାମଲାର ଶୁଣାଣି କଟକ ଜେଏମ୍‌ଏଫ୍‌ସି ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟରେ ଶୁକ୍ରବାର ହୋଇଛି। ମାମଲାର ସାକ୍ଷ୍ୟ ଗ୍ରହଣ ପ୍ରଥମ କରି ଆରମ୍ଭ ହୋଇଛି। ପ୍ରଥମ ସାକ୍ଷୀ ଭାବେ ବର୍ଷାଙ୍କ ବଡ଼ଭଉଣୀ ବନାନୀ ଦଳାଇଙ୍କ ବୟାନ ରେକର୍ଡ କରାଯାଇଛି। ମାତ୍ର ସମୟ ଅଭାବରୁ ତାଙ୍କୁ ଜେରା କରାଯାଇପାରି ନାହିଁ। ତେବେ ପରବର୍ତ୍ତୀ ଶୁଣାଣିରେ ବନାନୀଙ୍କୁ ଜେରା କରାଯିବ। ଆସନ୍ତା ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପୁରୀଘାଟ ଥାନାରେ ୨୦୨୦ରେ ଏକ ନିର୍ଯାତନା ମାମଲା ରୁଜୁ କରିଥିଲେ। ଅନୁଭବ ତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁ ମଧ ବର୍ଷାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଇଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ କରିଥିବା ଆବେଦନକୁ ଗତ ମେ' ୮ ତାରିଖରେ ଖାରଜ କରିଦେଇଥିଲେ। ଏଥିସହ ମେ' ୧୦ରେ ଚାର୍ଜଫ୍ରେମ୍ ତଥା ସେଦିନ ଅନୁଭବଙ୍କୁ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅନୁଭବ କୋର୍ଟରେ ହାଜର ନ ହୋଇ ସମୟ ଗଡ଼ାଇବାରୁ ତାଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବଙ୍କୁ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହେବା ପାଇଁ ଆଦେଶ ଦେଇଥିଲେ। ଏନ୍‌ବିଡବ୍ଲ୍ୟୁ ମାମଲାରେ ଅନୁଭବ ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ଅନୁଭବ ହାଜର ହେବା ପରେ ତାଙ୍କ ନାମରେ ଓ ତାଙ୍କ ଦୁଇ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ୍ ହୋଇଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅଫ୍ରଜ ଅହମଦ ମାମଲା ପରିଚାଳନା କରୁଛନ୍ତି।

### ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୧୯।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା କଲେଜ ଛାତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଗତ ବୁଧବାର କେଉଁଆଡେ ଅପହରଣ କରି ନେଇଛନ୍ତି। ଏ ସମ୍ପର୍କରେ ଅପହୃତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଅପହରଣକାରୀ ଯୁବକ ସ୍ଥାନୀୟ ଥାନା ଅଧୀନ ରଚିଲୋ ମଳିକ ସାହି ଗ୍ରାମର ବାପୁ ମଳିକଙ୍କ ବିରୋଧରେ ଦଫା ନଂ. ୧୩୭(୨), ୩(୫)ରେ କେଶ ନଂ. ୨୨୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସୁରକ୍ଷା-୨୩ ପକ୍ଷରୁ ଚାରାରୋପଣ

ଚାରିଛକ,୧୯।୭(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ଚାରିଛକ ଥାନା ଅଧୀନ ତୁଳସୀପୁର ପଞ୍ଚାୟତରେ ସୁରକ୍ଷା-୨୩ ମିଶନ ଶକ୍ତି ଏମ୍‌ବିକେ ସବିତା ସାହୁଙ୍କ ନେତୃତ୍ୱରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ଝରଣା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୫୦ରୁ ଉର୍ଦ୍ଧ୍ୱ ଗଛର ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅରକ୍ଷିତ ଭୋଇ, ପ୍ରକାଶ ସାହୁ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ରବୀନ୍ଦ୍ର ଦାଶ, ପରିବେଶପ୍ରେମୀ ଜ୍ୟୋତିରଞ୍ଜନ ପାତ୍ର ଉପସ୍ଥିତ ରହି ଗଛ ଲଗାଇବାରେ ସହଯୋଗ କରିଥିଲେ। ସୁରକ୍ଷା-୨୩ ମିଶନ ଶକ୍ତିର ସଭାନେତ୍ରୀ ସୀମା ଦାସ, ସମ୍ପାଦିକା ମିନାକ୍ଷୀ ଦାସ, ଓ୍ୱାର୍ଡ଼ ସଭ୍ୟା ଲକ୍ଷ୍ମୀପ୍ରିୟା ସାହୁଙ୍କ ସହିତ ପଞ୍ଚାୟତରୁ ବିଭିନ୍ନ ମହିଳା ଗୋଷ୍ଠୀରୁ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଏହି ମହା ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ଗଛ ଲଗାଇ ଥିଲେ।



ଚାରାରୋପଣ ଅବସରରେ ଉପସ୍ଥିତ ମହିଳାମାନେ।

# ସୋମେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ

ଅସ୍ତରଙ୍ଗ,୧୯।୭(ମମତା ଜେନା) ଅସ୍ତରଙ୍ଗ

କାକଟପୁର ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ସୋମେଶ୍ୱର ମହାଦେବଙ୍କ ପରିସରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବରେ ସଂସଦ ସଭାପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଉପେନ୍ଦ୍ର ଭଞ୍ଜଙ୍କ ରଚିତ ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଶୁଭଦ୍ରା ପରିଣୟ ପ୍ରଭୃତି କାବ୍ୟ ମଧ୍ୟରୁ ଆଦ୍ୟ, ପ୍ରାନ୍ତ, ମାଳ, ସର୍ବ ଯମକ ଅଳଙ୍କାରମାନ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମହାପାତ୍ର ସ୍ୱରଚିତ କବିତା ପାଠ କରିଥିଲେ। ସଂସଦ ସମ୍ପାଦକ ମନୋଜ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ସାଧୁ ଚରଣ ବିଶ୍ୱାଳ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ରାଉତ, ସମ୍ମାନିତ ଅତିଥି ଭାବେ ମଞ୍ଜୁଳା ଷଡ଼ଙ୍ଗୀ, ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, ରେଣୁବାଳା ନାୟକ, ରଶ୍ମିରଞ୍ଜନ ମହାନ୍ତି, ବାୟକ ଉମାକାନ୍ତ ଚଇନି, ସଙ୍ଗୀତଜ୍ଞ ରବୀନ୍ଦ୍ର ବାରିକ, ଜଗନ୍ନାଥ ବେହେରା ଓ ପ୍ରଦ୍ୟୁମ୍ନ ପାଣ୍ଡି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗାୟକ ବାଚସ୍ପତି ବନବିହାରୀ ଗ୍ରହାଚାର୍ଯ୍ୟ ଓ ସାଥିଙ୍କୁ ନେଇ ସତ୍ୟନାରାୟଣ ଠାକୁରଙ୍କ ବାର୍ଷିକ ଉତ୍ସବ ପାଳନ କରିଥିଲେ। ଘନଶ୍ୟାମ ତିଆଡ଼ି ଧନ୍ୟବାଦ ଦେଇଥିଲେ।



କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ବନ୍ୟା ନିୟନ୍ତ୍ରଣ ପାଇଁ ନଦୀବନ୍ଧ ବୁଲି ଦେଖିଲେ ଉଚ୍ଚ ଅଧିକାରୀ

କଣାସ,୧୯।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ମୁଖ୍ୟନଦୀ ଦୟା ଓ ତାହାର ଶାଖାନଦୀ ରାଜୁଆ, ମକରା, ଲୁଣା, କାଣିଆ ଓ ରଣପୁର ଅଞ୍ଚଳରୁ ପ୍ରବାହିତ ହେଉଥିବା ମଳାଗୁଣୀ ନଦୀରେ ଚଳିତ ବନ୍ୟାଜଳ ପ୍ରବାହିତ ସମୟରେ କିପରି ନଦୀବନ୍ଧ ସୁରକ୍ଷା ଦେଇପାରିବ, ସେଥିପାଇଁ ଶୁକ୍ରବାର ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ ଏବଂ ଏସ୍.ସି. ଅମୟ ପେଟ୍, ଏସ୍.ଡି.ଓ. ତନୁଜ ରାଉତ, ସହକାରୀ ଯନ୍ତ୍ରୀ ମକରା ବେହେରା ନଦୀବନ୍ଧ ବୁଲି ଦେଖିବା ସହିତ ତାକୁ କିଭଳି ସୁରକ୍ଷା ଦିଆଯାଇପାରିବ ସେନେଇ ଆଲୋଚନା କରିଥିଲେ। ନଦୀବନ୍ଧ ସୁରକ୍ଷା ଦିଗରେ ଆଗାମୀ ବନ୍ୟାରେ କିପରି ନଦୀବନ୍ଧକୁ ସୁରକ୍ଷା ଦିଆଯାଇପାରିବ, ସେ ସମ୍ପର୍କରେ କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଏବଂ ଖୋର୍ଦ୍ଧା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ସନତ୍ ମଲ୍ଲିକ୍ କୁହନ୍ତି, ବନ୍ୟା ସମୟର ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ବାଲି, ଖାଲି ବସ୍ତା ଗଚ୍ଛିତ ରଖାଯାଇଛି। ପୂର୍ବ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ନଦୀବନ୍ଧଗୁଡ଼ିକ ମରାମତି କରାଯାଇଛି। ପ୍ରକାଶଥାଉକି, କିଛିଦିନ ତଳେ ଦୟାନଦୀର ବାମପାର୍ଶ୍ୱ ବନ୍ଧ ବସନ୍ତପୁରଠାରେ ବାରମ୍ବାର ଭୁଶୁଡ଼ିବାରୁ ସେହି ସ୍ଥାନରେ ବନ୍ଧ ସୁଦୃଢ଼ କରାଯାଇଛି। କଣାସ ଜଳସେଚନ ବିଭାଗର ଦୟାନଦୀର ବାମପାର୍ଶ୍ୱ ବନ୍ଧ ଓ ଲୁଣାନଦୀର ବାମ ଓ ଡାହାଣପାର୍ଶ୍ୱ ବନ୍ଧ ହୋଇଥିବାବେଳେ ଖୋର୍ଦ୍ଧା ଜଳସେଚନ ବିଭାଗ ଅଧୀନରେ ରାଜୁଆନଦୀ ଡାହାଣ ଓ ବାମପାର୍ଶ୍ୱ, ଦୟାନଦୀର ଡାହାଣ ପାର୍ଶ୍ୱ, ମକରାନଦୀର ଡାହାଣ ଓ ବାମପାର୍ଶ୍ୱ, ମଳାଗୁଣୀ ନଦୀର ଡାହାଣ ଓ ବାମପାର୍ଶ୍ୱ ନଦୀବନ୍ଧ ରହିଛି।



ଉଚ୍ଚ ଅଧିକାରୀ ନଦୀବନ୍ଧ ପରିଦର୍ଶନ କରୁଛନ୍ତି।

# ସ୍ମାର୍ଟ ଜନପଥ ହୋର୍ଡିଂ ରାଜସ୍ୱରେ କେଳେଙ୍କାରୀ

ଭୁବନେଶ୍ୱର, ୧୯।୭(ବନ୍ଦନା ସେଠୀ)

ସ୍ମାର୍ଟ ଜନପଥରେ ହୋର୍ଡିଂ ଲଗାଇବାକୁ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ମଧ୍ୟରେ ବିବାଦ ଲାଗିରହିଛି। ଏବେ ଏଥିରେ କେଳେଙ୍କାରୀ ହୋଇଥିବା ସାମ୍ନାକୁ ଆସିଛି। ନୂଆ ସରକାର ଆସିବା ପରେ ପୂର୍ବ ସରକାର ସମୟରେ ସ୍ମାର୍ଟସିଟି ପ୍ରକଳ୍ପରେ ହୋଇଥିବା ଦୁର୍ନୀତି ନେଇ ଅଭିଯୋଗ ଉଠିବାରେ ଲାଗିଛି। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ଏକ ସ୍ପେଶାଲ ପର୍ପୋଜ୍ ଭେହିକିଲ୍ (ଏସ୍‌ପିଭି) ଭାବେ ସହରରେ କାମ କରୁଛି। ସ୍ମାର୍ଟସିଟି ମିଶନ୍‌ର ଏକ ମୁଖ୍ୟ ପ୍ରକଳ୍ପ ଭାବେ ଶିଶୁଭବନ ଛକଠାରୁ ବାଣୀବିହାର ପର୍ଯ୍ୟନ୍ତ ପ୍ରାୟ ୩.୯ କିମି. ରାସ୍ତାକୁ ସ୍ମାର୍ଟ ଜନପଥ ଭାବେ ନିର୍ମାଣ କରାଯାଇଥିଲା। ପ୍ରଥମେ ସ୍ମାର୍ଟଜନପଥକୁ 'ନୋ ହୋର୍ଡିଂ ଜୋନ୍' ଭାବେ ଘୋଷଣା କରାଯାଇଥିବାବେଳେ ପରେ ତାହାକୁ ତରବରିଆ ଭାବେ ହୋର୍ଡିଂ ଜୋନ୍ କରାଯାଇଛି। ଏଥିସହ କୌଣସି ଟେଣ୍ଡର ନ କରି ଏକ ଏଜେନ୍ସିକୁ ହୋର୍ଡିଂ ଲଗାଇବାକୁ ଅନୁମତି ଦିଆଯାଇଥିବା ଅଭିଯୋଗ ହୋଇଛି। ସେହିପରି ମ୍ୟୁନିସିପାଲ କର୍ପୋରେଶନ ନିୟମ ଅନୁସାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଆଡ୍‌ଭର୍ଟାଇଜ୍‌ମେଣ୍ଟ ରାଇଟ୍‌ସ ରହିଛି। ଭୁବନେଶ୍ୱରରେ ଲାଗୁଥିବା ସମସ୍ତ ହୋର୍ଡିଂରୁ ମିଳୁଥିବା ରାଜସ୍ୱ ବିଏମ୍‌ସିକୁ ମିଳିବା କଥା। ମାତ୍ର ଏଥିରେ ଖିଲାପ କରି କାହା ପ୍ରରୋଚନାରେ ଜନପଥରୁ ମିଳୁଥିବା ରାଜସ୍ୱ ସ୍ମାର୍ଟସିଟି ଖାତାକୁ ଯାଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ହୋର୍ଡିଂ ବାବଦରେ ସମ୍ପୃକ୍ତ ଏଜେନ୍ସି କେତେ ଟଙ୍କା ରାଜସ୍ୱ ଦେଉଛି ସେ ନେଇ ମଧ୍ୟ କାହା ପାଖରେ ଉତ୍ତର ନାହିଁ। ତେଣୁ ହୋର୍ଡିଂ ଚୟନ ଏବଂ ନୋ ହୋର୍ଡିଂଜୋନ୍‌କୁ ହୋର୍ଡିଂ ଜୋନ୍‌ରେ ପରିଣତ କରିବାରେ ସ୍ମାର୍ଟସିଟି ଗଫଲତି କରିଥିବା ଅଭିଯୋଗ ହୋଇଛି। ସ୍ମାର୍ଟସିଟି ମିଶନ୍ ଅନ୍ତର୍ଗତ ଭୁବନେଶ୍ୱରରେ ଅନେକ ପ୍ରକଳ୍ପ ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ସ୍ମାର୍ଟ ଜନପଥ ଏକ ବଡ଼ ପ୍ରୋଜେକ୍ଟ ଥିଲା। ଜନପଥ ନିର୍ମାଣ ହେବା ପରେ ଏହାର ସୌନ୍ଦର୍ଯ୍ୟକରଣ ଯେପରି ନଷ୍ଟ ନ ହୁଏ ସେଥିପାଇଁ ପ୍ରଥମେ ଏହାକୁ ନୋ ହୋର୍ଡିଂଜୋନ୍ ଭାବେ ଘୋଷଣା କରାଯାଇଥିଲା। ମାତ୍ର କାହାକୁ କିଛି ନ ଜଣାଇ ରାଜସ୍ୱ ପାଇବା ଲକ୍ଷ୍ୟରେ ସ୍ମାର୍ଟସିଟି ପକ୍ଷରୁ ମେଟ୍ରୋ ସାଇନ୍ ନାମକ ଏକ ଏଜେନ୍ସିକୁ ଜନପଥରେ ଲାଗିଥିବା କିଓସ୍କ ଉପରେ ହୋର୍ଡିଂ ପାଇଁ ଅନୁମତି ପ୍ରଦାନ କରାଗଲା। ସେତିକି ସ୍ଥାନ ଯଥେଷ୍ଟ ନ ହେବାରୁ ପୁନର୍ବାର ତାକୁ ସମସ୍ତ ୟୁଟିଲିଟି ପାଖରେ ହୋର୍ଡିଂ ଲଗାଇବାକୁ ଅନୁମତି ଦିଆଯାଇଛି। ଏନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ନ ଥିବାରୁ ନୋ ହୋର୍ଡିଂ ଜୋନ୍‌ରେ କିଭଳି ହୋର୍ଡିଂ ଲାଗିଲା ସେ ନେଇ ତତ୍କାଳୀନ ଡେପୁଟି କମିଶନର (ରାଜସ୍ୱ)ଙ୍କୁ ତନାଘନା କରାଯାଇଥିଲା। ଶେଷରେ ଅନ୍ୟ ଉପାୟ ନ ପାଇ ଅଧିକାରୀ ରାତିଅଧିଆ କେତେଜଣ କର୍ମଚାରୀଙ୍କୁ ନେଇ ଅଳ୍ପ କେତେକ ହୋର୍ଡିଂ କାଟି ପକାଇଥିଲେ। ମାତ୍ର ଉପର ମହଲରୁ ଚାପ ପଡ଼ିବା ପରେ ସେ ଉପାୟ ନ ପାଇ ପୁଣିଥରେ କଟା ଯାଇଥିବା ହୋର୍ଡିଂ ଲଗାଇବାକୁ ବାଧ୍ୟ ହୋଇଥିଲେ। ସେହିପରି ବିଏମ୍‌ସି ପକ୍ଷରୁ ଟେଣ୍ଡର କରାଯାଇ ଦକ୍ଷିଣପୂର୍ବ ଜୋନ୍ ପ୍ୟାକେଜ୍ ଅନ୍ତର୍ଗତ ଜନପଥକୁ ମିଶାଇ ସମସ୍ତ ଅଞ୍ଚଳରେ ହୋର୍ଡିଂ ଲଗାଇବାକୁ ଅନ୍ୟଏକ ସଂସ୍ଥାକୁ ଟେଣ୍ଡର ଦିଆଯାଇଥିଲା। ମାତ୍ର ସ୍ମାର୍ଟସିଟି ମନଇଚ୍ଛା ସମ୍ପୃକ୍ତ ସଂସ୍ଥାକୁ ଅନୁମତି ଦେଇଥିବାରୁ ପରେ ବିଏମ୍‌ସିକୁ ନିରାଶ ହେବାକୁ ପଡ଼ିଥିଲା। ଏହିପରି ଅନେକ କ୍ଷେତ୍ରରେ ସ୍ମାର୍ଟସିଟି ବିଏମ୍‌ସିକୁ ଅବଗତ ନ କରି ସହରରେ ବିଭିନ୍ନ କାର୍ଯ୍ୟ କରୁଛି। ଗୋଟେପଟେ ରାଜସ୍ୱ ବଢାଇବା ପାଇଁ ବିଏମ୍‌ସି ଉପରେ ଚାପ ପଡୁଥିବାବେଳେ କିଭଳି ରାଜସ୍ୱ ବାଟମାରଣା ହେଉଛି ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି। ଘଟଣା ନେଇ ସ୍ମାର୍ଟସିଟି କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନି।

### ବିଏମ୍‌ସିର ବିଜ୍ଞାପନ ଅଧିକାର ଛଡ଼ାଇ ନେଇଛି ସ୍ମାର୍ଟସିଟି




### ସ୍ମାର୍ଟସିଟି କୋର୍ କମିଟିରେ ମେୟରଙ୍କୁ ରଖାଯାଉନି

ମେୟରଙ୍କୁ ସହରର ମୁଖ୍ୟ ଭାବେ ଗଣାଯାଉଥିବାବେଳେ ସ୍ମାର୍ଟସିଟିର କୋର୍ କମିଟିରେ ତାଙ୍କୁ ସ୍ଥାନ ଦିଆଯାଇ ନାହିଁ। ୨୦୧୬ରୁ ଭୁବେଶ୍ୱରରେ ସ୍ମାର୍ଟସିଟି ମିଶନ୍‌ରେ ବିଏସ୍‌ସିଏଲ୍ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବାବେଳେ ଏହାର ଏମ୍‌ଡି ଭାବେ ବଲୱନ୍ତ ସିଂ ରହିଛନ୍ତି। ସେହିପରି ଏହାର ଜିଏମ୍ (ଆଡ୍‌ମିନିଷ୍ଟ୍ରେଶନ୍) ଭାବେ ପୁରନ୍ଦର ନନ୍ଦ, ଜିଏମ୍ (ସୋସିଆଲ ଆଣ୍ଡ ସ୍ପେଶାଲ ପ୍ରୋଜେକ୍ଟ) ଭାବେ ଡ. ମନୋରଞ୍ଜନ ସାହୁ, ଚିଫ୍ ଫାଇନାନ୍ସ ଅଫିସର ମଦନ ସିଂ ରହିଛନ୍ତି। ଅଧିକାରୀମାନଙ୍କୁ ନେଇ ଗଠିତ କୋର୍ କମିଟିରେ ଜନପ୍ରତିନିଧି ହୋଇ ମଧ୍ୟ ମେୟରଙ୍କୁ ରଖାଯାଇ ନାହିଁ। ତେଣୁ ମିଶନ୍ ଅନ୍ତର୍ଗତ ସହରରେ କ'ଣ କାମ ହେଉଛି, କେତେ ଟଙ୍କା ଖର୍ଚ୍ଚ ହେଉଛି, କେତେ ରାଜସ୍ୱ ଆସୁଛି ସେ ନେଇ କାହା ପାଖରେ ଖବର ରହୁନାହିଁ। ଅଧିକାରୀ ମନଇଚ୍ଛା କାମ କରୁଥିବାବେଳେ ଜନସାଧାରଣଙ୍କ ପକ୍ଷରୁ ତାଙ୍କୁ ପ୍ରଶ୍ନ କରିବାକୁ କେହି ନାହାନ୍ତି। ଗୋଟିଏ କୋଠାରେ ବିଏମ୍‌ସି ଏବଂ ସ୍ମାର୍ଟସିଟି କାର୍ଯ୍ୟାଳୟ ଥିବାବେଳେ ଉପର ମହଲାରେ କ'ଣ ହେଉଛି ତାହା ତଳ ମହଲାରେ ବସୁଥିବା ମେୟର ଜାଣି ପାରୁନାହାନ୍ତି। ତେବେ ଖୁବ୍‌ଶୀଘ୍ର ଏନେଇ ସ୍ମାର୍ଟସିଟିକୁ ପ୍ରଶ୍ନ କରାଯିବ ବୋଲି ସୂଚନା ମିଳିଛି। ସେହିପରି କେଉଁ ଭିତ୍ତିରେ ସ୍ମାର୍ଟସିଟି ଆଡ୍‌ଭର୍ଟାଇଜ୍‌ମେଣ୍ଟ ରାଇଟ୍‌ସର ଅବମାନନା କରିଛି ସେ ନେଇ ମଧ୍ୟ ପ୍ରଶ୍ନ ଉଠିବ।

### 'ରାଜସ୍ୱ ଆମର, ରକ୍ଷଣାବେକ୍ଷଣ ବିଏମ୍‌ସିର'

ସ୍ମାର୍ଟସିଟି ଯୋଜନାରେ ନିର୍ମାଣ ହୋଇଥିବା ବିଭିନ୍ନ ପ୍ରକଳ୍ପରୁ ରାଜସ୍ୱ ନେବୁ, କିନ୍ତୁ ରକ୍ଷଣାବେକ୍ଷଣ ଦାୟିତ୍ୱ ବିଏମ୍‌ସିକୁ ଦେବୁ। ଏଭଳି ଏକ ଅଜବ ନୀତିରେ ସ୍ମାର୍ଟସିଟି ପକ୍ଷରୁ ୨୦୨୩ ଡିସେମ୍ବରରେ ବିଏମ୍‌ସିକୁ ଏକ ଚିଠି କରାଯାଇଥିଲା। ପ୍ରକଳ୍ପ ଅନ୍ତର୍ଗତ ଶହୀଦନଗରସ୍ଥିତ ସେନ୍ସୋରୀ ପାର୍କ, ଶହୀଦନଗର ପାର୍କ, ଖାରବେଳନଗରସ୍ଥିତ କମ୍ୟୁନିଟି ସେଣ୍ଟର, ବାପୁଜୀ ନଗର ଏବଂ ଶହୀଦନଗରରେ ଥିବା ଆଇପିଏସ୍‌ସି ବିଲ୍ଡିଂର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଏମ୍‌ସି ନିଜ ହାତକୁ ନେଉ ବୋଲି ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଏନେଇ କର୍ପୋରେଶନ୍‌ରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ମାର୍ଟ ଜନପଥର ହୋର୍ଡିଂରୁ ମିଳୁଥିବା ରାଜସ୍ୱ ସାଙ୍ଗକୁ ରାଜମହଲ ଏବଂ ଶହୀଦନଗରସ୍ଥିତ ମଲ୍ଟି ଲେଭଲ୍ କାର ପାର୍କିଂରୁ ସ୍ମାର୍ଟସିଟି ରାଜସ୍ୱ ସଂଗ୍ରହ କରୁଛି। ସେହିପରି ବିଏମ୍‌ସି ମେୟରଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଉ ନ ଥିବାରୁ ବିଏମ୍‌ସି କାହିଁକି ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଥିଲେ। ତେବେ ଯଦି ସ୍ମାର୍ଟସିଟି ପାଉଥିବା ରାଜସ୍ୱ ବିଏମ୍‌ସିକୁ ଦେବ, ତେବେ ବିଏମ୍‌ସି ପକ୍ଷରୁ ଉପରୋକ୍ତ ପ୍ରକଳ୍ପ ସହିତ ଜନପଥ ମେଡିଆନ୍‌ର ମଧ୍ୟ ରକ୍ଷଣାବେକ୍ଷଣ ଦାୟିତ୍ୱ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି।

# ଗଛ ବଞ୍ଚିଲେ ମିଳିବ ମାନପତ୍ର

ଭୁବନେଶ୍ୱର,୧୯।୭(ସୁବାସ ଚନ୍ଦ୍ର ପ୍ରଧାନ)

### ବିରସେନ ଜେନାଙ୍କ ସ୍ମୃତିରେ ଚାରାରୋପଣ, ଚାରା ବଣ୍ଟନ

ନୂଆ ଗାଁ ଗ୍ରାମୀଣ ବିକାଶ ମଞ୍ଚ ପକ୍ଷରୁ ସ୍ୱର୍ଗତ ବୀରସେନ ଜେନାଙ୍କ ସ୍ମୃତିରେ ଶୁକ୍ରବାର ଚାରା ରୋପଣ କରାଯିବା ସହ ନୂଆ ଗାଁ ପେଟ୍ରୋଲ ପମ୍ପ ନିକଟରେ ଚାରା ବଣ୍ଟନ କରାଯାଇଛି। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଚାରା ନେଇଥିଲେ। ଯେଉଁ ବ୍ୟକ୍ତି ଓ ଅନୁଷ୍ଠାନ ଚାରାରୋପଣ କରି ୧ବର୍ଷ ପରେ ଗଛର ଫଟୋ ଗଛକୁ ବଞ୍ଚାଇ ଥିବାର ପ୍ରମାଣ ପ୍ରଦାନ କରିବେ, ସେମାନଙ୍କୁ ଆସନ୍ତା ବର୍ଷକୁ ମାନପତ୍ର ପ୍ରଦାନ ସହିତ ସମ୍ମାନିତ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଏଥିରେ ନୂଆ ଗାଁ ଗ୍ରାମୀଣ ବିକାଶ ମଞ୍ଚର ସମ୍ପାଦକ ଡ. ଚିନ୍ମୟ ନନ୍ଦ ବଡ଼ଜେନା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସାମିଲ ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବିଏମ୍‌ସି ୫୪ନଂ. ୱାର୍ଡ କର୍ପୋରେଟର ଶିବ ପ୍ରସାଦ ବେହେରା, ମଞ୍ଚ ସଭାପତି ବସନ୍ତ ବରାଳ, କାର୍ଯ୍ୟକାରୀ ସଭାପତି ସଞ୍ଜୟ ଗିରି, ତପନ ନାୟକ, ବଳରାମ ଦେଓ, ପ୍ରଶମିତା ମହାନ୍ତି, ପ୍ରକାଶ ରଣାଙ୍କ ସମେତ ବହୁ ସାମାଜିକ କର୍ମୀ ଓ ପରିବେଶପ୍ରେମୀ ସାମିଲ ଥିଲେ।



ନୂଆ ଗାଁ ପେଟ୍ରୋଲ ପମ୍ପ ନିକଟରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଚାରା ବଣ୍ଟନ କରୁଛନ୍ତି।

# ଗ୍ରାମରେ ମାଙ୍କଡ଼ ଆତଙ୍କ, ୨ ଆହତ

ବେଗୁନିଆ,୧୯।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅଧୀନ ଗୋଡ଼ା ଗ୍ରାମରେ ମାଙ୍କଡ଼ ଆତଙ୍କ ଦେଖିବାକୁ ମିଳିଛି। ଏଥିରେ ଗ୍ରାମର ପ୍ରମୋଦ ମହାପାତ୍ର ଓ ଛାତ୍ର ବାସୁଦେବ ଖୁଣ୍ଟିଆ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବାବେଳେ ଅନ୍ୟମାନେ ମଧ୍ୟ ମାଙ୍କଡ଼ ଆକ୍ରମଣରେ ଆହତ ହୋଇଛନ୍ତି। ବାସୁଦେବ ମହାପାତ୍ର ନିଜ ବାଡ଼ିରେ କାର୍ଯ୍ୟ କରୁଥିବାବେଳେ ଅତର୍କିତ ଭାବେ ମାଙ୍କଡ଼ଟି ତାଙ୍କୁ ଆକ୍ରମଣ କରି ତାଙ୍କର ବାମ ଗୋଡ଼ର ତଳକୁ କାମୁଡି ମାଂସ ଛିଣ୍ଡାଇ ନେଇ ପଳାଇ ଯାଇଥିଲା। ବାସୁଦେବଙ୍କୁ ପ୍ରଥମେ ଡାଳତୋଳା ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ପରେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ରମାଦେବୀ ବିଶ୍ୱବିଦ୍ୟାଳୟ ମାଟିରେ ଶକ୍ତି ଭରି ରହିଛି: ବାଚସ୍ପତି




ଦୁଇ ଶ୍ରେଷ୍ଠ ଗ୍ରାଜୁଏଟ୍‌ଙ୍କୁ ପୁରସ୍କୃତ କରିବା ଅବସରରେ ବାଚସ୍ପତି ସୁରମା ପାଢ଼ୀ, କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଓ ଅନ୍ୟମାନେ।

ଭୁବନେଶ୍ୱର,୧୯।୭ (ଅନୁରାଧା ମହାରଣା)

### ପୁରାତନ ଛାତ୍ରୀ ସଂଘର ବାର୍ଷିକ ଆଲୁମ୍ନି ମିଟ୍

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରୀ ସଂଘ ପକ୍ଷରୁ ବାର୍ଷିକ ଆଲୁମ୍ନି ମିଟ୍ ଓ ସାଧାରଣ ପରିଷଦ ବୈଠକ ଶୁକ୍ରବାର ବିଶ୍ୱବିଦ୍ୟାଳୟ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରମାଦେବୀ ମହିଳା ମହାବିଦ୍ୟାଳୟର ପୁରାତନ ଛାତ୍ରୀ ତଥା ବାଚସ୍ପତି ସୁରମା ପାଢ଼ୀ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ପୁରାତନ ଛାତ୍ରୀ ସଂଘ ପକ୍ଷରୁ ବାଚସ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜ ଅନୁଭୂତି ବର୍ଣ୍ଣନା କରି ବାଚସ୍ପତି ଭାବବିହ୍ୱଳ ହୋଇପଡ଼ିଥିଲେ। ସେ କହିଲେ, ଏ ମାଟିର ଚମକ ଅଛି, ଆକର୍ଷଣ ଅଛି ଓ ଏଠାରେ ଶକ୍ତି ଭରି ରହିଛି। ଏହାର ଦ୍ୱାରରେ ପଶି ପୁଣି ସଂସାର ଦ୍ୱାରରେ ପ୍ରବେଶ କଲେ ଜଣେ ଅଟଳ, ଦୃଢମନା ଓ ଶକ୍ତିଶାଳୀ ହୋଇଥାଏ। ମା' ରମାଦେବୀଙ୍କ ପ୍ରେରଣା ଏବଂ ଆଦର୍ଶ ସମସ୍ତଙ୍କୁ ଅନୁପ୍ରାଣିତ ଓ ଶାଣିତ କରୁଛି। ଓଡ଼ିଶାରେ ସେ ପ୍ରାୟ ୪ହଜାର କି.ମି. ପଦଯାତ୍ରା କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଖାସ ଦେଇଛନ୍ତି ଓ ସମାଜ ସେବାରେ ନିଜକୁ ନିୟୋଜିତ କରିଛନ୍ତି, ଯାହା ବିରଳ ବୋଲି ବାଚସ୍ପତି ପାଢ଼ୀ କହିଥିଲେ। ଶେଷରେ ସେ ମା' ଧରିତ୍ରୀର ସୁରକ୍ଷା ଓ ପରିବେଶ ସନ୍ତୁଳନ ପାଇଁ ସମସ୍ତେ ଗୋଟିଏ ଲେଖାଏ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବାଚସ୍ପତି ରୋଟାରୀ କ୍ଲବ୍ ପକ୍ଷରୁ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ପାଇଁ ପ୍ରଦାନ କରାଯାଇଥିବା ଏକ ସାନିଟାରି ପ୍ୟାଡ୍ ଭେଣ୍ଡିଂ ମେଶିନକୁ ଉଦ୍‌ଘାଟନ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଶେଷ ତିନି ବର୍ଷର ଶ୍ରେଷ୍ଠ ଗ୍ରାଜୁଏଟ୍‌ମାନଙ୍କୁ ପୁରସ୍କୃତ କରିଥିଲେ। କୁଳପତି ଚୌଧୁରୀ ନିଜର ବକ୍ତବ୍ୟରେ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ କାମନା କରିଥିଲେ। କୁଳସଚିବ ଶ୍ୟାମଳୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପୁରାତନ ଛାତ୍ରୀ ସଂଘର ସମ୍ପାଦିକା ଡ. ସ୍ନେହଲତା ଦାସ ଧନ୍ୟବାଦ ଦେଇଥିଲେ। ପରେ ପୁରାତନ ଛାତ୍ରୀ ସଂଘର ସାଧାରଣ ପରିଷଦ ବୈଠକର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨ବର୍ଷ ପାଇଁ ସଭାପତି ଭାବେ ପ୍ରଫେସର ଅପରାଜିତା ଚୌଧୁରୀ, ଉପସଭାପତି ସୁଚିତ୍ରା ସାମଲ, ସାଧାରଣ ସମ୍ପାଦିକା ଡ. ସ୍ନେହଲତା ଦାସ, ଯୁଗ୍ମ ସମ୍ପାଦିକା ଡ. ମୋନାଲିସା ମହାନ୍ତି, ସହ ସମ୍ପାଦିକା ସୁଶ୍ରୀ ମିଶ୍ର, କୋଷାଧକ୍ଷା ଡ. ସସ୍ମିତା ମହାନ୍ତି ଓ ଯୁଗ୍ମ କୋଷାଧକ୍ଷା ଭାବେ ଡ. ସରିତା ମିଶ୍ର ମନୋନୀତ ହୋଇଛନ୍ତି।

# ଛିନତାଇ ଗ୍ୟାଙ୍ଗକୁ ଧରିଲା ପୋଲିସ

ବାରଙ୍ଗ,୧୯।୭(ଲିଙ୍ଗରାଜ ରାଉତ)

ଫୁଲପୋଖରୀ ପାଖରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ଘଟଣାରେ ପୋଲିସ ଛିନତାଇ ଗ୍ୟାଙ୍ଗର ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀଘାଟ ଥାନା ଅଧୀନ ମେରିଆ ବଜାରର ପି.ଜଗାରାଓ, ଲାଲବାଗ ଥାନା ଅଧୀନ ଜଗନ୍ନାଥ ବଲ୍ଲଭରେ ରହୁଥିବା ଏସ୍‌କେ ଅଲି ଓ ଅବଦୁଲ କାଦିର। ପୋଲିସ ସେମାନଙ୍କଠାରୁ ଛିନତାଇରେ ବ୍ୟବହାର କରିଥିବା ଓଆର-ଏଜେ-୦୪୬୬ନଂ ଏକ ବାଇକ୍, ୩ ମୋବାଇଲ ଫୋନ ଓ ୬ ଗ୍ରାମ ଓଜନର ସୁନାଚେନ୍ ଜବତ କରିଛି। ପ୍ରକାଶ ଯେ, ଗତ ୧୨ ତାରିଖରେ ନେତଲ ଗ୍ରାମର ସସ୍ମିତା ବେହେରା ଏକ ସ୍କୁଟି (ଓଡ଼ି ୦୫-ଏଜେଡ-୦୨୫୧) ଯୋଗେ ବାରଙ୍ଗରୁ ତ୍ରିଶୁଳିଆ ଆଡ଼କୁ ଯାଉଥିଲେ। ସସ୍ମିତା ଫୁଲପୋଖରୀ ଗାଁପାଖ ପାହାଳ ମିଠା ଦୋକାନ ସାମ୍ନାରେ ପହଞ୍ଚିବାବେଳକୁ ପଛପଟରୁ ଏକ ଗାଡ଼ିରେ କିଛିଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ୬ ଗ୍ରାମ ଓଜନର ସୁନାଚେନ ସହ ଲକେଟକୁ ଟାଣି ନେଇଯାଇଥିଲେ। ସସ୍ମିତା ଏ ସଂକ୍ରାନ୍ତରେ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବାରଙ୍ଗ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ୨୭୯/୨୪ କେଶ ନଂ.ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ବାରଙ୍ଗ ଥାନା ଓ ସେସ୍ପାଲ ସ୍କ୍ୱାର୍ଡର ମିଳିତ ଉଦ୍ୟମରେ ବାରଙ୍ଗ-ତ୍ରିଶୁଳିଆ ମୁଖ୍ୟରାସ୍ତା ପାର୍ଶ୍ୱ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ସେମାନଙ୍କ ଠିକଣା ଜାଣି ଅଭିଯୁକ୍ତଙ୍କ ଘରୁ କାବୁ କରିଥିଲା। ସେମାନେ କଟକର ବିଭିନ୍ନ ଥାନା ଅଞ୍ଚଳରୁ ଏହିଭଳି ଛିନତାଇ କରିଥିବା ପୋଲିସ ଅଧିକ ପଚରାଉଚରା କରିବାରୁ ଜାଣିବାକୁ ପାଇଥିଲା। କଟକର ବିଭିନ୍ନ ଥାନାରେ ଅବଦୁଲ କାଦିରଙ୍କ ନାମରେ ୧୦ଟି ଓ ଏସ୍‌କେ ଅଲିଙ୍କ ନାମରେ ୨ଟି ମକଦ୍ଦମା ଥିବା ଜଣାପଡ଼ିଛି।

# ବଡ଼ଭଉଣୀ ବନାନୀଙ୍କ ସାକ୍ଷ୍ୟଗ୍ରହଣ

କଟକ,୧୯।୭(କାର୍ତ୍ତିକ ସାହୁ)

### ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ମାମଲା

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ମାମଲାର ଶୁଣାଣି କଟକ ଜେଏମ୍‌ଏଫ୍‌ସି ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟରେ ଶୁକ୍ରବାର ହୋଇଛି। ମାମଲାର ସାକ୍ଷ୍ୟ ଗ୍ରହଣ ପ୍ରଥମ କରି ଆରମ୍ଭ ହୋଇଛି। ପ୍ରଥମ ସାକ୍ଷୀ ଭାବେ ବର୍ଷାଙ୍କ ବଡ଼ଭଉଣୀ ବନାନୀ ଦଳାଇଙ୍କ ବୟାନ ରେକର୍ଡ କରାଯାଇଛି। ମାତ୍ର ସମୟ ଅଭାବରୁ ତାଙ୍କୁ ଜେରା କରାଯାଇପାରି ନାହିଁ। ତେବେ ପରବର୍ତ୍ତୀ ଶୁଣାଣିରେ ବନାନୀଙ୍କୁ ଜେରା କରାଯିବ। ଆସନ୍ତା ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅଫ୍ରଜ ଅହମଦ ମାମଲା ପରିଚାଳନା କରୁଛନ୍ତି।

# ନିଯୁକ୍ତି ପତ୍ର ଥାଇ ଅଗ୍ନିଶମ ବିଭାଗରେ ମିଳୁନି ନିଯୁକ୍ତି

ଭୁବନେଶ୍ୱର, ୧୯।୭(ଅନୁରାଧା ମହାରଣା)

### ବର୍ଷାରେ ଭିଜି ପ୍ରତିବାଦ କଲେ ଆଶାୟୀ

ଅଗ୍ନିଶମ ବିଭାଗରେ ନିଯୁକ୍ତି ପାଇଁ ପତ୍ର ପାଇଛନ୍ତି, ମାତ୍ର ନିଯୁକ୍ତି ମିଳୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ଅଭିଯୋଗ ଆଣି ଶୁକ୍ରବାର ଆଶାୟୀମାନେ ଲୋୟର ପିଏମ୍‌ଜିରେ ବର୍ଷାରେ ଭିଜିଭିଜି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ଅଗ୍ନିଶମ ବିଭାଗ ପକ୍ଷରୁ ଆଗ୍ନିକ ଓ ଆଗ୍ନିକ ଚାଳକ ପାଇଁ ୯୪୧ ପଦବୀରେ ନିଯୁକ୍ତି ଲାଗି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷା ଦେବା ପରେ ଗତ ଜାନୁଆରୀ ୧ରେ ମେଧା ତାଲିକା ବାହାରିଥିଲା। ଜାନୁଆରୀ ୨୨ରେ ଡକ୍ୟୁମେଣ୍ଟ ଯାଞ୍ଚ ଓ ଫେବୃଆରୀ ୬ରେ ବିଭାଗ ପକ୍ଷରୁ ମନୋନୀତ ଆଶାୟୀଙ୍କ ପାଇଁ ଜଏନିଂ ଲେଟର ଇସ୍ୟୁ କରାଯାଇଥିଲା। ଫେବୃଆରୀ ୧୨ରେ ନିଯୁକ୍ତି ଦେବାକୁ ବିଭାଗ ନିର୍ଦ୍ଦେଶ ଦେଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏମାନଙ୍କୁ ଆଉ ନିଯୁକ୍ତି ମିଳିନାହିଁ। ଇତିମଧ୍ୟରେ ୬ ମାସ ବିତିଯାଇଥିବାବେଳେ ସରକାର ଦେଇଥିବା ନିଯୁକ୍ତିପତ୍ର ଧରି ସେମାନେ ଚାକିରି ଆଶାରେ ଅପେକ୍ଷା କରି ହତାଶ ହୋଇପଡିଲେଣି। ଏପରିକି ବିଭାଗକୁ ବାରମ୍ବାର ଦୌଡୁଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳୁନି। ଏବେ ପୁଣି ସରକାର ବଦଳି ଯାଇଥିବାରୁ ପୂର୍ବ ସରକାର ଦେଇଥିବା ନିଯୁକ୍ତିପତ୍ରକୁ ନୂଆ ସରକାର ଗ୍ରହଣ କରି ନିଯୁକ୍ତି ଦେବାକୁ ଆଶାୟୀମାନେ ନିବେଦନ କରିଛନ୍ତି।




# ବିଡିଏ ଅଧ୍ୟକ୍ଷଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ନାହିଁ

ଭୁବନେଶ୍ୱର, ୧୯।୭ (ବନ୍ଦନା ସେଠୀ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କାର୍ଯ୍ୟାଳୟରେ ଅଧ୍ୟକ୍ଷ ବସିବାକୁ ସ୍ଥାନ ନାହିଁ। ୨୦୧୯ ପରଠାରୁ ଅଧ୍ୟକ୍ଷଙ୍କ ଲାଗି ସ୍ୱତନ୍ତ୍ର କକ୍ଷ ନ ଥିବାବେଳେ ନିକଟରେ ବିଭାଗୀୟ ମନ୍ତ୍ରୀ ତଥା ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଡିଏ ପରିଦର୍ଶନରେ ଆସି ଦୁଆର ମୁହଁରୁ ଫେରିଯିବା ଘଟଣା ନିଆଁରେ ଘିଅ ଢାଳିଛି। ବିଡିଏ ପ୍ରତିଷ୍ଠା ହେବା ଦିନଠାରୁ ଅଧ୍ୟକ୍ଷଙ୍କ ଲାଗି କୋଠାର ୫ମ ମହଲାରେ ସ୍ୱତନ୍ତ୍ର କକ୍ଷ ସହ ସମୀକ୍ଷା ଲାଗି କନ୍‌ଫରେନ୍ସ ହଲ୍ ଥିଲା। ମାତ୍ର ୨୦୧୯ରେ ବିଡିଏ ମୁଖ୍ୟାଳୟର ପୁନରୁଦ୍ଧାର ପରଠାରୁ ଅଧ୍ୟକ୍ଷଙ୍କ ଲାଗି ସେଠାରେ ଆଉ କକ୍ଷ ରହିଲା ନାହିଁ। ୫ମ ମହଲାରେ ଏବେ ବିଡିଏର ପ୍ଲାନିଂ ସେକ୍ସନ କାମ କରୁଥିବାବେଳେ ଅଧ୍ୟକ୍ଷଙ୍କ ଲାଗି ସ୍ୱତନ୍ତ୍ର କକ୍ଷ ନିର୍ମାଣ କରାଯାଇନାହିଁ। ବିଡିଏ ଅଧ୍ୟକ୍ଷ ତଥା ବିଭାଗୀୟ ମନ୍ତ୍ରୀ ଡ. ମହାପାତ୍ର ବିଡିଏ ଆସି ଅଧିକାରୀଙ୍କୁ ନ ଭେଟି ଫେରିଯିବା ପରେ ବିଡିଏର ତଳ ମହଲାରେ ମନ୍ତ୍ରୀଙ୍କ ଲାଗି ସ୍ୱତନ୍ତ୍ର କକ୍ଷ ନିର୍ମାଣ କରିବାକୁ ଯୋଜନା ହୋଇଥିବା ଚର୍ଚ୍ଚା ଜୋର୍ ଧରିଛି। ବିଡିଏ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିବା ମନ୍ତ୍ରୀ ଓ ସଚିବମାନେ ପୂର୍ବରୁ ବିଡିଏ ଆସି ପ୍ରକଳ୍ପ ସମୀକ୍ଷା କରୁଥିଲେ। କିନ୍ତୁ ୨୦୧୭ ପରଠାରୁ ଆଉ ବିଡିଏରେ ଏପରି କୌଣସି କାର୍ଯ୍ୟ ଅଧ୍ୟକ୍ଷଙ୍କ ଦ୍ୱାରା କରାଯାଇ ନାହିଁ। ଗୃହ ଓ ନଗର ଉନ୍ନୟନ ବିଭାଗର ତତ୍କାଳୀନ ସଚିବ ଜି. ମାଥିଭାଥନନ୍ ବିଡିଏ ଆସି ସମୀକ୍ଷା କରିବା ପରିବର୍ତ୍ତେ ଅଧିକାରୀଙ୍କୁ ଡକାଇ ସମୀକ୍ଷା କରୁଥିଲେ। ଏବେ ସଚିବଙ୍କ ବଦଳି ଅନ୍ୟ ବିଭାଗକୁ ହୋଇଥିବାବେଳେ ମନ୍ତ୍ରୀ ଅଧ୍ୟକ୍ଷ ହୋଇଛନ୍ତି। ପଦ ମିଳିବା ପରେ ମନ୍ତ୍ରୀ ଆସିଲେ କେଉଁଠି ବସିବେ ସେ ନେଇ ବିଡିଏ ବରିଷ୍ଠ ଅଧିକାରୀଙ୍କ ମୁଣ୍ଡ ବିନ୍ଧା ଆରମ୍ଭ ହୋଇଛି। ଅପରପକ୍ଷେ ବିଡିଏର ବ୍ୟୁକେସି ସେଲ୍ ଏବେ ବୟନିକା ଭବନରେ କାମ କରୁଥିବା ଦେଖିବାକୁ ମିଳିଛି। ଏହି ସେଲ୍‌ରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ କାମ କରୁଥିବାବେଳେ କମ୍ପ୍ୟୁଟର, ଚେୟାର, ଟେବୁଲ ନେଇ ଏବେ ସେମାନେ ବୟନିକାରେ ଡେରା ପକାଇଛନ୍ତି। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଦିନ ହେବ ଏହି ସେଲ୍‌କୁ ବୟନିକା ଭବନକୁ ପଠାଯାଇଥିବା ସୂଚନା ମିଳିଛି। ତେବେ ବ୍ୟୁକେସି ସେଲ୍ କାର୍ଯ୍ୟ କରୁଥିବା କକ୍ଷର ପୁନରୁଦ୍ଧାର କରାଯାଉଥିବାରୁ ସେଠାରେ ଅଧ୍ୟକ୍ଷଙ୍କ ବସିବା ପାଇଁ ବ୍ୟବସ୍ଥା ହେଉଥିବା କୁହାଯାଉଛି। ଏଥିପାଇଁ ବିଡିଏ ଉପାଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ରାତି ଅଧିଆ ବ୍ୟୁକେସି ସେଲ୍‌ର ସ୍ଥାନାନ୍ତର କରାଯାଇଥିବା କେତେଜଣ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି। ତେବେ ଏ ସମ୍ପର୍କରେ ବିଡିଏ ଉପାଧ୍ୟକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ବୟନିକା ଭବନରେ ଡେରା ପକାଇଛି ବ୍ୟୁକେସି ସେଲ୍

BHUBANESWAR DEVELOPMENT

**ବିଧାୟକଙ୍କ ସମୀକ୍ଷା ବୈଠକ**

କଣ୍ଟାପଡା,(ସୁରନାରାୟଣ ସାହୁ): ନବନିର୍ବାଚିତ ନିଆଳି ବିଧାୟକ ଛବୀନ୍ଦ୍ର ମଲ୍ଲିକ ଗୁରୁବାର କଣ୍ଟାପଡା ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହରେ ପ୍ରଥମ ସମୀକ୍ଷା ବୈଠକ କରିଛନ୍ତି। ଯେମିତି କେହିଜଣେ ବୟସ୍କ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ତାଗିଦ୍ କରିଛନ୍ତି। ଏହି ବୈଠକରେ କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ, ବିଡିଓ ସ୍ୱପ୍ନିତା ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୀନା ଭୋଇ, ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଦଳମତ ନିର୍ବିଶେଷରେ ସମସ୍ତ ଜନସାଧାରଣଙ୍କ କାର୍ଯ୍ୟକୁ ଗୁରୁତ୍ୱ ଦେବାପାଇଁ ବିଧାୟକ ମଲ୍ଲିକ ଅଧିକାରୀଙ୍କୁ ତାଗିଦ୍ କରିଥିଲେ।

# 'ଉଠା ଦୋକାନୀଙ୍କ ଉପରେ ଲାଗୁ ହେବ ୟୁଜର୍ସ ଫି'

## ସିଏମ୍‌ସି କାଉନସିଲ ବୈଠକରେ ହଟ୍ଟଗୋଳ

କଟକ,୧୯।୭(କାର୍ତ୍ତିକ ସାହୁ)

ସହରର ବିଭିନ୍ନ ଅଞ୍ଚଳରେ ଉଠାଦୋକାନୀମାନେ ବ୍ୟବସାୟ କରୁଛନ୍ତି। ସେମାନେ ବ୍ୟବସାୟ ସାରିବା ପରେ ଦୋକାନରୁ ବାହାରୁଥିବା ଆବର୍ଜନା ରାସ୍ତା ଓ ନର୍ଦ୍ଦମାରେ ପକାଉଛନ୍ତି। ନର୍ଦ୍ଦମାରେ ଆବର୍ଜନା ଜମା ହୋଇ ଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ସେମାନଙ୍କୁ ବାରମ୍ବାର ସଚେତନ କଲେ ମଧ୍ୟ ସୁଫଳ ମିଳୁନାହିଁ। ତେଣୁ ସେମାନଙ୍କଠାରୁ ମାସିକ ୧୦୦ ଟଙ୍କା ୟୁଜର୍ସ ଫି' ଆଦାୟ କରାଯିବ। ବିଜୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କଟକ ମହାନଗର ନିଗମ (ସିଏମ୍‌ସି)ର ୨୨ତମ କାଉନସିଲ ବୈଠକରେ ଏନେଇ ଶୁକ୍ରବାର ନିଷ୍ପତ୍ତି ହୋଇଛି।

ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେତେକ ପ୍ରସଙ୍ଗକୁ ନେଇ କର୍ପୋରେଟରମାନେ ହଟ୍ଟଗୋଳ କରିବା ସହ ଗୃହ ମଧ୍ୟଭାଗରେ ପ୍ରତିବାଦ ଜଣାଇଥିଲେ। ପ୍ରାରମ୍ଭରେ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ କର୍ପୋରେଟରମାନଙ୍କ ଉପରେ କଟକଣା ଲଗାଯିବାକୁ ନେଇ ପ୍ରତିବାଦ କରିଥିଲେ। କାଉନସିଲ ବୈଠକର ୭ ଦିନ ପୂର୍ବରୁ କର୍ପୋରେଟରମାନେ ଆଗୁଆ ପ୍ରଶ୍ନ ଜଣାଇବା ନେଇ ଏକ ଭୁଲ୍ ସୂଚନା କର୍ପୋରେଟରଙ୍କ ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ଜଣେ ଡେପୁଟି କମିଶନର ପକାଇବାକୁ ନେଇ ମେୟର ଓ କମିଶନରଙ୍କୁ ସେ ପ୍ରଶ୍ନ କରିଥିଲେ। ସିଏମ୍‌ସି କାଉନ୍‌ସିଲ ବୈଠକରେ କର୍ପୋରେଟରମାନେ ପ୍ରଶ୍ନ ପଚାରିବା ଉପରେ କଟକଣା ଲଗାଯାଇ କାଉନସିଲ ଗୃହକୁ ଅସମ୍ମାନିତ କରାଯାଉଥିବା ଅଭିଯୋଗ କରି କଂଗ୍ରେସ କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଭଳି ସୂଚନାକୁ ମେୟର ଓ କମିଶନର ଅଗ୍ରାହ୍ୟ କରିଥିଲେ। ଷ୍ଟାଣ୍ଡିଂ କମିଟି ବୈଠକରେ ନିମନ୍ତ୍ରିତ ଅତିଥିଙ୍କୁ ଡାକିବା ଉପରେ କଟକଣାକୁ କେତେଜଣ କର୍ପୋରେଟର ବିରୋଧ କରିଥିଲେ। କାଉନସିଲ କକ୍ଷ କର୍ପୋରେଟରମାନଙ୍କ ପାଇଁ ହୋଇଥିବାବେଳେ ଏଠାରେ କର୍ତ୍ତୃପକ୍ଷ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ଡାକି କାହିଁକି ବୈଠକ କରାଯାଉଛି ବୋଲି କର୍ପୋରେଟର ଜେ. କାମେଶ୍ୱର ରାଓ ଗୃହ ମଧ୍ୟସ୍ଥଳରେ ବସି ପ୍ରତିବାଦ ଜଣାଇଥିଲେ। ଏହାପରେ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ହୋଇଥିବା ନିଷ୍ପତ୍ତିଗୁଡ଼ିକୁ ପାଠ କରାଯାଇଥିଲା। ଏସବୁ ପଢ଼ିବାରେ ଅଧିକ ସମୟ ନଷ୍ଟ ହେଉଥିବାରୁ ଏହାକୁ ବନ୍ଦ କରି ଆଲୋଚନା କରିବା ପାଇଁ ଭାଜପା କର୍ପୋରେଟର ଦୀପକ ଦାସ କହିଥିଲେ। ତାଙ୍କର ଏଭଳି କଥାକୁ ବିଜେଡି କର୍ପୋରେଟରମାନେ ବିରୋଧ କରିଥିଲେ।

ଅନ୍ୟପକ୍ଷରେ ରାସ୍ତାକୁ ଗାଈ ଛାଡ଼ିଲେ ଗାଈ ମାଲିକଙ୍କଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ରାସ୍ତାରେ ଗାଈ, ଷଣ୍ଢ, କୁକୁର ଆଦି ବୁଲା ପ୍ରାଣୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ସିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଥିବା ମେୟର ସୂଚନା ଦେଇଥିଲେ। ସିଏମ୍‌ସିର ୫୯ଟି ୱାର୍ଡରେ ଥିବା କ୍ଲଷ୍ଟର କୋ-ଅର୍ଡିନେଟର ଓ ଜଳସାଥୀଙ୍କୁ ଟିକସ ବିଭାଗକୁ ଅଣାଯାଇ ସେମାନଙ୍କ ଦ୍ୱାରା ଗୃହ ଟିକସ ଆଦାୟ କରିବା ପାଇଁ ମେୟର ପ୍ରସ୍ତାବ ଦେଇଥିଲେ। ସେହିଭଳି ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ଓ ସ୍ୱଚ୍ଛସାଥୀମାନେ ଉଠାଦୋକାନୀଙ୍କଠାରୁ ୟୁଜର୍ସ ଫି' ଆଦାୟ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। କର୍ପୋରେଟର ବିକାଶ ରଞ୍ଜନ ବେହେରା ଆଉଟ୍‌ସୋର୍ସିଂ ଏଜେନ୍ସି ଜେପିଏନ୍‌ର ଟେଣ୍ଡର ବାତିଲ କରିବାକୁ ଦାବି କରିଥିଲେ। କର୍ପୋରେଟର ଲିଜାରାଣୀ ରାଉତ କହିଥିଲେ, ପୂର୍ବାହ୍ନ ୧୦ଟା ପୂର୍ବରୁ ଅଳିଆ ଗାଡ଼ି ଆବର୍ଜନା ସଂଗ୍ରହ କରିବା ପରେ ବହୁ ଲୋକ ରାସ୍ତାରେ ଆବର୍ଜନା ପକାଉଛନ୍ତି। ଏଣୁ ସେମାନଙ୍କ ଉପରେ ଜରିମାନା ବ୍ୟବସ୍ଥା ଲାଗୁ କରିବାକୁ ସେ ଦାବି କରିଥିଲେ। ମେୟର ସିଂ ବିଭିନ୍ନ କାର୍ଯ୍ୟର ତଦାରଖ ନିମନ୍ତେ ଏକ କମିଟି ଗଠନ କରାଯିବା ସହ ୭ ଦିନରେ ରିପୋର୍ଟ ଦେବାକୁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କମିଶନର ବିଜୟ କୁମାର ଦାସ ବିଭିନ୍ନ କର୍ପୋରେଟରଙ୍କ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇଥିଲେ।


କର୍ପୋରେଟର ଜେ. କାମେଶ୍ୱର ରାଓ ଗୃହ ମଧ୍ୟସ୍ଥଳରେ ବସି ପ୍ରତିବାଦ କରୁଛନ୍ତି।

**ବୁଲା ପ୍ରାଣୀଙ୍କୁ ନିୟନ୍ତ୍ରଣ ପାଇଁ ହେବ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍**

# ବଡ଼ଭଉଣୀ ବନାନୀଙ୍କ ସାକ୍ଷ୍ୟଗ୍ରହଣ

**ଅଭିନେତ୍ରୀ ବର୍ଷାଙ୍କୁ ନିର୍ଯାତନା ମାମଲା**

କଟକ,୧୯।୭(କାର୍ତ୍ତିକ ସାହୁ)

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ମାମଲାର ଶୁଣାଣି କଟକ ଜେଏମ୍‌ଏଫ୍‌ସି ଏମ୍‌ପି/ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟରେ ଶୁକ୍ରବାର ହୋଇଛି। ମାମଲାର ସାକ୍ଷ୍ୟ ଗ୍ରହଣ ପ୍ରଥମ କରି ଆରମ୍ଭ ହୋଇଛି। ପ୍ରଥମ ସାକ୍ଷୀ ଭାବେ ବର୍ଷାଙ୍କ ବଡ଼ଭଉଣୀ ବନାନୀ ଦଳାଇଙ୍କ ବୟାନ ରେକର୍ଡ କରାଯାଇଛି। ମାତ୍ର ସମୟ ଅଭାବରୁ ତାଙ୍କୁ ଜେରା କରାଯାଇପାରି ନାହିଁ। ତେବେ ପରବର୍ତ୍ତୀ ଶୁଣାଣିରେ ବନାନୀଙ୍କୁ ଜେରା କରାଯିବ। ଆସନ୍ତା ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଅଭିନେତା ତଥା ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ ବର୍ଷା ପୁରୀଘାଟ ଥାନାରେ ୨୦୨୦ରେ ଏକ ନିର୍ଯାତନା ମାମଲା ରୁଜୁ କରିଥିଲେ। ଅନୁଭବ ତାଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁ ମଧ୍ୟ ବର୍ଷାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଇଥିଲେ। ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ କରିଥିବା ଆବେଦନକୁ ଗତ ମେ' ୮ ତାରିଖରେ ଖାରଜ କରିଦେଇଥିଲେ। ଏଥିସହ ମେ' ୧୦ରେ ଚାର୍ଜଫ୍ରେମ୍ ତଥା ସେଦିନ ଅନୁଭବଙ୍କୁ ହାଜର ହେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅନୁଭବ କୋର୍ଟରେ ହାଜର ନ ହୋଇ ସମୟ ଗଡ଼ାଇବାରୁ ତାଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିଲା। ସ୍ୱତନ୍ତ୍ର କୋର୍ଟଙ୍କ ଏନ୍‌ବିଡବ୍ଲ୍ୟୁ ଜାରି ବିରୋଧରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନୁଭବଙ୍କ ଆବେଦନର ଶୁଣାଣି କରି ଏନ୍‌ବିଡବ୍ଲ୍ୟୁ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଦେଇଥିଲେ। ଏଥିସହ ଅନୁଭବଙ୍କୁ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହେବା ପାଇଁ ଆଦେଶ ଦେଇଥିଲେ। ଏନ୍‌ବିଡବ୍ଲ୍ୟୁ ମାମଲାରେ ଅନୁଭବ ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। ଅନୁଭବ ହାଜର ହେବା ପରେ ତାଙ୍କ ନାମରେ ଓ ତାଙ୍କ ଦୁଇ ସହଯୋଗୀଙ୍କ ନାମରେ ଚାର୍ଜଫ୍ରେମ୍ ହୋଇଥିଲା। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅଫ୍‌ଜ ଅହମଦ ମାମଲା ପରିଚାଳନା କରୁଛନ୍ତି।

## ସଂକ୍ଷେପରେ

### ମା' କୋଟିଳେଇଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

କଟକ ସଦର,୧୯।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବୋଧପୁର ଗ୍ରାମର ମା' କୋଟିଳେଇଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଳସ ଯାତ୍ରା, ସୂର୍ଯ୍ୟପୂଜା ଓ ହୋମଯଜ୍ଞ କରାଯାଇଥିଲା। ପରେ ମା'ଙ୍କ ନୂତନ ବିଗ୍ରହକୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପଣ୍ଡିତ ଦେବପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପୂଜାପାଠ ସମ୍ପନ୍ନ ହୋଇଥିଲା। ଏହି ଯଜ୍ଞର କର୍ତ୍ତାକର୍ତ୍ତୀ ଭାବେ ପ୍ରଭଞ୍ଜନ ଦାସ ଓ ସନ୍ଧ୍ୟାରାଣୀ ଦାସ ଦାୟିତ୍ୱ ତୁଲାଇଥିଲେ।

### ୧ ମାସର ରିପୋର୍ଟ କାର୍ଡ ଉପସ୍ଥାପନ କଲେ ବିଧାୟକ

କଟକ ସଦର,୧୯।୭(ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନମଣ୍ଡଳୀର ୩୭ ପଞ୍ଚାୟତ ଓ କଟକ ମହାନଗର ନିଗମ(ସିଏମ୍‌ସି)ର ୬ଟି ୱାର୍ଡର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା ୧ ମାସ ଧରି ନବ ନିର୍ବାଚିତ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ କରିଥିଲେ। ଏହି ସମୀକ୍ଷାର ରିପୋର୍ଟ କାର୍ଡ ଗୁରୁବାର ବିଧାୟକ ସେଠୀ ଏକ ଖବରଦାତା ସମ୍ମିଳନୀରେ ଉପସ୍ଥାପନ କରିଥିଲେ। କଟକଠାରେ ଆୟୋଜିତ ସମ୍ମିଳନୀରେ ସମସ୍ତ ରୂପାନ୍ତରଣ କାର୍ଯ୍ୟର ଗୁଣାତ୍ମକ ମାନ ସମୀକ୍ଷା କରିବା ପରେ ତ୍ରୁଟି ସୁଧାରିବା ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିବା ବିଧାୟକ କହିଥିଲେ। ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂଆ ଯନ୍ତ୍ରପାତି ବ୍ୟବସ୍ଥା ସହ ଖାଲି ଥିବା ବିଭିନ୍ନ ପଦବୀ ପୂରଣ, କିଶୋର ନଗର କଲେଜ ଓ ସୁଦର୍ଶନ ମହାବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ସମୀକ୍ଷା, ନୂଆ ଓଡ଼ିଶା ବିକଶିତ ଓଡ଼ିଶା କାର୍ଯ୍ୟର ସମୀକ୍ଷା କରାଯାଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। କିଶୋର ନଗରଠାରେ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ୪୨ ମୌଜା ସମବାୟ ଶୀତଳ ଭଣ୍ଡାରର ପୁନରୁଦ୍ଧାର ପାଇଁ ଅଗ୍ରାଧିକାର ଦିଆଯାଇଛି ବୋଲି ବିଧାୟକ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଦେବୀ ପ୍ରସାଦ ପତି, ଅନିଲ ଦାସ, ଶିବ ଚରଣ ବିଶ୍ୱାଳ, ସୁଧାଂଶୁ ନାରାୟଣ ଦାସ, ସମୀର ପଣ୍ଡା, ଯଶୋବନ୍ତ ପତି, ସନ୍ତୋଷ କୁମାର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।


କଟକ ଚାନ୍ଦିନୀଚୌକ ଶ୍ରୀଜଗନ୍ନାଥ ମନ୍ଦିରକୁ ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ।

# ବର୍ଷାଜଳ ନିଷ୍କାସନ, ଡ୍ରେନ୍‌ରେ ସ୍ଲାବ୍ ପକାଇବାକୁ ନିର୍ଦ୍ଦେଶ

**ଚୌଦ୍ୱାର ପୌର ପରିଷଦ ବୈଠକ**

ଚୌଦ୍ୱାର,୧୯।୭(ଆଶୁତୋଷ ଦାସ)

ଚୌଦ୍ୱାର ପୌର ପରିଷଦ ବୈଠକ ଶୁକ୍ରବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷାଋତୁ ମୁକାବିଲା କରିବା ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ୱାର୍ଡରେ ବର୍ଷାଜଳ ନିଷ୍କାସନ, ଡ୍ରେନ୍ ସଫା, ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପକାଇବା, ଘରେ ଘରେ ବ୍ଲିଚିଂ ପାଉଡର ପ୍ରଦାନ ଓ ମଶାଧୂଆଁ ଦିଆଯିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ନିର୍ଦ୍ଦେଶ ଦେଇଥିଲେ। ପୌରାଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହାର ଅଗ୍ରଗତି ସମ୍ପର୍କିତ ତଥ୍ୟ ପ୍ରତି ୧୫ ଦିନରେ ପ୍ରଦାନ ପାଇଁ ବିଧାୟକ ସୌଭିକ୍ ବିଶ୍ୱାଳ ପୌର ଇଞ୍ଜିନିୟର ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଠାଦୋକାନୀଙ୍କ ନିମନ୍ତେ ସରକାରୀ ଜାଗା ଚିହ୍ନଟ କରି ଏକ ଫୁଡ୍‌କୋର୍ଟ ପ୍ରତିଷ୍ଠା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଓଟିଏମ୍ କଲୋନୀ ଓ ବସ୍ତି ଅଞ୍ଚଳରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସ୍ଥାନୀୟ କାଉନ୍‌ସିଲର ସୁବ୍ରତ ସାମଲ ଅଭିଯୋଗ କରିଛନ୍ତି। ଏଥିପାଇଁ ଏକ ନିୟମାବଳୀ ପ୍ରସ୍ତୁତ କରି ଏହି ଅଞ୍ଚଳରେ ଉନ୍ନୟନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସେ ଦାବି କରିଛନ୍ତି। ୧୭ ନମ୍ବର ୱାର୍ଡରେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସାହିବସ୍ତିରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ। ଜାତୀୟ ରାଜପଥ ପ୍ରକଳ୍ପ, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ଓ ଇମ୍ପାର ପ୍ରତିନିଧିଙ୍କୁ ନେଇ ଏକ ମିଳିତ ବୈଠକ କରି ଉକ୍ତ ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ସ୍ୱାଧୀନତା ଦିବସ ଓ ସ୍ୱାୟତ୍ତ ଶାସନ ଦିବସ ସୁଚାରୁରୂପେ ପାଳନ ପାଇଁ ଆଲୋଚନା ହୋଇଥିଲା। ପୌରାଞ୍ଚଳରେ ଥିବା ୪୭ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏଥିପାଇଁ ଆସିଥିବା ସରକାରୀ ଅନୁଦାନ କାହିଁକି ଖର୍ଚ୍ଚ ନ ହୋଇ ପଡିରହିଛି ବୋଲି ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରଶ୍ନ କରିଛନ୍ତି। ତୁରନ୍ତ ଟେଣ୍ଡର ମାଧ୍ୟମରେ ସମସ୍ତ ଅଙ୍ଗନୱାଡି ଗୃହ ନିର୍ମାଣ କରିବାକୁ ପୌର ଇଞ୍ଜିନିୟରମାନଙ୍କୁ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ।

# ଦାବି ପୂରଣ ନ ହେଲେ ଧାରଣା ଦିଆଯିବ

ଚୌଦ୍ୱାର,୧୯।୭(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ଓଟିଏମ୍ କଲୋନୀର କିଛି ୱାର୍ଡରେ ଦୀର୍ଘଦିନ ହେବ ପୌରପାଳିକା ପକ୍ଷରୁ କୌଣସି ବିକାଶମୂଳକ କାର୍ଯ୍ୟ କରାଯାଉନାହିଁ। ଏହାକୁ ନେଇ କଲୋନୀବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି କଲୋନୀର ୭, ୮, ୧୧ ଓ ୧୨ନଂ. ୱାର୍ଡରେ ଥିବା ମୌଳିକ ସମସ୍ୟା ସମାଧାନ ଉପରେ ପୌରପାଳିକା ଆଦୌ ଧ୍ୟାନ ଦେଉ ନ ଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଓଟିଏମ୍ ଶ୍ରମିକ କଲୋନୀ ଓ ବସ୍ତି ଥଇଥାନ ସଂଘ ତରଫରୁ ଏସମ୍ପର୍କିତ ଏକ ଦାବିପତ୍ର ଗୁରୁବାର ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କୁ ପ୍ରଦାନ କରାଯାଇ ସମସ୍ୟା ସମାଧାନ ପାଇଁ ଦାବି କରାଯାଇଛି। ଆସନ୍ତା ୧୫ଦିନ ଭିତରେ ଉକ୍ତ ୱାର୍ଡ ତଥା ଏଥି ସଂଲଗ୍ନ ବିଭିନ୍ନ ବସ୍ତିରେ ଥିବା ଡ୍ରେନ୍, ରାସ୍ତାଘାଟ ମରାମତି ତୁରନ୍ତ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିରେ ଖିଲାପ ହେଲେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଜୟ ସିଂ, ଅଶ୍ୱିନୀ ଜେନା, ସରିତା ଦାସ, ଜିତେଶ ମହାନ୍ତି, ଅଭିମନ୍ୟୁ ଭୂୟାଁ, କାହ୍ନୁ ନନ୍ଦ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସୁନୀତାଙ୍କ ପାଇଁ ରକ୍ତ ଦେଲେ ଇନ୍ଦ୍ରଜିତ୍

**ଧରିତ୍ରୀରେ ଖବର ପ୍ରକାଶ ପରେ ମିଳିଲା ସାହାଯ୍ୟ**

କଟକ,୧୯।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ସୁନୀତା ଖାରସେଲ୍‌ଙ୍କୁ ଗୋଟିଏ ୟୁନିଟ୍ ରକ୍ତ ଦେଇ ଜୀବନ ବଞ୍ଚାଇବାରେ ସହାୟକ ହୋଇଛନ୍ତି କଟକ ଶଙ୍କରପୁର ଅଞ୍ଚଳର ସାମାଜିକ କର୍ମୀ ତଥା ଭୋକିଲା ମୁହଁରେ ହସ ସଙ୍ଗଠନର ପ୍ରତିଷ୍ଠାତା ଯୁବରାଜ ଇନ୍ଦ୍ରଜିତ ମିଶ୍ର। 'ଏସ୍‌ସିବିରେ ରକ୍ତ ପାଇଁ ଅଟକିଛି ସୁନୀତାଙ୍କ ଚିକିତ୍ସା' ଶୀର୍ଷକ ଖବର ଧରିତ୍ରୀରେ ଶୁକ୍ରବାର ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଜାଣିବା ପରେ ଇନ୍ଦ୍ରଜିତ୍ ଏସ୍‌ସିବିର ହେମାଟୋଲୋଜି ବିଭାଗରେ ପହଞ୍ଚି ସୁନୀତାଙ୍କ ମାଆବାପାଙ୍କୁ ଭେଟିଥିଲେ। ପରେ ଏସ୍‌ସିବି ରକ୍ତଭଣ୍ଡାରରେ ସେ ଏକ ୟୁନିଟ୍ ରକ୍ତ ଦେଇ ବଦଳରେ ସୁନୀତାଙ୍କ ପାଇଁ ଏ-ପଜିଟିଭ୍ ରକ୍ତ ଯୋଗାଡ଼ କରି ଦେଇଛନ୍ତି।

ସୂଚନା ଅନୁଯାୟୀ, ଏସ୍‌ସିବି ହେମାଟୋଲୋଜି ବିଭାଗରେ ସମ୍ବଲପୁର ଜିଲା ଚକଳିଆବାହଳ ଅଞ୍ଚଳର ସୁନୀତା ଗତ ଜୁନ୍ ୨୦ରୁ ଚିକିତ୍ସିତ ହେଉଛନ୍ତି। ଗତ ୩ ଦିନ ହେବ ସୁନୀତାଙ୍କୁ ରକ୍ତର ଆବଶ୍ୟକତା ଥିବା ଡାକ୍ତର କହିଥିଲେ। ଫଳରେ ସୁନୀତାଙ୍କ ମାଆବାପା ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାରକୁ ଧାଉଁଥିବାବେଳେ ଡୋନର ନ ଥିବାରୁ ରକ୍ତ ନ ପାଇ ଫେରୁଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସୁନୀତାଙ୍କ ପାଇଁ ରକ୍ତ ଯୋଗାଡ ହୋଇଛି। ଏନେଇ ଇନ୍ଦ୍ରଜିତ କହିଛନ୍ତି, ଏସ୍‌ସିବି ମେଡିକାଲରେ ରକ୍ତ ସଙ୍କଟ ଦେଖାଦେବା ଦୁଃଖର ବିଷୟ। ରକ୍ତ ଯୋଗୁ କୌଣସି ରୋଗୀଙ୍କ ଚିକିତ୍ସା ଅଟକିବା ଠିକ୍ ନୁହେଁ। ଧରିତ୍ରୀରୁ ଏ ସମ୍ପର୍କରେ ଜାଣିବା ପରେ ସୁନୀତାଙ୍କ ପାଇଁ ରକ୍ତ ଯୋଗାଡ କରିଛି। ଆଗାମୀ ଦିନରେ ଆବଶ୍ୟକ ପଡିଲେ ରକ୍ତ ବଦଳ ପାଇଁ ଡୋନର ଯୋଗାଡ କରିବାରେ ସାହାଯ୍ୟ କରିବା ପାଇଁ ସୁନୀତାଙ୍କ ପରିବାର ସଦସ୍ୟଙ୍କୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏସ୍‌ସିବି ଭଳି ବିଶ୍ୱସ୍ତରୀୟ ମେଡିକାଲରେ ରକ୍ତ ପାଇଁ ଚିକିତ୍ସା ଅଧାରେ ଅଟକୁଛି ଏବଂ ମେଡିକାଲ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହା ଲଜ୍ଜାଜନକ ବିଷୟ ବୋଲି ଇନ୍ଦ୍ରଜିତ୍ କହିଛନ୍ତି। ଅପରପକ୍ଷରେ ସୁନୀତାଙ୍କ ବାପା ଦୁର୍ଯ୍ୟୋଧନ ଖାରସେଲ୍ କହିଛନ୍ତି, ଝିଅର ରକ୍ତ ନିହାତି ଆବଶ୍ୟକ ଥିଲା। ବିପଦ ସମୟରେ ଉକ୍ତ ବ୍ୟକ୍ତି ସାହାଯ୍ୟ କରିଛନ୍ତି, ସେଥିପାଇଁ ତାଙ୍କ ନିକଟରେ ଚିରଋଣୀ ହୋଇ ରହିବି। ଏ ସମ୍ପର୍କିତ ଖବର ପ୍ରକାଶ କରିଥିବାରୁ ଧରିତ୍ରୀକୁ ଧନ୍ୟବାଦ ଜଣାଉଛି, ଯାହାଫଳରେ ମୋ ଝିଅର ଜୀବନ ବଞ୍ଚିପାରିଛି।


ଇନ୍ଦ୍ରଜିତ ମିଶ୍ର।

# ଶୀତଳଭଣ୍ଡାର, କଲେଜ ନିର୍ମାଣ ପାଇଁ ଦାବି

ଫୁଲନଖରା,୧୯।୭(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଜରିପଡାସ୍ଥିତ ଏକ ମଣ୍ଡପରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଭାଜପା ରାଜ୍ୟ ମହିଳା କୋଷାଧ୍ୟକ୍ଷ କଳ୍ପନା ପଟ୍ଟନାୟକ, ଭାଜପା କଟକ ଜିଲା ସଭାପତି ରାମନାରାୟଣ ମହାନ୍ତି, କଟକ ନଗର ଉପସଭାପତି ସ୍ୱାଧୀନଚେତା ମହାନ୍ତି, ଉରାଳି ମଣ୍ଡଳ ସଭାପତି ପ୍ରଦୀପ୍ତ କୁମାର ବେହେରା, ଆମଣ ସମିତିସଭ୍ୟ ରାଜକିଶୋର ପଟ୍ଟନାୟକ, ବାପୁରାଜ ମହାନ୍ତି, ଜୟନ୍ତୀ ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ରଞ୍ଜିତ ପଣ୍ଡା, ପୂର୍ବତନ କର୍ପୋରେଟର ପ୍ରଦୀପ ବେହେରା, ପଞ୍ଚମୁଖୀ ମଣ୍ଡଳ ସଭାପତି ପ୍ରମୋଦ ଓଝା ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ବିଧାୟକ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତାପ ନଗରୀ କେନାଲ ରାସ୍ତା ଆଲୋକୀକରଣ, ସ୍ଥାନୀୟ ଅଞ୍ଚଳରେ ଶୀତଳ ଭଣ୍ଡାର ଓ ସରକାରୀ କଲେଜ ନିର୍ମାଣ ପାଇଁ ଉପସ୍ଥିତ ଜନସାଧାରଣ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ଉକ୍ତ ଦାବିଗୁଡ଼ିକ ପୂରଣ କରିବା ପାଇଁ ଉଦ୍ୟମ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବ ଅନୁପସ୍ଥିତ ଥିଲେ। ସାମାଜିକ କର୍ମୀ ବଦ୍ରିନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁରେଶ ଚନ୍ଦ୍ର ସାହୁ, ବିଶ୍ୱରଞ୍ଜନ ନାୟକ, ପୂର୍ଣ୍ଣଚନ୍ଦ୍ର ମୂଳିଆ, ସୁକାନ୍ତ ପ୍ରଧାନ, ତାପସ କୁମାର ମହାନ୍ତି, ତପନ କୁମାର ଜେନା, ରସାନନ୍ଦ ଭୋଳ, ରାଧାକାନ୍ତ ମଲ୍ଲିକଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।



କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ଅନୁଷ୍ଠିତ ଶ୍ରାବଣ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କାର ପାଇଥିବା କୃତୀ ପ୍ରତିଯୋଗୀ।

# ସଡ଼କ ଦୁର୍ଘଟଣା ହାର ହ୍ରାସକୁ ଗୁରୁତ୍ୱ

**କଟକ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ**

- ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ
- ରାଜପଥ ପାର୍ଶ୍ୱକୁ ଫାଟକ ଥିବା ସ୍କୁଲ ଚିହ୍ନଟ ପାଇ ନିର୍ଦ୍ଦେଶ

କଟକ,୧୯।୭(କାର୍ତ୍ତିକ ସାହୁ)

ଜିଲାର ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଗୁରୁତ୍ୱ ଦେବାକୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ମତପ୍ରକାଶ ପାଇଛି। ରାସ୍ତାରେ ଡିଭାଇଡର ସ୍ଥାପନ, ଜେବ୍ରା କ୍ରସିଂ ନିର୍ମାଣ, ଆଲୋକ ବ୍ୟବସ୍ଥା ଉପଲବ୍ଧ କରାଇବା, ବେଆଇନ୍ ପାର୍କିଂ ତଥା ସଡ଼କ ପାର୍ଶ୍ୱରେ ବେଆଇନ ଦଖଲ ଉଚ୍ଛେଦ, ହେଲ୍‌ମେଟ୍‌ବିହୀନ ଓ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ ଅଙ୍କୁଶ ଲଗାଇବା ସହ ସବୁବର୍ଗର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷକରି ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଇବା ପାଇଁ ବିଭିନ୍ନ ବସ୍ ରହଣି କେନ୍ଦ୍ରରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ସ୍ୱତନ୍ତ୍ର ଅଭିଯାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭାରପ୍ରାପ୍ତ ଜିଲାପାଳ ଉମାକାନ୍ତ ରାଜ ଏଥିରେ ଅଧ୍ୟକ୍ଷତା କରି ସଡ଼କ ସୁରକ୍ଷା ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। ଗାଡ଼ିଚାଳନା ସମୟରେ ହେଲ୍‌ମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର, ମୋବାଇଲ ଫୋନ୍‌ରେ ବାର୍ତ୍ତାଳାପ ନ କରିବା, ମଦ୍ୟପାନ କରି ଗାଡ଼ି ଚାଳନାରୁ ନିବୃତ୍ତ ରହିବା, ଦ୍ରୁତ ଗତିରେ ଗାଡ଼ି ନ ଚଲାଇବା ଆଦି ଉପରେ ରହିଥିବା କଟକଣା କଡ଼ାକଡ଼ି ଲାଗୁ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଭାରପ୍ରାପ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ, ବେଆଇନ ହୋର୍ଡିଂ ହଟାଇବା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ବୈଠକରେ ମତ ପ୍ରକାଶ ପାଇଛି।

ଅପରପକ୍ଷରେ ଶିଖରପୁର, ଗଣ୍ଡରପୁର, ଜଗତପୁର, ଟାଙ୍ଗୀ ଅଞ୍ଚଳରେ ରାସ୍ତା ମରାମତି କରାଯିବା, ଡିଭାଇଡର ସ୍ଥାପନ, ଗୋପାଳପୁର ନିକଟରେ ସମ୍ରାଟ ହଲ୍ ଆଡ଼କୁ ଯାଉଥିବା ଭାରିଯାନ ପ୍ରବେଶ ଉପରେ କଟକଣା ପାଇଁ ବ୍ୟାରିକେଡ୍ ସ୍ଥାପନ, ବିଭିନ୍ନ ସ୍ଥାନରେ ମାର୍ଗଦର୍ଶକ ଚିହ୍ନ ବା ସ୍ତମ୍ଭ ସ୍ଥାପନ, ସୌର ଲାଇଟ୍ ସ୍ଥାପନ, ରାସ୍ତା ଉପରୁ ବୁଲା ଗୋରୁ ଓ କୁକୁର ହଟାଇବା ପାଇଁ ପଦକ୍ଷେପ ନେବା ଆଦି ବିଷୟ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ରାଜପଥ ନିକଟରେ କିମ୍ବା ରାଜପଥ ଆଡକୁ ଫାଟକ ଥିବା ବିଦ୍ୟାଳୟଗୁଡ଼ିକ ଚିହ୍ନଟ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ରାଞ୍ଚଳ ପରିବହନ ଉପାୟୁକ୍ତ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ବିରଞ୍ଚି ନାରାୟଣ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସଡ଼କ ଦୁର୍ଘଟଣା ହ୍ରାସ କ୍ଷେତ୍ରରେ ସମସ୍ତ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ କେ. ନାଗେଶ୍ୱର ରାଓ, ଟ୍ରାଫିକ ଏସିପି ସୁଶାନ୍ତ ସିଂହ, ବରିଷ୍ଠ ପଦାଧିକାରୀ ତଥା ସ୍ୱେଚ୍ଛାସେବୀ ସଙ୍ଗଠନ କାର୍ସର ଅଧ୍ୟକ୍ଷ ସୁଜିତ୍ ସେନାପତି, ତ୍ରିଧାରାର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର, ସଡ଼କ ନିର୍ମାଣ ବିଭାଗର ସମସ୍ତ ପଦାଧିକାରୀ, କଟକ ବସ୍ ମହାସଂଘ, ଓଡ଼ିଶା ରାଜ୍ୟ ବସ୍ ମହାସଂଘ ଏବଂ ଓଡ଼ିଶା ରାଜ୍ୟ ଟ୍ରକ୍ ମହାସଂଘର ସଭାପତି ଓ ସମ୍ପାଦକ ବୈଠକରେ ଉପସ୍ଥିତ ଥିଲେ।


ବୈଠକରେ ଭାରପ୍ରାପ୍ତ ଜିଲାପାଳ ଉମାକାନ୍ତ ରାଜଙ୍କ ସମେତ ଅନ୍ୟମାନେ।



ଶୁକ୍ରବାର ନୀଳାଦ୍ରିବିଜେ ଅବ୍ୟବହିତ ପୂର୍ବରୁ ପୂର୍ବାହ୍ନରେ ଶ୍ରୀମନ୍ଦିର ସମ୍ମୁଖରେ ରଥାରୂଢ଼ ତିନି ଠାକୁରଙ୍କୁ ଭକ୍ତମାନେ ଦର୍ଶନ କରୁଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**



ପହଣ୍ଡି ବିଜେ: ପ୍ରଭୁ ବଳଭଦ୍ର



ଦେବୀ ସୁଭଦ୍ରା



ଶ୍ରୀ ସୁଦର୍ଶନ



ପହଣ୍ଡି ବିଜେ: ପ୍ରଭୁ ମଦନମୋହନ



ରାମକୃଷ୍ଣ



ଚାହାଣି ମଣ୍ଡପରେ ମା' ମହାଲକ୍ଷ୍ମୀ

# ରସଗୋଲାରେ ମହାପ୍ରଭୁଙ୍କ ମନ ଭରିଲା

ପୁରୀ, ୧୯।୭(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଅବସରରେ ଶୁକ୍ରବାର ରଥାରୂଢ଼ ଦାରୁଦେବତାଙ୍କୁ ଭକ୍ତମାନେ ରସଗୋଲା ଭୋଗ କରିଛନ୍ତି। ପ୍ରତିବର୍ଷ ରଥ ନିକଟରେ ବହୁ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ଭୋଗ ସମର୍ପଣ କରିଥାନ୍ତି। ମହାପ୍ରଭୁ କଳିଯୁଗରେ ଶ୍ରୀକ୍ଷେତ୍ରରେ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି। ତେଣୁ ମହାପ୍ରଭୁଙ୍କ ଉପାସନାରେ ଅନେକ ସାମାଜିକ ଓ ପାରିବାରିକ ପରମ୍ପରାର ଝଲକ ଦେଖିବାକୁ ମିଳିଥାଏ। ମହାପ୍ରଭୁ ନବବିବାହିତା ମା' ମହାଲକ୍ଷ୍ମୀ (ଶ୍ରୀଦେବୀ)ଙ୍କୁ ଛାଡ଼ି ଘୋଷଯାତ୍ରାରେ ଭଉଣୀଭାଇଙ୍କୁ ସାଙ୍ଗରେ ନେଇ ଚାଲିଯାଇଥିବାରୁ ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ଅଭିମାନ କରିଥାନ୍ତି। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲାବେଳେ ମା' ମହାଲକ୍ଷ୍ମୀ ଅଭିମାନରେ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର କବାଟ ବନ୍ଦ କରିବା ସହ ମହାପ୍ରଭୁଙ୍କ ସହ ବଚନିକା କରିଥାନ୍ତି। ବଚନିକା ହେବା ପରେ ମହାପ୍ରଭୁଙ୍କ ଗଇଁଠାଳ ଫିଟା ନୀତି ହୋଇଥାଏ। ମାତ୍ର ଶ୍ରୀଦେବୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ତେଣୁ ମହାପ୍ରଭୁ ରସଗୋଲା ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥାନ୍ତି। ତେଣୁ ଭକ୍ତମାନେ ମହାପ୍ରଭୁଙ୍କୁ ସେହି ସ୍ମୃତି ସ୍ୱରୂପ ନୀଳାଦ୍ରିବିଜେ ଦିନ ରଥାରୂଢ଼ ମହାପ୍ରଭୁଙ୍କୁ ରସଗୋଲା ମଣୋହି କରିଥାନ୍ତି। ସେହିଭଳି ଅନେକ ପୁରୀବାସୀ ନିଜ ଛାତ ଉପରେ ଠିଆହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ସମର୍ପଣ କରିଥିଲେ। ତେବେ ପୁରୀଦ୍‌ବାସୀ ଘରର ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ହୋଇଥିବାରୁ ନୀଳାଦ୍ରିବିଜେ ଅବସରରେ ଘରେ ଘରେ ମଧ୍ୟ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଇଥିଲା।



ଶ୍ରୀରାଧାବଲ୍ଲଭ ମଠ ପକ୍ଷରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରସଗୋଲା ଭୋଗ ଅର୍ପଣ କରାଯାଉଛି।

## ସଂକ୍ଷେପରେ

### ଅଣସେବାୟତଙ୍କ ନାମରେ ଏତଲା

ପୁରୀ, ୧୯।୭ (ଅଜିତ୍ କୁମାର ମହାନ୍ତି)

ନୀତି ସମ୍ପୃକ୍ତ ସେବାୟତ ଓ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିବିଶେଷ ରଥ ଉପରକୁ ଉଠିବା ନେଇ ରଥଯାତ୍ରା ବ୍ୟବସ୍ଥାବଳୀରେ ବାରଣ କରାଯାଇଥିଲା। ତେବେ ବାହୁଡ଼ା ଯାତ୍ରା ଦିନ ଗଞ୍ଜାମ ଜିଲା ବ୍ରହ୍ମପୁର ପ୍ରେମନଗର ଅଞ୍ଚଳର ଗୋପାଳକୃଷ୍ଣ ପୋଲାକି ଏହି ବ୍ୟବସ୍ଥାବଳୀର ଖୋଲା ଉଲ୍ଲଂଘନ କରିଥିଲେ। ସେ ସେବକ ପରିଚୟପତ୍ରରେ ନିଜ ଫଟୋ ଲଗାଇ ବାହୁଡ଼ା ଯାତ୍ରା ଦିନ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଉପରେ ଅନଧିକୃତ ଭାବେ ବସିଥିବା ପ୍ରଶାସନ ଦୃଷ୍ଟିକୁ ଆସିଥିଲା। ଏହାପରେ ତାଙ୍କୁ ରଥ ଉପରୁ ବାହାର କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ିବା ପରେ ବ୍ୟବସ୍ଥାବଳୀ ଉଲ୍ଲଂଘନ ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କ ନାମରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର କୁମ୍ଭାରପଡ଼ା ଥାନାରେ ଏତଲା ଦିଆଯାଇଛି।

### 'ରସଗୋଲା ଆମର' ବୋଲି ଓଡ଼ିଆ ଜାତି ଗର୍ବ କରିବା ଦରକାର

ଭୁବନେଶ୍ୱର, ୧୯।୭ (ବନ୍ଦନା ସେଠୀ)

ଓଡ଼ିଶାର ଆରାଧ୍ୟ ଠାକୁର ପ୍ରଭୁ ଜଗନ୍ନାଥଙ୍କ ନିଳାଦ୍ରୀ ବିଜେ ଅବସରରେ ଶୁକ୍ରବାର ହାପି ଲିଭିଙ୍ଗ୍ ଫାଉଣ୍ଡେଶନ ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ରସଗୋଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ କହିଲେ, ରସଗୋଲା ଓଡ଼ିଶାର ବୋଲି ପ୍ରମାଣିତ କରିବା ପାଇଁ ଆମକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି। ଯେବେଠାରୁ ରଥଯାତ୍ରା ଆରମ୍ଭ ହୋଇଛି, ସେବେଠାରୁ ରସଗୋଲାର ସୃଷ୍ଟି। ତେଣୁ 'ରସଗୋଲା ଆମର' ବୋଲି ଓଡ଼ିଆ ଜାତି ଗର୍ବ କରିବା ଦରକାର। କାର୍ଯ୍ୟକ୍ରମରେ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିଲେ ଓ ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋଜ ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରସଗୋଲାକୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ଦେବା ପାଇଁ ଲଢ଼େଇ କରିଥିବା ଶୀଳଭଦ୍ର ଶାସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ଜେନା, ଇଂ ସନ୍ତୋଷ କୁମାର ସ୍ୱାଇଁ, ଅଶୋକ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭାପତି ପ୍ରଭାତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଧୋଇବାକୁ ଯାଇ ନାବାଳକ ନିଖୋଜ

ବାରଙ୍ଗ, ୧୯।୭ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ଅଧୀନସ୍ଥ କେନ୍ଦୁପାଟଣା ଗ୍ରାମର ଜଣେ ନାବାଳକ ଶୁକ୍ରବାରଠାରୁ ନିଖୋଜ ହୋଇଯାଇଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ନାବାଳକଙ୍କୁ ଖୋଜିବା ଜାରି ରଖିଛି। ବାପା ସୁବାସ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ୧୭ ବର୍ଷର ପୁଅ ଦ୍ୱିପ୍ରହର ସମୟରେ ପୁରୀ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଉଛି କହି ଆଉ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ପରିବାର ଲୋକ ପୁରୀ ମୁଖ୍ୟ କେନାଲ ଓ ତା' ଆଖପାଖ ଅଞ୍ଚଳରେ ପଚରାଉଚରା କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳୁନାହିଁ।

# ହାଉସ୍ ସର୍ଜନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

## ହାଉସ ସର୍ଜନ-ନର୍ସିଂ ଅଫିସର ବିବାଦ

କଟକ, ୧୯।୭ (ଶିଲ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ମେଡିକାଲରେ ହାଉସ ସର୍ଜନ ଓ ନର୍ସିଂ ଅଫିସରଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ତୁଟୁନାହିଁ। ନର୍ସିଂ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆସନ୍ତା ୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ହାଉସ ସର୍ଜନ ସଂଘ ଚେତାବନୀ ଦେଇଛି। ଏନେଇ ଶୁକ୍ରବାର ଏକ ପ୍ରେସ୍ ଇସ୍ତାହାରରେ ସଂଘ ସୂଚନା ଦେଇଛି। ଏହି ଆନ୍ଦୋଳନକୁ ବୁର୍ଲା ମେଡିକାଲ କଲେଜ ହାଉସ ସର୍ଜନ ସଂଘ ସମର୍ଥନ କରିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ୭ ଦିନ ମଧ୍ୟରେ ନୂତନ କମିଟି ତଦନ୍ତ ରିପୋର୍ଟ ଦେବା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ନର୍ସିଂ ସଂଘ ପକ୍ଷରୁ ସୂଚନା ରହିଛି। ତେବେ ଏହି ଘଟଣାକୁ ନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନେଇ ଏକ ବୈଠକ ବସିଥିଲା।

ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ନ୍ୟୁ ମେଡିସିନ୍ ବିଭାଗରେ ଜଣେ ରୋଗୀଙ୍କୁ ପ୍ଲାଜ୍‌ମା ଦେବା ନେଇ ନର୍ସିଂ ଅଫିସର ସ୍ନେହସୁଧା ସାହୁ ଓ ହାଉସ ସର୍ଜନ ମଧ୍ୟରେ ଉପୁଜିଥିବା ବିବାଦ ଉଗ୍ରରୂପ ନେଇଥିଲା। ଏସ୍‌ସିବିରେ ରୋଗୀସେବା ପ୍ରଭାବିତ ହେବା ଆଶଙ୍କାରେ ବୁଧବାର ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ୍ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ସମାଧାନ ପାଇଁ ସ୍ୱାସ୍ଥ୍ୟ ବିକାଶ ସମିତି ଅଧ୍ୟକ୍ଷ ତଥା ସିଏମ୍‌ସି କମିଶନର ବିଜୟ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏସ୍‌ସିବି ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟରେ କମିଶନର ଦାସଙ୍କ ଅଧ୍ୟକ୍ଷତାରେ ଉଭୟ ପକ୍ଷଙ୍କୁ ନେଇ ବୈଠକ ହୋଇଥିଲା। ତଦନ୍ତ ପାଇଁ ନୂତନ କମିଟି ଗଠନ କରାଯାଇ ୧ ମାସ ମଧ୍ୟରେ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଥିଲା। ଏପରି କି ଉଭୟ ପକ୍ଷର ବିବାଦ ସମାଧାନ ହୋଇଥିବା ଏସ୍‌ସିବିର ଜଣେ ବରିଷ୍ଠ ଡାକ୍ତର ସୂଚନା ଦେଇଥିଲେ। ଉକ୍ତ ବୈଠକକୁ ଦୁଇଦିନ ବିତିଥିବାବେଳେ ତଦନ୍ତ କମିଟି ଗଠନ କରାଯାଇଛି କି ନାହିଁ ତାହାକୁ ନେଇ ଡାକ୍ତରୀ ସଂଘ ପ୍ରଶ୍ନ ଉଠାଇଛି। ଏନେଇ ହାଉସ ସର୍ଜନ ଡାକ୍ତରୀ ସଂଘ ସଭାପତି ଡା. ଶାଶ୍ୱତ ମହାନ୍ତି କହିଛନ୍ତି, ବୈଠକର ନିଷ୍ପତ୍ତିକ୍ରମେ ଆନ୍ଦୋଳନ ସ୍ଥଗିତ କରାଯାଇଛି। ଏପର୍ଯ୍ୟନ୍ତ ବିବାଦ ପାଇଁ ସମାଧାନର ବାଟ ବାହାରି ନାହିଁ। ବୈଠକର ୪ ଦିନ ମଧ୍ୟରେ ତଦନ୍ତ କମିଟି ଗଠନ କରାଯାଉ ଏବଂ ୭ ଦିନ ମଧ୍ୟରେ ଉକ୍ତ କମିଟି ରିପୋର୍ଟ ପ୍ରଦାନ କରୁ। ଏଥିସହ ସମ୍ପୃକ୍ତା ନର୍ସିଂ ଅଫିସରଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରା ନ ଗଲେ ଆସନ୍ତା ୧ରୁ ସମସ୍ତ କାର୍ଯ୍ୟ ବନ୍ଦ କରିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ଏନେଇ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ହାଉସ ସର୍ଜନ ସଂଘ ପକ୍ଷରୁ ଆନ୍ଦୋଳନ କରିବା ନେଇ କୌଣସି ସୂଚନା ଦିଆଯାଇନାହିଁ। ସମସ୍ତ ଘଟଣା ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇ ରିପୋର୍ଟ ଦିଆଯାଇଛି। ଏହାର ନିଷ୍ପତ୍ତି ସରକାର ନେବେ ବୋଲି ମିଶ୍ର କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିନନ୍ଦନ



@ ଚିନ୍ମୟୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




ଫିଲ୍ମ ଜର୍ନାଲିଷ୍ଟ ଫୋରମ ପକ୍ଷରୁ ଶୁକ୍ରବାର ସୂଚନା ଭବନରେ ରଙ୍ଗିନ କଥାଚିତ୍ର 'ଉଲ୍‌କା' ପ୍ରଦର୍ଶନର ଶୁଭାରମ୍ଭ ଅବସରରେ ଅତିଥିମାନେ।

# ପୁରୁଣା ସ୍ମୃତି ଉଜ୍ଜୀବିତକଲା ଚଳଚ୍ଚିତ୍ର 'ଉଲ୍‌କା'

## ପ୍ରେକ୍ଷାଳୟ ଫୁଲ୍, ଛିଡ଼ା ହୋଇ ଦେଖିଲେ ଦର୍ଶକ

ଭୁବନେଶ୍ୱର, ୧୯।୭ (ଶର୍ମିଷ୍ଠା ପାଣିଗ୍ରାହୀ)



ଚଳଚ୍ଚିତ୍ର 'ଉଲ୍‌କା'ର ଏକ ଦୃଶ୍ୟ।

ଓଡ଼ିଆ ଫିଲ୍ମର ସୁବର୍ଣ୍ଣ ସମୟକୁ ଆଜି ବି ଲୋକେ ଝୁରନ୍ତି। ଅତୀତରେ ଫିଲ୍ମ ଦେଖିବାର ସେ ମଜା ଆଜି ଆଉ ନାହିଁ। ସମୟ ସହ ପରିବର୍ତ୍ତନ ହୋଇଛି ଚଳଚ୍ଚିତ୍ରର ବିଷୟବସ୍ତୁ ଓ ସିନେମା ଦେଖିବାର ଧାରା। ମାତ୍ର ଅତୀତର ସେ ପୃଷ୍ଠାକୁ ଦୋହରାଇଥିଲା ଚଳଚ୍ଚିତ୍ର 'ଉଲ୍‌କା'। ୧୯୮୧ ମସିହାରେ ରାଜଲକ୍ଷ୍ମୀ ପ୍ରଡକ୍ସନ ପକ୍ଷରୁ ରଙ୍ଗିନ କଥାଚିତ୍ର 'ଉଲ୍‌କା' ନିର୍ମାଣ ହୋଇଥିଲା। ଫିଲ୍ମ ଜର୍ନାଲିଷ୍ଟ ଫୋରମ ପକ୍ଷରୁ ଦୀର୍ଘ ୪୩ ବର୍ଷ ପରେ ଶୁକ୍ରବାର ସୂଚନା ଭବନରେ ପ୍ରଦର୍ଶନ ବେଳେ ସେମିତି ଏକ ଭିନ୍ନ ମାହୋଲ ସୃଷ୍ଟି ହୋଇଥିଲା। ପ୍ରେକ୍ଷାଳୟ ଫୁଲ୍ ରହିଥିବାବେଳେ ବହୁ ଦର୍ଶକ ଛିଡ଼ା ହୋଇ 'ଉଲ୍‌କା'କୁ ଦେଖୁଥିବା ଦେଖିବାକୁ ମିଳିଥିଲା।

ଓଡ଼ିଶାରେ ପ୍ରଥମଥର ପାଇଁ ଅରୋ ରୋଲ୍‌ରେ ଶୁଟ୍ ହୋଇଥିବା 'ଉଲ୍‌କା'ରେ ମହାଶ୍ୱେତା, ଗ୍ଲୋରିଆ ମହାନ୍ତି, ବ୍ୟୋମକେଶ ତ୍ରିପାଠୀ ଓ ରାଧା ପଣ୍ଡାଙ୍କ ବ୍ୟତୀତ ଅନ୍ୟ କଳାକାର ଥିଲେ ନବାଗତ। ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର, ପ୍ରଯୋଜକ, ଟେକ୍ନିସିଆନ ମଧ୍ୟ ଥିଲେ ନବାଗତ। 'ଉଲ୍‌କା'ର କାହାଣୀ, ପରିଚର୍ଯ୍ୟା, ସମ୍ପାଦନା ଓ ଆଲୋକ ସମ୍ପାତ ଆଦି ସେହି ସମୟରେ ଯଥେଷ୍ଟ ଆଗରେ ଥିଲା। ରାଜୁ ମିଶ୍ର ଓ ସୂର୍ଯ୍ୟ ମିଶ୍ରଙ୍କ ନିର୍ଦ୍ଦେଶନା ଏବଂ ରାଜୁ ମିଶ୍ର ଓ ବିଭୁ ମହାନ୍ତିଙ୍କ ସଙ୍ଗୀତ ନିର୍ଦ୍ଦେଶନା ସେତେବେଳେ ଚହଳ ପକାଇଥିଲା। ଏବେ ମଧ୍ୟ ଅଭିମାନିନୀ ଏ ଅମାନିଆ ଢେଉ..., ମା' ତୁମେ ମମତାର ସୀମାହୀନ ସାଗର...ଓ ଏ ଜୀବନ ମାନେ ନୁହେଁ ...ଗୀତ ଅଧିକାଂଶ ଓଡ଼ିଆଙ୍କ ମନଗହନରେ ବସା ବାନ୍ଧି ରହିଛି। ଯେହେତୁ ଏହାର ପ୍ରିଣ୍ଟ ମିଳୁ ନ ଥିଲା ବିଗତ କିଛିବର୍ଷ ହେଲା 'ଉଲ୍‌କା'ର ପ୍ରସାରଣ ସମ୍ଭବ ନ ଥିଲା ବୋଲି ଫୋରମ୍ ପକ୍ଷରୁ କୁହାଯାଇଛି।

କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସବିତା ପ୍ରଧାନ, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ଫିଲ୍ମ ନିର୍ମାତା ସବ୍ୟସାଚୀ ମହାପାତ୍ର, ନାଟ୍ୟକାର ଶୈଳେଶ୍ୱର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ଆରମ୍ଭରେ ଫୋରମର ଅନୁଷ୍ଠାନ ସଙ୍ଗୀତ ଭାବରେ ପରିବେଷିତ ହୋଇଥିଲା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତାବିବାହ'ର ସଙ୍ଗୀତ। ଏହାପରେ 'ଉଲ୍‌କା'ର ଚଳଚ୍ଚିତ୍ର ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଟେଲିଫିଲ୍ମର ପୁନରୁଦ୍ଧାର ସହ ସଂଯୁକ୍ତ ବ୍ୟକ୍ତିବିଶେଷଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ 'ଉଲ୍‌କା' ସହ ସମ୍ପୃକ୍ତ କଳାକାର ଓ ବ୍ୟକ୍ତିବିଶେଷଙ୍କୁ 'ଉଲ୍‌କା'ଚଳଚ୍ଚିତ୍ରର ସ୍ମାରକୀ ଫଳକ ପ୍ରଦାନ କରାଯାଇଥିଲା। ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା ଆଗକୁ ସ୍କ୍ରିନିଂ ହେବାକୁ ଥିବା 'ଅଭିଳାଷ'ର ଟ୍ରେଲର୍। ଆର୍‌ଜେ ଗୁଡି ଓ କେପି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ନାକ୍ ସଂସ୍କାର, ମାନ୍ୟତା, ପରାମର୍ଶଦାତା କର୍ମଶାଳା ଆରମ୍ଭ

ଭୁବନେଶ୍ୱର, ୧୯।୭ (ଅନୁରାଧା ମହାରଣା)

ବେଙ୍ଗାଲୁରୁ ଜାତୀୟ ମୂଲ୍ୟାଙ୍କନ ଓ ମାନ୍ୟତା ପରିଷଦ(ନାକ) ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ 'ନାକ ସଂସ୍କାର ୨୦୨୪: ଦ୍ୱିପାକ୍ଷିକ ମାନ୍ୟତା ତଥା ଦକ୍ଷିଣାଞ୍ଚଳ ପରାମର୍ଶଦାତା କର୍ମଶାଳା' ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ନାକ୍ ନିର୍ଦ୍ଦେଶକ ଗଣେଶନ କନ୍ନବୀରନ ଯୋଗଦେଇ 'ନାକ୍ ବାଇନାରି ଆକ୍ରିଡେଶନ' ସମ୍ପର୍କରେ ଆଲୋଚନା କରିଥିଲେ। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ନାକ୍ ସ୍ୱୀକୃତି ମାନ୍ୟତା କିଭଳି ବଜାୟ ରଖିବେ ଏବଂ ନୂଆ ଉଚ୍ଚ ଶିକ୍ଷାନୁଷ୍ଠାନ ନାକ୍ ମୂଲ୍ୟାଙ୍କନ ଓ ମାନ୍ୟତା ପାଇବା ପାଇଁ କିଭଳି ପ୍ରସ୍ତୁତ ହେବେ ସେ ସମ୍ପର୍କରେ ଗଣେଶନ୍ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ଆଡିଶନାଲ ଡିପିଆଇ ମଧୁମିତା ମାନ୍ନା, ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ଅନିନ୍ଦିତା ଗାଙ୍ଗୁଲି, ରାଜ୍ୟସ୍ତରୀୟ ମେଣ୍ଟର ଅଧ୍ୟକ୍ଷ ଜୟଦୀପ ଷଡ଼ଙ୍ଗୀ, ପଙ୍କଜ କୁମାର ଦେବନାଥ, ରୂପା ଦାସଗୁପ୍ତା, ଛତିଶଗଡ଼ର ଅତିରିକ୍ତ ନିର୍ଦ୍ଦେଶକ ରାଜେଶ ପାଣ୍ଡେ, ଯୁଗ୍ମ ନିର୍ଦ୍ଦେଶକ ଜିଏ ଘନଶ୍ୟାମ, ସହକାରୀ ପ୍ରଫେସର କୁସୁମାଞ୍ଜଳି ଦେଶମୁଖ, ଶୈଳେଶ ମିଶ୍ର, ଝାଡ଼ଖଣ୍ଡ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ରାମନିୱାସ ଯାଦବ, ସାଏଦ ରିଆଜ ଅହମ୍ମଦ, ପାଟନା ବିଶ୍ୱବିଦ୍ୟାଳୟ ଆଇକ୍ୟୁଏସି ନିର୍ଦ୍ଦେଶକ ନୱିନ କୁମାର ଅଗ୍ରୱାଲଙ୍କ ସମେତ ନାକ୍ କାର୍ଯ୍ୟାଳୟର ଏମ୍‌ଏସ୍ ଶ୍ୟାମସୁନ୍ଦର, ଶ୍ୟାମ ସିଂହ ଇନ୍ଦା ଓ ପ୍ରିୟା ନାରାୟନନ ଯୋଗଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆଇକ୍ୟୁଏସି ନିର୍ଦ୍ଦେଶକ ନିଗମାନନ୍ଦ ଦାସ ସଂଯୋଜନା କରିଛନ୍ତି। ଶନିବାର କର୍ମଶାଳାର ଦ୍ୱିତୀୟ ଦିନରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ପାଟଣା, ଝାଡ଼ଖଣ୍ଡ, ଛତିଶଗଡ଼ ଓ ବିହାର ପ୍ରଦେଶର ୧୭ଜଣ କୁଳପତି ଯୋଗଦେବେ। ଏହାସହିତ ଏସବୁ ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନର ପ୍ରାୟ ୬୦୦ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ରାମେଶ୍ୱର ଖେଳପଡ଼ିଆରେ ହାତୀ, ଭୟରେ ଅଞ୍ଚଳବାସୀ

ନିରାକାରପୁର, ୧୯।୭ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବନାଞ୍ଚଳ ଅଧୀନ ରାମେଶ୍ୱର ଖେଳପଡ଼ିଆଠାରେ ଏକ ଦନ୍ତାହାତୀ ଶୁକ୍ରବାର ସନ୍ଧ୍ୟାରେ ଥିବା ଦେଖିବାକୁ ମିଳିଛି। ଫଳରେ ଲୋକେ ଭୟରେ ଅଛନ୍ତି। ସେହି ଖେଳପଡ଼ିଆ ଦେଇ ଯାଇଥିବା ନୂଆ ଜଗନ୍ନାଥ ସଡ଼କରେ ଯାତାୟାତ କରିବାକୁ ଲୋକେ ଭୟ କରୁଛନ୍ତି। ଖବରପାଇ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇଙ୍କ ନିର୍ଦ୍ଦେଶରେ ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ ଦାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ହାତୀ ଘଉଡ଼ାଇବା ଦଳ ପହଞ୍ଚି ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଥମେ ସମସ୍ତ ଯାତ୍ରୀଙ୍କୁ ସଚେତନ ସହ ହାତୀ ଘଉଡ଼ାଇବା କାର୍ଯ୍ୟ ଚଳାଇଥିବା ଜଣାପଡ଼ିଛି। ତେବେ ଏହି ଦନ୍ତାଟିର ଆତଙ୍କ ଦେଖି ଅଞ୍ଚଳର ଚାଷୀ ଆତଙ୍କିତ ହୋଇପଡ଼ିଛନ୍ତି। ବିଶେଷକରି ଏବେ ଧାନ ତଳିପକା କାର୍ଯ୍ୟ ଚାଲିଥିବାରୁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ହାତୀ ଭୟରେ ସ୍ଥାନୀୟ ଲୋକେ ପଦାକୁ ବାହାରିପାରୁ ନାହାନ୍ତି।

ସୂଚନାଯୋଗ୍ୟ, ଦିନବେଳେ ଏହି ହାତୀପଲ ନିକଟସ୍ଥ ଆକାଶିଆ ଓ କାଜୁ ଜଙ୍ଗଲରେ ରହୁଛନ୍ତି। ପଥର ମାଫିଆଙ୍କ ଖଣିରେ ବ୍ୟବହୃତ ଯନ୍ତ୍ରାଂଶର କର୍କଶ ଶବ୍ଦରେ ହାତୀ ସମେତ ଜଙ୍ଗଲୀ ଜୀବଜନ୍ତୁ ଏବେ ଗାଁମୁହାଁ ହୋଇଥିବା ଚର୍ଚ୍ଚା ହେଉଛି। ହାତୀପଲ ସଞ୍ଜ ନଇଁଲେ ନିକଟସ୍ଥ ପଡ଼ିଆ, ପଦର, ତଇଲା ଆଦି ସ୍ଥାନରେ ଲଗାଯାଇଥିବା କଖାରୁ, କଲରା, ଜହ୍ନି, ଭେଣ୍ଡି, କାକୁଡି ଆଦି ସବୁଜ ପନିପରିବାକୁ ଯେତିକି ଖାଉଛନ୍ତି, ତା'ଠାରୁ ଢେର ଗୁଣରେ ପାହୁଲରେ ଦଳି ଚକଟି ନଷ୍ଟ କରୁଛନ୍ତି। ତେବେ ଏହି ଜଙ୍ଗଲୀ ହାତୀପଲ ଯେପରି କିଛି କ୍ଷତି ନ ଘଟାଇବେ, ସେନେଇ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି। ବିନା କାରଣରେ ରାତିରେ କେହି ପଦାକୁ ନ ବାହାରିବା ଓ କେହି ଭୟଭୀତ ନ ହେବାପାଇଁ ମଧ୍ୟ ପରାମର୍ଶ ଦିଆଯାଉଛି। ଏ ଅଞ୍ଚଳରୁ ଖୁବ୍‌ଶୀଘ୍ର ହାତୀପଲକୁ ଘଉଡ଼ାଇ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ବନବିଭାଗକୁ ମଧ୍ୟ ନିବେଦନ କରିଛନ୍ତି।



ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ରାମେଶ୍ୱର ଖେଳପଡ଼ିଆଠାରେ ବୁଲୁଥିବା ଦନ୍ତାହାତୀ।

## ୩୯ ରୋଲିଂ ଷ୍ଟକ୍ କୋଚ୍ ପାଇଁ ବିଡ୍ ଆହ୍ୱାନ

### ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ

ଭୁବନେଶ୍ୱର, ୧୯।୭ (ବନ୍ଦନା ସେଠୀ)

ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ (ଡିଏମ୍‌ଆର୍‌ସି) ପକ୍ଷରୁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଅନ୍ତର୍ଗତ ୩୯ଟି ରୋଲିଂ ଷ୍ଟକ୍ କୋଚ୍‌ର ଡିଜାଇନ, ନିର୍ମାଣ, ସପ୍ଲାଏ, ଟେଷ୍ଟିଂ ଆଦି ପାଇଁ ଜୁଲାଇ ୧୮ରୁ ବିଡ୍ ଆହ୍ୱାନ କରାଯାଇଛି। ଅଗଷ୍ଟ ୨୨ରୁ ବିଡ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ପୂର୍ବରୁ ଅଗଷ୍ଟ ୨ରେ ଦିଲ୍ଲୀରେ ପ୍ରି ବିଡ୍ ମିଟିଂ କରାଯିବ। ତେବେ ଆବେଦନ ପ୍ରକ୍ରିୟା ପରେ ସେପ୍ଟେମ୍ବର ୨ରେ ବିଡ୍ ଖୋଲାଯାଇ ଟେଣ୍ଡର ହେବ ବୋଲି ସୂଚନା ଦିଆଯାଇଛି। ଏହି ଟେଣ୍ଡରର ମୂଲ୍ୟ ୫୦୯ କୋଟି ୬୮ ଲକ୍ଷ ଟଙ୍କା ରଖାଯାଇଛି। ଅପରପକ୍ଷେ ଭୁବନେଶ୍ୱର ମେଟ୍ରୋ ଫେଜ୍-୧ ପ୍ରୋଜେକ୍ଟ ପାଇଁ ସିସ୍ତ୍ରା (ଏସ୍‌ୱାଇଏସ୍‌ଟିଆର୍‌ଏ)କୁ ଡିଜାଇନ୍ କନସଲ୍‌ଟାଣ୍ଟ ଭାବେ ଡିଏମ୍‌ଆର୍‌ସି ପକ୍ଷରୁ ନିଯୁକ୍ତ କରାଯାଇଛି।

୨୦୨୪ ଜାନୁଆରୀ ପହିଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୨୭ ଡିସେମ୍ବର ସୁଦ୍ଧା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ରହିଛି। ଏହି କାମ ଲାଗି ଡିଏମ୍‌ଆର୍‌ସି ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷର ହୋଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟରୁ ତ୍ରିଶୁଳିଆ ଛକ ୨୬ କିଲୋମିଟର ପର୍ଯ୍ୟନ୍ତ ମେଟ୍ରୋ ରେଳ ଚାଲିବ। ଏହା ମଧ୍ୟରେ ୨୦ଟି ଷ୍ଟେଶନ ରହିବ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପାଇଁ ୫ ହଜାର ୯୨୯ କୋଟି ଟଙ୍କା ଖର୍ଚ୍ଚ କରାଯିବ ଏବଂ ୪ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ପ୍ଲାଷ୍ଟିକ୍ ବୋତଲରୁ ପ୍ରସ୍ତୁତ ହେଲା ଜ୍ୟାକେଟ

## ରିସାଇକ୍ଲିଂ ପରେ ପୁନଃ ବ୍ୟବହାର ଉପଯୋଗୀ

ପୁରୀ, ୧୯।୭ (ଅଜିତ୍ କୁମାର ମହାନ୍ତି)



ଜିଲାପାଳଙ୍କ ଉପସ୍ଥିତିରେ ପ୍ଲାଷ୍ଟିକ୍ ବୋତଲରୁ ପ୍ରସ୍ତୁତ ଜ୍ୟାକେଟକୁ ପ୍ରଦର୍ଶନ କରାଯାଉଛି।

ଚଳିତ ରଥଯାତ୍ରାକୁ ପରିବେଶ ଉପଯୋଗୀ ସହ ବ୍ୟବହୃତ ପ୍ଲାଷ୍ଟିକ ବୋତଲମୁକ୍ତ କରିବା ପାଇଁ ପ୍ରୟାସ କରାଯାଇଥିଲା। ଏହା ଏକ ବଡ଼ ପଦକ୍ଷେପ। ଏକ ଦୀର୍ଘସ୍ଥାୟୀ ସୂତ୍ରରେ ଏହାର ପୁନଃ ପ୍ରକ୍ରିୟାକରଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁକ୍ରବାର ସୂଚନା ଦେଇଛନ୍ତି। ପୁରୀ ଜିଲା ପ୍ରଶାସନ, ପୁରୀ ପୌରପାଳିକା, ଏସ୍‌ପିସିବି, ଆନନ୍ଦନା ଓ ହିନ୍ଦୁସ୍ଥାନ କୋକାକୋଲା ଲିମିଟେଡ୍‌ର ମିଳିତ ସହାୟତାରେ ଓଡ଼ିଶା ଡେଭଲପମେଣ୍ଟ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ(ଓଡିଏମ୍‌ପି), ୱାଇ ଫର୍ ଡି ଫାଉଣ୍ଡେଶନ, ଫାଉଣ୍ଡେଶନ ଫର୍ କ୍ଲାଇମେଣ୍ଟ ପ୍ରୋଟେକ୍ସନର ମିଳିତ ଉଦ୍ୟମରେ ରଥଯାତ୍ରାଠାରୁ ସୁନାବେଶ ପର୍ଯ୍ୟନ୍ତ ଦୀର୍ଘ ୧୨ଦିନ ଧରି ପୁରୀ ସହରରେ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଜୁଲାଇ ୫ରେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ସଫେଇ ସାଥୀ, ସୁପରଭାଇଜର ଓ ସ୍ୱେଚ୍ଛାସେବୀମାନଙ୍କୁ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ହିନ୍ଦୁସ୍ଥାନ କୋକାକୋଲା ଲିମିଟେଡ୍‌ର ଜାତୀୟ ମୁଖ୍ୟ (ଇପିଆର୍) ସଷ୍ଟେନିବିଲିଟି, ତୁଷାର ପଟ୍ଟନାୟକ, ପବ୍ଲିକ ଆଫେୟାର୍ସର ରାଜ୍ୟ ମୁଖ୍ୟ ମୁକେଶ ଜୋଶୀ, ପିଏସିଏସ୍ ନୀତେଶ କୁମାର, ଓଡିଏମ୍‌ପିର ଆବାହକ ସୁଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସଫେଇ ସାଥୀ, ସୁପରଭାଇଜର ଓ ସ୍ୱେଚ୍ଛାସେବୀମାନଙ୍କୁ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ହେଲେ ଘୋଷଯାତ୍ରା ସମୟରେ ସେବା କରିବାର ସୁଯୋଗ ମିଳିଥାଏ। ତେଣୁ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବା ସହିତ ଆମ ପରିବେଶକୁ ସୁନ୍ଦର ଓ ପରିଷ୍କାର କରିବାରେ ନିଜକୁ ଜଣେ ଜଣେ ସୈନିକ ଭାବେ ପ୍ରତିପାଦନ କରିବାକୁ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଆହ୍ୱାନ ଜଣାଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଜିଲାପାଳ ସ୍ୱାଇଁ କହିଥିଲେ, ପୁରୀ ସହରର ୮ଟି ସ୍ଥାନରେ ପ୍ଲାଷ୍ଟିକ ବୋତଲ ସଂଗ୍ରହ କେନ୍ଦ୍ର ସ୍ଥାପନ କରାଯାଇ ସଫେଇ ସାଥୀମାନଙ୍କ ଦ୍ୱାରା ପ୍ଲାଷ୍ଟିକ ବୋତଲ ସଂଗ୍ରହ କରାଯାଇଥିଲା। ସଂଗୃହୀତ ପ୍ଲାଷ୍ଟିକ ବୋତଲଗୁଡ଼ିକୁ ପୁନଃ ବ୍ୟବହାର ନିମନ୍ତେ ହିନ୍ଦୁସ୍ଥାନ କୋକାକୋଲା ଲିମିଟେଡ୍ ତରଫରୁ ରିସାଇକ୍ଲିଂ କମ୍ପାନୀକୁ ପ୍ରେରଣ କରାଯାଇଥିଲା, ଯାହା ଏବେ ସୁନ୍ଦର ଜ୍ୟାକେଟରେ ରୂପାନ୍ତରିତ ହୋଇଛି। ଆଗାମୀ ଦିନରେ ଏହାର ବ୍ରାଣ୍ଡିଂ କରିବା ସହ ପୁନଃ ବ୍ୟବହାର ଉପଯୋଗୀ ପାଣିବୋତଲ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ସ୍ୱାଇଁ କହିଥିଲେ। ଏହି ଅବସରରେ ହିନ୍ଦୁସ୍ଥାନ କୋକାକୋଲା ଲିମିଟେଡ୍‌ର ଜାତୀୟ ମୁଖ୍ୟ (ଇପିଆର୍) ସଷ୍ଟେନିବିଲିଟି ତୁଷାର ପଟ୍ଟନାୟକ, ପବ୍ଲିକ ଆଫେୟାର୍ସର ରାଜ୍ୟ ମୁଖ୍ୟ ମୁକେଶ ଜୋଶୀ ଏବଂ ଓଡିଏମ୍‌ପିର ଆବାହକ ସୁଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧.୫୨ କୋଟିର ସମ୍ପତ୍ତି ଆଟାଚ୍‌କଲା ଇଡି

## କାଶିବେଡ଼ା ଖଣି ଦୁର୍ନୀତି ମାମଲା

ଭୁବନେଶ୍ୱର,୧୯।୭(ସତ୍ୟଜିତ୍ ରାଉତ)

ମୟୂରଭଞ୍ଜ ଜିଲା କାଶିବେଡା ଖଣି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାରେ ଦୁଇ ଅଭିଯୁକ୍ତ ଖଣି ଲିଜ୍‌ଧାରୀ ବସନ୍ତ କୁମାର ଦାସ ଏବଂ ଏମ୍/ଏସ୍ ଦାସ ଭାଇ ମିନେରାଲ୍‌ସ କମ୍ପାନୀର ମାଲିକଙ୍କ ୧.୫୨ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆଟାଚ୍ କରାଯାଇଛି। ପ୍ରିଭେନ୍‌ଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ) ୨୦୦୨ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହା ପୂର୍ବରୁ ବସନ୍ତ କୁମାର ଦାସଙ୍କ ଲିଙ୍କ୍‌ରେ ଗତ ମେ'୧୮ରେ ଇଡି ସିଦ୍ଧାର୍ଥ ସ୍ୱଞ୍ଜ ଆଣ୍ଡ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ଆନନ୍ଦ ଅଗ୍ରୱାଲଙ୍କୁ ଗିରଫ କରିଥିଲା।

ଖଣି ଲିଜ୍‌ଧାରୀ ବସନ୍ତ କୁମାର ଦାସ, ଆନନ୍ଦ ଅଗ୍ରୱାଲ, ଏମ୍/ଏସ୍ ଦାସ ଭାଇ ମିନେରାଲ୍‌ସ କମ୍ପାନୀର ମାଲିକ ପ୍ରମୁଖ କାଶିବେଡାସ୍ଥିତ ଖଣିରେ ବେଆଇନ ଖନନ କରି ବ୍ୟାପକ ଦୁର୍ନୀତି କରିଥିଲେ। ୨୦୦୫ରୁ ୨୦୦୯ ମଧ୍ୟରେ ଅଭିଯୁକ୍ତମାନେ ଏହି କାରବାର କରି ବହୁ କୋଟି ଟଙ୍କାର ରାଜସ୍ୱ କ୍ଷତି କରିଥିଲେ। କିଛି ନିର୍ଦ୍ଦିଷ୍ଟ ସୀମାରେ ଖଣି ଖନନ କରିବାକୁ ଅନୁମତି ମିଳିଥିଲେ ମଧ୍ୟ ଅଭିଯୁକ୍ତମାନେ ଏହି ନିୟମକୁ ମାନି ନ ଥିଲେ। ଖଣି ବିଭାଗର କେତେଜଣ ଅଧିକାରୀଙ୍କ ସହଯୋଗରେ ଅଭିଯୁକ୍ତମାନେ ଅନୁମତିଠାରୁ ଅଧିକ ଖଣି ଖନନ କରିଥିଲେ। ଏନେଇ ଜଣାପଡିବା ପରେ ଭିଜିଲାନ୍ସ ମାମଲା ରୁଜୁ କରି ୨୦୧୨ରେ ତଦନ୍ତ ଆରମ୍ଭ କରିଥିଲା। ଏପରିକି ସେତେବେଳେ ଏକାଧିକ ଲିଜ୍‌ଧାରୀଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତବେଳେ ଏହି ଦୁର୍ନୀତିରେ ୨୧ କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଥିବା ଜଣାପଡିଥିଲା। ଭିଜିଲାନ୍ସ ପକ୍ଷରୁ ହୋଇଥିବା ଚାର୍ଜଶିଟ୍ ବଳରେ ଇଡି ୨୦୨୩ରେ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବେଆଇନ ଟଙ୍କା କାରବାର ଦିଗକୁ ନେଇ ଇଡି ଅଧିକ ଅନୁସନ୍ଧାନ ଚଳାଇଥିବାବେଳେ ସେହିବର୍ଷ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିଥିଲା।

# ବଜରଙ୍ଗ ଦଳ ସଦସ୍ୟଙ୍କୁ ଗୁଳି

ସାତମାଇଲ,୧୯।୭ (ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଜଗନ୍ନାଥ ଢାବା ନିକଟରେ ଗୁରୁବାର ରାତିରେ ଗୋରୁ ମାଫିଆମାନେ ବଜରଙ୍ଗ ଦଳର ସଦସ୍ୟ ଉଦିତ ନାରାୟଣ ସିଂହଦେବ ଏବଂ ତାଙ୍କ ସାଙ୍ଗ ଦୀପୁ ନାଏକ, ଅଜୟ ଦେହୁରୀ, ସନ୍ତୋଷ ଭୁକ୍ତାଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କ ଉପରକୁ ଗୁଳିଚାଳନା କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ବଜରଙ୍ଗ ଦଳର ସଦସ୍ୟମାନେ ଶୁକ୍ରବାର ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଘଟଣାରୁ ଜଣାପଡିଛି, ଉଦିତ ନାରାୟଣ ଏବଂ ଗୋରୁ ମାଫିଆଙ୍କ ପୂର୍ବରୁ ଝଗଡ଼ା ହୋଇଥିଲା। ଗୁରୁବାର ରାତିରେ ଉଦିତ ଏବଂ ତାଙ୍କ ସାଙ୍ଗ ଦୀପୁ, ଅଜୟ, ସନ୍ତୋଷ ବାଇକ୍ ଯୋଗେ ସ୍ଥାନୀୟ ଜଗନ୍ନାଥ ଢାବାକୁ ଖାଇବାକୁ ଯାଉଥିବାବେଳେ ଅଭିଯୁକ୍ତମାନେମାନେ ଏକ ଧଳା ରଙ୍ଗର କାର୍‌ରେ ଆସି ଗାଳିଗୁଲଜ କରିଥିଲେ। ଏଥିସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଉଦିତ୍ ଏବଂ ତାଙ୍କ ସାଙ୍ଗମାନେ ଜୀବନ ବଞ୍ଚାଇବାକୁ ନରସିଂହପୁର ରାସ୍ତା ଆଡେ ବାଇକ୍ ନେଇ ପଳାଇ ଯାଉଥିବାବେଳେ ତୁଳସୀଇଟା ଫ୍ୟାକ୍ଟ୍ରି ନିକଟରେ ଲୁଚି ରହିଥିବା ଅଭିଯୁକ୍ତମାନେ ତାଙ୍କ ଉପରକୁ ୧୦ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଫଳରେ ସେମାନେ ବାଇକ ଛାଡି ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲେ। ଏହାପରେ ଅଭିଯୁକ୍ତମାନେ ସେମାନଙ୍କ ବାଇକ୍‌କୁ ଖଣ୍ଡା, ଭୁଜାଲି, ଟାଙ୍ଗିଆରେ ହାଣି ଚୁର୍‌ମାର କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ପ୍ରେମିକ ଗିରଫ

ପାଟଣା, ୧୯।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଓ ପରେ ପ୍ରତାରଣା କରାଯାଇଛି। ଏହି ଅଭିଯୋଗରେ ପୋଲିସ ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ହାତିବାରୀ ଗ୍ରାମର ଚିତ୍ରସେନ ନାଏକ(୨୧) ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି।

୪ବର୍ଷ ପୂର୍ବେ ଉକ୍ତ ଯୁବତୀ ଜଣକ ନାବାଳିକା ଥିବା ବେଳେ ଚିତ୍ରସେନ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରିଦେଇଥିଲେ। ଯୁବତୀଜଣଙ୍କ ଗତ ୧୬ତାରିଖରେ ତୁରୁମୁଙ୍ଗା ଥାନାରେ ଚିତ୍ରସେନଙ୍କ ବିରୋଧରେ ବଳାତ୍କାର ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଯୁବତୀଜଣଙ୍କ ହାଇସ୍କୁଲରେ ପଢୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରବର୍ତ୍ତୀ ସମୟରେ ଯୁବକଜଣଙ୍କ ତାଙ୍କୁ ପ୍ରତାରଣା କରି ବିବାହ ପାଇଁ ମନା କରିଦେବାରୁ ଯୁବତୀଜଣଙ୍କ ମାନସିକ ଭାରସାମ୍ୟ ହରାଇ ଗତ ୯ ତାରିଖରେ ବିଷପାନ କରି ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ସେ ନ୍ୟାୟ ପାଇଁ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ତୁରୁମୁଙ୍ଗା ଥାନାରେ ପୋକ୍‌ସୋ ଆକ୍ଟ ଓ ବଳାତ୍କାର ଅଭିଯୋଗରେ ଏକ ମାମଲା(ନଂ. ୨୨୧/୨୪) ରୁଜୁ କରାଯାଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

# ୫.୪ ଲକ୍ଷ ଟଙ୍କା ସହ ଧରାପଡ଼ିଲେ ସରପଞ୍ଚ

## ଭିଜିଲାନ୍ସ ଜାଲରେ ବିଜେଡି ବିଧାୟକଙ୍କ ଅନୁଗତ

ଭବାନୀପାଟଣା/ଗୋଲାମୁଣ୍ଡା,୧୯।୭ (ଉତ୍ତମ କୁମାର ଦାଶ/ବଟକୃଷ୍ଣ ପଣ୍ଡା)




ଜବତ ଟଙ୍କା, ସରପଞ୍ଚ ଦିନେଶ ରାଉତ।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ସରପଞ୍ଚ ଦିନେଶ ରାଉତ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଅନୈତିକ ଉପାୟରେ ୫.୪ଲକ୍ଷ ଟଙ୍କା ସଂଗ୍ରହ କରିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ତାଙ୍କୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ସରପଞ୍ଚ ଦିନେଶ ଓରଫ ମଣ୍ଟୁ ଶୁକ୍ରବାର ଗୋଲାମୁଣ୍ଡା ବ୍ଲକ ଅଫିସରୁ ଓଡି୦୮ସି-୫୩୩୫ ନମ୍ବର ବିଶିଷ୍ଟ ଏକ ବୋଲେରୋ ଯୋଗେ ଘରକୁ ଫେରୁଥିବା ସମୟରେ ଖଲିଆକାନି ପାଖରେ ଭିଜିଲାନ୍ସ ବିଭାଗ ତାଙ୍କୁ ମାଡି ବସିଥିଲା। ସେ ବେଆଇନ ଭାବେ ୫ଲକ୍ଷ ୪୦ ହଜାର ଟଙ୍କା ସଂଗ୍ରହ କରି ଘରକୁ ଫେରୁଥିବା ନେଇ ଭିଜିଲାନ୍ସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହି ଅର୍ଥ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ସେ ଠିକାଦାରଙ୍କଠାରୁ ସଂଗ୍ରହ କରିଥିବା ଭିଜିଲାନ୍ସ ସନ୍ଦେହ କରୁଛି। ଚଢାଉରେ ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡିର ଟିମ୍ ସାମିଲ ହୋଇଥିଲେ। ଗୋଟିଏ ଟିମ୍ ଗାଡି ସିଜ୍ କରିବା ସହ ତାଙ୍କୁ ଅଧିକ ପଚରାଉଚରା ପାଇଁ ନବରଙ୍ଗପୁର ନେଇଛି। ଅନ୍ୟ ଦୁଇଟି ଟିମ୍ ତାଙ୍କ ଘର ଓ ଆଉ ଏକ ସ୍ଥାନରେ ଚଢାଉ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ, ଦିନେଶ ବିଜେଡିର ଜଣେ ଦୃଢ ସମର୍ଥକ ଓ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ରଙ୍କ ଅନୁଗତ ଭାବେ ଜଣାଶୁଣା। ସରକାର ବଦଳିବା ପରେ ଦିନେଶ ଭିଜିଲାନ୍ସ ଜାଲରେ ପଡ଼ିବା ଘଟଣାକୁ ନେଇ ଏଠାରେ ଭିନ୍ନ ଚର୍ଚ୍ଚା ଚାଲିଛି।

# ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ପୋଲିସକୁ ଆକ୍ରମଣ

## ୨ ଅଧିକାରୀଙ୍କ ସମେତ ୮ କର୍ମଚାରୀ ଆହତ

ନୂଆପଡ଼ା,୧୯।୭ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ବରକୋଟ ଗାଁରେ ଜଣେ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ଆକ୍ରମଣର ଶିକାର ହୋଇଛି। ଏଥିରେ ୨ ପୋଲିସ ଅଧିକାରୀଙ୍କ ସମେତ ୮ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଗତ ମେ' ୩୦ରେ ବରକୋଟ ଗାଁରେ ବିଦ୍ୟୁତ୍ କାଟ୍‌କୁ ନେଇ ଗାଁ ଲୋକେ ବିଦ୍ୟୁତ୍ କର୍ମଚାରୀଙ୍କୁ ୩ ଘଣ୍ଟା ଖରାରେ ବସାଇଥିଲେ। ଏ ନେଇ ବିଦ୍ୟୁତ୍ ବିଭାଗ କର୍ମଚାରୀ କୋମନା ଥାନାରେ ବରକୋଟ ଗାଁର କେତେଜଣ ଲୋକଙ୍କ ନାମରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରି ପୋଲିସ ବରକୋଟ ଗାଁର ଅଶୋକ ସାହୁଙ୍କ ନାମରେ ମାମଲା ରୁଜୁ କରିଥିଲା। ଗିରଫ ଭୟରେ ସେହିଦିନଠାରୁ ଅଶୋକ ଫେରାର ଥିଲେ। ଅଶୋକ ଗାଁକୁ ଆସିଥିବା ନେଇ କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ତଦନୁଯାୟୀ ଶୁକ୍ରବାର ରାତ୍ରି ପ୍ରାୟ ୯ଟାରେ କୋମନା ଥାନା ଅଧିକାରୀ ସୁମନ୍ତ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ବିଷ୍ଣୁ ପ୍ରସାଦ ପ୍ରଧାନ,ଏଏସ୍‌ଆଇ ଚରଣ କୁମାର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବରକୋଟ ଗାଁରେ ଚଢାଉ କରିଥିଲେ। ସେଠାରେ ଅଶୋକଙ୍କ ଘରକୁ ପଶି ତାଙ୍କୁ ଗିରଫ କରି ଆଣୁଥିବା ସମୟରେ ପରିବାର ଲୋକେ ସଂଘବଦ୍ଧ ଭାବରେ ପୋଲିସକୁ ଠେଙ୍ଗାବାଡିରେ ଆକ୍ରମଣ କରିଥିଲେ। ସେମାନେ ଅଶୋକଙ୍କୁ ପୋଲିସ ହାତରୁ ଛଡାଇ ନେଇଥିଲେ। ପରେ ପରିବାର ଲୋକ ଓ ପୋଲିସ ମଧ୍ୟରେ ଏକପ୍ରକାର ଖଣ୍ଡଯୁଦ୍ଧ ସୃଷ୍ଟି ହୋଇଥିଲା। ପୋଲିସ କର୍ମଚାରୀ ଲହୁଲୁହାଣ ହୋଇଥିଲେ। ହେଲେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡିକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ଏହି ଖବର ପାଇ କୋମନା ଥାନା ଅଧିକାରୀ ନାଏକ ଅନ୍ୟ ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ୨ ପୋଲିସ ଅଧିକାରୀ ଓ ୬ଜଣ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଆହତ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ କୋମନା ଥାନା ଆଇଆଇସି ନାଏକଙ୍କୁ ଯୋଗଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ଫଳରେ ତାଙ୍କ ମତାମତ ମିଳିପାରି ନାହିଁ।

# ଖୁଡ଼ୀଙ୍କ ନଗ୍ନ ଫଟୋ ଭାଇରାଲକରି ପୁତୁରା ଗିରଫ

ବୁଗୁଡା,୧୯।୭(କାଳିଚରଣ ଦାଶ)

ସମ୍ପର୍କୀୟ ଖୁଡ଼ୀ ସହ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କର ନଗ୍ନ ଫଟୋ ଭାଇରାଲ ଅଭିଯୋଗରେ ପୁତୁରା ଗିରଫ ହୋଇଛନ୍ତି। ଗିରଫ ଯୁବକ ହେଲେ ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଖରିଡ଼ା ଗ୍ରାମର ନେଇନା ବିଷୋୟୀ (୪୦)। ଅଭିଯୋଗ ପ୍ରକାରେ ସୁରତରେ ଦାଦନ ଖଟୁଥିବା ନେଇନା ତାଙ୍କ ସମ ବୟସ୍କା ବିଧବା ଖୁଡ଼ୀ ସହ ସମ୍ପର୍କ ରଖିଆସୁଥିଲେ। ନେଇନାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗତ ଏପ୍ରିଲ୍ ୧୦ରେ ସେ ସମ୍ପର୍କୀୟ ଖୁଡୀ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସେ ସମୟର ତାଙ୍କର ନଗ୍ନ ଫଟୋ ଉତ୍ତୋଳନ କରି ମୋବାଇଲ ଫୋନ୍‌ରେ ରଖିଥିଲେ। ଦୁଇ ଦିନ ତଳେ ପୁଣି ଶାରୀରିକ ସମ୍ପର୍କ ରଖିବାକୁ ଖୁଡ଼ୀକୁ ବାଧ୍ୟ କରିଥିଲେ। ଏଥିରେ ସେ ଅରାଜି ହେବାରୁ ତାଙ୍କ ଘରେ ପଶି ମାଡ଼ ମାରିବା ସହ ତାଙ୍କର ନଗ୍ନ ଫଟୋ ଭାଇରାଲ କରି ଦେଇଥିଲେ। ଏ ନେଇ ସମ୍ପର୍କୀୟ ଖୁଡ଼ୀ ବାଲିପଦର ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ ନେଇନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି।

# ଥଣ୍ଡା ପାନୀୟରେ ନିଶା ଦେଇ ମହିଳାଙ୍କୁ ବଳାତ୍କାର

## ସ୍ୱାମୀ, ତାଙ୍କ ବନ୍ଧୁଙ୍କ ନାମରେ ଥାନାରେ ଅଭିଯୋଗ

ସୋର, ୧୯।୭(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ମହିଳାଜଣକ ତାଙ୍କ ସ୍ୱାମୀ ଓ ଜଣେ ବନ୍ଧୁଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଉକ୍ତ ଦମ୍ପତିଙ୍କର ଦୁଇଟି ସନ୍ତାନ ଥିବା ବେଳେ ପାରିବାରିକ କଳହ ଲାଗି ରହିଥିଲା। ସ୍ୱାମୀ ଅନେକ ସମୟରେ ମହିଳାଙ୍କୁ ନିର୍ଯାତନା ଦେବା ସହ ଘରୁ ମଧ୍ୟ ବାହାର କରି ଦେଇଥିଲେ। ପରେ ଆପୋଷ ବୁଝାମଣା ହେବା ପରେ ସାଙ୍ଗରେ ରହୁଥିଲେ। ଗତ ୧୭ ତାରିଖ ରାତିରେ ସ୍ୱାମୀ ଓ ତାଙ୍କର ଜଣେ ବନ୍ଧୁ ଘରେ ପହଞ୍ଚି ଥଣ୍ଡା ପାନୀୟରେ କିଛି ମିଶାଇ ମହିଳାଙ୍କୁ ପିଇବାକୁ ଦେଇଥିଲେ। କିଛି ସମୟ ପରେ ମହିଳାଜଣକ ଚେତାଶୂନ୍ୟ ହୋଇପଡିଥିଲେ। ଏହି ସୁଯୋଗରେ ସ୍ୱାମୀ ଓ ତାଙ୍କ ବନ୍ଧୁ ମହିଳାଙ୍କୁ ବଳାତ୍କାର କରିଥିଲେ। ସେହି ସମୟରେ ଚେତା ଫେରିଆସିବାରୁ ମହିଳାଜଣକ ଚିତ୍କାର କରିଥିଲେ। ପାଟି ଶୁଣି ପରିବାର ଲୋକେ ପହଞ୍ଚିଯିବାରୁ ସ୍ୱାମୀ ଓ ତାଙ୍କ ବନ୍ଧୁ ସେଠାରୁ ପଳାଇଯାଇଥିଲେ। ପରେ ମହିଳାଙ୍କୁ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ଚିକିତ୍ସିତ ହୋଇ ଫେରିବା ପରେ ତାଙ୍କ ସ୍ୱାମୀ ଓ ତାଙ୍କ ବନ୍ଧୁଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି।

# ସ୍ତ୍ରୀଙ୍କୁ ପିଟି ମାରିଦେଲେ ସ୍ୱାମୀ

ଔପଦା, ୧୯।୭(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ଅଘିରାପଦା ପଞ୍ଚାୟତ ଚିନଚିଡ଼ା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ମୃତ ମହିଳା ହେଲେ ଜାନକୀ ସିଂ। ଏନେଇ ଜାନକୀଙ୍କ ଭାଇ ରାବଣ ଥାନାରେ ଅଭିଯୋଗ କରିଛନ୍ତି। ଔପଦା ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କାଠଫାଳିଆକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ପାଣ୍ଡୁ ସିଂଙ୍କୁ ଗିରଫ କରିଛି।

ପାଣ୍ଡୁ ଓ ଜାନକୀ ଗୁରୁବାର ରାତିରେ ପରସ୍ପର ମଧ୍ୟରେ କଳି ଲାଗିଥିଲେ। ପାଣ୍ଡୁଙ୍କ ପୁଅ ଜୟନ୍ତ ଏହାକୁ ବାରଣ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ବୋହୂ ମଞ୍ଜୁ ସିଂ ଓ ସାନ ଝିଅ ଗୀତା ଖାଇ ସାରି ଶୋଇବାକୁ ଯାଇଥିବା ବେଳେ ମା'-ବାପା ମଧ୍ୟ ଶୋଇପଡ଼ିଥିଲେ। ସକାଳେ ଘର ଦୁଆରରେ ଜାନକୀଙ୍କ ପାଟିରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମରି ପଡ଼ିଥିବାର ପୁଅ ଦେଖିଥିଲେ। ଜାନକୀଙ୍କୁ କାଠଫାଳିଆରେ ପିଟି ପିଟି ମାରିଦେଇଥିବା ପାଣ୍ଡୁ ସ୍ୱୀକାର କରିଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା କହିଛନ୍ତି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୪୬/୨୪) ରୁଜୁ କରି ମତଦେହ ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଛି।

# ଓଲଟିଲା ଟ୍ୟାଙ୍କର: ୬ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ




ଓଲଟି ପଡ଼ିଥିବା ଟ୍ୟାଙ୍କର

କୋରାପୁଟ,୧୯।୭ (ଅମିତାଭ ବେହେରା)

କୋରାପୁଟରୁ ସୁନାବେଡ଼ା ଯାଇଥିବା ୨୬ ନଂ. ଜାତୀୟ ରାଜପଥର କୋରାପୁଟ ଟାଉନ ଥାନା ଅନ୍ତର୍ଗତ ଡୁମୁରିପୁଟରେ ଶୁକ୍ରବାର ଭୋର ସମୟରେ ଭାରସାମ୍ୟ ହରାଇ ଏକ ସିମେଣ୍ଟ ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିଥିଲା। ଫଳରେ ଦୀର୍ଘ ୬ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଏଥିଯୋଗୁ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ବିଶାଖାପାଟଣା, ସମ୍ବଲପୁର, ବଲାଙ୍ଗୀର, ରାୟପୁରରୁ ଆସୁଥିବା ବସ୍ ସମେତ ଟ୍ରକ୍ ଓ ଚାରିଚକିଆ ଗାଡ଼ିଗୁଡିକ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡାହୋଇ ରହିଥିଲା। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ କୋରାପୁଟ ଟାଉନ ଥାନା ଅଧିକାରୀ ପ୍ରମୋଦ ନାୟକ, ଡୁମୁରିପୁଟ ଫାଣ୍ଡି ଅଧିକାରୀ କେ.ସି. ମିଶ୍ର, ଓଡ୍ରାଫ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମେଶିନ ଦ୍ୱାରା ରାସ୍ତାରୁ ଟ୍ୟାଙ୍କରକୁ ହଟାଇଥିଲେ। ପରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଲାଞ୍ଚ ନେଇ ଧରାପଡ଼ିଲେ ଡାକ୍ତର

ରାମଚନ୍ଦ୍ରପୁର, ୧୯।୭(ଗଣେଶ୍ୱର ସା)



ଡା. ରଞ୍ଜୀବ ରାଉତ

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରଞ୍ଜୀବ ରାଉତ ଶୁକ୍ରବାର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ. ୭/୨୪) ରୁଜୁ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ନରହରି ନାୟକ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଥାନା ଅଧୀନ ଅଳତି ଗ୍ରାମର ଦେବବ୍ରତ ସାହୁ ଏକ ଠିକା ସଂସ୍ଥା ଜରିଆରେ ଯୋଗ ଶିକ୍ଷକ ଭାବେ ସାଇଁକୁଳ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରି କରନ୍ତି। ଡା. ରାଉତ ପ୍ରତିମାସରେ ଦେବବ୍ରତଙ୍କ ଦରମାର ୨୦% ନେଇଥାନ୍ତି। ଏହାସହିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ୪ଜଣ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ମଧ୍ୟ ମାସିକିଆ ଲାଞ୍ଚ ନିଅନ୍ତି। ଏଥିରେ ଅତିଷ୍ଠ ହୋଇ ଦେବବ୍ରତ ଭିଜିଲାନ୍ସ ବିଭାଗ ସହିତ ଯୋଗାଯୋଗ କରିଥିଲେ। ଶୁକ୍ରବାର ଅତିରିକ୍ତ ଏସ୍‌ପି ମହେଶ୍ୱର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଅପରାହ୍ନ ୧ଟା ସମୟରେ ଦେବବ୍ରତ କେମିକାଲ ବୋଳା ୨୦,୮୦୦ ଟଙ୍କା ଡାକ୍ତର ରାଉତଙ୍କୁ ଦେଇଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ଡା.ରାଉତଙ୍କୁ ମାଡ଼ି ବସିଥିଲେ। ପରେ ଡାକ୍ତରଙ୍କ ବାସଭବନ ସହିତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଭିଜିଲାନ୍ସ ଡିଏସ୍‌ପି ଦୁଷ୍ମନ୍ତ ନାୟକଙ୍କ ସମେତ ଉଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ସାମିଲ ଥିଲେ।

# ମହିଳାଙ୍କ ୬.୭ ଲକ୍ଷ ଠକିନେଲେ ପୂର୍ବତନ ନଗରପାଳ

ବ୍ରହ୍ମପୁର, ୧୯।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳରେ ରହୁଥିବା ଜଣେ ବିଧବା ୬ ଲକ୍ଷ ୭୦ ହଜାର ଟଙ୍କା ଠକେଇର ଶିକାର ହୋଇଛନ୍ତି। ତାଙ୍କଠାରୁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପୂର୍ବତନ ନଗରପାଳ ପି. ଭିମିତ୍ତୁ ଠକି ନେଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ ୨୨୩/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି।

ଅଭିଯୋଗକାରୀ ମହିଳାଙ୍କ ସରଳତାର ସୁଯୋଗ ଉଠାଇ ତାଙ୍କୁ ତାଙ୍କ ଇଚ୍ଛା ବିରୋଧରେ ପୂର୍ବତନ ନଗରପାଳ ବଳାତ୍କାର କରୁଥିଲେ। ୨୦୧୬ରେ ପୂର୍ବତନ ନଗରପାଳ ମହିଳାଙ୍କ ନିକଟରୁ ୬ ଲକ୍ଷ ୭୦ ହଜାର ଟଙ୍କା ଧାର ସୂତ୍ରରେ ନେଇଥିଲେ। ପ୍ରତିବଦଳରେ ସେ ଏକ ଷ୍ଟାମ୍ପ ପେପରରେ ଉକ୍ତ ଟଙ୍କା ନେଇଛନ୍ତି ଏବଂ ନିର୍ଦ୍ଧାରିତ ସମୟରେ ଫେରାଇଦେବେ ବୋଲି ଲେଖିଥିଲେ। ତେବେ ନିର୍ଦ୍ଧାରିତ ସମୟ ପରେ ମହିଳା ଜଣଙ୍କ ପୂର୍ବତନ ନଗରପାଳଙ୍କ ଘରକୁ ଯାଇ ଧାର ଟଙ୍କା ମାଗିଥିଲେ। କିନ୍ତୁ ପୂର୍ବତନ ନଗରପାଳ ଓ ତାଙ୍କ ପୁଅ ମିଶି ମହିଳାଜଣଙ୍କୁ ମାରପିଟ୍ କରି ଘରୁ ତଡ଼ି ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ କଲେ ଜୀବନରେ ମାରିଦେବକୁ ଧମକ ଦେଇଥିଲେ। ତେବେ ମହିଳା ଜଣକ ସ୍ୱାମୀ ଓ ଦୁଇ ପୁଅଙ୍କ ହରାଇ ଘରେ ଏକାକୀ ରହୁଛନ୍ତି। ତେଣୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ପୁଣି ଶୁକ୍ରବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପୂର୍ବତନ ନଗରପାଳ ପି. ଭିମୁଡୁଙ୍କୁ ପଚାରିବାରୁ ଏହା ଏକ ମିଥ୍ୟା ଅଭିଯୋଗ ବୋଲି କହିଛନ୍ତି।

# ବୃଦ୍ଧା ମା'ଙ୍କୁ ମାଡ଼: ପୁଅ ବୋହୂ ଗିରଫ

ଭୁବନେଶ୍ୱର,୧୯।୭ (ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀ ସହ ମିଶି ନିଜ ବୃଦ୍ଧା ମା'ଙ୍କୁ ମାଡ଼ ମାରିଲେ। ଏନେଇ ଅଭିଯୋଗ ପରେ ଖଣ୍ଡଗିରି ଥାନା ପୋଲିସ ଅଭିଯୁକ୍ତ ପୁଅ ଓ ବୋହୂଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫଦ୍ୱୟ ହେଲେ ଡୁମୁଡୁମା ଫେଜ୍-୨ରେ ରହୁଥିବା ଅନିଲ କୁମାର ଦାଶ ଓ ଭାନୁମତୀ ଦାଶ। ଅଭିଯୋଗକାରିଣୀ ତଥା ନିର୍ଯାତନାର ଶିକାର ହୋଇଥିବା ବୃଦ୍ଧା ଜଣକ ନୟାପଲ୍ଲୀ ଥାନା ଅନ୍ତର୍ଗତ ରେଣ୍ଟାଲ କଲୋନୀରେ ରହୁଥିବାବେଳେ ତାଙ୍କ ପୁଅ-ବୋହୂ ଡୁମୁଡୁମା ଫେଜ-୨ରେ ରୁହନ୍ତି। ଯାଜପୁରର ଏକ ସରକାରୀ ଜାଗାରେ ଥିବା ଘର ମରାମତି ପାଇଁ ବୃଦ୍ଧା ଜଣକ ତାଙ୍କ ପୁଅ ଓ ବୋହୂଙ୍କୁ ୪୦ ହଜାର ଟଙ୍କା ଦେଇ ପଠାଇଥିଲେ। କିନ୍ତୁ ସେମାନେ ଘର ମରାମତି ନ କରି ଭୁବନେଶ୍ୱର ଫେରିଆସିଥିଲେ। ଏନେଇ ବୃଦ୍ଧା ତାଙ୍କ ପୁଅ-ବୋହୂଙ୍କୁ ପଚାରିବାରୁ ସେମାନେ ପୂର୍ବରୁ ଥିବା ଜମି ବିବାଦ କଥାକୁ ଉଠାଇ ହଠାତ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହିତ ମାରିଦେବାର ଧମକ ଦେଇଥିଲେ। ପରେ ବୋହୂ ତାଙ୍କୁ ଏକ ଶକ୍ତ ଧକ୍କା ଦେବାରୁ ସେ ଶିଡି ପାହାଚରେ ପଡିଯିବା ଯୋଗୁ ତାଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସି ବୃଦ୍ଧା ମା'ଙ୍କୁ ପୁଅ ଓ ବୋହୂଙ୍କ କବଳରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ସୁରକ୍ଷା କର୍ମୀଙ୍କ ଗୁଳିରେ ମହିଳା ମାଓବାଦୀ ନିହତ

ମାଲକାନଗିରି,୧୯।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟରେ ଜଣେ ମହିଳା ମାଓବାଦୀ ନିହତ ହୋଇଛନ୍ତି। ସେ ହେଲେ ଗଙ୍ଗାଲୁର ଏରିଆ କମିଟିର ଏସିଏମ୍ ଶୁକ୍କି ପୁନେମ(୩୭)। ତାଙ୍କୁ ଧରିବା ପାଇଁ ସରକାରଙ୍କ ପକ୍ଷରୁ ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

ଖବରରୁ ଜଣାପଡିଛି, ୩ ଦିନ ତଳେ ଦାନ୍ତେୱାଡା ଜିଲା ଅରନପୁର ଥାନା ଅନ୍ତର୍ଗତ କିରନଦୁଲ, ସୁକ୍‌ମା ଜିଲାର ଜଗରଗୁଣ୍ଡା ଥାନା ଓ ବିଜାପୁର ଜିଲାର ବାସାଗୁଡା ଥାନା ଅନ୍ତର୍ଗତ ଗଙ୍ଗାଲୁର ସୀମାବର୍ତ୍ତୀ ଅଞ୍ଚଳର ଜଙ୍ଗଲରେ ମାଓବାଦୀ ସଙ୍ଗଠନର ଦରଭା ଡିଭିଜନର ଡିବିସିଏମ୍ ସଚିବ ଜଗଦୀଶ, ପଶ୍ଚିମ ବସ୍ତର ଡିଭିଜନ ଡିବିସିଏମ୍ ଦୀନେଶ ଏବଂ ମିଲିଟାରି କମ୍ପାନୀ ନଂ.-୨ର କମାଣ୍ଡର ବେଲ୍ଲା ଉପସ୍ଥିତ ଥିବା ଖବର ପୋଲିସକୁ ମିଳିଥିଲା। ଏହି ଖବରକୁ ଭିତ୍ତିକରି ସୁରକ୍ଷାକର୍ମୀ ସମ୍ପୃକ୍ତ ଅଞ୍ଚଳର ଜଙ୍ଗଲଗୁଡିକରେ ତଲାସି ଅଭିଯାନ ଚଳାଇଥିଲେ। ଗୁରୁବାର ରାତିରେ ସୁରକ୍ଷାକର୍ମୀ ଏବଂ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ହୋଇଥିଲା। ସୁରକ୍ଷା କର୍ମୀଙ୍କ ଗୁଳିର ସାମ୍‌ନା କରି ନ ପାରି ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ସୁରକ୍ଷାକର୍ମୀମାନେ ଜଙ୍ଗଲରେ ତଲାସି କରିବା ବେଳେ ଶୁକ୍କିଙ୍କ ମୃତଦେହ ମିଳିଥିଲା। ଏଥିସହ ସୁରକ୍ଷା କର୍ମୀ ୧୨ବୋର ବନ୍ଧୁକ ଏବଂ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରି ଫେରିଥିଲେ। ଶୁକ୍କି ୨୦୦୪ରୁ ମାଓବାଦୀ ସଙ୍ଗଠନରେ ସକ୍ରିୟ ରହି ଏଲ୍‌ଜିଏସ୍ (ଲୋକାଲ ଗୋରିଲା ସ୍କ୍ୱାଡ୍)ପ୍ଲାଟୁନ-୧୨ରେ କାର୍ଯ୍ୟ କରୁଥିଲେ। ପରେ ସେ ଗଙ୍ଗାଲୁର ଏରିଆ କମିଟିର ଏସିଏମ୍ ହୋଇଥିଲେ। ସେ ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବା ଦାନ୍ତେୱାଡା ପୋଲିସ ପକ୍ଷରୁ କୁହାଯାଇଛି।



ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୪ ନିର୍ବାଚନରେ ତୃତୀୟ ଥର ପ୍ରାର୍ଥୀ ହୋଇଥିବାବେଳେ ରିପବ୍ଲିକାନ୍ ନ୍ୟାସନାଲ କନ୍‌ଭେନ୍ସନରେ ତାଙ୍କ ସହ ସ୍ତ୍ରୀ ମେଲାନିଆ ଟ୍ରମ୍ପ ଯୋଗଦେଇଛନ୍ତି। ୫୪ ବର୍ଷୀୟା ମେଲାନିଆ ରେଡ୍ ଡ୍ରେସ୍ ପିନ୍ଧି କନ୍‌ଭେନ୍ସନରେ ଚାଲୁଥିବାବେଳେ କ୍ଲାସିକାଲ ମ୍ୟୁଜିକ୍ ବାଜିଥିଲା।

# ଧର୍ମ ଜାଣିବା ପରେ ଖାଇବେ ବୋଲ୍‌ବମ୍ ଯାତ୍ରୀ

## ହୋଟେଲ-ଢାବା ମାଲିକଙ୍କ ପାଇଁ ୟୁପି, ଉତ୍ତରାଖଣ୍ଡ ସରକାରଙ୍କ ବିବାଦୀୟ ନିର୍ଦ୍ଦେଶନାମା




**ଲକ୍ଷ୍ନୌ/ଡେରାଡୁନ୍,୧୯।୭**

ବୋଲ୍‌ବମ୍ ଯାତ୍ରୀଙ୍କ ରୁଟ୍‌ରେ ପଡୁଥିବା ସମସ୍ତ ଖାଦ୍ୟ ବିକ୍ରେତାଙ୍କୁ ସାଇନ୍ ବୋର୍ଡରେ ନିଜ ନାମ, ଠିକଣା ଓ ମୋବାଇଲ୍ ନମ୍ବର ଉଲ୍ଲେଖ ପାଇଁ ଗୁରୁବାର ଉତ୍ତର ପ୍ରଦେଶର ମୁଜାଫରନଗର ପୋଲିସ ନିର୍ଦ୍ଦେଶ ଦେଇଥିଲା। ଏହି ବିବାଦୀୟ ନିର୍ଦ୍ଦେଶନାମାକୁ ୟୁପିର ଯୋଗୀ ଆଦିତ୍ୟନାଥ ସରକାର ସାରା ରାଜ୍ୟ ପାଇଁ ଲାଗୁ କରିଛନ୍ତି। ସେହିପରି ଉତ୍ତରାଖଣ୍ଡରେ ମଧ୍ୟ ଅନୁରୂପ ନିର୍ଦ୍ଦେଶନାମା ଜାରି କରାଯାଇଥିବା ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସୂଚନା ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶନାମା ପରେ ବୋଲବମ୍ ଶ୍ରଦ୍ଧାଳୁମାନଙ୍କ ଯାତ୍ରାପଥରେ ପଡୁଥିବା ହୋଟେଲ, ଚା' ଦୋକାନ, ଫଳ ଦୋକାନ ଆଦି ମାଲିକମାନେ ସାଇନ୍ ବୋର୍ଡରେ ନିଜ ନାମ ଉଲ୍ଲେଖ କରିବାରେ ଲାଗିଛନ୍ତି। ସାଇନ୍‌ବୋର୍ଡ ନାମରୁ ସେମାନଙ୍କ ଧର୍ମ ଜଣାପଡୁଛି। ମୁଜାଫରନଗରର ଜଣେ ଚା' ଦୋକାନୀ ପୂର୍ବରୁ ନିଜ ଦୋକାନର ନାମ 'ଚା' ଲଭର୍ସ ପଏଣ୍ଟ' ରଖିଥିଲେ। ସରକାରୀ ଅର୍ଡର ଆସିବା ପରେ ସେ ସାଇନ୍ ବୋର୍ଡରେ 'ୱକିଲ ଅହମ୍ମଦଙ୍କ ଚା' ଦୋକାନ' ବୋଲି ଉଲ୍ଲେଖ କରିଛନ୍ତି। ଅର୍ଥାତ୍ ସେହି ବାଟ ଦେଇ ଯାଉଥିବା ବୋଲବମ୍ ଯାତ୍ରୀ ସମ୍ପୃକ୍ତ ଦୋକାନୀ ଜଣେ ମୁସଲମାନ ବୋଲି ଜାଣିବା ପରେ ତାଙ୍କ ଦୋକାନରେ ଚା' ପିଇବେ ନାହିଁ। ଏଭଳି ବିବାଦୀୟ ନିର୍ଦ୍ଦେଶନାମାକୁ କଂଗ୍ରେସ ଓ ସମାଜବାଦୀ ପାର୍ଟି (ଏସ୍‌ପି) ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହାକୁ ସମ୍ବିଧାନ ଉପରେ ଆକ୍ରମଣ ବୋଲି ଅଭିହିତ କରିଛନ୍ତି।

ୟୁପି ସରକାରଙ୍କ ଜଣେ ମୁଖପାତ୍ର କହିଛନ୍ତି, ବୋଲବମ୍ ଯାତ୍ରୀଙ୍କ ରୁଟ୍‌ରେ ପଡୁଥିବା ସବୁ ଦୋକାନୀଙ୍କ ପାଇଁ ଖୁବ୍‌ଶୀଘ୍ର ଏସମ୍ପର୍କିତ ନିର୍ଦ୍ଦେଶନାମା ଆନୁଷ୍ଠାନିକ ଭାବେ ଜାରି କରାଯିବ। ଡେରାଡୁନ୍‌ରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି, ଜୁଲାଇ ୧୨ରେ ବୋଲବମ୍ ଯାତ୍ରା ପାଇଁ ସମୀକ୍ଷା ବୈଠକ ବସିଥିଲା। ଉକ୍ତ ବୈଠକରେ ଆମେ ଏପରି ନିଷ୍ପତ୍ତି ନେଇସାରିଛୁ। ଆସନ୍ତା ୨୨ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ବୋଲବମ୍ ଯାତ୍ରାବେଳେ ଋଷିକେଶ, ନୀଳକଣ୍ଠ ଓ ଗଙ୍ଗୋତ୍ରି ରାସ୍ତାର ପ୍ରତ୍ୟେକ ଖାଦ୍ୟ ଦୋକାନୀଙ୍କ ପାଇଁ ଏହା ପ୍ରଯୁଜ୍ୟ ହୋଇପାରେ। ଏହାକୁ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ହରିଦ୍ୱାର ଏସ୍‌ଏସ୍‌ପି ପ୍ରେମାନନ୍ଦ ଧୋବାଲ ଚେତାବନୀ ଦେଇଛନ୍ତି। ଶିବଭକ୍ତମାନେ କେଉଁଠି ଖାଇବେ ଓ କେଉଁଠି ଖାଇବେ ନାହିଁ ତାହା ଜାଣିବାରେ ଏହା ସେମାନଙ୍କୁ ସହାୟକ ହେବ ବୋଲି ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାଓ୍ୱତ୍ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ହରିଶ ରାଓ୍ୱତ୍‌ଙ୍କ ମତରେ ୟୁପି, ଉତ୍ତରାଖଣ୍ଡ ସରକାରଙ୍କ ଏହି ନିଷ୍ପତ୍ତି ଦୁର୍ଭାଗ୍ୟଜନକ ଓ କଷ୍ଟଦାୟକ। ଏହା ଦୁଇ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟିକରି ଦେଶରେ ବିବାଦୀୟ ସ୍ଥିତି ଉପୁଜାଇବ। କେବଳ ବିରୋଧୀ ନୁହନ୍ତି, ଭାଜପାର ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ଏବଂ ସଂଯୁକ୍ତ ଜନତା ଦଳ ନେତା କେ.ସି. ତ୍ୟାଗୀ ସମାଲୋଚନା କରିଛନ୍ତି। ଜାତି ଓ ଧର୍ମ ଆଧାରରେ ବିଭାଜନକୁ ପ୍ରୋତ୍ସାହନ ଅନୁମତି ଦୁର୍ଭାଗ୍ୟଜନକ ବୋଲି ଚିରାଗ କହିଛନ୍ତି। ତ୍ୟାଗୀ ଏହି ନିର୍ଦ୍ଦେଶନାମା ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁଖ୍‌ତାର ଅବ୍ବାସ୍ ନକ୍‌ଭି ଏହି ଅର୍ଡର ଅସ୍ପୃଶ୍ୟତା ବଢ଼ାଇବ ବୋଲି ଏକ୍ସ'ରେ ସମାଲୋଚନା କରିଛନ୍ତି।

# ଭିଏତ୍‌ନାମ ନେତା ଟ୍ରୋଙ୍ଗ୍‌ଙ୍କ ପରଲୋକ

**ହନୋଇ, ୧୯।୭**


ଗୁୟେନ୍ ଫୁ ଟ୍ରୋଙ୍ଗ୍

କମ୍ୟୁନିଷ୍ଟ ପାର୍ଟି ଅଫ୍ ଭିଏତ୍‌ନାମର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବରିଷ୍ଠ ନେତା ଗୁୟେନ୍ ଫୁ ଟ୍ରୋଙ୍ଗ୍‌ଙ୍କ ୮୦ ବର୍ଷ ବୟସରେ ଶୁକ୍ରବାର ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ଗୁରୁତର ଭାବେ ଅସୁସ୍ଥ ହୋଇ ହନୋଇର ଏକ ମିଲିଟାରି ହସ୍ପିଟାଲରେ ତାଙ୍କର ପରଲୋକ ଘଟିଛି। ୨୦୧୧ରେ ଟ୍ରୋଙ୍ଗ୍ ପ୍ରଥମ ଥର ପାଇଁ କମ୍ୟୁନିଷ୍ଟ ପାର୍ଟି ଅଫ୍ ଭିଏତ୍‌ନାମର ମୁଖ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେବେଠାରୁ ସେ ଭିଏତ୍‌ନାମ ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରି ଆସୁଛନ୍ତି। ୨୦୧୬ରେ ସେ କମ୍ୟୁନିଷ୍ଟ ପାର୍ଟିର ଶୀର୍ଷ ପଦରେ ପୁନଃ ନିର୍ବାଚିତ ହୋଇଥିଲେ। ୧୯୪୪ରେ ହନୋଇରେ ଜନ୍ମଗ୍ରହଣ କରିଥିବା ଟ୍ରୋଙ୍ଗ୍ ମାତ୍ର ୨୨ ବର୍ଷ ବୟସରେ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ହୋଇଥିଲେ। ଭିଏତ୍‌ନାମର ଏକ ଦଳୀୟ ରାଜନୈତିକ ବ୍ୟବସ୍ଥାରେ କମ୍ୟୁନିଷ୍ଟ ପାର୍ଟିର ଶକ୍ତିକୁ ଏକତ୍ର କରିବା ପାଇଁ ତାଙ୍କର ସର୍ବାଧିକ ଅବଦାନ ରହିଥିଲା। ଟ୍ରୋଙ୍ଗ୍‌ଙ୍କ ମୃତ୍ୟୁରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରମୁଖ ବହୁ ବିଶ୍ୱ ନେତା ଶୋକ ପ୍ରକଟ କରିଛନ୍ତି। ସେହିପରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଟ୍ରୋଙ୍ଗ୍‌ଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

# ଛାତ୍ର ସଂସଦ ନିର୍ବାଚନରେ ଛାତ୍ରୀଙ୍କୁ ୫୦% ସଂରକ୍ଷଣ

**ଡେରାଡୁନ୍,୧୯।୭**

## ଉତ୍ତରାଖଣ୍ଡ ଦେଶରେ ପ୍ରଥମ

ଉତ୍ତରାଖଣ୍ଡର ସମସ୍ତ ସରକାରୀ ତଥା ଘରୋଇ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ଛାତ୍ର ସଂସଦ ନିର୍ବାଚନରେ ଛାତ୍ରୀଙ୍କ ପାଇଁ ୫୦% ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଲିଙ୍ଗଗତ ସମାନତା ଆଣିବା ସହ ଛାତ୍ରୀମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟର ପୁଷ୍କର ସିଂ ଧାମି ସରକାର ଶୁକ୍ରବାର ଏହି ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଯାହାକି ଦେଶରେ ପ୍ରଥମ। ଛାତ୍ର ସଂସଦ ନିର୍ବାଚନଗୁଡ଼ିକରେ ଛାତ୍ରୀଙ୍କୁ ୫୦% ସଂରକ୍ଷଣ ଦେବା ପାଇଁ କୁଳପତିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଧନ ସିଂ ରାଓ୍ୱତ୍ ସୂଚନା ଦେଇଛନ୍ତି।

# କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ

**ନୂଆଦିଲ୍ଲୀ, ୧୯।୭**

## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ନାଁରେ ଯୌନ ଶୋଷଣ ମାମଲା

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ବିରୋଧରେ ଯୌନ ଶୋଷଣର ଅଭିଯୋଗ କରିଥିବା ରାଜଭବନର ମହିଳା କର୍ମଚାରୀଙ୍କ ଆବେଦନକୁ ଭିତ୍ତିକରି ସୁପ୍ରିମକୋର୍ଟ ଶୁକ୍ରବାର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୬୧ ଅନୁଯାୟୀ କୌଣସି ଆପରାଧିକ ମାମଲାରେ ରାଜ୍ୟପାଳଙ୍କ ବିରୋଧରେ ତଦନ୍ତ ହୋଇପାରିବ ନାହିଁ। ତେଣୁ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ବିରୋଧରେ ତଦନ୍ତ କରିବାକୁ କୋଲକାତା ପୋଲିସକୁ ଅନୁମତି ଦେବା ପାଇଁ ପୀଡ଼ିତା ମହିଳାଙ୍କ ପକ୍ଷରୁ ଏକ ଆବେଦନ ସର୍ବୋଚ୍ଚ କୋର୍ଟଙ୍କ ନିକଟରେ ଦାଖଲ କରାଯାଇଥିଲା। ଶୁକ୍ରବାର ଏହି ଆବେଦନର ଶୁଣାଣି କରିଛନ୍ତି ମୁଖ୍ୟ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି ପାର୍ଦିୱାଲା ଓ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ। କୌଣସି ଆପରାଧିକ କାର୍ଯ୍ୟାନୁଷ୍ଠାନରୁ ରାଜ୍ୟପାଳଙ୍କୁ ରକ୍ଷା ଦେଉଥିବା ସାମ୍ବିଧାନିକ ବ୍ୟବସ୍ଥାକୁ ଯାଞ୍ଚ କରିବାକୁ ଏହି ଖଣ୍ଡପୀଠ ସହମତି ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାରେ ଆର୍ଟର୍ନି ଜେନେରାଲ ଆର୍ ଭେଙ୍କଟରମଣୀଙ୍କ ସହାୟତା ଲୋଡ଼ିଛନ୍ତି।

# ଲିଡ୍ସରେ ଦଙ୍ଗା ସ୍ଥିତି

**ଲଣ୍ଡନ୍,୧୯।୭:** ବ୍ରିଟେନ୍‌ର ଲିଡ୍ସ ସହରରେ ଗୁରୁବାର ସ୍ଥାନୀୟ ସମୟ ଅପରାହ୍ନ ୫ଟାରେ ଚାଇଲ୍ଡ କେୟାର ଏଜେନ୍ସି ଏକ ପରିବାରର କେତେଜଣ ଶିଶୁଙ୍କୁ ନେଇଯାଉଥିଲା। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ଏଜେନ୍ସିକୁ ବିରୋଧ କରିଥିଲେ। ପୋଲିସ ପହଞ୍ଚିବା ପରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ମାସ୍କ ପିନ୍ଧିଥିବା କେତେଜଣ ବ୍ୟକ୍ତି ଏକ ବସ୍‌ରେ ନିଆଁ ଲଗାଇଦେଇଥିଲେ। ଏପରି କି ସେମାନେ ପୋଲିସ ଭ୍ୟାନ୍‌ର କାଚ ଭାଙ୍ଗିଦେଇ ତାକୁ ଓଲଟାଇ ଦେଇଥିଲେ। ପୋଲିସକୁ ଟେକାମାଡ଼ ମଧ୍ୟ କରିଥିଲେ। ଫଳରେ ସେଠାରେ ଦଙ୍ଗା ଭଳି ସ୍ଥିତି ଉପୁଜିଥିଲା। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ମୁତୟନ କରାଯାଇଛି। ସ୍ଥିତି ନିୟନ୍ତ୍ରଣରେ ଥିବା ପୋଲିସ କହିଛି।


ଲିଡ୍ସରେ ଉତ୍ୟକ୍ତ ଲୋକେ ଏକ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି।

## ଖେଳ ଖବର



ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଆନୁଷ୍ଠାନିକ ଭାବେ ଉନ୍ମୁକ୍ତ ହୋଇଥିବା ଗେମ୍ସ ଭିଲେଜ।

# ପାକିସ୍ତାନକୁ ହରାଇଲା ଭାରତ

## ମହିଳା ଏସିଆ କପ୍

**ଦାମ୍ବୁଲା, ୧୯।୭**



ଉଇକେଟ ନେବା ପରେ ଉଲ୍ଲସିତ ରେଣୁକା ସିଂ।

ଏସିଆ କପ୍ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି ମ୍ୟାଚରେ ୟୁଏଇକୁ ନେପାଳ ଓ ପାକିସ୍ତାନକୁ ହରାଇ ଭାରତ ଏହାର ଅଭିଯାନ ଆରମ୍ଭ କରିଛି। ବୋଲରଙ୍କ ଚମତ୍କାର ପ୍ରଦର୍ଶନ ଏବଂ ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ପ୍ରଭାବୀ ବ୍ୟାଟିଂ ବଳରେ ଭାରତ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଭାରତୀୟ ବୋଲରଙ୍କୁ ସାମ୍ନା କରି ନ ପାରି ପାକିସ୍ତାନ ୧୯.୨ ଓଭରରେ ମାତ୍ର ୧୦୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସିଦ୍ରା ଅମିନ ସର୍ବାଧିକ ୨୫ ରନ କରିଥିବାବେଳେ ଭାରତ ପକ୍ଷରୁ ଦୀପ୍ତି ଶର୍ମା ୩ଟି ଏବଂ ରେଣୁକା ସିଂ, ପୂଜା ବସ୍ତ୍ରକାର ଓ ଶ୍ରେୟଙ୍କା ପାଟିଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୧୪.୧ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରି ନେଇଥିଲା। ଦୁଇ ଓପନର ସ୍ମୃତି ମନ୍ଧାନା ୪୫ (୩୧ ବଲ, ୯ ଚୌକା) ଓ ଶେଫାଳି ବର୍ମା ୪୦ (୨୯ ବଲ, ୬ ଚୌକା, ୧ ଛକା) ରନ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୧୯.୨ ଓଭରରେ ୧୦୮/ଅଲ୍‌ଆଉଟ (ସିଦ୍ରା ଅମିନ-୨୫, ଦୀପ୍ତି ଶର୍ମା-୩/୨୦, ରେଣୁକା ସିଂ-୨/୧୪, ପୂଜା ବସ୍ତ୍ରକାର-୨/୩୧, ଶ୍ରେୟଙ୍କା ପାଟିଲ-୨/୧୪)। ପାକିସ୍ତାନ ୧୪.୧ ଓଭରରେ ୧୦୯/୩ (ସ୍ମୃତିମନ୍ଧାନା-୪୫, ଶେଫାଳି ବର୍ମା-୪୦, ସଇଦା ଅରୁବ ଶାହା-୨/୯, ନଶ୍ରା ସାନ୍ଧୁ-୧/୨୦)।

# ଏମ୍‌ବି ସ୍ମାରକୀ କ୍ରୀଡ଼ା ପ୍ରତିଭା ସମ୍ମାନ ୨୫ରେ

**ଭୁବନେଶ୍ୱର,୧୯।୭ (ତପନ ସ୍ୱାଇଁ):** ନବମ ମୁକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ଓ କ୍ରୀଡ଼ାଗୁରୁ ସମ୍ମାନ ପ୍ରଦାନ ଚଳିତ ମାସ ୨୫ରେ କରାଯିବ। ପୁରୀର ପ୍ରଥମ କୁସ୍ତିଗୁରୁ ଭାବେ ପରିଚିତ ସ୍ୱର୍ଗତ ମୁକୁନ୍ଦ ବରାଳଙ୍କ ସ୍ମୃତିରେ ଉଦୀୟମାନ କ୍ରୀଡାବିତ୍ ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ହକି ଯାଦୁଗର ଧ୍ୟାନଚାନ୍ଦଙ୍କ ପୁତ୍ର ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ମେଜର ଅଶୋକ ଧ୍ୟାନଚାନ୍ଦ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଟ୍ରଷ୍ଟି କୈବଲ୍ୟ ବରାଳ ସୂଚନା ଦେଇଛନ୍ତି। କରାଟେ ପାଇଁ ଶୁଭକାନ୍ତ ବିଶ୍ୱାଳ, ମିନିଗଲ୍ଫ ପାଇଁ ବିକାଶ ଚନ୍ଦ୍ର ପଟ୍ଟନାୟକ ଏବଂ ଅଭିପ୍ସା ପଣ୍ଡା, ଶଟପୁଟ ପାଇଁ ଆଂଶିକା ରାଉତରାୟ ଓ ଫୁଟବଲ ପାଇଁ ଆଲୋକ କୁମାର ଦାସଙ୍କୁ କ୍ରୀଡ଼ା ପ୍ରତିଭା ସମ୍ମାନ ଓ ଆଥ୍‌ଲେଟିକ ପାଇଁ ସୁନିତା ସାନ୍ତାଙ୍କୁ ମୁକୁନ୍ଦ ବରାଳ ସ୍ମାରକୀ ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ସେହିପରି କୁସ୍ତିଗୁରୁ ଶ୍ୟାମସୁନ୍ଦର ମହାପାତ୍ର, ଉଷୁ କୋଚ ପ୍ରଦ୍ୟୁମ୍ନ ବେହେରା, ରଗ୍‌ବୀ କୋଚ୍ ଉପେନ୍ଦ୍ର କୁମାର ମହାନ୍ତି, ଭଲିବଲ କୋଚ୍ ଦିବ୍ୟରଞ୍ଜନ ବେହେରା, ଫୁଟବଲ କୋଚ୍ ଅବଦୁଲ କରିମ ଖାଁଙ୍କୁ କ୍ରୀଡ଼ାଗୁରୁ ଭାବେ ସମ୍ମାନିତ କରାଯିବ।

# ବିଶ୍ୱ ଜୁନିୟର ସ୍କ୍ୱାଶ: ବିଜୟ ସହ ଭାରତର ଆରମ୍ଭ

**ହ୍ୟୁଷ୍ଟନ, ୧୯।୭ (ପି.ଟି.):** ବିଶ୍ୱ ଜୁନିୟର ସ୍କ୍ୱାଶ ଚାମ୍ପିୟନଶିପ୍‌ରେ ଭାରତର ଉଭୟ ବାଳକ ଓ ବାଳିକା ଦଳ ବିଜୟ ସହ ସେମାନଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ବାଳକ ଦଳ ଗ୍ରୁପ୍ 'ଏଫ୍'ରେ ୩-୦ରେ କୁଏତ୍‌କୁ ପରାସ୍ତ କରିଥିବା ବେଳେ ଜାତୀୟ ଚାମ୍ପିୟନ ଅନାହତ ସିଂଙ୍କ ନେତୃତ୍ୱରେ ବାଳିକା ଦଳ ଗ୍ରୁପ୍ 'ଡି'ରେ ସମାନ ବ୍ୟବଧାନରେ ଚାଇନିଜ ତାଇପେକୁ ହରାଇ ଦେଇଛି।

# ପୋଗାକାର ଟୁର୍ ଡି' ଫ୍ରାନ୍ସ ନିକଟତର

**ପ୍ୟାରିସ, ୧୯।୭ (ଏପି)**




ସ୍ଲୋଭେନିଆର ଟାଡେଜ ପୋଗାକାର ଚଳିତ ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ରେ ତାଙ୍କ ଆଧିପତ୍ୟ ବଜାୟ ରଖିଛନ୍ତି। ଶୁକ୍ରବାର ସେ ପ୍ରତିଯୋଗିତାର ୧୯ତମ ଷ୍ଟେଜ ଜିତିଛନ୍ତି। ସେ ଆଉ ଏକ କଷ୍ଟସାଧ୍ୟ ମାଉଣ୍ଟେନ ଷ୍ଟେଜ ବିଜୟ ସହ ତୃତୀୟ ଥର ଟାଇଟଲ ନିକଟତର ହୋଇଛନ୍ତି। ଇଭେଣ୍ଟ ଶେଷ ହେବାକୁ ଆଉ ଦୁଇ ଦିନ ବାକି ରହିଥିବା ବେଳେ ଜେନେରାଲ କ୍ଲାସିଫିକେଶନରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗତ ଦୁଇଥର ଚାମ୍ପିୟନ ଡେନମାର୍କର ଜୋନାସ ଭିଙ୍ଗେଗାର୍ଡଙ୍କଠାରୁ ୫ ମିନିଟ ୩ ସେକେଣ୍ଡ ଅଗ୍ରଣୀ ଲାଭ କରିପାରିଛନ୍ତି। ଟୁର୍ ପଦାର୍ପଣକାରୀ ବେଲଜିୟମର ରେମ୍‌କୋ ଇଭେନପୋଏଲ ୭:୦୧ ପଏଣ୍ଟ ପଛରେ ତୃତୀୟ ସ୍ଥାନରେ ରହିଛନ୍ତି। ଏମ୍ବ୍ରୁନଠାରୁ ଇସୋଲା ୨୦୦୦ ପର୍ଯ୍ୟନ୍ତ ୧୪୪.୬ କି.ମି. ଦୂରତା ବିଶିଷ୍ଟ ରେସ୍‌କୁ ୪ ଘଣ୍ଟା ୪ ମିନିଟ ୩ସେକେଣ୍ଡରେ ଶେଷ କରି ପୋଗାକାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କଠାରୁ ୨୧ ସେକେଣ୍ଡ ପଛରେ ଆମେରିକାର ମାଟେଓ ଜୋର୍ଗେନସନ ଦ୍ୱିତୀୟ ଏବଂ ଗ୍ରେଟ୍ ବ୍ରିଟେନର ସିମନ ୟେଟ୍ସ ୪୦ ସେକେଣ୍ଡ ପଛରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ରେସ୍‌ରେ ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିଲେ ଇକ୍ୱେଡରର ରିଚାର୍ଡ କାରାପାଜ, ବେଲଜିୟମର ରେମ୍‌କୋ ଇଭେନପୋଏଲ, ଡେନମାର୍କର ଜୋନାସ ଭିଙ୍ଗେଗାର୍ଡ, ପର୍ତ୍ତୁଗାଲର ଜୋଆଓ ଅଲମିଦା, ସ୍ପେନର ମିକେଲ ଲାଣ୍ଡା, ନେଦରଲାଣ୍ଡ୍ସର ୱିଲକୋ କେଲଡରମାନ ଏବଂ କାନାଡାର ଡେରେକ ଗି। ପୋଗାକାର ଯଦି ଏଥର ଟାଇଟଲ ବିଜୟୀ ହୁଅନ୍ତି ତେବେ ସମାନ ବର୍ଷରେ ଉଭୟ ଟୁର୍ ଡି ଫ୍ରାନ୍ସ ଓ ଗିରୋ ଡି' ଇଟାଲିଆ ଜିତିବାରେ ସେ ୧୯୯୮ରେ ମାର୍କୋ ପ୍ଲାଣ୍ଟିନିଙ୍କ ପରେ ଦ୍ୱିତୀୟ ବ୍ୟକ୍ତି ବିବେଚିତ ହେବେ।

# ହିତେଶ ଓଡ଼ିଶା ଏଫ୍‌ସିରୁ ଆସି ମୁମ୍ବାଇ ସିଟି ଏଫ୍‌ସିରେ

**ମୁମ୍ବାଇ, ୧୯।୭ (ପି.ଟି.):** ଆଗାମୀ ୨୦୨୪-୨୫ ସିଜନ ପାଇଁ ମୁମ୍ବାଇ ସିଟି ଏଫ୍‌ସି ମିଡ୍‌ଫିଲ୍ଡର ହିତେଶ ଶର୍ମାଙ୍କୁ ଓଡ଼ିଶା ଏଫ୍‌ସିରୁ ଉଧାର ଆକାରରେ ଆଣି ତାଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ କରିଛି। ଜଳନ୍ଧରରେ ଜନ୍ମ ଗ୍ରହଣ କରିଥିବା ହିତେଶ ଚଣ୍ଡିଗଡ଼ ଫୁଟ୍‌ବଲ ଏକାଡେମୀ ଓ ଟାଟା ଫୁଟ୍‌ବଲ ଏକାଡେମୀ (ଟିଏଫ୍‌ଏ)ରେ ତାଙ୍କ କ୍ରୀଡ଼ା ନୈପୁଣ୍ୟ ଦେଖାଇଛନ୍ତି। ଆଇ-ଲିଗ୍‌ରେ ମୁମ୍ବାଇ ଏଫ୍‌ସି ତରଫରୁ ଖେଳି ସେ ତାଙ୍କ ସିନିୟର କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଆଟ୍‌ଲେଟିକୋ ଡି' କୋଲକାତା, ହାଇଦ୍ରାବାଦ ଏଫ୍‌ସି ଓ ଓଡ଼ିଶା ଏଫ୍‌ସି ତରଫରୁ ଖେଳିଛନ୍ତି। ଏହି ଅବସରରେ ମୁମ୍ବାଇ ସିଟି ଏଫ୍‌ସି ମୁଖ୍ୟ କୋଚ୍ ପିଟର କ୍ରାଟକି କହିଛନ୍ତି, ହିତେଶଙ୍କର ବିଭିନ୍ନ କ୍ଲବରେ ଅଭିଜ୍ଞତା ରହିଥିବାରୁ ଦଳ ପାଇଁ ଏହା ସହାୟକ ହେବ। ୨୬ ବର୍ଷୀୟ ହିତେଶ ଆଇଏସ୍‌ଏଲ୍‌ର ବିଭିନ୍ନ କ୍ଲବ ତରଫରୁ ପ୍ରତିନିଧିତ୍ୱ କରି ୮୧ଟି ମ୍ୟାଚ ଖେଳିଛନ୍ତି। ୨୦୨୧-୨୨ ସିଜନରେ ସେ ହାଇଦ୍ରାବାଦ ଏଫ୍‌ସି ତରଫରୁ ଖେଳି ଆଇଏସ୍‌ଏଲ୍ କପ୍ ଜିତିଛନ୍ତି।

# ସମ୍ଭାଗସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ଭୁବନେଶ୍ୱର,୧୯।୭ (ବିଜୟ ରଣା)**

ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୩ରେ ୫୩ତମ ସମ୍ଭାଗସ୍ତରୀୟ ଖେଳକୁଦ ପ୍ରତିଯୋଗିତା (୧୪ ଓ ୧୭ ବର୍ଷରୁ କମ୍ ବାଳକ କବାଡ଼ି) ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ୨୦ଟି ବିଦ୍ୟାଳୟର ୨୪୫ଜଣ ବାଳକ ଭାଗ ନେଇଛନ୍ତି। ଏହା ୨୨ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନ ଉତ୍ସବରେ ବିଦ୍ୟାଳୟର ପ୍ରାଚାର୍ଯ୍ୟ ଡ଼ଃ ଏ.କେ. ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଉପପ୍ରାଚାର୍ଯ୍ୟ ସରୋଜ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସତ୍ୟରଞ୍ଜନ ମିଶ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଓଡ଼ିଶା କବାଡ଼ି ଆସୋସିଏଶନର ୧୨ଜଣ ଅଫିସିଆଲ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ଆଗାମି କେ.ଭି.ଏସ୍ ଜାତୀୟସ୍ତରୀୟ ଖେଳକୁଦ ପାଇଁ ଭୁବନେଶ୍ୱର ସମ୍ଭାଗର ପ୍ରତିନିଧିତ୍ୱ କରିବା ଲାଗି ଚୟନ କରାଯିବ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷକ ଗୌରହରି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଖେଳାଳିଙ୍କ ସହ ଅତିଥି ପରିଚିତ ହେଉଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଡୁଗୁଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନବୀନ ବିଜେଡି ସଂସଦୀୟଦଳ ଅଧ୍ୟକ୍ଷ

ଭୁବନେଶ୍ୱର,୧୯।୭(ଅନିଲଦାସ)

## ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ପରାମର୍ଶ

ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସର୍ବସମ୍ମତି କ୍ରମେ ବିଜେଡି ସଂସଦୀୟ ଦଳର ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି। ଶୁକ୍ରବାର ଅପରାହ୍ନରେ ନବୀନ ନିବାସଠାରେ ନବୀନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ସଂସଦୀୟ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସଂସଦରେ ଦଳର ରଣନୀତି କିପରି ରହିବ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲଢ଼େଇ କରିବାକୁ ନବୀନ ରାଜ୍ୟ ସଭା ସଦସ୍ୟମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା, ଆଦିବାସୀ କଲ୍ୟାଣ, ମହିଳା ସଶକ୍ତୀକରଣ, ଚାଷୀଙ୍କ ଉନ୍ନତି ପାଇଁ ଦଳ ଲଢ଼େଇ କରିବ । ପ୍ରତି ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଏକଲବ୍ୟ ବିଦ୍ୟାଳୟ ସ୍ଥାପନ, ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ନିର୍ମାଣ, ଏମ୍‌ଏସ୍‌ଏମ୍‌ଇ ପାର୍କ, ଅବହେଳିତ ଜାତୀୟ ରାଜପଥ, କୋଇଲା ରୟାଲଟି ବୃଦ୍ଧି, ମହିଳା ସଂରକ୍ଷଣ ବିଲ୍ ଲାଗୁ ଇତ୍ୟାଦି ପ୍ରସଙ୍ଗ ମଧ୍ୟ ରାଜ୍ୟ ସଭାରେ ବିଜେଡି ଉଠାଇବ । ଦୃଢ଼ ବିରୋଧୀ ଦଳ ଭାବରେ ବିଜେଡି ସଂସଦରେ ସବୁ ପ୍ରସଙ୍ଗକୁ ଉପସ୍ଥାପନ କରିବ । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଓ ଯୁକ୍ତିଯୁକ୍ତ ଦାବିକୁ ଉପସ୍ଥାପନ କରିବାକୁ ରାଜ୍ୟ ସଭା ସଦସ୍ୟଙ୍କୁ ନବୀନ ପରାମର୍ଶ ଦେଇଛନ୍ତି । ବିଜେଡି ସର୍ବଦା ରାଜ୍ୟବାସୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇଛି । ସଂସଦର ଆଗାମୀ ବଜେଟ ଅଧିବେଶନରେ ମଧ୍ୟ ସାଢ଼େ ଚାରି କୋଟି ଓଡ଼ିଆଙ୍କ ପାଇଁ ଦଳ ଲଢ଼େଇ କରିବ । ରାଜ୍ୟ ସଭା ସଦସ୍ୟଙ୍କ ସହ ବୈଠକ କରି ବିଜେଡି ସଭାପତି ସମସ୍ତଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ବିଜେଡିର ସମସ୍ତ ରାଜ୍ୟ ସଭା ସଦସ୍ୟ ଯୋଗଦେଇଥିଲେ। ସୂଚନାଯୋଗ୍ୟ ବିଜେଡିର ଲୋକ ସଭାରେ କୌଣସି ଏମ୍‌ପି ନ ଥିବା ବେଳେ ରାଜ୍ୟ ସଭାରେ ୯ ଜଣ ସଦସ୍ୟ ଅଛନ୍ତି ।


ନବୀନ ନିବାସଠାରେ ଶୁକ୍ରବାର ଅନୁଷ୍ଠିତ ବିଜେଡି ସଂସଦୀୟ ଦଳ ବୈଠକରେ ଉପସ୍ଥିତ ସଭାପତି ନବୀନ ପଟ୍ଟନାୟକ ଓ ରାଜ୍ୟ ସଭା ସଦସ୍ୟମାନେ।


ପୁରୀଠାରେ ଶୁକ୍ରବାର ଅନୁଷ୍ଠିତ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ସଭାପତି ମନମୋହନ ସାମଲ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର୍, ସହପ୍ରଭାରୀ ଲତା ଉସେଣ୍ଡି, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଅଛନ୍ତି।


ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିବା ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା।

# ଏମ୍‌ପି ନିଜେ ଅଳିଆର ତଦନ୍ତ କରାନ୍ତୁ: ଦେବାଶିଷ

କଟକ,୧୯।୭(ଶିଳ୍ପା ପ୍ରିୟଦର୍ଶିନୀ)

## ଭର୍ତ୍ତୃହରିଙ୍କ ଅଳିଆ ଉପାଖ୍ୟାନକୁ ନେଇ ଟାର୍ଗେଟ

କେଉଁ ଦଳରେ ଅଳିଆ ଭର୍ତ୍ତି ହୋଇରହିଛି। ବିଜେଡି କି ଭାଜପା ତାହା ସ୍ପଷ୍ଟ କରି କହିବା କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କର ଉଚିତ୍ ଥିଲା ବୋଲି କହି ଟାର୍ଗେଟ କରିଛନ୍ତି ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ। ଗୁରୁବାର କଟକ ଜିଲା ନିଶ୍ଚିନ୍ତକୋଇଲିଠାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଜାରି ରହିଥିବାବେଳେ ଏମ୍‌ପି ଭର୍ତ୍ତୃହରି ନିଜ ଅଭିଭାଷଣରେ ଦେଇଥିବା ମନ୍ତବ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଭର୍ତ୍ତୃହରି କହିଥିଲେ, ରାଜ୍ୟବ୍ୟାପୀ ଯେଉଁମାନେ ଅଳିଆ କରିଛନ୍ତି ସେମାନଙ୍କୁ ଧରି ଜେଲରେ ବନ୍ଦୀ କଲେ କୋଠରୀ ଅଭାବ ପଡ଼ିଯିବ। ସମସ୍ତ ଅଳିଆକୁ ସଫା କରିବା ସମୟ ଆସିଛି ବୋଲି ମହତାବ କହିଥିଲେ। ତେବେ ଶୁକ୍ରବାର କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟଠାରେ ଦେବାଶିଷ ଏମ୍‌ପି ଭର୍ତ୍ତୃହରିଙ୍କ ଏଭଳି ଅଳିଆ ସଫା ଉପାଖ୍ୟାନ ଉପରେ ପ୍ରତିକ୍ରିୟା ରଖି ଆହୁରି କହିଛନ୍ତି, କେଉଁଠି ଅଳିଆ ରହିଛି ତାହା କ'ଣ କେବଳ ଭର୍ତ୍ତୃହରିଙ୍କୁ ଜଣା ଅଛି? ଏମ୍‌ପି କାହାକୁ ଇଙ୍ଗିତ କରି ଅଳିଆ କଥା କହିଛନ୍ତି ସେ ଜାଣିଥିବେ। ଯଦିଓ ଏବିଷୟରେ ତାଙ୍କୁ ଜଣା ଅଛି ତେବେ କଟକରେ ଯେଉଁ ଅଳିଆ ରହିଛି ତାହାକୁ ପ୍ରଥମେ ହଟାନ୍ତୁ ପରେ ଅନ୍ୟ ଦଳ ବା ଅନ୍ୟ ବିଷୟରେ ଚର୍ଚ୍ଚା କରିବେ। ୨୪ ବର୍ଷ ଶାସନରେ ଅଳିଆ ଭର୍ତ୍ତି ଥିବା କହିବା ଲଜ୍ଜାଜନକ। କାରଣ ୨୪ ବର୍ଷ ଶାସନରେ ସେ ମଧ୍ୟ ସାମିଲ ରହିଥିଲେ। କିନ୍ତୁ ସେ ସମୟରେ କ'ଣ ପାଇଁ ମୁହଁ ଖୋଲି ନ ଥିଲେ। ଭର୍ତ୍ତୃହରି ଦଳ ପରିବର୍ତ୍ତନ କରିଛନ୍ତି ହୁଏତ ସେଥିପାଇଁ ଅଳିଆ କଥା ଇଙ୍ଗିତ କରି କହୁଥିବେ। ଯଦି ଅଳିଆ ଆଳରେ କୌଣସି ଦୁର୍ନୀତିକୁ ଭର୍ତ୍ତୃହରି ଆକ୍ଷେପ କରୁଛନ୍ତି ତେବେ ତଦନ୍ତ କରନ୍ତୁ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଏବେ ଭାଜପା ସରକାର ଶାସନ କରୁଛି। ତଦନ୍ତ କରି ଅଳିଆଙ୍କୁ ଜେଲରେ ବନ୍ଦୀ କରାନ୍ତୁ। ଭର୍ତ୍ତୃହରି ପୂର୍ବରୁ ବିଜେଡିରେ ଥିଲେ। ଏବେ ଭାଜପା ଏମ୍‌ପି ହୋଇଛନ୍ତି। ରାଜ୍ୟର ସ୍ୱାର୍ଥ କଥା ଚିନ୍ତା କରି ମହାନଦୀ ପ୍ରସଙ୍ଗ କାହିଁକି ସେ ଉଠାଇ ନାହାନ୍ତି। ଏହାର ସମାଧାନ ପାଇଁ ବାଟ ବାହାର କରନ୍ତୁ। ଅଯଥା ପ୍ରସଙ୍ଗରେ ଟିପ୍ପଣୀ କରିବା ତାଙ୍କୁ ଶୋଭା ପାଉନି ବୋଲି ଦେବାଶିଷ କହିଛନ୍ତି।


ଭର୍ତ୍ତୃହରି ମହତାବ


ଦେବାଶିଷ ସାମନ୍ତରାୟ

# ଏବେ ୩ ଇଞ୍ଜିନ ସରକାର ଚାଲିଛି :ତାରା

ଜୟପୁର,୧୯।୭(ପବନ ପାଣିଗ୍ରାହୀ)

## କୋଟିଆ, ମହାନଦୀ ଏବଂ ପୋଲାଭରମ୍ ଭଳି ବିବାଦ ସମାଧାନ କରାଯାଉ

ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ଜୁଲାଇ ୨୨ରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବିଭିନ୍ନ ପ୍ରସଙ୍ଗକୁ ନେଇ ମୁହଁ ଖୋଲିଛନ୍ତି । ଏନେଇ ଗଣମାଧ୍ୟମକୁ ତାରା କହିଛନ୍ତି, ବର୍ତ୍ତମାନ ୨ଟି ନୁହଁ ୩ ଇଞ୍ଜିନ ସରକାର ଚାଲିଛି। କେନ୍ଦ୍ରରେ ଭାଜପା, ରାଜ୍ୟରେ ଭାଜପା ଏବଂ ଆନ୍ଧ୍ରରେ ମଧ୍ୟ ତାଙ୍କ ସହଯୋଗୀ ଦଳ ରହିଛି। 'କୋଟିଆ'କୁ ନେଇ ପଡ଼ୋଶୀ ରାଜ୍ୟ ସହ ଯେଉ ବିବାଦ ଲାଗି ରହିଛି ସରକାର ତା'ର ସମାଧାନ କରନ୍ତୁ। ଏଥିନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ସର୍ବଦଳୀୟ କମିଟି ଗଠନ କରାଯିବା ସହିତ ତାଙ୍କ ସହିତ ଦେଖା କରିବାକୁ ସମୟ ମଗାଯାଉ। ତେବେ କଂଗ୍ରେସ ଦଳ ମଧ୍ୟ ଏଥିପାଇଁ ଦାବି କରିବ ବୋଲି ତାରା କହିଛନ୍ତି। କୋଟିଆ, ପୋଲାଭରମ କିମ୍ବା ମହାନଦୀ ଭଳି ଯେଉଁ ଦୀର୍ଘ ଦିନର ବିବାଦ ରହିଛି ଏହାର ସମାଧାନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ମିଳିତ ଭାବେ ଏହାର ସମାଧାନ କରିବାର ଆବଶ୍ୟକତା ରହିଛି। ଆସନ୍ତା ବିଧାନସଭା ଅଧିବେଶନରେ ଓଡ଼ିଶାରେ ବଢ଼ି ଚାଲିଥିବା ବେକାରୀ, ଦାଦନ ସମସ୍ୟା ଏବଂ ଅନ୍ୟ ପ୍ରସଙ୍ଗରେ କଂଗ୍ରେସ ସରକାରଙ୍କୁ ଘେରିବ। ଅନ୍ୟପକ୍ଷରେ ଜୟପୁରରେ ବଢିଚାଲିଥିବା ଅପରାଧ ପାଇଁ ମଧ୍ୟ ତାରା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପାଇଁ ସେ କିଛି ପୋଲିସ କର୍ମଚାରୀଙ୍କୁ ଦାୟୀ କରିଛନ୍ତି। ଏଥିସହ ରତ୍ନଭଣ୍ଡାରରେ କ'ଣ ସବୁ ରହିଛି ତା'ର ଗଣତିମଣତି କରି ସରକାର ସ୍ପଷ୍ଟ କରନ୍ତୁ ବୋଲି ତାରା କହିଛନ୍ତି।


ତାରାପ୍ରସାଦ ବାହିନୀପତି

# ଯୁବପିଢ଼ିଙ୍କ କଟା ଘା'ରେ ମୋଦି ଚୂନ ଦେଇଛନ୍ତି: ଖାର୍ଗେ

ନୂଆଦିଲ୍ଲୀ,୧୯।୭

ଗତ ୩ରୁ ୪ ବର୍ଷ ମଧ୍ୟରେ ଦେଶରେ ୮ କୋଟି ନିଯୁକ୍ତି ଦିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ ଦାବି କରିଥିଲେ। ଏହାକୁ ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସମାଲୋଚନା କରିଛନ୍ତି। ଖାର୍ଗେ କହିଛନ୍ତି, ମୋଦି ଗୋଟିଏ ପରେ ଗୋଟିଏ ମିଛ କହିଚାଲିଛନ୍ତି। ଦେଶରେ ବେରୋଜଗାରି ବଢ଼ିଚାଲିଥିବାବେଳେ ମୋଦି ୮ କୋଟି ଚାକିରି ଦିଆଯାଇଥିବା କହି ଯୁବତୀଯୁବକଙ୍କ କଟା ଘା'ରେ ଚୂନ ଦେଇଛନ୍ତି। ଆପଣ ୧୦ ବର୍ଷରେ ୨୦ କୋଟି ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଯଦି ଆପଣଙ୍କ ଦାବି ସତ, ତେବେ ୧୦ ବର୍ଷ ବିତିବା ପରେ ବି ୧୨ କୋଟି ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିନାହିଁ।

# ଆସିଲେ ନାହିଁ ନିର୍ବାଚନ ଅଧିକାରୀ, ୨୩ରେ ଆସ୍ଥାଭୋଟ

ଫୁଲବାଣୀ,୧୯।୭
(ରାକେଶ କୁମାର ରାଉତ)

## ଫୁଲବାଣୀ ପୌରାଧ୍ୟକ୍ଷାଙ୍କୁ ଅନାସ୍ଥା ପ୍ରସ୍ତାବ

ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ନାମରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଶୁକ୍ରବାର ଆସ୍ଥା ଭୋଟ ହୋଇ ପାରିନାହିଁ। ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଜରୁରିକାଳୀନ ଛୁଟିରେ ଚାଲି ଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଶାସନର ଏଭଳି କାର୍ଯ୍ୟକୁ ନେଇ ଅନାସ୍ଥା ପ୍ରସ୍ତାବ ଆଣିଥିବା ବିଜେଡି ଏବଂ ଅନ୍ୟ କାଉନସିଲରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଏବଂ ଆସ୍ଥା ଭୋଟ ନ ହେବା ଯାଏ ପୌର ପରିଷଦ କାର୍ଯ୍ୟାଳୟରେ ତାଲା ପଡିବ ବୋଲି କାଉନସିଲରମାନେ କହିଛନ୍ତି। ଶେଷରେ ସମସ୍ତ କାଉନସିଲର ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଆସନ୍ତା ୨୩ରେ ଏ ନେଇ ଆସ୍ଥା ଭୋଟ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ସମସ୍ତ କାଉନସିଲର ଶୁକ୍ରବାର ସକାଳ ୧୦ଟାରେ ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସମସ୍ତଙ୍କ ନଜର ନିର୍ବାଚନ ଅଧିକାରୀଙ୍କ ଉପରେ ଥାଏ । କିନ୍ତୁ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ସ୍ୱାସ୍ଥ୍ୟଗତ କାରଣରୁ ଜରୁରିକାଳୀନ ଛୁଟିରେ ଯାଇଛନ୍ତି ବୋଲି ଜଣାପଡ଼ିବା ପରେ ଅସନ୍ତୋଷକୁ ଦେଖି ଜିଲାପାଳ ଫୁଲବାଣୀ ଉପ ଜିଲାପାଳଙ୍କୁ ସେଠାକୁ ପଠାଇଥିଲେ। ଉପ ଜିଲାପାଳ ଆସି କାଉନସିଲରଙ୍କ ସହ ବସି ଆଲୋଚନା କରିଥିଲେ । ସେ ନିର୍ବାଚନ ଅଧିକାରୀ ହୋଇ ନ ଥିବାରୁ ମିଟିଂ କିମ୍ବା ଭୋଟ ଗ୍ରହଣ କାର୍ଯ୍ୟ କରିପାରିବେ ନାହିଁ ବୋଲି କହିଥିଲେ । ଏହାକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା । ପରେ ସମସ୍ତେ ନିୟମ ବ୍ୟବସ୍ଥାକୁ ଅନୁଭବ କରି ସେମାନଙ୍କ ଅସନ୍ତୋଷ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଥିଲେ । ଜିଲାପାଳ ଆସନ୍ତା ୨୩ରେ ଅନାସ୍ଥା ଉପରେ ମିଟିଂ ହେବ, ନିର୍ବାଚନ ଅଧିକାରୀ ଭାବେ ଉପ ଜିଲାପାଳ ନିଯୁକ୍ତ ହେବେ ବୋଲି କହିଛନ୍ତି । ଏନେଇ ସମସ୍ତ କାଉନସିଲରଙ୍କୁ ଚିଠି କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି ।


କାଉନସିଲରଙ୍କ ସହ ଉପ ଜିଲାପାଳ ଆଲୋଚନା କରୁଛନ୍ତି।


# Classified Everyday 0674-2580101, 2549949


REAL ESTATE
SALE

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872. D-785

"Luxurious duplex just @ 110 lakh SALE/Booking opens, visit today our demo duplex, Balakatti, Uttara, BBSR. For details ask/WhatsApp- 9438677819". D-713

Apartment sale near Sum Hospital, Malipada, Bhubaneswar sqft.- 4200/-, Contact- 9777433701. D-75975

ଭୁବନେଶ୍ୱର ଏମ୍ସ ମେଡିକାଲ ପାଖରେ ବସ୍ତି ଘର ବିକ୍ରି ହେବ। ଯୋଗାଯୋଗ- 9777097322. D-786

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

SC plot sale at Bagchi Cancer Hospital backside- 2000sqft.- 30,00,000. 6372753860. D-75972

ନଖରା ସମ୍ ହସ୍ପିଟାଲ-2 ରୁ 9 K.M. 1200sqft.- 3,50,000/- ଘରବାରି ପ୍ଲଟ୍ ବିକ୍ରିହେବ। 9114705579. D-75973

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital ଏବଂ Grand Bazar, NH-16ରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 8249422604 । D-75977

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Relax refreshment body massage therapy by experience lady therapist. 7008773793. D-76133

**Relax, Refresh your body, Mind at Saikrupa Spa with best therapies. 8984068077.** D-678

Relax, refresh your body, mind by expert therapist. Contact: 9938843929. D-768

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75760

Newly open health benefits SPA special Offer @ 999 Bapujinagar. 8018429809. D-76134

## AFFIDAVIT

By the virtue of an affidavit C.F No.-33, dt. 16.07.24 before Executive Magistrate, Bhubaneswar, I, Prajna Paramita Swain, At- Kalinga Ashoka Bihar, Dhauli, Dist.-Khordha my daughter's School record has Prajna Swain instead of Prajna Paramita Swain, She is one and same person. D-781

By virtue of an affidavit No-2220 dated 18.07.2024 the Notary Public, Angul, I Smaranika Priyadarshini Naik (7), D/o- Durlava Sahoo, Vill/P.O.- Tubey, P.S.- Jarapada, Dist.- Angul hereby declaration Smaranika Priyadarshini Sahoo. D-780

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନବମ ଜନ୍ମଦିନ ଶୁଭେଚ୍ଛା


ତନ୍ମୟ କୁମାର ମହାରଣା (ଡୁଗୁଲୁ)
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ ସର୍ବଦା କୁସୁମିତ କରନ୍ତୁ, ଏହାହିଁ ପ୍ରାର୍ଥନା ।
ଶୁଭେଚ୍ଛା ସହ: ଜେଜେମା', ଜେଜେବାବା ମାନେ, ଅଜା, ଆଇମାନେ, ଦାଦା, ଖୁଡ଼ୀମାନେ, ବବ୍‌ଲି, ପ୍ରିନ୍ସ, ଗୁଗଲୁ ଏବଂ ପରିବାର ଓ ବନ୍ଧୁବର୍ଗମାନେ ।
ଧ-୭୮୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଆନନ୍ଦ ନିଳୟ

## ଗଳ୍ପ

**ଦେବସ୍ମିତା ବେହେରା**



'ଆନନ୍ଦ ନିଳୟ'ର ସାକାର ରୂପକୁ ଦେଖି ଅନୁରାଧାର ତିରିଶ ବର୍ଷ ତଳର ସେହି ଘଟଣା ମନେପଡ଼ିଗଲା। ଯାହା ଦ୍ୱାରା ପ୍ରଭାବିତ ହୋଇ ସେ ଆନନ୍ଦ ନିଳୟର ସ୍ୱପ୍ନ ଦେଖିଥିଲା। ଯେଉଁଥିପାଇଁ ସେ ନିଷ୍ପତ୍ତି ନେଇଥିଲା କି ଜୀବନରେ ଦିନେ ନା ଦିନେ ପରିବାର ଦ୍ୱାରା ଉପେକ୍ଷିତ ବୃଦ୍ଧ ଏବଂ ବୃଦ୍ଧାଙ୍କ ପାଇଁ ସବୁ ସୁଖ ସୁବିଧାଯୁକ୍ତ ଘରଟିଏ ନିଶ୍ଚୟ ବନେଇବ। ଯେଉଁଠି ସେମାନେ ଖୋଲି କରି ଜିଇପାରିବେ ଜୀବନକୁ। ଆଉ ସେଥିପାଇଁ ଆନନ୍ଦ ନିଳୟର ରଚନା।

ତିରିଶ ବର୍ଷ ପୂର୍ବେ ସହରର ଭବ୍ୟ ବଙ୍ଗଳା ପ୍ରତୀକ ଥିଲା ସ୍ଥାପତ୍ୟ କଳାର। ବଙ୍ଗଳାରେ ଯେତେ ଲୋକ ସେତିକି କୋଠରି, ହେଲେ ଚୁଲି ଥିଲା ଗୋଟିଏ। ଏମିତି ଗୋଟିଏ ବଙ୍ଗଳାକୁ ସେ ଦେଖିଥିଲା ଅତି ନିକଟରୁ। ବଙ୍ଗଳା ବାହାରେ ଦୁଇଟା ବଡ଼ବଡ଼ ପୋର୍ଟିକୋ, ଯାହା ସଜେଇ ହୋଇଥିଲା ମଧୁମାଳତି ଲଟାରେ। ପୋର୍ଟିକୋକୁ ଯୋଡୁଥିଲା ଗୋଟିଏ ଅଗଣା। ଅଗଣାର ଦୁଇ ପଟେ ଥିଲା ଦୁଇଟା ଛୋଟ ଛୋଟ ରୁମ୍। ବଙ୍ଗଳା ଭିତରକୁ ପଶିଗଲେ ଭିତରେ ପଡ଼ିବ ବଡ଼ ଅଗଣା, ଯାହାର ଚାରିପଟେ ଥିଲା ଅନେକ ରୁମ୍। ପ୍ରଥମ ମହଲାର କକ୍ଷକୁ ଯୋଡୁଥିଲା ଗ୍ୟାଲେରିଟିଏ। ଜଣା ନାହିଁ କେତେ ପିଢ଼ିଙ୍କର ସୁଖ-ଦୁଃଖର ମୂକସାକ୍ଷୀ ଥିଲା ସେହି ବଙ୍ଗଳା। ବାହାରୁ ସାମାନ୍ୟ ଦେଖାଯାଉଥିଲେ ମଧ୍ୟ ଭିତରେ ସେ ସମୟର ନବୀନତମ ଓ ଆଧୁନିକ ସୁଖ ସୁବିଧାରେ ପରିପୂର୍ଣ୍ଣ ଥିଲା ସେହି ବଙ୍ଗଳା। ହେଲେ ବାହାର ଅଗଣାରେ ଦୁଇପଟେ ପଡ଼ିଥିବା ସେହି ଛୋଟଛୋଟ ରୁମ୍ ଦୁଇଟା କିନ୍ତୁ ତିଆରି ପରଠୁ ବିନା ମରାମତିରେ ଥିଲା ଜର୍ଜର ଅବସ୍ଥାରେ। ସେହି ବଙ୍ଗଳା ଥିଲା ସହରର ଜଣେ ବଡ଼ ବ୍ୟବସାୟୀଙ୍କର।

ଗୋଟିଏ ଅଳସ ଭାଙ୍ଗୁଥିବା ସକାଳେ, ଜଣେ କିଏ ଅନୁରାଧା ନିଜର ଟିମ୍ ସହିତ ପ୍ରବେଶକଲା ବଙ୍ଗଳା ଭିତରକୁ, ଆଉ ବନ୍ଦ କରିଦେଲା ବଙ୍ଗଳାର ମୁଖ୍ୟ ଦ୍ୱାର। ଯିଏ ଯେଉଁ ରୁମ୍‌ରେ ଥିଲେ ତାଙ୍କୁ ଅଟକେଇ ଦିଆଗଲା ସେହି ରୁମ୍ ଭିତରେ। ଲ୍ୟାଣ୍ଡଫୋନ୍‌କୁ ବନ୍ଦ କରିଦିଆଗଲା। ବଙ୍ଗଳାରେ ଭୟ ଆଉ ଆତଙ୍କର ପରିବେଶ ଭିତରେ ନିଜର ପରିଚୟ ଦେଇ କହିଲା, ମୁଁ ଅନୁରାଧା। ଇନ୍‌କମ୍‌ଟ୍ୟାକ୍ସ ଅଫିସର। ଇନ୍‌କମ୍‌ଟ୍ୟାକ୍ସ ବିଭାଗରୁ ମୋର ଟିମ୍ ଆପଣଙ୍କ ଘରେ ରେଡ୍ କରିବାକୁ ଆସିଛି। ମୋ' ପାଖରେ ତଲାସିର ସର୍ଚ୍ଚ ୱାରେଣ୍ଟ ଅଛି। ତେଣୁ ଆପଣମାନେ ଦୟାକରି ଆମକୁ ସହଯୋଗ କରନ୍ତୁ।

କାହିଁକି କେଜାଣି ଅନୁରାଧାକୁ ଘରର ପରିବେଶ ଠିକ୍ ଲାଗୁ ନ ଥିଲା। ତାକୁ ଏମିତି ଲାଗୁଥିଲା ଯେମିତି ଘରର ସଦସ୍ୟମାନେ କିଛି ଲୁଚାଉଛନ୍ତି। ବହୁତ ପଚରାଉଚରା କଲା ପରେ ଘରର ମଝିଆ ବୋହୂ ଆସି ଅନୁରାଧା କାନରେ ଫୁସ୍‌ଫୁସ୍ ହେଇ କିଛି କହିଲା। ଏମିତିରେ ଖୋଜାଖୋଜି କଲାବେଳେ ଟଙ୍କା ପଇସାର ହିସାବ ମିଳୁ ନ ଥିଲା ଠିକ୍‌ରେ। ୟା' ଭିତରେ ତା'ର ଜଣେ ସହକର୍ମୀ ଆସି ତାକୁ କହିଲା କି ବାହାରେ ଥିବା ରୁମ୍‌ରେ ଜଣେ ବୃଦ୍ଧା ରହୁଛନ୍ତି, ଯିଏ ନିଜ ଜିନିଷପତ୍ରର ତଲାସି ନେବାକୁ ଦେଉନାହାନ୍ତି। ଏହା ଶୁଣି ଅନୁରାଧା ନିଜେ ଗଲା ସେ ରୁମ୍‌କୁ, ଯେଉଁଠି ଜଣେ ସଂଭ୍ରାନ୍ତ ଗୌରବର୍ଣ୍ଣା ବୃଦ୍ଧା ମମତାମୟୀ ନୟନରେ ଚାହିଁଥିଲେ ତାକୁ। ହେଲେ ରୁମ୍‌ର ଅବସ୍ଥା ଦେଖି ଚକିତ ହେଇଯାଇଥିଲା ଅନୁରାଧା। ଛୋଟ ରୁମ୍‌ଟିଏ। ତା' ଭିତରେ ପଡ଼ିଥିଲା ଗୋଟିଏ କାଠର ଖଟ, ଆଉ ଥିଲା ପାଣିଭର୍ତ୍ତି ମାଟିର ସୁରେଇଟିଏ, ଗୋଟିଏ ମାଟିର ଗ୍ଲାସ୍ ଆଉ ଗୋଟିଏ କାଠର ବଡ଼ ବାକ୍ସ ଯେଉଁଥିରେ ତାଲା ପଡ଼ିଥିଲା। ଗୋଟିଏ ମଧ୍ୟମ ଆଲୋକର ହଳଦିଆ ବଲ୍‌ବ ପରିବାର ଭିତରେ ସ୍ପଷ୍ଟ କରୁଥିଲା ତାଙ୍କର ସ୍ଥିତିକୁ। ମଝିଆ ବୋହୂ କାହିଁକି ଯେ ଏହି ବୃଦ୍ଧାଙ୍କ ବିଷୟରେ ତା' ପାଖରେ ଅଭିଯୋଗ କରୁଥିଲା ତାହା ଏବେ ସ୍ପଷ୍ଟ ଭାବରେ ବୁଝିପାରୁଥିଲା ଅନୁରାଧା। ସେ ତାଙ୍କୁ ଅଭିବାଦନ ଜଣେଇ କହିଲା, "ମା' ଆମେ ଇନ୍‌କମ୍‌ଟ୍ୟାକ୍ସ ଡିପାର୍ଟମେଣ୍ଟରୁ ଆସିଛୁ ଆଉ ପୂରା ବଙ୍ଗଳାର ତଲାସି ନେଉଛୁ। ତେଣୁ ମୋତେ ଆପଣଙ୍କ ରୁମ୍‌ର ତଲାସି ନେବାକୁ ପଡ଼ିବ।"

ବୃଦ୍ଧା ଜଣକ ତା' କଥା ଶୁଣି କହିଲେ, "ଠିକ୍ ଅଛି ଝିଅ, ହେଲେ ଏଠି ଯାହା ଘଟିବ ତାହା କେବଳ ଆମ ଦୁଇଜଣଙ୍କ ଭିତରେ ରହିବ।" ତୁମେ ଏଇ ରୁମ୍‌ର ତଲାସି ନେଇପାର। ଅନୁରାଧା ଠିକ୍‌ଅଛି ବୋଲି କହି କବାଟଟା ବନ୍ଦ କରିଦେଲା ଭିତରପଟୁ। ଯେତେବେଳେ ସେ ବଡ଼ କାଠବାକ୍ସକୁ ଖୋଲିଲା ସେତେବେଳେ ସେ ଆଶ୍ଚର୍ଯ୍ୟ ଚକିତ ହୋଇଗଲା। ବାକ୍ସରେ ଥିଲା ଗୋଟିଏ ପିତ୍ତଳର ଗିନା ଆଉ କିଛି ଶୁଖିଲା ରୁଟି। ସେ ପଚାରିଲା, ମା' ଏସବୁ? ବୃଦ୍ଧା ଜଣକ ମ୍ଲାନ ହସଟିଏ ହସିଦେଇ କହିଲେ- ଝିଅ, ଏ ବିଷୟରେ ବାହାରେ କାହାକୁ କିଛି କହିବୁନି। ନ ହେଲେ ମୋ' ସ୍ୱାମୀ ଆଉ ଏଇ ପରିବାରର ମାନସମ୍ମାନ ଧୂଳିରେ ମିଶିଯିବ। ସମାଜରେ ଆମ ଘରର ଯେଉଁ ପ୍ରତିଷ୍ଠା ଅଛି ତାହା ମାଟିରେ ମିଶିଯିବ। ମୋ' ସ୍ୱାମୀଙ୍କ ମୃତ୍ୟୁ ପରେ ବଡ଼ ପୁଅ ଆଉ ବୋହୂ ଆମର ସବୁ ବିଜନେସ୍ ଆଉ ଘର ଉପରେ କବ୍‌ଜା କରିନେଲେ। ସେମାନେ ମୋ' ରୁମ୍ ଉପରେ ମଧ୍ୟ କବ୍‌ଜା କରିନେଲେ। ଆଉ ମୋତେ ଏଇ ଛୋଟ ରୁମ୍‌ରେ ଆଣି ପକେଇଦେଲେ। କାହିଁକି ନା ମୁଁ ତାଙ୍କର ଏପରି କାର୍ଯ୍ୟକଳାପର ଘୋର ବିରୋଧ କରିଥିଲି। ମୋ' ସ୍ୱାମୀ ନିଜର ଉଇଲ୍‌ରେ ସବୁ ସମ୍ପତ୍ତି, ବିଜନେସ୍ ଆଉ ଘରର ଉତ୍ତରାଧିକାରୀ ମୋତେ କରିଥିଲେ। ହେଲେ ସେମାନେ ଧୀରେ ଧୀରେ ଏସବୁ ଉପରେ କବ୍‌ଜା କରିନେଲେ। ସେମାନେ ମୋ' ପାଖକୁ ଯେଉଁ ଖାଇବା ପଠାନ୍ତି କିଛି ରୁଟି ମୁଁ ବଞ୍ଚେଇ କରି ଏହି ବାକ୍ସ ଭିତରେ ରଖିଦିଏ ଆଉ ଯେତେବେଳେ ଭୋକ ଲାଗେ ସେତେବେଳେ ତାକୁ ପାଣିରେ ବତୁରେଇ ଖାଏ। ଯଦି ଏହି କଥା ମୋ' ପୁଅ-ବୋହୂ ଜାଣିବେ ତେବେ ସେମାନେ ମୋ' ପାଖକୁ ପଠାଉଥିବା ଖାଇବା କମେଇ ଦେବେ। ଅନୁରାଧାକୁ ବିଶ୍ୱାସ ହେଉ ନଥିଲା କି ଧନସମ୍ପତ୍ତି ଲୋଭରେ ଗୋଟେ ପୁଅ ଏତେ ତଳକୁ ଖସିଯାଇପାରେ। ନିଜର ଜନ୍ମକଲା ମା'କୁ ଏମିତି କଷ୍ଟ ଦେଇପାରେ। ତା' ଆଖିରୁ ଝରଝର ହୋଇ ଝରିପଡ଼ିଲା କେଇବୁନ୍ଦା ଲୁହ ଜଣେ ଦୁଃଖିନୀ ମା'ର ମହାନତାକୁ ଦେଖି। ନିଜେ ବହୁତ କଷ୍ଟରେ ଥାଇ ମଧ୍ୟ ସେ ତା' ପାଖରେ ଗୁହାରି କରୁଥିଲେ ନିଜ ପରିବାରର ସମ୍ମାନ ବଞ୍ଚେଇବା ପାଇଁ।

ଏହି ଘଟଣା ବହୁତ ପ୍ରଭାବିତ କରିଥିଲା ତା'ର ମନ ମସ୍ତିଷ୍କକୁ। ସେ ମନେମନେ ସେହିଦିନ ନିଷ୍ପତ୍ତି ନେଇଥିଲା କି ଜୀବନରେ ଦିନେ ନା ଦିନେ ନିଶ୍ଚୟ ଏହିପରି ଉପେକ୍ଷିତ ବୃଦ୍ଧ-ବୃଦ୍ଧାଙ୍କ ପାଇଁ କିଛି କରିବ। ଆଉ ଆଜି ତା'ର ସ୍ୱପ୍ନ ସାକାର ରୂପ ନେବାକୁ ଯାଉଥିଲା 'ଆନନ୍ଦ ନିଳୟ' ରୂପରେ। ଉଦ୍‌ଘାଟନୀ ସମାରୋହରେ ସେ ନିଜର ଅନୁଭୂତିକୁ ସମସ୍ତଙ୍କ ସାମ୍ନାରେ ବଖାଣିବା ବେଳେ କହିଲା, ଜଣା ନାହିଁ ମୁଁ ଆଉ ମୋର ସହକର୍ମୀମାନେ ମିଶି କେତେକେତେ ଘରେ ରେଡ୍ କରିଛୁ। ହେଲେ ସେହି ବଙ୍ଗଳା ଥିଲା ସମସ୍ତଙ୍କ ଭିତରେ ଅନନ୍ୟ। କାରଣ ଆଜି ମଧ୍ୟ ମୋର ସେହି ମମତାମୟୀ ବୃଦ୍ଧା ମା'ଙ୍କର ଛବି ମନେଅଛି। ଏମିତି ଘଟଣା ସହିତ ମୋର ଅନେକଥର ସାମ୍ନାସାମ୍ନି ହେଇଛି। ସେଥିରୁ ମୋତେ ପ୍ରେରଣା ମିଳିଛି 'ଆନନ୍ଦ ନିଳୟ' ତିଆରି କରିବା ପାଇଁ। ଆଉ ଆଜି ସେହି ସ୍ୱପ୍ନ ସାକାର ରୂପ ନେଇଛି, ଯାହା ସବୁ ଧର୍ମର ମାନବୀୟ ଦୃଷ୍ଟିକୋଣର ପ୍ରତୀକ।

ମୋ: ୯୯୩୮୩୯୫୫୩୭

## ପୁସ୍ତକ ପରିଚୟ

### ପ୍ରଥମା (କବିତା ସମଗ୍ର)



**କବି:** ଦିଲୀପ କୁମାର ସ୍ୱାଇଁ
**ସଂପାଦନା:** ଡ. ରଘୁନାଥ ଓଝା
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୪୫୦/-

କବି ଦିଲୀପ କୁମାର ସ୍ୱାଇଁଙ୍କ ରଚିତ କବିତାର ଏକତ୍ରୀକରଣ ଲକ୍ଷ୍ୟରେ କବିଙ୍କର ପ୍ରଥମ ଚାରୋଟି କାବ୍ୟଗ୍ରନ୍ଥ ଓ ପୁରୀ ସମ୍ବନ୍ଧିତ କବିତା କେତୋଟିକୁ ଆଲୋଚ୍ୟ ଗ୍ରନ୍ଥ 'ପ୍ରଥମା'ରେ ସ୍ଥାନିତ କରି ସଂପାଦକ ଡ. ଓଝା ଆମ ସମୟର ଜଣେ ଦାୟିତ୍ୱବାନ୍ କବିଙ୍କୁ ପାଠକ ସମକ୍ଷରେ ଉପସ୍ଥାପିତ କରିଛନ୍ତି। 'ପକ୍ଷୀ ପରକୀୟା'(୨୦୦୧), 'ଯୋଗୀ ଗୀତ' (୨୦୦୭), 'ଧାନଫୁଲ କାନଫୁଲ' (୨୦୧୫), 'ପାଣିବୁନ୍ଦାକୁ ଲୁହବୁନ୍ଦା' (୨୦୨୧) ଓ 'ପୁରୀ କବିତା' (ପୁରୀରେ ରଚିତ ଆଠଟି କବିତା) 'ପ୍ରଥମା'ରେ ସ୍ଥାନ ପାଇଛି। ସଂପାଦକ ନିଜ ଦୃଷ୍ଟିକୋଣରୁ ଦିଲୀପଙ୍କ କବିତାରେ କ'ଣ କ'ଣ ନିଆରା ସବୁ ଅଛି- ତାହା ବିଶଦ ଭାବେ ବଖାଣିଛନ୍ତି। କିନ୍ତୁ ଏ ସବୁର ଊର୍ଦ୍ଧ୍ୱରେ ଗ୍ରନ୍ଥସ୍ଥ କବିତାଗୁଡ଼ିକ ମୂଳତଃ କବିତା ହୋଇପାରିଛି କି ନାହିଁ, ତାହା ହିଁ ସବୁଠୁଁବଡ଼ କଥା ଏବଂ ନିର୍ଭରତାର ସହ କୁହାଯାଇପାରେ ଯେ ଦିଲୀପଙ୍କ ସୃଜନଶୀଳତା ତାଙ୍କ ସମୟର କବିତାରେ ବେଶ୍ ବାରିହୋଇଯିବା ଭଳି। ଜନଧର୍ମୀ ଭାଷା ଓ ପ୍ରତ୍ୟକ୍ଷୀଭୂତ ଅନୁଭୂତିର ଅସାଧାରଣତା ଦିଲୀପଙ୍କ କବିତାର ବିଶେଷତ୍ୱ। ଦିଲୀପ କହନ୍ତି- ତାଙ୍କ ସାହିତ୍ୟ 'ଧାନ ପତରରେ କାକର ବୁନ୍ଦା', ନିର୍ମଳ ପ୍ରଶାନ୍ତି ଓ ଦାମ୍ପତ୍ୟ ଶୃଙ୍ଖଳା ପାଇଁ 'କେନ୍ଦରା ଥେରାପି'। ସଂପାଦକ କହନ୍ତି- ଅଳ୍ପ କବିତା ଲେଖି ବୃହତ୍ତର ପାଠକସମାଜ ପାଖରେ ନିଜର ଏକ ପରିଚୟ ନିର୍ମାଣରେ ସକ୍ଷମ କବିଟିଏ ଦିଲୀପ। କବିତାରେ କବି ଏକ ସଙ୍ଗେ ଅତୀତର ଓ ସମକାଳର। ସ୍ମୃତି ବେଦନା ହେଇ ଫୁଟେ ପ୍ରାତ୍ୟହିକତାରେ, ତାଙ୍କ କବିତାରେ। ଉଦାହରଣଟିଏ- "ଏବେ ଚିଲିକାକୂଳ ଯାକ/ ଗୋଡ଼ ମେଲେଇ ବସିଛି ଏକ ବିଧବା ସକାଳ/ ପାପୁଲିଏ ପାଣି ପାଇଁ/ ସୋରଣରେ ଗୁଳି ଫୁଟେ/ କେବେ ବୁଡ଼ିଯାଏ ଯାତ୍ରୀଡଙ୍ଗା/ ମାଛ ମାରିବାକୁ ଯାଇ/ ମଝି ପାଣିରେ ଭାସେ ବାପାଙ୍କ ଶବ।" ('ରେଳ ଉପରୁ ଚିଲିକା ଦର୍ଶନ'- 'ପ୍ରଥମା'- ପୃ:୩୪୦)। 'କବିତା ସମଗ୍ର'ଟି ସାଂପ୍ରତିକ ଓଡ଼ିଆ କବିତାରେ ଏକ ପ୍ରତ୍ୟାଶିତ ସଂଯୋଗ।

### ଗୁଣସୂତ୍ର



**ଲେଖିକା:** ମାନମୟୀ ରଥ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୫୦/-

୨୭ଟି ଗଳ୍ପ ଆଲୋଚ୍ୟ ଗ୍ରନ୍ଥ 'ଗୁଣସୂତ୍ର'ରେ ସଂକଳିତ। ଗପଗୁଡ଼ିକ ପଢ଼ିବା ଆଗରୁ ଗାଳ୍ପିକଙ୍କ 'ନିଜକଥା'ରେ ଆଖି ଓ ମନ ଅଟକେ। ନିରହଂକାର ଲେଖକୀୟ ସ୍ୱୀକାରୋକ୍ତି ଭାବିତ କରାଏ, ପାଠକ ଯେତେବେଳେ ପଢ଼େ: "ମୁଁ ମୋ ଇଚ୍ଛାରେ କମ୍ ଗପ ଲେଖେ। ଯେତେବେଳେ ଲେଖିବାକୁ ଚାହିଁଛି ଜବରଦସ୍ତ ଲେଖିଛି। ନ ଲେଖିପାରିଲେ ମୋତେ କେଉଁ ଚରିତ୍ର ହଇରାଣ କରିନାହାନ୍ତି କି ମୁଁ କେବେ ଅବସୋସ କରିନି। ସବୁ ଘଟଣା ଭୁଲିଗଲା ଭଳି ଚରିତ୍ରମାନଙ୍କୁ ଭୁଲିଯାଇଛି। x x ଲେଖାର ଗୋଟେ ଭାଗ୍ୟ ଥାଏ ବୋଲି ଜାଣେ। କାଳେ ଲେଖୁଲେଖୁ ଲେଖିକାଟେ ହୋଇଯିବି ବୋଲି ଅଭ୍ୟାସ କରି କିଛି ନା କିଛି ଲେଖୁଥାଏ।" ଚିତ୍ର ଆଙ୍କିଲା ପରି ଗଳ୍ପ ଲେଖନ୍ତି ମାନମୟୀ। ଧାରଣା ତିଆରି ନ କରି ଲେଖନ୍ତି। ଅସାଧାରଣ ଲେଖିକା ଭାବେ ନିଜକୁ ଦେଖେଇ ହେବାର ବାହୁସ୍ଫୋଟ ନ ଥିବାରୁ 'ନିଜକଥା'ଟି ଭଲ ଲାଗେ। ଆଉ ଗଳ୍ପ? 'ପ୍ରଶ୍ନ' ଗୋଟିଏ ଛୋଟ ଗପ ଏ ବହିର। ଜେଜ ବତକ ବିକିଦେବାରୁ ଝିଅ କାନ୍ଦୁଛି ଏଇଥିପାଇଁ ଯେ ବତକ କିଣି ନେଉଥିବା ଲୋକେ ତାକୁ ମାରି ଖାଇଦେବେ। ଝିଅକୁ ବାପା ମାଆ ବୁଝାଉଛନ୍ତି- 'ଦେଖ ମାଆ, ଏହି ଦୁନିଆଟା ସେଇଆ। ବାଘ ସିଂହ ବଞ୍ଚିବା ପାଇଁ ହରିଣ ଠେକୁଆ ଖାଆନ୍ତି। ସାପ ବେଙ୍ଗକୁ ଖାଏ' ଇତ୍ୟାଦି। ଝିଅ ବୁଝିଗଲା ବୋଲି ଭାବି ମାଆ ରୋଷେଇ ଘରକୁ ଫେରିଯାଆନ୍ତି। ବାପା ପାଖକୁ ଘୁଞ୍ଚି ଆସି ବଡ଼ ବିକଳ ହୋଇ ଏଥର ପଚାରେ ଝିଅ- 'ବାପା! ମୋତେ କିଏ ଖାଇବ?' ଛୋଟ ପ୍ରଶ୍ନଟିଏ, ଘୂରେଇଦିଏ ମୁଣ୍ଡ। ବହିଟି ସାରା ଏମିତି ଗଳ୍ପ ଢେର୍।

## କବିତା

### ପିଣ୍ଡେ ପ୍ରାଣଥିଲେ

**ଗୋସ୍ୱାମୀ ଗୋଲାମ ଦେବତା**

ମଥୁରାକୁ କାହ୍ନୁ ଗଲା ପରେ ଖାଁ ଖାଁ ଗୋପଦାଣ୍ଡ ଭଳି
ଇତସ୍ତତଃ ଗୋରୁଗୋଠ ହମ୍ବାରଡ଼ି ବିକଳ ଗୋଧୂଳି।
ଆକାଶରେ ଉଦାସୀନ ମେଘ ଭାସେ ଲକ୍ଷ୍ୟହୀନ ତରୀ
ବଡ଼ଦାଣ୍ଡେ ନାହିଁ ଆଉ ଉତ୍ସବର ଗହଳିଚହଳି।
ଭୋଜିଶେଷେ ଖଲିପତ୍ର ପରି ଜମାହୁଏ ହତାଶାର ବାଲି
ବାଲିରେ ଜୀବନ ଥିଲା ମହମହ ବାସୁଥିଲା କାଲି।
ଅଗୁରୁ ଚନ୍ଦନ ଗନ୍ଧ ତଥାପି ଲିଭିନି
ତୁଳସୀ ଦୟଣା ବାସ ଏବେ ବି ହଜିନି।
ବିଷଣ୍ଣ ସାରଥି, ଅଶ୍ୱ ତିନିରଥ ମୁକୁଳା ପଞ୍ଜୁରି
ଉଡ଼ିଗଲା କଳାଶାରୀ ନୀଳାଦ୍ରି ଆକାଶେ କାଟି ମାୟା ଡୋରି।
ଖିଲିଖିଲି ଭାବଭୋଳା ଭୁଲାଣିଆ ହସ
ଭକତମେଳିଆ ହେଲା ତା' ଲୀଳାରେ ନିତି ନୂଆ ବେଶ।
ଘଣ୍ଟ ଘଣ୍ଟା, କାହାଳୀରେ ନିନାଦିତ ଚଉଦଭୁବନ
ହରିବୋଲ, ହୁଳହୁଳି ମଣିମା ଡାକରେ କମ୍ପୁଥିଲା ଗଗନପବନ।
ଆଡ଼ପ ମଣ୍ଡପ କୋଳ ଶୂନ୍ୟ ଆଜି କୋହ ନୁହେଁ କହି
ପୋଡ଼ପିଠା ଗୋଟିକ, ଅଧାମ ଛାଡ଼ି ଚାଲିଗଲା ପଛକୁ ନ ଚାହିଁ।
ନଅଦିନ ଯାତ୍ରା ସିନା ଗୋଟିଏ ପଲକ ପରି ଚାଣ୍ଡେ ସରିଗଲା
ଆଉ କି ଦିଶିବ ଦାଣ୍ଡେ ଗଣ୍ଡିଧନ ନୟନ ପିତୁଳା।
ପଥର ଦେଉଳ ଛାଡ଼ି ଆସିଥିଲା ପଥଶ୍ରମେ ଜନ୍ମମାଟି ପାଇଁ
ମଥାପିଟି କାନ୍ଦେ ରଙ୍କ ନିରିମାଖି ରତନ ହଜାଇ।
ଝଲସୁଛି ତୁମ ମୁହଁ ମୋ ଆତ୍ମାର ନିଭୃତ କନ୍ଦରେ
ବିଶ୍ୱାସ ମୋ ନେତ୍ରପଥେ ବିରାଜିବ ଆର ସନ ପିଣ୍ଡେ ପ୍ରାଣଥିଲେ।

ମୋ: ୯୪୩୭୯୨୬୪୭୦

### ଗୁଚ୍ଛ କବିତା

**ସାଗରିକା ପଟ୍ଟନାୟକ**

**ଜୀବନ**

ବୟସ ଯେତେ ବଢ଼ୁଛି
ଅବୁଝା ସେତେ ଲାଗୁଛି
ଏ ଜୀବନ
ଭାଜ୍ୟ, ଭାଜକ, ଭାଗଫଳ ପରେ
ଭାଗଶେଷ କିଛି ବଳିପଡୁଛି।

**ଯନ୍ତ୍ରଣା**

ମନେହୁଏ କେବେ
ଶିଶୁଟିଏ ହୋଇଯାଆନ୍ତି କି
ଏ ଯନ୍ତ୍ରଣାଗୁଡ଼ିକ
ଅଣନିଃଶ୍ୱାସୀ କରିବାକୁ ବାଟ ହୁଡ଼ନ୍ତେ।

**ମୃତ୍ୟୁ**

ଶେଷବେଳକୁ
ମୃତ୍ୟୁକୁ ଆଉ ଡର ନ ଥାଏ
ଥକିଯାଇଥିବା ମଣିଷଟା
ନୀରବି ଯିବାକୁ ଦିନ ଗଣୁଥାଏ।

ମୋ: ୯୮୬୧୭୫୦୨୯୨

### ଗୀତି-କବିତା

### ଛାଇ ଆଲୁଅର ଲୁଚକାଳି ଖେଳ

**ଶରତ କୁମାର ଦାସ**

ମେଘ ମେଦୁରିତ ଆକାଶ ଅଙ୍ଗନେ
ଲୁଚକାଳି ଖେଳେ ଜହ୍ନ,
ସେଇ ଜହ୍ନ ଦେଖି ନଇଁ ଆସେ ସ୍ମୃତି
ଚହଲିଯାଏ ଏ ମନ ।୦।

ଭାରି ଭଲଲାଗେ
ଦେଖିବାକୁ ସତେ
ଛାଇ ଆଲୁଅର ଖେଳ,
ଆଖିପତା ମୋର
ପଡ଼େନାହିଁ ଜମା
ଗଡ଼ିଯାଏ ଖାଲି ବେଳ
ହସୁହସୁ କେବେ ଝରିପଡ଼େ ଲୁହ
ଜଳେ ହୃଦୟର ବନ
ମେଘ ମେଦୁରିତ ଆକାଶ ଅଙ୍ଗନେ
ଲୁଚକାଳି ଖେଳେ ଜହ୍ନ ।୧।

ଯେତେ ବୁଝିଲେ ବି
ପାରେନା ମୁଁ ବୁଝି
ଏମିତି କାହିଁକି ହୁଏ,
ଜୀବନର ଯେତେ
ସରଳ ଗଣିତ
କାହିଁକି ବଦଳିଯାଏ
ହାତପାହାନ୍ତାରୁ ଘୁଞ୍ଚିଯାଏ ପଦ୍ମ
ଝଡ଼ ଆସେ ଘନଘନ
ମେଘ ମେଦୁରିତ
ଆକାଶ ଅଙ୍ଗନେ
ଲୁଚକାଳି ଖେଳେ ଜହ୍ନ ।୨।

ଅଜଣା ପକ୍ଷୀର
ଶୁଭିଲାଣି ଡାକ
ବାଟ ତ ଗଲାଣି ସରି
ତଥାପି କାହିଁକି
ଇଚ୍ଛାହୁଏ ମୋର
ସେଦିନ ଆସନ୍ତା ଫେରି
ଝଲସିଉଠନ୍ତା ହଜିଲା ଅତୀତ
ପ୍ରୀତିରେ ଭିଜନ୍ତା ପ୍ରାଣ
ମେଘ ମେଦୁରିତ
ଆକାଶ ଅଙ୍ଗନେ
ଲୁଚକାଳି ଖେଳେ ଜହ୍ନ ।୩।

ମୋ: ୮୨୪୯୧୩୭୦୯୧

## କାଳକାଳକୁ



**"ଫୁଲ ପରି ବଞ୍ଚ ନାହିଁ, ଫୁଟିଲେ ବିଞ୍ଚି ହେଇଯିବା**
**ପଥର ପରି ବଞ୍ଚ, ଖୋଦେଇ ହେଲେ ଈଶ୍ୱର ପାଲଟିଯିବା"**
**- ହରିବଂଶ ରାୟ ବଚ୍ଚନ**

**ହରିବଂଶ ରାୟ ବଚ୍ଚନଙ୍କ** ଜନ୍ମ ୨୭ ନଭେମ୍ବର ୧୯୦୭ରେ, ଉତ୍ତରପ୍ରଦେଶର ପ୍ରୟାଗରାଜରେ ଓ ପରଲୋକ ୧୮ ଜାନୁଆରୀ ୨୦୦୩ରେ, ମୁମ୍ବାଇରେ। ହିନ୍ଦୀ 'ନୟୀ କବିତା' ଆନ୍ଦୋଳନର ସେ ଜଣେ ପ୍ରମୁଖ କବି। ତାଙ୍କ ରଚନାଗୁଡ଼ିକ ମଧ୍ୟରେ କାବ୍ୟଗ୍ରନ୍ଥ 'ମଧୁଶାଳା' (୧୯୩୫) ଖୁବ୍ ପ୍ରସିଦ୍ଧ। ୧୯୩୬ରେ ପ୍ରକାଶପାଏ 'ମଧୁବାଳା' ଓ ୧୯୩୭ରେ 'ମଧୁକଳସ'। ଭାରତୀୟ ସାହିତ୍ୟକୁ ବିଶେଷ ଅବଦାନ ପାଇଁ ୧୯୭୬ରେ ସେ ସମ୍ମାନିତ 'ପଦ୍ମଭୂଷଣ'ରେ। ଆତ୍ମଜୀବନୀ 'କ୍ୟା ଭୁଲୁଁ କ୍ୟା ୟାଦ୍ କରୁଁ (୧୯୬୯) ପାଠକ ମହଲରେ ସମାଦୃତ। ପ୍ରଣୟୀକୁ କହନ୍ତି ଏହି ରସିକ କବି- "ତୁମ ପ୍ରତୀକ୍ଷା ଯଦି ଏତେ ମିଠା, ତେବେ ତୁମ ପଦାର୍ପଣ କେତେ ମିଠା ହେଇ ନ ଥିବ!"

## ଲଘୁଗଳ୍ପ

# ଭରସା

**ତ୍ରିନାଥ ପଟ୍ଟନାୟକ**



ସେ ମୋର ପରିଚିତା, ମାତ୍ର ଆତ୍ମୀୟ ନଥିଲା। ମୋ' ପାଖ କଲେଜରେ କାମ କରନ୍ତି। ଆମେ ଗ୍ରାମାଞ୍ଚଳର ଦୁଇଟି ପାଖାପାଖି କଲେଜରେ ଅଧ୍ୟାପନା କରୁ। କେବେ କେଉଁଠି ଦେଖା ହେଲେ ସେ ମୋତେ ନମସ୍କାର କରନ୍ତି ଆଉ ହସିଦିଅନ୍ତି। ଯଦି କୌଣସି ଅବସରରେ କଥାବାର୍ତ୍ତା ହେବାର ସୁଯୋଗ ମିଳେ, ତେବେ ମୋର ସଦ୍ୟ ପ୍ରକାଶିତ ଗଳ୍ପ ଉପରେ ଆଲୋଚନା କରନ୍ତି, ମୋଟାମୋଟି ଭାବେ ମୋ' ଲେଖାଲେଖିକୁ ପସନ୍ଦ କରନ୍ତି ଓ ପ୍ରଶଂସା କରନ୍ତି ମଧ୍ୟ।

ପତଳୀ ଲମ୍ବା ଝିଅଟିଏ ମିତା ମାଡାମ୍। ଝିଅ ବୋଲି ତ କହି ହେବନି ଯେହେତୁ ସେ ବିବାହିତା। ସ୍ୱାମୀ ବିଦେଶରେ। ସେ ଦେଶର ନାଗରିକ ବନିଯାଇଥିବାରୁ ମିତା ଏବେ ଏକା ଏକା ଦେଶରେ।

ସହରର କୌଣସି ଏକ ସେଣ୍ଟରରେ ପରୀକ୍ଷାଖାତା ଦେଖାଚାଲିଥାଏ। ଆମେ ଦୁହେଁ ପରୀକ୍ଷକ। ମୁଁ ସଂବିତ ମହାପାତ୍ର ଆଉ ମିତା ରାଉତରାୟ। ସେଦିନ ଖାତାଦେଖାର ଶେଷଦିନ। ସେଣ୍ଟରରୁ କାମ ସାରି ଫେରୁ ଫେରୁ ବହୁତ ଡେରି ହୋଇଗଲା। ବସ୍‌ଷ୍ଟାଣ୍ଡକୁ ଆସି ପହଞ୍ଚିଲା ବେଳକୁ ପ୍ରାୟ ଅଧଘଣ୍ଟା ତଳୁ ବସ୍ ଛାଡ଼ି ଦେଲାଣି। ସେଇଟି ହେଉଛି ଶେଷ ଗାଡ଼ି। ତା'ପରେ ଆମ ଅଞ୍ଚଳକୁ ଫେରିବାକୁ କୌଣସି ଛୋଟ କି ବଡ଼ ଗାଡ଼ିର ବ୍ୟବସ୍ଥା ନାହିଁ। ପୁଣି ଅଦିନିଆ ବର୍ଷା ପବନ ମାଡ଼ି ଆସୁଛି। ମିତା ମାଡାମ ଅବଶ୍ୟ ମୋ' ଆଗରୁ ବସ୍‌ଷ୍ଟାଣ୍ଡକୁ ଆସିଲେଣି। ବସ୍ ଛାଡ଼ିଦେଇଥିବାରୁ ସେ ଅସହାୟ ଭାବେ ଷ୍ଟାଣ୍ଡରେ ଠିଆ ହୋଇଛନ୍ତି। ସେ ମୋତେ ଦେଖି ଆଶ୍ୱସ୍ତି ଅନୁଭବ କଲେ। କହିଲେ- ସାର୍, କେମିତି ଯିବା? କିନ୍ତୁ କୌଣସି ଉପାୟରେ ଗାଁକୁ ଫେରିବାର ସମ୍ଭାବନା ନଥାଏ। ବର୍ଷା ବିନ୍ଦୁବିନ୍ଦୁ ହୋଇ ଝାଡ଼ିଲାଣି। ଖୁବ୍ ନିକଟରେ ବର୍ଷା ହୋଇଯିବ ବୋଧେ!

ପାଖରେ ଥିବା ଗୋଟିଏ ଲଜିଂର ଦୁଆର ପାଖରେ ଦୌଡ଼ି ଦୌଡ଼ି ପହଞ୍ଚିଗଲୁ। ତଥାପି କିଛିଟା ଓଦା ହୋଇଯାଇଥାଉ। ଗୋଟିଏ ମାତ୍ର ରୁମ୍ ଥାଏ। କୌଣସି ଆପତ୍ତି ନକରି ସେଇ ରୁମ୍‌ରେ ମିତା ମାଡାମ୍ ମୋ' ସହିତ ରହିବାକୁ ରାଜି ହୋଇଗଲା। ଆଉ ଉପାୟ ବା କ'ଣ ଅଛି! ସେତେବେଳକୁ ବର୍ଷା ଘନେଇ ଆସିଲାଣି। ଲଜିଂ କ୍ୟାଣ୍ଟିନ୍‌ରେ ରାତ୍ରିଭୋଜନ ସାରିଦେଲୁ। କ୍ଳାନ୍ତ ଲାଗୁଥାଏ। ଏଣୁ ଶୋଇଗଲୁ। ମୁଁ ଶୋଇ ପାରୁ ନଥାଏ। ମିତାଙ୍କୁ ବାର ବାର ଚାହିଁବାକୁ ଇଚ୍ଛା ହେଉଥାଏ। ଆଲୁଅ ଚାଲିଗଲେ ଖୁସି ଲାଗୁଥାଏ। ବିଭିନ୍ନ ଛଳନାରେ ମିତାଙ୍କର ଫୁଲଭଳି ସତେଜ ଚେହେରା ଉପରେ ହାତ ବୁଲାଇ ଆଣିବାର ବାହାନା ଖୋଜୁଥାଏ, ମାତ୍ର ପାରୁ ନ ଥାଏ। ଅସହ୍ୟ ସେ ରାତି। ବାହାରେ ଝଡ଼ ବର୍ଷା, ମୋ' ଛାତି ଭିତରେ ବୟାର। ବାରମ୍ବାର ବାଥ୍‌ରୁମ୍‌କୁ ଯାଉଥାଏ। ଫେରି ଆସି ଶୋଇବାକୁ ଚେଷ୍ଟା କରେ।

ମିତା ଆଶ୍ୱସ୍ତି ଭିତରେ ଗଭୀର ନିଦ୍ରା ଯାଇଛନ୍ତି। ସଘନ କେଶଗୁଚ୍ଛ ତକିଆ ଉପରେ ଲୋଟିପଡ଼ିଛି। ମୁହଁଟି ସତେ ଯେମିତି ସଜଫୁଟା ଗୋଲାପ। ସପନ ଦେଖୁଥିଲେ କି କ'ଣ ଭୂଲତା ଦୁଇଟି ନାଚି ଯାଉଥାଏ... ଚିନ୍ତାହୀନ ଭାବେ ନିଦରେ ଶୋଇଯାଇଛନ୍ତି ସେ।

ମୋ' ମନରେ ଭାବାନ୍ତର ସୃଷ୍ଟି ହେଲା। କି ଆତ୍ମବିଶ୍ୱାସ ଝିଅଟିର, କି ପ୍ରତ୍ୟୟ ମୋ' ପ୍ରତି! ସେ ନିର୍ଭୟ ହୋଇ ଶୋଇଛନ୍ତି ଏୟା ଭାବି ଯେ ମୋ' ପାଖରେ ସାର୍ ଅଛନ୍ତି, ଭୟ କ'ଣ! ଏଭଳି ଜଣେ ଦରଦୀ, ଅନୁଭବୀ ଲେଖକ ପାଖରେ ରାତିଟିଏ କଟାଇଦେଲେ...। କିଏ କ'ଣ ବା କହିବ! ସାର୍ ତ ବୟସ୍କ, ମୋ' ବାପା କି ଭାଇ ଭଳି। ଆଜି ସେ ମୋ' ପାଇଁ ମୋର ଅଭିଭାବକ ମଧ୍ୟ।

ମୋ' ମନରେ ଥିବା ଉଦ୍‌ବେଳନ ପ୍ରତି ମନରେ ଘୃଣା ଆସିଲା। ନିଜ ବିବେକକୁ ଧିକ୍କାର କଲି। ମୁଁ ହାତଯୋଡ଼ି ତଳେ ବସିଗଲି। ମନେମନେ କହିଲି- ହେ ମାଆ, ତୁମେ ସତରେ ଶକ୍ତିମୟୀ। ତୁମର ଆତ୍ମବିଶ୍ୱାସ ନିକଟରେ ମୁଁ ହତପ୍ରଭ। ପୁରୁଷ ଯୁଗେଯୁଗେ ଦୁର୍ବଳ, କିନ୍ତୁ ତୁମେ ଦୁର୍ଜୟ ପରାଶକ୍ତି। ମୁଁ ତୁମକୁ କନ୍ୟା କି ଭଉଣୀ ରୂପେ ମାନିପାରି ନାହିଁ ଅଥଚ ତୁମେ ମୋତେ ସମସ୍ତ ଦାୟିତ୍ୱ ଦେଇସାରିଛ।

ଏବେ ଆଉ ମୋ' ନିକଟରେ ନାରୀ ପୁରୁଷର ଭେଦ ନାହିଁ। ନାରୀ ମାନେ ହିଁ ମୋର ମାଆ; ଶକ୍ତିମୟୀ। ସେଇ ଆତ୍ମବିଶ୍ୱାସ ମୋତେ ଦେଇ ସାରିଛନ୍ତି ମିତା ମାଡାମ୍। କେଉଁଠି ପଢ଼ିଥିଲି, ଲେଖାଥିଲା- "ସେ ହିଁ ପୁରୁଷ, ଯାହାର ହୃଦୟକୁ ସୁନ୍ଦରୀ ନାରୀର କଟାକ୍ଷବାଣ ବିଦୀର୍ଣ୍ଣ କରିପାରିନାହିଁ। ବିଷୟ ବାସନା ଯାହାକୁ ଲୋଭ ଫାଶ ଦ୍ୱାରା ଟାଣି ପାରେ ନାହିଁ। ସେ ହିଁ ଧୈର୍ଯ୍ୟଶୀଳ। ସମସ୍ତ ଜଗତକୁ ସେ ହିଁ ଜିଣିପାରେ।" ଶୋଇଗଲି। ରାତି ପାହିଲା। ସେତେବେଳକୁ ବର୍ଷା ବତାସ ଥମି ଯାଇଥିଲା। ଆକାଶ ନିର୍ମଳ।

ମୋ: ୯୯୩୭୮୪୦୩୮୭

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁଲାଇ ୨୦/୨୦୨୪ Bhubaneswar, Saturday, July 20/ 2024

# ରାଜ୍ୟ ସନ୍ତରଣ ଆରମ୍ଭ

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)**

୬୪ତମ ରାଜ୍ୟ ସନ୍ତରଣ ପ୍ରତିଯୋଗିତା ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଛି। ଏଥିରେ ମୋଟ ୪୫୦ (୧୮୦ ମହିଳା ଓ ୨୭୦ ପୁରୁଷ) ସନ୍ତରଣକାରୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଖୋର୍ଦ୍ଧା-ଭୁବନେଶ୍ୱର, ସମ୍ବଲପୁର ଓ କିସ୍ ବିଶ୍ୱବିଦ୍ୟାଳୟର ସନ୍ତରଣକାରୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୧୫୦୦ ମିଟର ଫ୍ରିଷ୍ଟାଇଲରେ ଭୁବନେଶ୍ୱରର ଅବିନାଶ କୁମାର ସିଂ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୫୦୦ ମିଟର (ବାଳକ ଗ୍ରୁପ୍-୧)ରେ କିସ୍ ବିଶ୍ୱବିଦ୍ୟାଳୟର ରାଜେଶ ସୋରେନ୍, ମହିଳା ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ଭୁବନେଶ୍ୱରର ପ୍ରତ୍ୟାଶା ରାୟ ସ୍ୱର୍ଣ୍ଣ ପାଇଛନ୍ତି। ସେହିପରି ବାଳିକା ଗ୍ରୁପ୍-୧ରେ ଭୁବନେଶ୍ୱରର ପ୍ରିୟଦର୍ଶିନୀ ରାଉତ, ପୁରୁଷ ୧୦୦ ବ୍ୟାକ୍ ଷ୍ଟ୍ରୋକ୍‌ରେ କଟକର ଅନମୋଲ ମହାନ୍ତି ଏବଂ ବାଳକ (ଗ୍ରୁପ୍-୩) ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ଶିବାଂଶ ଶତପଥୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ କୃତୀ କ୍ରୀଡ଼ାବିତମାନଙ୍କୁ ପଦକ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଇନସ୍ପାୟାର ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସର ବୈଷୟିକ ନିର୍ଦ୍ଦେଶକ ଡଗ୍ଲାସ୍ ଏରିଗ୍ରେସ୍ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ଗୋଲାପମଣି ମହନ୍ତ, କୋଷାଧ୍ୟକ୍ଷ ତଥା ବୈଷୟିକ ମୁଖ୍ୟ ସୁରେନ୍ଦ୍ର କୁମାର ନାୟକ, ଉପ-ସଭାପତି ଅମର ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଶୁତୋଷ ନାୟକ, ରଙ୍କନିଧି ସେଠୀ, ମନୋଜ ବନ୍‌ଛୋର ଓ ସହଯୋଗୀମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ। ଅଲିମ୍ପିଆନ୍ ସନ୍ଦୀପ ସେଜୱାଲ (ଜେଏସ୍‌ଡବ୍ଲ୍ୟୁ) ପ୍ରତିଯୋଗିତା ଆୟୋଜନରେ ସହଯୋଗ କରୁଛନ୍ତି।



କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ଅନ୍ୟ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

## କୀର୍ତ୍ତି ଅଧୀନରେ ୧ ଲକ୍ଷ ଆଥ୍‌ଲେଟ ଚିହ୍ନଟ ହେବେ

**ନୂଆଦିଲ୍ଲୀ, ୧୯।୭ (ପି.ଟି.):** ସରକାରଙ୍କ ଖେଲୋ ଇଣ୍ଡିଆ ରାଇଜିଂ ଟ୍ୟାଲେଣ୍ଟ ଆଇଡେଣ୍ଟିଫିକେଶନ (କୀର୍ତ୍ତି) ପ୍ରୋଜେକ୍ଟ ଅଧୀନରେ ୧୦୦ ଦିନ ମଧ୍ୟରେ ୧ ଲକ୍ଷ ପ୍ରତିଭା ଯୁବ ଆଥଲେଟ ଚିହ୍ନଟ କରାଯାଇ ସେମାନଙ୍କୁ ସହାୟତା ପ୍ରଦାନ କରାଯିବ। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏହି ସୂଚନା ଦେଇଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ବିଶ୍ୱର ୫ ଶ୍ରେଷ୍ଠ କ୍ରୀଡ଼ା ରାଷ୍ଟ୍ରରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ କୀର୍ତ୍ତିର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିବା ଅବସରରେ ମାଣ୍ଡବ୍ୟ କହିଛନ୍ତି ଆମ ଦେଶରେ ବ୍ରେନ୍ ପାୱାର, ମ୍ୟାନ ପାୱାର କିମ୍ବା ଟ୍ୟାଲେଣ୍ଟର ଅଭାବ ନାହିଁ। କେବଳ ସହରଗୁଡ଼ିକରେ ନୁହେଁ ଦୂର ଦୂରାନ୍ତ କ୍ଷେତ୍ର ଯଥା ଉତ୍ତର-ପୂର୍ବ, ତଟୀୟ ଏପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ କ୍ୱାଲିଟି କ୍ରୀଡ଼ାବିତ୍‌ମାନେ ଅଛନ୍ତି। କୀର୍ତ୍ତି କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟରେ ଖେଲୋ ଇଣ୍ଡିଆ ସ୍କିମ ଅନ୍ତର୍ଗତ ସମସ୍ତ ୨୦ଟି ବିଭାଗ ଖେଳକୁ ସାମିଲ କରାଯିବ। କୀର୍ତ୍ତିର ପ୍ରଥମ ପର୍ଯ୍ୟାୟ ଚଳିତବର୍ଷ ମାର୍ଚ୍ଚ ୧୨ରେ ଚଣ୍ଡିଗଡ଼ରେ ଆରମ୍ଭ ହୋଇଛି। ଦିଲ୍ଲୀରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ୫ଟି ପ୍ରମୁଖ ଖେଳ ଯଥା ଆଥଲେଟିକ୍ସ, ଫୁଟ୍‌ବଲ, କବାଡ଼ି ଓ ଖୋଖୋ ଆଦି ଖେଳ ଉପରେ ୧୨ଟି ଜୋନର ୨୫,୦୦୦ ଏମ୍‌ସିଡି ଛାତ୍ରୀଛାତ୍ରଙ୍କ ମୂଲ୍ୟାୟନ ଏକ ମାସ ମଧ୍ୟରେ କରିବ।

# ଅଲିମ୍ପିକ୍ସରେ କିଟ୍‌ରୁ ଭାଗନେବେ ୧୨ ଆଥ୍‌ଲେଟ

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)**

ପ୍ୟାରିସ ଅଲିମ୍ପିକ୍ସ ଚଳିତ ମାସ ୨୬ ତାରିଖରୁ ଆରମ୍ଭ ହେଉଛି। ଏହି କ୍ରୀଡ଼ା ମହାକୁମ୍ଭରେ କିଟ୍ ବିଶ୍ୱବିଦ୍ୟାଳୟର ମୋଟ ୧୨ ଛାତ୍ରୀଛାତ୍ର ଭାଗନେବାକୁ ଯାଉଛନ୍ତି। ଗୁରୁବାର ୧୧ ଆଥଲେଟ୍‌ଙ୍କୁ ଭର୍ଚୁଆଲ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ଏହି ତାଲିକାରେ ଯୋଡ଼ି ହୋଇଛନ୍ତି ଏମ୍.ଆର. ପୁଭମ୍ମା। ପୁଭମ୍ମା ଅଲିମ୍ପିକ୍ସରେ ୪x୪୦୦ ମିଟର ରିଲେ ରେସ୍‌ରେ ଅଂଶଗ୍ରହଣ କରିବେ। ପୁଭମ୍ମାଙ୍କ ପାଇଁ ଏହାହେବ ୩ୟ ଅଲିମ୍ପିକ୍ସ। ପୂର୍ବରୁ ସେ ୨୦୦୮ ବେଜିଂ ଓ ୨୦୧୬ ରିଓ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ପ୍ୟାରିସ ଅଲିମ୍ପିକ୍ସ ପାଇଁ ଅନ୍ୟତମ କିଟ୍ ଛାତ୍ରୀ ଆଭା ଖଟୁଆ ଯୋଗ୍ୟତା ପାଇଥିଲେ ହେଁ ତାଙ୍କୁ ଘୋଷିତ ୧୧୭ ଜଣିଆ ଭାରତୀୟ ଦଳରେ ସାମିଲ କରାଯାଇନାହିଁ। ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ପକ୍ଷରୁ ଏହାର କିଛି କାରଣ ମଧ୍ୟ ସ୍ପଷ୍ଟ କରାଯାଇନାହିଁ। ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା କିଟ୍‌ର ଆଥଲେଟ୍‌ଙ୍କ ମଧ୍ୟରେ ଓଡ଼ିଶାର ହକି ତାରକା ଅମିତ ରୋହିଦାସ ଓ ଜାଭେଲିନ୍ ଥ୍ରୋୟର କିଶୋର ଜେନା ସାମିଲ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୩୦୦୦ ମିଟର ଷ୍ଟିପଲଚେଜ ଓ ୫୦୦୦ ମିଟର ରେସ୍‌ରେ ପାରୁଲ ଚୌଧାରୀ, ୨୦ କି.ମି. ରେସ୍ ୱାକ ଓ ମାରାଥନ ରେସ୍ ୱାକ ମିକ୍ସଡ ରିଲେରେ ପ୍ରିୟଙ୍କା ଗୋସ୍ୱାମୀ, ମହିଳା ଜାଭେଲିନ୍ ଥ୍ରୋରେ ଅନୁ ରାଣୀ, ୧୦୦ ମି. ହର୍ଡଲ୍ସରେ ଜ୍ୟୋତି ୟାରାଜୀ, ଶଟପୁଟ୍‌ରେ ତାଜିନ୍ଦର ପାଲ ସିଂ ତୁର, ୪x୪୦୦ ମିଟର ରିଲେ ଦଳ ସଦସ୍ୟ ପ୍ରାଚୀ ଚୌଧାରୀ, ୫୦୦୦ ମିଟର ରେସ୍‌ରେ ଅଙ୍କିତା ଧ୍ୟାନୀ, ୨୦ କି.ମି. ରେସ୍ ୱାକ୍‌ରେ ପରମଜିତ ସିଂ ବିଷ୍ଟ ଓ ମାରାଥନ ରେସ୍ ୱାକ ମିକ୍ସଡ ରିଲେରେ ସୁରଜ ପନୱାର ଅଲିମ୍ପିକ୍ ଟିକେଟ ପାଇଛନ୍ତି। ଅଲିମ୍ପିକ୍ସ ଦଳରେ ସାମିଲ ଥିବା ସମସ୍ତ ଖେଳାଳିଙ୍କୁ ୭ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ଭର୍ଚୁଆଲ ସମ୍ବର୍ଦ୍ଧନା ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ଖେଳାଳିଙ୍କ ବ୍ୟତୀତ କିଟ୍‌ର ଜଣେ ପ୍ରଫେସର ସୁଦୀପ୍ ଶାହା ବିଶ୍ୱ ବକ୍ସିଂ ଫେଡେରେଶନରେ ଅଫିସିଆଲ ଭାବରେ ଅଲିମ୍ପିକ୍ସର ଅଂଶ ରହିବେ।



ଏମ୍.ଆର. ପୁଭମ୍ମା

## ସାଉଥ ଏସିଆନ କରାଟେ: ଦ୍ୱିତୀୟ ଦିନରେ ଓଡ଼ିଶାକୁ ୩ ପଦକ

**ଭୁବନେଶ୍ୱର, ୧୯।୭ (ବିଜୟ ରଣା):** ଭୁଟାନର ଥିମ୍ପୁଠାରେ ଚାଲିଥିବା ସାଉଥ ଏସିଆନ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶା ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ବ୍ୟକ୍ତିଗତ ଫାଇଟ୍‌ରେ ଲୋମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଶୁଭକାନ୍ତ ବିଶ୍ୱାଳ ଫାଇଟ୍‌ରେ ରୌପ୍ୟ ଏବଂ ଅନୁପମା ସ୍ୱାଇଁ ଫାଇଟରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଶୁକ୍ରବାର ର ୩ଟି ପଦକକୁ ମିଶାଇ ଓଡ଼ିଶାର ପଦକ ସଂଖ୍ୟା ୮ରେ ପହଞ୍ଚିଛି। ଏହି ସଫଳତା ପାଇଁ ଓଡ଼ିଶା କରାଟେ ସଂଘ ସମସ୍ତ ପଦକ ବିଜେତାଙ୍କୁ ଅଭିନନ୍ଦ ଜଣାଇଛି।

# ବାରବାଟୀରେ ଫାଓ ଲିଗ୍ ୨୪ରୁ

**ଭୁବନେଶ୍ୱର, ୨୦।୭ (ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଫାଓ ଲିଗ୍-୨୦୨୪ (ପ୍ରଥମ ଓ ଦ୍ୱିତୀୟ ଡିଭିଜନ) କଟକର ବାରବାଟୀ ଷ୍ଟାଡିୟମରେ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ। ଓଡ଼ିଶାର ପ୍ରିମିୟର ଫୁଟବଲ ଲିଗ୍‌ଭାବେ ପରିଚିତ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୩୩ଟି ଶୀର୍ଷସ୍ଥାନୀୟ କ୍ଲବ ୩ ମାସ ମଧ୍ୟରେ ମୋଟ ୯୧ଟି ମ୍ୟାଚ ଖେଳିବେ। ପ୍ରଥମ ଡିଭିଜନ ଲିଗ୍‌ରେ ଭାଗ ନେଇଥିବା ଦଳ ଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଡାଇମଣ୍ଡ ଗ୍ରୁପ୍‌ରେ ସନ୍‌ରାଇଜ, ରାଧାରମଣ, ସ୍ପୋର୍ଟ୍ସ ଓଡ଼ିଶା, ୟଙ୍ଗ ଉତ୍କଳ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ରୋଭର୍ସ କ୍ଲବ, ରାଇଜିଂ ଷ୍ଟାର କ୍ଲବ ଓ ବିଡ଼ାନାସୀ କ୍ଲବ ସ୍ଥାନ ପାଇଛି। ସେହିପରି ଗୋଲ୍ଡ ଗ୍ରୁପ୍‌ରେ ଓଡ଼ିଶା ପୋଲିସ, ଜୟ ଦୁର୍ଗା କ୍ଲବ, ଚାନ୍ଦ କ୍ଲବ, ଇଣ୍ଡିପେଣ୍ଡେଣ୍ଟ କ୍ଲବ, ମଙ୍ଗଳା କ୍ଲବ, ଇଷ୍ଟକୋଷ୍ଟ ରେଲୱେ ଓ କିଶୋର କ୍ଲବ ଥିବାବେଳେ ସିଲଭର-ଏ'ରେ ରାଧାଗୋବିନ୍ଦ, ଆଜାଦ ହିନ୍ଦ, ଜୁନିୟର ଗ୍ୟାଲେଣ୍ଟ ଓ ସନ୍‌ସାଇନ୍ କ୍ଲବ ରହିଛି। ସିଲଭର-ବି'ରେ ଚାଉଳିଆଗଞ୍ଜ କ୍ଲବ, ଇଲେଭେନ ଗନ୍ କ୍ଲବ, ଜୁନିୟର ଗ୍ୟାଲେଣ୍ଟ କ୍ଲବ ଓ ଟାଉନ୍ କ୍ଲବ ସ୍ଥାନ ପାଇଛି। ଡାଇମଣ୍ଡ ଗ୍ରୁପ୍‌ର ଶ୍ରେଷ୍ଠ ୪ ଦଳ, ଗୋଲ୍ଡ ଗ୍ରୁପ୍‌ର ୩ ଓ ସିଲଭର ଗ୍ରୁପ୍‌ର ଚାମ୍ପିୟନ ଦଳକୁ ନେଇ ଫାଓ ସୁପରକପ୍ ଅନୁଷ୍ଠିତ ହେବ। ଦ୍ୱିତୀୟ ଡିଭିଜନ ଲିଗ୍‌ରେ ଭାଗ ନେଇଥିବା ଦଳ ଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଉଦୟ କ୍ଲବ, ଏଲଆଇସି ସ୍ପୋର୍ଟ୍ସ କ୍ଲବ, ସିଆରଆରଆଇ ସ୍ପୋର୍ଟ୍ସ କ୍ଲବ, ଲାଲବାଗ୍ କ୍ଲବ ଓ ଓଜିପି କ୍ଲବ ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ବି'ରେ ଟାର୍ଜନ କ୍ଲବ, ଅର୍ବାନ ଆଡ୍‌ଭେଞ୍ଚର କ୍ଲବ, ସରଡୋଲ ଏଫ୍‌ସି, ୱାଏଏଫ୍‌ସି (ଚୌଦ୍ୱାର)ଓଇଲେଭେନବ୍ରାଇଟଷ୍ଟାରରହିଛି।

## ଅଲିମ୍ପିକ୍ସରେ ଭାଗ ନେଇପାରିବେନି ମିୟାତା

**ଟୋକିଓ, ୧୯।୭:** ଧୂମପାନ ଅଭିଯୋଗରେ ବାସନ୍ଦ ହୋଇଛନ୍ତି ଜାପାନୀ ଜିମ୍ନାଷ୍ଟ ଶୋକୋ ମିୟାତା। ଏହି କାରଣରୁ ସେ ଆସନ୍ତା ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇପାରିବେ ନାହିଁ। ଏହି ୧୯ ବର୍ଷୀୟ ଆଥଲେଟ ମୋନାକୋସ୍ଥିତ ଏକ ଟ୍ରେନିଂ କ୍ୟାମ୍ପରେ ପ୍ରସ୍ତୁତି ଚଳାଇଥିଲେ। ଏକ ବିଧିବଦ୍ଧ ତଦନ୍ତ ପରେ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ସତ୍ୟତା ଥିବା ଜଣାପଡ଼ିଥିଲା। ସେ ଜାପାନ ଜିମ୍ନାଷ୍ଟିକ୍ ଆସୋସିଏଶନର ଆଚରଣବିଧି ଉଲ୍ଲଂଘନ କରିଥିବା ଜଣାପଡ଼ିଥିଲା। ସ୍ୱଳ୍ପ ବୟସ୍କା ମିୟାତା ଜାପାନ ମହିଳା ଆର୍ଟିଷ୍ଟିକ୍ ଟିମ୍‌ର ଅଧିନାୟିକା ଥିଲେ। ବର୍ତ୍ତମାନ ତାଙ୍କୁ କ୍ୟାମ୍ପରୁ ଘରକୁ ପଠାଇ ଦିଆଯାଇଛି। ସମସ୍ତ ଦିଗରୁ ବିଚାର କରି ମିୟାତାଙ୍କୁ ଅଲିମ୍ପିକ୍ସରୁ ପ୍ରତ୍ୟାହାର କରି ନିଆଯାଇଥିବା ଜାପାନ ଜିମ୍ନାଷ୍ଟିକ୍ସ ଆସୋସିଏଶନ ସେକ୍ରେଟାରୀ ଜେନେରାଲ କେଞ୍ଜୁ ନିଶିମୁରା ପ୍ରକାଶ କରିଛନ୍ତି। ମୋନାକୋ କ୍ୟାମ୍ପରେ ମିୟାତା ଖୁବ୍ କ୍ଳାନ୍ତ ଜଣା ପଡୁଥିଲେ। ଗେମ୍ସରେ ଭାଗ ନେବା ପୂର୍ବରୁ ସେ ବହୁ ଚାପରେ ମଧ୍ୟ ଥିଲେ। ମିୟାତା ଲିଭରପୁଲ୍‌ରେ୨୦୨୨ରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ୟାରିସରେ ପ୍ରଥମଥର ଏକ ଅଲିମ୍ପିଆନ ଦଳର ନେତୃତ୍ୱ ନେବାପାଇଁ ସେ ମନୋନୀତ ହୋଇଥିଲେ। ୧୯୬୪ ଗେମ୍ସ ପରେ ଜାପାନ ପ୍ରଥମ ଥର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ପ୍ରଥମ ପଦକ ଜିତିବା ଆଶା ରଖିଛନ୍ତି।

**ଧୂମପାନ ପାଇଁ ବାସନ୍ଦ**

# ଅଳ୍ପକେ ପଦକ ହାତଛଡ଼ା

## ଭାରତୀୟ ଦଳ/ଆଥ୍‌ଲେଟଙ୍କ ଅଭୁଲା ସ୍ମୃତି

**ପ୍ୟାରିସ ଅଲିମ୍ପିକ୍ସ କ୍ରମେ ପାଖେଇ ଆସିଥିବାବେଳେ ଏହାକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଅଲିମ୍ପିକ୍ସରେ ଗତ କିଛି ସଂସ୍କରଣରେ ଭାରତୀୟ ଦଳର ପ୍ରଦର୍ଶନ ଉତ୍ସାହଜନକ ରହିଛି। ତେବେ ଅଲିମ୍ପିକ୍ସ ଇତିହାସରେ ଏପରି କେତେଜଣ ଭାରତୀୟ ଆଥଲେଟ୍/ଦଳ ପଦକ ହାସଲର ଦ୍ୱାରରେ ପହଞ୍ଚିଥିଲେ ହେଁ ଅଳ୍ପକେ ମିସ୍ କରିଛନ୍ତି। ଏହାକୁ ନେଇ ବିଶେଷ ଉପସ୍ଥାପନା...**

◆◆

**● ୧୯୫୬: ମେଲବୋର୍ନ**

ଏହି ଅଲିମ୍ପିକ୍ସରେ ଭାରତୀୟ ଫୁଟବଲ ଦଳ ଆୟୋଜକ ଅଷ୍ଟ୍ରେଲିଆକୁ ୪-୨ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ଏସୀୟ ଖେଳାଳିଭାବେ ନେଭିଲେ ଡି'ସୁଜା ଅଲିମ୍ପିକ୍ସରେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେମିଫାଇନାଲରେ ଭାରତ ନେଭିଲେଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲେ ହେଁ ଯୁଗୋସ୍ଲାଭିଆ ନିକଟରୁ ହାରି ଯାଇଥିଲା। ପ୍ଲେ-ଅଫ୍ ମ୍ୟାଚରେ ଭାରତୀୟ ଦଳ ୦-୩ରେ ବୁଲଗେରିଆ ନିକଟରୁ ପରାସ୍ତ ହୋଇଥିଲା। ଫଳରେ ବ୍ରୋଞ୍ଜ ପଦକ ହାସଲରୁ ଦଳ ବଞ୍ଚିତ ହୋଇଥିଲା।

**● ୧୯୬୦: ରୋମ୍**

କିମ୍ବଦନ୍ତୀ ଆଥଲେଟ୍ ମିଲ୍‌ଖା ସିଂ ଅଳ୍ପକେ ବ୍ରୋଞ୍ଜ ଦକ ହାସଲରୁ ରହି ଯାଇଥିଲେ। ପଦକ ଦାବିଦାରଭାବେ ୪୦୦ ମିଟର ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା 'ଫ୍ଲାଇଂ ଶିଖ୍' ମିଲ୍‌ଖା ଗୋଟିଏ ସେକେଣ୍ଡର ଦଶ ଭାଗରୁ ଭାଗେ (୧/୧୦) ସମୟ ପଛରେ ରହି ଯାଇଥିଲେ। ଏକ ତ୍ରୁଟି ପାଇଁ ତାଙ୍କୁ ଜୀବନସାରା ପସ୍ତେଇବାକୁ ପଡ଼ିଥିଲା। ଏହା ତାଙ୍କୁ ଏତେ ବାଧିଥିଲା ଯେ ସେ କ୍ରୀଡ଼ା ଛାଡ଼ିବାକୁ ମନସ୍ଥ କରିଥିଲେ। ମାତ୍ର ବୁଝାଶୁଝା କରିବାପରେ ସେ ପୁଣି ଟ୍ରାକ୍‌ରେ ଚମକ ସୃଷ୍ଟିକରି ୧୯୬୨ ଏସିଆନ ଗେମ୍ସରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

**● ୧୯୮୦ ମସ୍କୋ**

ଆଫଗାନିସ୍ତାନଉପରେୟୁଏସ୍‌ଏସ୍‌ଆର୍‌ର ସାମରିକ କାର୍ଯ୍ୟାନୁଷ୍ଠାନକୁ ବିରୋଧକରି ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ, ଗ୍ରେଟ୍‌ବ୍ରିଟେନ ଆଦି ଶୀର୍ଷ ହକି ଖେଳୁଥିବା ଦେଶଗୁଡ଼ିକ ଏହି ଅଲିମ୍ପିକ୍ସକୁ ବର୍ଜନ କରିଥିଲେ। ତେଣୁ ଭାରତୀୟ ମହିଳା ହକି ଦଳ ପ୍ରଥମଥର ପାଇଁ ଅଲିମ୍ପିକ୍ସ ଖେଳୁଥିଲେ ହେଁ ପୋଡିୟମ ମଣ୍ଡନ କରିବା ସମ୍ଭାବନା ଉଜ୍ଜ୍ୱଳ ରହିଥିଲା। ମାତ୍ର ଶେଷ ମ୍ୟାଚରେ ୟୁଏସଏସଆର ନିକଟରୁ ୧-୩ ଗୋଲରେ ପରାଜୟ ଦଳପାଇଁ ମହଙ୍ଗା ପଡ଼ିଥିଲା। ଜିମ୍ବାୱେ, ଚେକୋସ୍ଲୋଭାକିଆ ଓ ୟୁଏସଏସଆର ପଛକୁ ଦଳ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା।

**● ୧୯୮୪: ଲସ ଏଞ୍ଜେଲ୍ସ**

ଏହି ଅଲିମ୍ପିକ୍ସରେ ମିଲ୍‌ଖା ସିଂଙ୍କ ପଦକ ହାତଛଡ଼ାର ସ୍ମୃତି ଭାରତୀୟ ଶିବିରରେ ଉଜ୍ଜୀବିତ ହୋଇଥିଲା। ୪୦୦ ମିଟର ହର୍ଡଲ୍ସରେ ପି.ଟି. ଉଷା ଏକ ସେକେଣ୍ଡର ୧୦୦ ଭାଗରୁ ଭାଗେ(୧/୧୦୦) କମ୍ ସମୟ ପଛରେ ରହି ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। 'ପାୟୋଲି ଏକ୍ସପ୍ରେସ' ନାମରେ ପରିଚିତ ଉଷା ରୋମାନିଆର କ୍ରିଷ୍ଟିନା କୋଜୋକୋରୁଙ୍କ ପଛକୁ ୪ର୍ଥ ସ୍ଥାନରେ ରହିଥିଲେ। ତେବେ ଏହି ପ୍ରଦର୍ଶନ ତାଙ୍କୁ ଯଥେଷ୍ଟ ସୁନାମ ଦେଇଥିଲା ଏବଂ ସେ ଆଥ୍‌ଲେଟିକ୍ସ ଜଗତରେ ଏକ ପରିଚିତ ନାଁ ହୋଇଯାଇଥିଲେ।

**● ୨୦୦୪: ଏଥେନ୍ସ**

୨୦ ବର୍ଷ ବ୍ୟବଧାନରେ ଭାରତୀୟ କ୍ୟାମ୍ପରେ ଅଳ୍ପକେ ପଦକ ହାତଛଡ଼ାର ବ୍ୟଥା ଅନୁଭୂତ ହୋଇଥିଲା। ଏଥେନ୍ସରେ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ଲିଆଣ୍ଡର ପେସ୍ ଓ ମହେଶ ଭୂପତି ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଟେନିସରେ ଅନ୍ୟତମ ଶ୍ରେଷ୍ଠ ଡବଲ୍ସ ଯୋଡ଼ିଭାବେ ପରିଚିତ ହୋଇ ସାରିଥିବା ପେସ୍-ଭୂପତି ଯୋଡ଼ି ମାରାଥନ ବ୍ରୋଞ୍ଜ ପଦକ ମ୍ୟାଚରେ କ୍ରୋଏସିଆର ମାରିଓ ଆନ୍‌କିକ୍ ଓ ଇଭାନ ଲୁବିକିକ୍‌ଙ୍କଠାରୁ ୬-୭, ୬-୪, ୧୪-୧୬ରେ ହାରି ଯାଇଥିଲେ। ସେମିଫାଇନାଲରେ ଭାରତୀୟ ଯୋଡ଼ି ଜର୍ମାନୀର ନିକୋଲାସ କିଏଫର ଓ ରେନର ସ୍କୁଟଲରଙ୍କଠାରୁ ସିଧାସଳଖ ୨-୬, ୩-୬ ସେଟ୍‌ରେ ପରାଜିତ ହୋଇ ପ୍ଲେ-ଅଫ୍ ଖେଳିଥିଲେ। ସମାନ ଅଲିମ୍ପିକ୍ସରେ କୁଞ୍ଜରାଣୀ ଦେବୀ ମହିଳା ୪୮ କେଜି ଭାରୋତ୍ତୋଳନରେ ୪ର୍ଥ ସ୍ଥାନରେ ରହିଥିଲେ। ତେବେ ସେ ପଦକ ଦୌଡ଼ରେ ନ ଥିଲେ। ଅନ୍ତିମ ଉଦ୍ୟମରେ କ୍ଲିନ୍ ଆଣ୍ଡ ଜର୍କ ବର୍ଗରେ ୧୧୨.୫ କେଜି ଉତ୍ତୋଳନ ସମୟରେ ଡିସ୍‌କ୍ୱାଲିଫାଏଡ୍ ହୋଇଥିବା କୁଞ୍ଜରାଣୀ ମୋଟ ୧୯୦ କେଜି ଭାର ଉଠାଇଥିଲେ, ଯାହାକୁ ବ୍ରୋଞ୍ଜ ମେଡାଲିଷ୍ଟ ଥାଇଲାଣ୍ଡର ଆରି ୱିରାଥୋର୍ନଙ୍କଠାରୁ ୧୦ କେଜି କମ୍।

**● ୨୦୧୨: ଲଣ୍ଡନ**

ଶୁଟର ଜୟଦୀପ କର୍ମକାର ଅଲିମ୍ପିକ୍ସର ଏହି ସଂସ୍କରଣରେ ବ୍ରୋଞ୍ଜ ପଦକ ବିଜେତାଙ୍କଠାରୁ ଅଳ୍ପକେ ପଛରେ ରହି ତିକ୍ତ ଅନୁଭୂତି ଲାଭକଲେ। ପୁରୁଷ ୫୦ ମିଟର ରାଇଫଲ ପ୍ରୋନ୍ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ୭ମ ସ୍ଥାନରେ ରହିଥିବା ଜୟଦୀପ ଫାଇନାଲ୍ସରେ ବ୍ରୋଞ୍ଜ ପଦକ ବିଜେତାଙ୍କଠାରୁ ମାତ୍ର ୧.୯ ପଏଣ୍ଟ ପଛରେ ରହି ଯାଇଥିଲେ।

**● ୨୦୧୬: ରିଓ ଡି ଜେନିରୋ**

ପ୍ରଥମ ଭାରତୀୟ ମହିଳାଭାବେ ଅଲିମ୍ପିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜିମ୍ନାଷ୍ଟ ଦୀପା କର୍ମକାର ଭଲ୍ଟ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ତେବେ ସେ ଓଭରଅଲ୍ ୧୫.୦୬୬ ସ୍କୋର କରି ବ୍ରୋଞ୍ଜ ପଦକ ଜିତିଥିବା ଜିମ୍ନାଷ୍ଟଙ୍କଠାରୁ ୦.୧୫୦ ପଏଣ୍ଟ ପଛରେ ରହି ଯାଇଥିଲେ। ଫଳରେ ୪ର୍ଥ ସ୍ଥାନରେ ତାଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତାଙ୍କର ଏହି ପ୍ରଦର୍ଶନ ପରେ ଭାରତୀୟ ଜିମ୍ନାଷ୍ଟିକ୍ସରେ ବହୁ ପରିବର୍ତ୍ତନ ଆସିଥିଲା। ଆମେରିକା କିମ୍ବା ରୁଷିଆରେ ଜନ୍ମ ହୋଇ ନ ଥିଲେ ମଧ୍ୟ ଜଣେ ଯେ ଉତ୍ତମ ଜିମ୍ନାଷ୍ଟ ହୋଇପାରିବ ତାହା ସେ ପ୍ରମାଣିତ କରିଥିଲେ। ଏହି ଅଲିମ୍ପିକ୍ସରେ ତାରକା ଶୁଟର ଅଭିନବ ବିନ୍ଦ୍ରା ମଧ୍ୟ ଅଳ୍ପକେ ପଦକ ମିସ୍‌କରି ୪ର୍ଥ ସ୍ଥାନରେ ରହିଥିଲେ। ବେଜିଂ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାର ୮ ବର୍ଷ ପରେ ଏହି ପ୍ରଦର୍ଶନ ସହ ତାଙ୍କ ଜାଜ୍ୱଲ୍ୟମାନ କ୍ୟାରିୟରର ପରିସମାପ୍ତି ଘଟିଥିଲା।

**● ୨୦୨୦: ଟୋକିଓ**

୧୯୮୦ ମସ୍କୋ ଗେମ୍ସର ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ଭାରତୀୟ ମହିଳା ହକି ଦଳ ଅଲିମ୍ପିକ୍ସରେ ସମାନ ଯନ୍ତ୍ରଣା ଅନୁଭବ କରିଥିଲା। ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଦଳ ୩ ଥର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଦଳ ୦-୧ରେ ଆର୍ଜେଣ୍ଟିନାଠାରୁ ପରାଜିତ ହୋଇଥିଲା। ଏହା ସତ୍ତ୍ୱେ ଦଳ ପୋଡିୟମ ଫିନିଶ୍ କରିବ ବୋଲି ଆଶା ରହିଥିଲା। ବ୍ରୋଞ୍ଜ ପଦକ ମ୍ୟାଚରେ ରାଣୀ ରାମପାଲଙ୍କ ନେତୃତ୍ୱାଧୀନ ଦଳ ଏକଦା ୩-୨ ଗୋଲରେ ଅଗ୍ରଣୀ ମଧ୍ୟ ରହିଥିଲା। ମାତ୍ର ଶେଷରେ ବ୍ରିଟେନଠାରୁ ୩-୪ ଗୋଲରେ ପରାଜୟ ଦଳକୁ ପଦକ ହାସଲରୁ ବଞ୍ଚିତ କରିଥିଲା। ଏହି ଅଲିମ୍ପିକ୍ସରେ ଗଲ୍ଫର ଅଦିତି ଅଶୋକ ମଧ୍ୟ ଐତିହାସିକ ପୋଡିୟମ ଫିନିଶ୍‌ରୁ ବଞ୍ଚିତ ହୋଇଥିଲେ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୨୦୦ତମ ସ୍ଥାନରେ ଥିଲେ ମଧ୍ୟ ଅଦିତି ଶ୍ରେଷ୍ଠ ଗଲ୍ଫରଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇ ପଦକ ସମ୍ଭାବନା ଉଜ୍ଜୀବିତ ରଖିଥିଲେ। ମାତ୍ର ଶେଷରେ ତାଙ୍କୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା।

**ପ୍ୟାରିସ୍ ଅଲିମ୍ପିକ୍ସ**
PARiS 2024
**ଆଉ ୬ ଦିନ**


ରିଓ ଅଲିମ୍ପିକ୍ସରେ ନିଜ କଳା କୌଶଳ ପ୍ରଦର୍ଶନ ଅବସରରେ ଦୀପା କର୍ମକାର।



ପି.ଟି. ଉଷା


ମିଲଖା ସିଂ

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ